


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-74 ◆SUNDAY ◆7 SEPTEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୭୪ ◆ରବିବାର ◆୭ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


## ଆଜି ପୂର୍ଣ୍ଣଗ୍ରାସ ଚନ୍ଦ୍ରଗ୍ରହଣ: ଦେଖାଯିବ 'ବ୍ଲଡ୍ ମୁନ୍'


■ **ପୁରୀ, ୬।୯ (ସମିସ):** ଆସନ୍ତାକାଲି ଭାଦ୍ରବ ଶୁକ୍ଳ ପୂର୍ଣ୍ଣିମାରେ ସଂଘଟିତ ହେଉଛି ରାହୁଗ୍ରସ୍ତ ପୂର୍ଣ୍ଣଗ୍ରାସ ଚନ୍ଦ୍ରଗ୍ରହଣ। ଚଳିତ ବର୍ଷର ଏହା ଶେଷ ଚନ୍ଦ୍ରଗ୍ରହଣ। ଏଥିପାଇଁ ରବିବାର ମଧ୍ୟାହ୍ନ ୧୨ଟା ୫୭ ମିନିଟ୍ ୨୨ ସେକେଣ୍ଡରୁ ଅନ୍ନଭୋଜନ, ପାକତ୍ୟାଗ ଓ ଦେବନୀତି ନିଷେଧ କରାଯାଇଛି। ବାଳୁତ, ବୃଦ୍ଧ, ରୋଗୀମାନଙ୍କ ପକ୍ଷେ ଏହି ନିୟମ କୋହଳ ରହିଛି। ରାତି ୯ଟା ୫୭ ମିନିଟ୍ ୨୨ ସେକେଣ୍ଡରେ ଗ୍ରହଣ ସ୍ପର୍ଶ ହୋଇ ରାତି ୧ଟା ୨୬ ମିନିଟ୍ ୧୭ ସେକେଣ୍ଡରେ ସର୍ବମୋକ୍ଷ ହେବ। ତେଣୁ ମଧ୍ୟାହ୍ନ ୧୨ଟା ୫୭ମିନିଟ୍ ପୂର୍ବରୁ ଦେବନୀତି ଶେଷ ହେବ। ସର୍ବମୋକ୍ଷ ପରେ ସ୍ନାନପୂର୍ବକ ଦେବନୀତି ଓ ଅନ୍ନଭୋଜନ କରାଯାଇପାରିବ ବୋଲି ପଞ୍ଜିକାରେ କୁହାଯାଇଛି।

ଚଳିତ ବର୍ଷର ଭାଦ୍ରବ ପୂର୍ଣ୍ଣିମାରେ ଆକାଶରେ 'ବ୍ଲଡ୍ ମୁନ୍' ଦୃଶ୍ୟମାନ ହେବ। ଚନ୍ଦ୍ରଗ୍ରହଣ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତିନିର୍ଘଣ୍ଟ କରାଯାଇଛି। ଏହି ଦିନ ଶ୍ରୀମନ୍ଦିରରେ ବିଶେଷ ନୀତି ଇନ୍ଦ୍ରଗୋବିନ୍ଦ ବନ୍ଦାପନା ଓ ଇନ୍ଦ୍ର ହାତୀ ପ୍ରସ୍ତାବ ନୀତି ରହିଥିବାରୁ ନୀତିକୁ ତ୍ୱରାନ୍ୱିତ କରାଯିବ। ଗ୍ରହଣ ସ୍ପର୍ଶ ପରେ ଶ୍ରୀମନ୍ଦିରରେ ଗ୍ରହଣ ମହାସ୍ନାନ ଓ ଗ୍ରହଣ ଭୋଗ ନୀତି ସରି ଅନ୍ୟାନ୍ୟ ନୀତି କରାଯିବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗ୍ରହଣ ପାଇଁ ହୋଇଥିବା ସ୍ୱତନ୍ତ୍ର ନୀତି ଅନୁଯାୟୀ, ଶନିବାର ରାତି ୨ଟାରୁ ଦ୍ୱାର ଫିଟାଯିବ। ୨ଟା ୪୦ରେ ମଙ୍ଗଳଆଳତି ବଢ଼ି ଅନ୍ୟାନ୍ୟ ନୀତିକାନ୍ତି ଚାଲିବ। ଗ୍ରହଣ ସ୍ପର୍ଶ ପରେ ଗ୍ରହଣ ମହାସ୍ନାନ, ଗ୍ରହଣଭୋଗ ଓ ଅନ୍ୟାନ୍ୟ ନୀତି ହେବ।



**ମଧ୍ୟାହ୍ନ ୧୨.୫୭ରୁ ପାକତ୍ୟାଗ**
**ରାତି ୯.୫୭ରୁ ଗ୍ରହଣ ଆରମ୍ଭ**
**୧.୨୬ ମିନିଟ୍‌ରେ ସର୍ବମୋକ୍ଷ**

# ୧୨ ଘଣ୍ଟାରେ ଟ୍ରମ୍ପଙ୍କ ୟୁ'ଟର୍ଣ୍ଣ




■ **ୱାସିଂଟନ, ୬।୯ (ଏଜେନ୍ସି):** 'କେବେ ନା, କେବେ ହଁ'। ଆମେରିକାରେ ଏମିତି ଶାସନ ଚଳାଇଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ନିଜ କଥାକୁ ନିଜେ ଭାଙ୍ଗିବାରେ ସେ ସିଦ୍ଧହସ୍ତ। ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଏଭଳି ସେ ଅନେକ ନିଷ୍ପତ୍ତି ନେଇଛନ୍ତି, ଯାହାକୁ ପରବର୍ତ୍ତୀ ସମୟରେ ସେ ନିଜେ ପ୍ରତ୍ୟାହାର କରିଛନ୍ତି। ଶୁଳ୍କ ଧମକ ଦେଇ ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଟ୍ରମ୍ପ ଭାରତ ପ୍ରତି ତାଙ୍କର ଆଭିମୁଖ୍ୟରେ ପରିବର୍ତ୍ତନ କରୁଥିବା ଲକ୍ଷ କରାଯାଉଛି। ୫୦ ପ୍ରତିଶତ ଶୁଳ୍କ ଘୋଷଣା କରିବା ପରେ ଭାରତ ଏବଂ ଏହାର ନେତାଙ୍କ ବିରୋଧରେ ବିଷୋଦଗାର କରି ଚାଲିଥିବା ଟ୍ରମ୍ପ ୧୨ ଘଣ୍ଟା ଭିତରେ ମତ ବଦଳାଇବା ଏବେ ଆଲୋଚନାର ବିଷୟ ହୋଇଛି। ଚୀନ ଓ ରୁଷ ସହିତ ସଂପର୍କ ନେଇ ଗତକାଲି ଭାରତକୁ କଟାକ୍ଷ କରିଥିବା ଟ୍ରମ୍ପ ଆଜି ଭାରତ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭୁରି ଭୁରି ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ମଧ ତାଙ୍କର ନୂଆ ଆଭିମୁଖ୍ୟର ସମ୍ମାନ କରୁଥିବା ଜଣାଇଛନ୍ତି। ଦୁଇ ନେତାଙ୍କର ଏଭଳି ମନ୍ତବ୍ୟ ତିକ୍ତ ହୋଇପଡ଼ିଥିବା ଭାରତ ଓ ଆମେରିକା ସଂପର୍କରେ ସୁଧାର ଆଣିପାରେ ବୋଲି ଅନୁମାନ କରାଯାଉଛି।

ଗତକାଲି ଟ୍ରମ୍ପ କହିଥିଲେ ଯେ ଚୀନ ହାତରେ ଭାରତ ଓ ରୁଷକୁ ଆମେରିକା ହରାଇଛି। ଏହି ତିନି ଦେଶ ମଧ୍ୟରେ ସଂପର୍କର କଟାକ୍ଷ କରି ଶୁଭକାମନା ଜଣାଇଥିଲେ। କିନ୍ତୁ ଏହାର ୧୨ ଘଣ୍ଟା ଭିତରେ ଭାରତ ଓ ମୋଦୀଙ୍କୁ ସେ ଏମିତି ପ୍ରଶଂସା କରିଛନ୍ତି ଯେ ଯେମିତି ସଂପର୍କ ସୁଦୃଢ଼ ରହିଛି। ▶ପୃଷ୍ଠା-୭

## ଶୁଳ୍କ କମାଇବାକୁ ୩ ସର୍ତ୍ତ

**ବ୍ରିକ୍ସ ଛାଡ଼ । ରୁଷଠୁ ତେଲ କିଣନି । ଆମକୁ ସମର୍ଥନ ଦିଅ**

■ **ୱାସିଂଟନ, ୬।୯ (ଏଜେନ୍ସି):** ଭାରତ ସହ ଆମେରିକା ଡବଲ୍ ଗେମ୍ ଖେଳୁଛି। ଭାରତକୁ ଧମକ ଦେବାର ୧୨ ଘଣ୍ଟା ଭିତରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନରମ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। କିନ୍ତୁ ତାଙ୍କ ବାଣିଜ୍ୟମନ୍ତ୍ରୀ ହାୱାର୍ଡ ଲୁଟ୍‌ନିକ ଭାରତକୁ ଧମକ ଦେଇଛନ୍ତି। ସେ ଭାରତ ପାଇଁ ତିନି ସର୍ତ୍ତ ରଖିଛନ୍ତି। ଏହି ତିନୋଟି ସର୍ତ୍ତ ମାନିଲେ ଭାରତ ଉପରୁ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ହଟାଯିବ। ଭାରତକୁ ରୁଷ୍ ତୈଳ କ୍ରୟ ବନ୍ଦ କରିବାକୁ ହେବ ଏବଂ ବ୍ରିକ୍ସ ଗୋଷ୍ଠୀରୁ ଅଲଗା ହେବାକୁ ପଡ଼ିବ। ଏହା ସହିତ ଆମେରିକାକୁ ସମର୍ଥନ ଦେବାକୁ ହେବ ବୋଲି ଲୁଟ୍‌ନିକ କହିଛନ୍ତି। ସେ ବ୍ଲୁମ୍‌ବର୍ଗ ଟିଭିକୁ ସାକ୍ଷାତକାର କରି ଦେଇ ଶୁକ୍ରବାର ଏହି ଟିପ୍ପଣୀ ଦେଇଥିଲେ। ଏଥିରୁ ଆମେରିକା ରାଷ୍ଟ୍ରପତିଙ୍କ କହିବା ଏବଂ କରିବାରେ ଆକାଶ ପାତାଳ ଫରକ ଥିବା ଜଣାପଡୁଛି। ଟ୍ରମ୍ପ ନିଜେ ଭାରତ ସହ ସମ୍ପର୍କ ସୁଧାରିବାକୁ ପ୍ରସ୍ତୁତ ଥିବା ନେଇ କହୁଥିବାବେଳେ ତାଙ୍କ ମନ୍ତ୍ରୀ ଏଥିରେ ବ୍ରେକ୍ ଲଗାଉଛନ୍ତି।

ଲୁଟ୍‌ନିକ କହିଥିଲେ ଯେ ଯଦି ରୁଷ୍ ଏବଂ ଚୀନ୍ ମଧ୍ୟରେ ଭାରତ ସେତୁ ହେବାକୁ ଚାହୁଁଛି ତେବେ ହେଉ। କିନ୍ତୁ ଭାରତକୁ ଡଲାରକୁ କିମ୍ବା ଆମେରିକାକୁ ସମର୍ଥନ କରିବାକୁ ହେବ। ନୂଆଦିଲ୍ଲୀ ନିଜର ▶ପୃଷ୍ଠା-୭

# ଏସିଆ କପ୍ ହକି ଫାଇନାଲ୍‌ରେ ଭାରତ

**ଦ.କୋରିଆ ସହ ଟାଇଟଲ୍ ଲଢ଼େଇ ଆଜି**



**ସୁପର୍-୪ରେ ଚୀନ ୭-୦ରେ ଧରାଶାୟୀ**

**ଓଡ଼ିଶାର ଶୀଳାନନ୍ଦ ଶ୍ରେଷ୍ଠ ଖେଳାଳି**

**୨୦୨୬ ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ ଆଶା ଉଜ୍ଜ୍ୱଳ**

■ **ରାଜଗିର, ୬।୯ (ଏଜେନ୍ସି):** ବିହାରରେ ଚାଲିଥିବା ପୁରୁଷ ଏସିଆ କପ୍ ହକିର ଦ୍ୱାଦଶ ସଂସ୍କରଣରେ ଆୟୋଜକ ଭାରତୀୟ ଦଳ ଫାଇନାଲରେ ପ୍ରବେଶ କରିଛି। ଶନିବାର ଖେଳାଯାଇଥିବା ଶେଷ ସୁପର୍-୪ ମୁକାବିଲାରେ ଚୀନକୁ ୭-୦ ଗୋଲ୍‌ର ବୃହତ୍ ବ୍ୟବଧାନରେ ପରାସ୍ତ କରିଛି। ମ୍ୟାଚରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଓଡ଼ିଆ ଖେଳାଳି ଶିଳାନନ୍ଦ ଲାକ୍ରା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ହର୍‌ମନ୍‌ପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତ ସୁପର୍-୪ରେ ୩ ମ୍ୟାଚରୁ ୨ ବିଜୟ ଓ ଗୋଟିଏ ଡ୍ର ରଖି ସର୍ବାଧିକ ୭ ପଏଣ୍ଟ ସହ ଟେବୁଲ୍‌ର ଶୀର୍ଷରେ ରହିଛି। ରବିବାର ଖେଳାଯିବାକୁ ଥିବା ଟାଇଟଲ୍ ଲଢ଼େଇରେ ପାଞ୍ଚ ଥରର ବିଜେତା ଦକ୍ଷିଣ କୋରିଆ ସହ ଭାରତର ମୁକାବିଲା ହେବ। ଏଥିରେ ବିଜୟୀ ଦଳ ସ୍ୱର୍ଣ୍ଣ ପଦକ ସହ ୨୦୨୬ ଏଫ୍‌ଆଇଏଚ୍ ହକି ବିଶ୍ୱକପ୍‌କୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବ। ଏସିଆ କପ୍ ଇତିହାସରେ ଭାରତ ୩ଥର ଚାମ୍ପିଅନ ଓ ୫ଥର ରନର୍ସଅପ୍ ହୋଇଛି। ଶେଷଥର ଲାଗି ୨୦୧୭ରେ ଭାରତ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା।

## କାର୍ ତଳେ ଚାପି ହୋଇଗଲା ଅଟୋ

# ଦମ୍ପତିଙ୍କ ସମେତ ୩ ମୃତ

■ **ଅନୁଗୋଳ, ୬।୯ (ସମିସ):** ଅନୁଗୋଳ ସଦର ଥାନା ଅନ୍ତର୍ଗତ ଖଣ୍ଡହତା ବ୍ରିଜ୍ ନିକଟରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ଏକ କାର୍ ତଳେ ଅଟୋ ଚାପି ହୋଇଯିବାରୁ ଏହି ଅଘଟଣ ଘଟିଛି। ମୃତକଙ୍କ ମଧ୍ୟରେ ଏକ ଦମ୍ପତି ଅଛନ୍ତି। ସେମାନେ ହେଲେ, ବାଲିମି ଥାନା କାରନ୍ଧା ଅଞ୍ଚଳର ବଂଶୀଧର ସେଠୀ, ତାଙ୍କ ସ୍ତ୍ରୀ କମଳା ସେଠୀ ଏବଂ ଅଟୋ ଚାଳକ ମଣ୍ଟୁ ମୁଦୁଲି। ବଂଶୀଧରଙ୍କ ବୋହୂ ସୁନିତା ସେଠୀ, ସୁନିତାଙ୍କ ପୁଅ ଶ୍ରୀସାଇ ସେଠୀ ଓ କାର୍ ମାଲିକ ବିଶ୍ୱଜିତ୍ ଗୁରୁତର ଆହତ ହୋଇଛନ୍ତି।

ସୂଚନାନୁଯାୟୀ, ବଂଶୀଧରଙ୍କ ଦେହ ଖରାପ ଥିବାରୁ ଏକ ଅଟୋ ଯୋଗେ ସ୍ତ୍ରୀ କମଳା, ବୋହୂ ସୁନିତା, ନାତି ଶ୍ରୀସାଇଙ୍କ ସହ ଚିକିତ୍ସା ପାଇଁ ଅନୁଗୋଳ ଡାକ୍ତରଖାନା ଆସିଥିଲେ। ଡାକ୍ତରଙ୍କୁ ଦେଖାଇବା ପରେ ସମସ୍ତେ ବଂଶୀଧରଙ୍କ ସମୁଦି ଘର ତୁରଙ୍ଗ ଗ୍ରାମକୁ ଯାଇଥିଲେ। ସେଠାରେ ଖାଇ ସାରି ଅଟୋ ଯୋଗେ ନିଜ ଗ୍ରାମକୁ ଫେରୁଥିବା ବେଳେ ନରସିଂହପୁର ଅଞ୍ଚଳରୁ ଆସୁଥିବା ଏକ କାର୍ ସହ ଅଟୋଟି ଧକ୍କା ହୋଇଥିଲା।



ଅଟୋ ଓ କାର୍ ରାସ୍ତା ପାର୍ଶ୍ୱ ବିଲ ଭିତରକୁ ପଶିଯାଇଥିଲା। ଅଟୋଟି କାର୍ ତଳେ ଚାପି ହୋଇ ରହିଯାଇଥିଲା। ଏହି ଦୁର୍ଘଟଣାରେ ଅଟୋରେ ଥିବା ବଂଶୀଧର, କମଳା ଏବଂ ଅଟୋ ଚାଳକ ମଣ୍ଟୁଙ୍କ ମୃତ୍ୟୁ ଘଟିଥିବା ବେଳେ ସୁନିତା, ଶ୍ରୀସାଇ ଓ କାର୍ ମାଲିକ ବିଶ୍ୱଜିତ ଗୁରୁତର ହୋଇଥିଲେ। ଅନ୍ୟପଟେ କାର୍ ଚାଳକଙ୍କ କୌଣସି ଖବର ମିଳିନାହିଁ। ଅନୁଗୋଳ ଅଗ୍ନିଶମ ବାହିନୀ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। ପୁଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

## ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲରେ ପକ୍ଷ ରଖିଲା ଓଡ଼ିଶା

# ଆପୋସ ସମାଧାନ ପ୍ରୟାସ ଚାଲିଛି

■ **ଭୁବନେଶ୍ୱର, ୬।୯ (ସମିସ):** ମହାନଦୀ ଜଳ ବିବାଦ ମାମଲାରେ ଓଡ଼ିଶା ଓ ଛତିଶଗଡ଼ ଆପୋସ ସମାଧାନ ପାଇଁ ଉଦ୍ୟମ କରୁଛନ୍ତି। ଉଭୟ ରାଜ୍ୟ ମଧ୍ୟରେ କିଛି ପର୍ଯ୍ୟାୟ ଆଲୋଚନା ହୋଇଛି ଓ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ ପରସ୍ପର ମଧ୍ୟରେ ଦୁଇ ପର୍ଯ୍ୟାୟ ଆଲୋଚନା କରିଛନ୍ତି। ସେହିପରି ଦୁଇ ରାଜ୍ୟର ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀସ୍ତରରେ ମଧ କଥାବାର୍ତ୍ତା ଆରମ୍ଭ ହୋଇଛି ବୋଲି ମହାନଦୀ ବିବାଦ ଟ୍ରିବ୍ୟୁନାଲରେ ତଥ୍ୟ ରଖିଛି ଓଡ଼ିଶା।

ରାଜ୍ୟ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଗତ ଅଗଷ୍ଟ ୨ ତାରିଖରୁ ଏଯାବତ୍ ଉଭୟ ରାଜ୍ୟ ମଧ୍ୟରେ ମହାନଦୀ ପ୍ରସଙ୍ଗରେ ଆପୋସ ବୁଝାମଣାର ବିସ୍ତୃତ ଅଗ୍ରଗତିର ତଥ୍ୟ ଉପସ୍ଥାପନ କରିଛନ୍ତି। ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଜଷ୍ଟିସ ବେଲା ଏମ୍ ତ୍ରିବେଦୀ ଆସନ୍ତା ଅକ୍ଟୋବର ୧୧କୁ ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରିବା ସହ ଏହି ତାରିଖ ସୁଦ୍ଧା ଆପୋସ ବୁଝାମଣାର ଅଗ୍ରଗତି ତଥ୍ୟ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଜଳବିବାଦ ସଂକ୍ରାନ୍ତରେ ଟ୍ରିବ୍ୟୁନାଲ ଶୁଣାଣି ସମ୍ପର୍କରେ ଆଡଭୋକେଟ୍ ଜେନେରାଲ ଶ୍ରୀ ଆଚାର୍ଯ୍ୟ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା, କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି ଆର ପାଟିଲଙ୍କ ସହ ବିବାଦର ସମାଧାନ ନିମନ୍ତେ ଆଲୋଚନା କରିଛନ୍ତି। ପ୍ରତିପକ୍ଷ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସହ ମଧ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇଥର ଆଲୋଚନା କରି ସାରିଛନ୍ତି। ଗତ ୩୦ ତାରିଖରେ ଉଭୟ ରାଜ୍ୟର ମୁଖ୍ୟ ସଚିବ ନୂଆଦିଲ୍ଲୀରେ ଜଳ ବିବାଦ ଆପୋଷ ସମାଧାନ ନେଇ ଆଲୋଚନା କରିଥିଲେ। ଗତକାଲି ଅର୍ଥାତ୍ ଶୁକ୍ରବାର ଦୁଇ ରାଜ୍ୟର ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଏବଂ ଗଠିତ ବୈଷୟିକ ଟିମ୍ ମଧ୍ୟରେ ମଧ ଆଲୋଚନା ହୋଇଛି। କେନ୍ଦ୍ର ସରକାରଙ୍କ ମଧ୍ୟସ୍ଥତାରେ ସମାଧାନ ପାଇଁ ଆଲୋଚନା ଜାରି ରହିଛି।



**ଅଗ୍ରଗତି ତଥ୍ୟ ଦେବାକୁ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ**
**ଅକ୍ଟୋବର ୧୧ ତାରିଖରେ ପରବର୍ତ୍ତୀ ଶୁଣାଣି**
**ସର୍ବୋଚ୍ଚ ଯନ୍ତ୍ରୀସ୍ତରୀୟ ଆଲୋଚନା ଆରମ୍ଭ**

କୌଣସି ଜଳ ବିବାଦର ସମାଧାନ ଟ୍ରିବ୍ୟୁନାଲ୍‌ରେ ହୋଇପାରି ନାହିଁ। ଏହା ଏକ ରାଜନୈତିକ ବିବାଦ ଏବଂ ଦୁଇ ରାଜ୍ୟର ରାଜନୈତିକ ନେତୃତ୍ୱ ଏ ସମ୍ପର୍କରେ ଆଲୋଚନା କରି ସମାଧନର ବାଟ କାଢ଼ିଲେ ସମସ୍ୟାର ଅନ୍ତ ହେବ। ଅତୀତରେ କୃଷ୍ଣା, କାବେରୀ, ରାବି, ବ୍ୟାସ ନଦୀ ଜଳ ବିବାଦରେ ଟ୍ରିବ୍ୟୁନାଲରେ ସୁଫଳ ମିଳିନାହିଁ। ଯଦି ବିବାଦ ସମାଧାନ ନ ହୁଏ ତାହେଲେ ଓଡ଼ିଶାର ପ୍ରକଳ୍ପ ପାଇଁ କେନ୍ଦ୍ରୀୟ ଜଳ କମିଶନଙ୍କ ସ୍ୱୀକୃତି ମିଳିବ ନାହିଁ। ତେଣୁ ଉଭୟ ରାଜ୍ୟର ସ୍ୱାର୍ଥକୁ ସୁରକ୍ଷିତ ରଖାଯାଇ କିପରି ବିବାଦର ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ ହୋଇପାରିବ, ସେନେଇ ଆଲୋଚନା ଅଗ୍ରଗତି ହେଉଛି। କେନ୍ଦ୍ର ସରକାରଙ୍କ ମଧ୍ୟସ୍ଥତାରେ ଯଦି ଉଭୟ ରାଜ୍ୟ ଯଦି ଆଲୋଚନା ମାଧ୍ୟମରେ ବିବାଦର ▶ପୃଷ୍ଠା-୭

## ୧୨ ହଜାର କୋଟିର ଡ୍ରଗ୍ସ ର୍‌ୟାକେଟ୍‌ର ପର୍ଦ୍ଦାଫାସ

# ଆଇଟି ବିଶେଷଜ୍ଞ ସମେତ ୧୨ ଗିରଫ

■ **ହାଇଦରାବାଦ୍, ୬।୯ (ଏଜେନ୍ସି):** ମହାରାଷ୍ଟ୍ର ପୁଲିସ ନିଶା ତଥା ଡ୍ରଗ୍ସ ବିରୋଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଥାଣେ ଜିଲ୍ଲାର ମୀରା ରୋଡ ପୁଲିସ୍ ଏହିକ୍ରମରେ ଶନିବାର ତେଲଙ୍ଗାନାର ହାଇଦରାବାଦ୍‌ରେ ଏକ ଡ୍ରଗ୍ସ ଉତ୍ପାଦନକାରୀ କାରଖାନା ଉପରେ ଚଢ଼ାଉ କରିବା ସହ ୧୨,୦୦୦ କୋଟି ଟଙ୍କାର ଏକ ଡ୍ରଗ୍ସ ର୍‌ୟାକେଟ୍‌ର ପର୍ଦ୍ଦାଫାସ କରିଛି। କଞ୍ଚାମାଲ ଜବତ କରିବା ସହିତ ୧୨ ଜଣଙ୍କୁ ଗିରଫ କରିଛି। ମହାରାଷ୍ଟ୍ର ନିଆଯାଇ ଏମାନଙ୍କୁ ପଚରା ଉଚରା କରାଯାଉଛି। ଏହି ଗ୍ୟାଙ୍ଗର ମୁଖ୍ୟ ଅଭିଯୁକ୍ତ ହେଉଛନ୍ତି ଜଣେ ଆଇଟି ଏକ୍ସପର୍ଟ। ଏମାନଙ୍କ ମଧ୍ୟରେ ଜଣେ ବାଂଲାଦେଶୀ ମହିଳା ମଧ ସାମିଲ ରହିଛନ୍ତି। ଫାତିମା ସେଖ ନାମକ ଏହି ମହିଳା ଗତମାସରେ ମହାରାଷ୍ଟ୍ରର ମୀରା ରୋଡ୍‌ରେ ୨୪ ଲକ୍ଷ ଟଙ୍କା ନିଶାଦ୍ରବ୍ୟ ସହ ଧରାପଡ଼ିଥିଲା। ଏହି ରାକେଟ୍ ସହ ଏକ ଅନ୍ତର୍ଜାତୀୟ ଗୋଷ୍ଠୀ ଜଡିତ ଥିବା ପୁଲିସ ଆଶଙ୍କା କରୁଛି। ଡ୍ରଗ୍ସ ତିଆରି କରିବାକୁ ବ୍ୟବହାର କରାଯିବାକୁ ଥିବା ୩୫,୦୦୦ ଲିଟର ରାସାୟନିକ ପଦାର୍ଥକୁ ମଧ ଜବତ କରାଯାଇଛି। ତଦନ୍ତ ପରେ ଅଧିକ ସୂଚନା ମିଳିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ଗଣେଶ ବିସର୍ଜନ ବେଳେ ଗୋଷ୍ଠୀ ସଂଘର୍ଷ

# ଗାଁ ମୁଣ୍ଡରେ ଗଡ଼ିଲା ମୁଣ୍ଡ


■ **ଶେରଗଡ଼, ୬।୯ (ସମିସ):** ଗଣେଶ ଭସାଣିକୁ ନେଇ ଶେରଗଡ଼ ଥାନା ଅନ୍ତର୍ଗତ ଗୋଠଗାଁ ଗ୍ରାମରେ ଶୁକ୍ରବାର ରାତିରେ ଗୋଷ୍ଠୀସଂଘର୍ଷ ଘଟି ଜଣଙ୍କ ଜୀବନ ଯାଇଛି। ସନ୍ଧ୍ୟାରେ ଭସାଣି ପାଇଁ ଶୋଭାଯାତ୍ରା ବେଳେ ଦୁଇଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ପରେ ବିଳମ୍ବିତ ରାତିରେ ଦୁଇଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଖଣ୍ଡା, କାତି, ଠେଙ୍ଗା ସାହାଯ୍ୟରେ ପରସ୍ପରକୁ ଆକ୍ରମଣ କରିଥିଲେ। ଗୋଟିଏ ଗୋଷ୍ଠୀର ସମସ୍ତ ସଦସ୍ୟ ଖସି ପଳାଇ ଯାଇଥିବା ବେଳେ ସାନଖେମୁଣ୍ଡି ଥାନା ରାମଚନ୍ଦ୍ରପୁର ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ଚନ୍ଦନ ବିଷୋୟୀଙ୍କୁ ଏକୁଟିଆ ପାଇ ଅପରଗୋଷ୍ଠୀର ସଦସ୍ୟ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା।

ପୂର୍ବରୁ ଉକ୍ତ ଗୋଷ୍ଠୀଙ୍କ ସହିତ ଚନ୍ଦନଙ୍କ ଗଣ୍ଡଗୋଳ ଲାଗି ରହିଥିଲା। ଅପରପକ୍ଷେ ଚନ୍ଦନ ଘରକୁ ନଫେରିବାରୁ ପରିବାର ସଦସ୍ୟମାନେ ଖୋଜିଥିଲେ। ଚନ୍ଦନଙ୍କ ସାଙ୍ଗମାନେ ଚନ୍ଦନଙ୍କୁ ଗୋଠଗାଁରେ ହତ୍ୟା କରାଯାଇଥିବା ପରିବାର ସଦସ୍ୟଙ୍କୁ ଜଣାଇଥିଲେ। ପରିବାରଲୋକେ ତାଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଚନ୍ଦନଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ହିଞ୍ଜିଳିକାଟୁ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବ ଜବତ କରିବା ସହ ବ୍ରହ୍ମପୁର ବଡ଼ ମେଡିକାଲକୁ ବ୍ୟବଚ୍ଛେଦ ଲାଗି ପଠାଇଛି। ଏନେଇ ଚନ୍ଦନଙ୍କ ସମ୍ପର୍କୀୟ ଶେରଗଡ଼ ଥାନାରେ ଲିଖିତ ଅଭିଯୋଗ କରିବାରୁ ଏକ ହତ୍ୟା ମାମଲା ରୁଜୁ କରି ଶେରଗଡ଼ ପୁଲିସ ୩ ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି।

## ସମଲେଶ୍ୱରୀ ମନ୍ଦିରରେ ରାଜ୍ୟସ୍ତରୀୟ ଭେଟ୍‌ଘାଟ୍

# ଚାଷୀଙ୍କ ପ୍ରତି କୃତଜ୍ଞ କରାଇଥାଏ ନୂଆଁଖାଇ: ମୁଖ୍ୟମନ୍ତ୍ରୀ

■ **ସମ୍ବଲପୁର, ୬।୯ (ସମିସ):** ନୂଆଖାଇଁ ଭେଟଘାଟ ଏକ ପାରମ୍ପରିକ କାର୍ଯ୍ୟକ୍ରମ ନୁହେଁ। ଏହା ସମାଜର, ପାରିବାରିକ ପ୍ରେମର ଓ ସମୃଦ୍ଧିର ପର୍ବ। ସମ୍ବଲପୁରସ୍ଥିତ ମା' ସମଲେଶ୍ୱରୀ ମନ୍ଦିର ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହା କହିଛନ୍ତି।



**ଖିଣ୍ଡା ସମେତ ସମ୍ବଲପୁରର ସବୁ ସ୍ୱାଧୀନତା ସଂଗ୍ରାମୀ ପୀଠର ହେବ ଉନ୍ନତୀକରଣ**

**ପଶ୍ଚିମ ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳକୁ ସ୍ୱତନ୍ତ୍ର ପର୍ଯ୍ୟଟନକ୍ଷେତ୍ର ରୂପେ ବିକଶିତ କରାଯିବ**

ମୁଖ୍ୟମନ୍ତ୍ରୀ କହିଥିଲେ, ନୂଆଁଖାଇ ସମସ୍ତଙ୍କୁ ଯୋଡ଼ିବାର ପର୍ବ। ଏହା ହେଉଛି ଚାଷ ଭିତ୍ତିକ ପର୍ବ, କୃଷକଙ୍କ ପରିଶ୍ରମ ପାଇଁ ଆମେ ପାଳୁଥିବା ପର୍ବ। ଧାନ କେବଳ ଖାଦ୍ୟ ଶସ୍ୟ ନୁହେଁ, ଏହା ଚାଷୀ ଭାଇ ଓ ଭଉଣୀଙ୍କ ଝାଳବୁହା ପରିଶ୍ରମର ଫଳ। ପ୍ରତ୍ୟେକ ଧାନର ଦାନାରେ ଜଣେ କୃଷକଙ୍କ ଶ୍ରମ, ସହନଶୀଳତା ଓ ସ୍ୱପ୍ନ ଲୁଚିଥାଏ। ନୂଆଁଖାଇ ଆମକୁ ସେହି କୃଷକଙ୍କ ପ୍ରତି କୃତଜ୍ଞ କରିଥାଏ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମ୍ବଲପୁରର ଐତିହାସିକ ସ୍ୱାଧୀନତା ସଂଗ୍ରାମ ପୀଠ ଖିଣ୍ଡା ସମେତ ଅନ୍ୟାନ୍ୟ ▶ପୃଷ୍ଠା-୭

# ବିସ୍ଫୋରଣ ଧମକ ଦେଇଥିବା 'ଆତଙ୍କବାଦୀ' ଉତ୍ତର ପ୍ରଦେଶରୁ ଗିରଫ

ନୂଆଦିଲ୍ଲୀ, ୬।୯(ଏଜେନ୍ସି): ମୁମ୍ବାଇରେ ଗଣେଶ ଉତ୍ସବ ବିସର୍ଜନ ଚାଲିଥିବା ବେଳେ ବିସ୍ଫୋରଣ ଧମକ ଦେଇଥିବା ବ୍ୟକ୍ତି ଉତ୍ତର ପ୍ରଦେଶର ନୋଏଡାରୁ ଗିରଫ ହୋଇଛି। ଏହି ବ୍ୟକ୍ତି ହେଉଛନ୍ତି ୫୦ ବର୍ଷୀୟ ଅଶ୍ୱିନ କୁମାର ସୁପ୍ରା। ସେ ବିହାର ରାଜଧାନୀ ପାଟନାରେ ରୁହନ୍ତି। ସେ ଗତ ୫ ବର୍ଷ ହେବ ନୋଏଡାରେ ରହିଆସୁଛନ୍ତି ଏବଂ ଜ୍ୟୋତିଷ ଓ ବାସ୍ତୁଶାସ୍ତ୍ରରେ କାର୍ଯ୍ୟ କରୁଛନ୍ତି। ଅଶ୍ୱିନ ଗୁରୁବାର ମୁମ୍ବାଇ ପୁଲିସକୁ ହ୍ୱାଟ୍ସଆପ୍‌ରେ ଧମକପୂର୍ଣ୍ଣ ମେସେଜ ଦେଇଥିଲା। ଲସ୍କର-ଏ- ଜେହାଦୀର ୧୪ଜଣ ଆତଙ୍କବାଦୀ ମୁମ୍ବାଇରେ ବୁଲୁଛନ୍ତି ଓ ୪୦୦ କେଜି ଆରଡିଏକ୍ସ ୩୪ଟି ଗାଡିରେ ଲଗାଇଛନ୍ତି। ଆତଙ୍କିମାନେ ବିସ୍ଫୋରଣ କରିବେ ଓ ଏହା ଦ୍ୱାରା ପାଖାପାଖି ଏକ କୋଟି ଲୋକ ମୃତ୍ୟୁବରଣ କରିବେ ବୋଲି ସେ ମେସେଜରେ ଉଲ୍ଲେଖ କରିଥିଲା। ଏହି ମେସେଜ ମିଳିବା ପରେ ପୁଲିସ ସାରା ମୁମ୍ବାଇରେ ହାଇଆଲର୍ଟ ଜାରି କରିଥିଲା ଓ କ୍ରାଇମ ବ୍ରାଞ୍ଚକୁ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲା। ଏହିକ୍ରମରେ ଆଣ୍ଟି ଟେରରିଜମ୍ ସ୍କ୍ୱାଡ (ଏଟିଏସ୍) ଓ ଅନ୍ୟ ସୁରକ୍ଷା ଏଜେନ୍ସିଗୁଡିକ ମଧ୍ୟ ହାଇ ଆଲର୍ଟରେ ଥିଲେ। ଯାଞ୍ଚ ପରେ ମୁମ୍ବାଇ କ୍ରାଇମ ବ୍ରାଞ୍ଚ୍ ନୋଏଡାରେ ପହଞ୍ଚି ସେକ୍ଟର-୭୯ ସୋସାଇଟିରୁ ଗିରଫ୍ କରିଛି। ଅଶ୍ୱିନଙ୍କୁ କ୍ରାଇମ ବ୍ରାଞ୍ଚ ନୋଏଡାରୁ ମୁମ୍ବାଇ ନେଇଛି ଓ ତାର ମୋବାଇଲ ଫୋନ୍ ଓ ସିମକାର୍ଡକୁ ଜବତ କରାଯାଇଛି। ଏହାକୁ ବାଦ୍ ଦେଲେ ତା ପାଖରେ ୪ଟି ସିମ୍‌କାର୍ଡ ହୋଲ୍ଡର, ୬ ମେମୋରି କାର୍ଡ ହୋଲ୍ଡର, ଏକ ସିମ୍ ସ୍ଲଟ ଏକ୍ସଟରନାଲ ଓ ଦୁଇଟି ଡିଜିଟାଲ କାର୍ଡ ଜବତ କରାଯାଇଛି। ୨୦୨୩ରେ ସେ ଏକ ଠକେଇ ମାମଲାରେ ପାଟନା ଜେଲରେ ୩ ମାସ ରହିଥିବା କଥା କ୍ରାଇମ୍ ବ୍ରାଞ୍ଚ୍ ଜାଣିବାକୁ ପାଇଛି। ଫିରୋଜ ନାମକ ଏକ ବ୍ୟକ୍ତି ତା ବିରୋଧରେ ଅଭିଯୋଗ କରିଥିଲା। ଫିରୋଜ ବିରୋଧରେ ପ୍ରତିଶୋଧ ନେବାକୁ ସେ ତା ନାମରେ ଏହି ମେସେଜ ପଠାଇଥିଲା ବୋଲି ଅଶ୍ୱିନ କହିଛି। ତେବେ ଫିରୋଜ କିଏ ଓ ଠକେଇ ମାମଲା କଣ ସେ ନେଇ କିଛି ସ୍ପଷ୍ଟ ହୋଇନାହିଁ। ପୂର୍ବରୁ ଅଗଷ୍ଟ ୨୫ରେ ମହାରାଷ୍ଟ୍ରର ଥାଣେ ରେଳ ଷ୍ଟେସନରେ ବମ୍ ଦ୍ୱାରା ବିସ୍ଫୋରଣରେ ଉଡାଇ ଦେବାକୁ ଧମକ ମିଳିଥିଲା।



## ଦେଶ ଛାଡ଼ି ପଳାଇଲେ ପୂର୍ବତନ ପ୍ରଧାନମନ୍ତ୍ରୀ



ବ୍ୟାଙ୍କକ୍, ୬।୯(ଏଜେନ୍ସି): ଥାଇଲାଣ୍ଡ ପୂର୍ବତନ ପ୍ରଧାନମନ୍ତ୍ରୀ ଥାକସିନ ସିନବାତ୍ରା ଦେଶ ଛାଡ଼ି ନିଜ ବ୍ୟକ୍ତିଗତ ଜେଟ୍‌ରେ ଦୁବାଇ ଚାଲିଯାଇଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ସେ ଏ ନେଇ ସୂଚନା ଦେଇଛନ୍ତି। ସେପ୍ଟେମ୍ବର ୯ରେ ଥାଇଲାଣ୍ଡର କୋର୍ଟ ତାଙ୍କ ବିରୋଧରେ ଦୁର୍ନୀତି ମାମଲାରେ ରାୟ ଦେବାକୁ ଯାଉଥିବା ବେଳେ ସେ ଦେଶ ଛାଡି ଚାଲି ଯାଇଛନ୍ତି ବୋଲି କୁହାଯାଉଛି। ସେ ଚିକିତ୍ସା ପାଇଁ ସିଙ୍ଗାପୁର ଯାଉଥିଲେ। କିନ୍ତୁ ସେଠାରେ ଜେଟ୍ ବିମାନ ଅବତରଣ କରିହେବ ନାହିଁ ବୋଲି ତାଙ୍କ ପାଇଲଟ କହିଥିଲେ। ଫଳରେ ଆମକୁ ଦୁବାଇ ଯିବାକୁ ହେଲା ବୋଲି ସେ ଏକ୍ସରେ ଉଲ୍ଲେଖ କରିଛନ୍ତି। ତେବେ କୋର୍ଟ ରାୟ ଶୁଣାଇବାକୁ ଯାଉଥିବା ବେଳେ ସେ ଖୁବ୍‌ଶୀଘ୍ର ସ୍ୱଦେଶ ଫେରିବେ ବୋଲି ସ୍ପଷ୍ଟ କରିଛନ୍ତି। କିନ୍ତୁ ସେ ଆଉ ଦେଶକୁ ଫେରିବେ ନାହିଁ ବୋଲି ରାଜନୈତିକ ପଣ୍ଡିତମାନେ ଅନୁମାନ କରିଛନ୍ତି। ୨୦୦୬ରେ ପଦରୁ ହଟିବା ପରେ ତାଙ୍କ ବିରୋଧରେ ଦୁର୍ନୀତି ମାମଲାରେ ୧୫ ବର୍ଷର ଜେଲ୍ ଦଣ୍ଡାଦେଶ ମିଳିବା ପରେ ସେ ଦେଶ ଛାଡି ଚାଲିଯାଇଥିଲେ।

## ଲିପୁଲେଖ ବିବାଦରେ ଚୀନ୍ ମୁଣ୍ଡ ପୂରାଇବନି

ବେଜିଂ, ୬।୯(ଏଜେନ୍ସି): ଭାରତ ଓ ନେପାଳ ମଧ୍ୟରେ ଦୀର୍ଘଦିନ ଧରି ଥିବା ଲିପୁଲେଖ ବିବାଦରେ ମୁଣ୍ଡ ପୂରାଇବାକୁ ଚୀନ୍ ମନା କରିଦେଇଛି। ଲିପୁଲେଖ୍ ଏକ ପାରମ୍ପରିକ ଗିରିପଥ। ନେପାଳର ଦାବିକୁ ଚୀନ୍ ସମ୍ମାନ କରୁଛି। ଏହି ବିବାଦ ଭାରତ ଓ ନେପାଳର ଦ୍ୱିପାକ୍ଷିକ ମାମଲା। ତେଣୁ କଥାବାର୍ତ୍ତା ମାଧ୍ୟମରେ ଦୁଇ ଦେଶ ଏହି ବିବାଦର ସମାଧାନ କରିବା ଉଚିତ ବୋଲି ଚୀନ୍ ରାଷ୍ଟ୍ରପତି ଜିନ୍‌ପିଙ୍ଗ କହିଥିବା କଥା ନେପାଳ ବୈଦେଶିକ ସଚିବ ଅମୃତ ବାହାଦୂର ରାୟ କହିଛନ୍ତି। ନେପାଳ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଅଗଷ୍ଟ ୩୧ ଓ ସେପ୍ଟେମ୍ବର ୧ ରେ ଏସ୍‌ସିଓ ସମ୍ମିଳନୀରେ ଯୋଗ ଦେବାକୁ ଚୀନ୍ ଗସ୍ତ କରିଥିଲେ। ଏହି ଅବସରରେ ସେ ଜିନପିଙ୍ଗ୍‌ଙ୍କ ସମ୍ମୁଖରେ ଲିପୁଲେଖ ବିବାଦ ଉପସ୍ଥାପନ କରିଥିଲେ। ଲିପୁଲେଖ ଅଞ୍ଚଳ ନେପାଳର ଅଂଶ ବିଶେଷ ବୋଲି ଓଲି କହିଛନ୍ତି। କିନ୍ତୁ ଭାରତ ଓ ଚୀନ୍ ମଧ୍ୟରେ ଏହି ଗିରିପଥ ଦେଇ ହୋଇଥିବା ବ୍ୟବସାୟିକ ସହମତି ନେଇ ଓଲି ଆପତ୍ତି ଉଠାଇଥିଲେ। ଅଗଷ୍ଟ ୧୯ ରେ ଭାରତ ଓ ଚୀନ ଲିପୁଲେଖ ଦେଇ ବ୍ୟବସାୟ କରିବାକୁ ଏହି ପଥ ଖୋଲିବା ନେଇ ସହମତି ପ୍ରକାଶ କରିଥିଲେ। କିନ୍ତୁ ନେପାଳ ଏହାକୁ ସେତେବେଳେ ବିରୋଧ କରିଥିଲା। ଉଲ୍ଲେଖଥାଉ କି, ୨୦୨୦ରେ ନେପାଳ ଏକ ନୂଆ ମାନଚିତ୍ର ଜାରି କରିଥିଲା। ଏଥିରେ ଲିପୁଲେଖ, ଲିମ୍ପିୟାଧୁରା ଓ କାଲାପାନୀକୁ ନେପାଳ ନିଜର ବୋଲି ଜାହିର କରିବାକୁ ପ୍ରୟାସ କରିଥିଲା। କିନ୍ତୁ ଭାରତ ପୂର୍ବରୁ ଏହି ୩ଟି ସ୍ଥାନକୁ ନିଜର ବୋଲି ବିବେଚନା କରିଆସୁଛି।

## ହଜରତବଲ ଦର୍‌ଘାରେ ଅଶୋକ ସ୍ତମ୍ଭ ଚିହ୍ନକୁ ନେଇ ବିବାଦ

ଶ୍ରୀନଗର, ୬।୯(ଏଜେନ୍ସି): ଜମ୍ମୁ-କଶ୍ମୀର ରାଜଧାନୀ ଶ୍ରୀନଗରସ୍ଥିତ ହଜରତବଲ ଦର୍‌ଘାରେ ନୂଆ କରି ଲଗାଯାଇଥିବା ଏକ ଫଳକରେ ରାଷ୍ଟ୍ରୀୟ ଚିହ୍ନ୍ 'ଆଶୋକ ସ୍ତମ୍ଭ'କୁ ନେଇ ବିବାଦ ସୃଷ୍ଟି ହୋଇଛି। ଶୁକ୍ରବାର ପ୍ରାର୍ଥନା ପରେ କେତେଜଣ ଲୋକ ଏହି ଫଳକକୁ ଭାଙ୍ଗି ଦେଇଛନ୍ତି। ଜୁମାର ନମାଜ ପଢ଼ିବା ପରେ ଏହି ଫଳକ ନିକଟରେ ଭିଡ ହୋଇଥିଲେ ଓ ୱାକଅଫ୍ ବୋର୍ଡ ବିରୋଧରେ ସ୍ଲୋଗାନ ଦେବା ସହ ପଥର ପିଙ୍ଗିଥିଲେ। ଏହି ଘଟଣାକୁ ନେଇ ବିବାଦ ସୃଷ୍ଟି ହୋଇଛି। ବହୁବର୍ଷ ହେବ ହଜରତବଲ ଦର୍‌ଘାକୁ ମୁସଲିମ ସମ୍ପ୍ରଦାୟର ଲୋକମାନେ ଏକ ପବିତ୍ରସ୍ଥଳ ବୋଲି ବିବେଚନା କରନ୍ତି। ଚଳିତ ସପ୍ତାହରେ ୱାକଅଫ୍ ବୋର୍ଡ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଏହି ଦର୍‌ଘାର ପୁନର୍ଗଠନ କାର୍ଯ୍ୟ କରିବା ପରେ ଉଦ୍‌ଘାଟନ କରିଥିଲା। ଉଦ୍‌ଘାଟନ ଫଳକରେ ରାଷ୍ଟ୍ରୀୟ ଚିହ୍ନ ଆଶୋକ ସ୍ତମ୍ଭ ଥିଲା ଓ ଏହାକୁ ନେଇ ସମାଲୋଚନା କରାଯାଉଥିଲା। ଏହାକୁ ନ୍ୟାସନାଲ କନଫରେନ୍ସ ସମେତ ଅନ୍ୟ ରାଜନୈତିକ ଦଳଗୁଡିକ ନିନ୍ଦା କରିଥିଲେ। ଏ ନେଇ ମୁଖ୍ୟମନ୍ତ୍ରୀ ଫାରୁକ ଅବଦୁଲ୍ଲା ନିଜର ପ୍ରତିକ୍ରିୟା ଦେଇଛନ୍ତି। କୌଣସି ଧାର୍ମିକ ସ୍ଥଳରେ ରାଷ୍ଟ୍ରୀୟ ଚିହ୍ନ ପୂର୍ବରୁ କେବେ ଦେଖି ନଥିଲି। ତେଣୁ ହଜରତବଲ ଦର୍‌ଘାର ପଥର ଉପରେ ରାଷ୍ଟ୍ରୀୟ ଚିହ୍ନ ଲଗାଇବାର ଆବଶ୍ୟକତା କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି।

## ଧନଖଡ଼ଙ୍କ ପେନ୍‌ସନ୍ ଆବେଦନ ମଞ୍ଜୁର

ନୂଆଦିଲ୍ଲୀ, ୬।୯(ଏଜେନ୍ସି): ପୂର୍ବତନ ଉପ- ରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କୁ ଜଣେ ପୂର୍ବତନ ବିଧାୟକ ଭାବେ ପେନସନ ମିଳିବା ନିଶ୍ଚିତ ହୋଇଛି। ଏ ନେଇ ସେ ପୂର୍ବରୁ କରିଥିବା ଆବେଦନକୁ ମଞ୍ଜୁର କରାଯାଇଛି। ୭୫ ବର୍ଷୀୟ ଧନଖଡ଼ ରାଜସ୍ଥାନ ବିଧାନସଭାରେ ପୂର୍ବରୁ ବିଧାୟକ ଥିଲେ। ଉପ- ରାଷ୍ଟ୍ରପତି ଭାବେ ଇସ୍ତଫା ଦେବାପରେ ତାଙ୍କର ଏହି ବିଧାୟକ ପେନ୍‌ସନ୍‌କୁ ମଞ୍ଜୁର କରାଯାଇଛି। ତାଙ୍କ ଆବେଦନର ସବୁ ପ୍ରକ୍ରିୟା ଓ ଔପଚାରିକତା ସମ୍ପନ୍ନ ହେବା ପରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସଚିବାଳୟ ତରଫରୁ କୁହାଯାଇଛି। ଏବେ ସେ ଜଣେ ପୂର୍ବତନ ବିଧାୟକ ଭାବେ ପେନ୍‌ସନ ସମେତ ସବୁପ୍ରକାର ସୁବିଧାସୁଯୋଗ ପାଇବେ। ସେ ଗତ ସପ୍ତାହରେ ଏ ନେଇ ରାଜସ୍ଥାନ ସଚିବାଳୟରେ ପେନ୍‌ସନ ପାଇଁ ଆବେଦନ କରିଥିଲେ। ଏବେ ସେ ମାସକୁ ପେନ୍‌ସନ ବାବଦରେ ୪୨, ୦୦୦ ଟଙ୍କା ପାଇବେ। ଉଲ୍ଲେଖଥାଉ କି, ସେ ୧୯୯୩ରୁ ୧୯୯୮ ମଧ୍ୟରେ ରାଜସ୍ଥାନର କିଶନଗଡ଼ ନିର୍ବାଚନମଣ୍ଡଳୀରୁ କଂଗ୍ରେସ ଦଳ ତରଫରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। କିନ୍ତୁ ୨୦୧୯ ଜୁଲାଇରେ ପଶ୍ଚିମବଙ୍ଗର ରାଜ୍ୟପାଳ ନିଯୁକ୍ତ ହେବା ପରେ ତାଙ୍କ ପେନ୍‌ସନକୁ ବନ୍ଦ କରିଦିଆଯାଇଥିଲା।

# ଦିଲ୍ଲୀ, ୟୁପିକୁ ଯମୁନା ଯନ୍ତ୍ରଣା

### ମୌସୁମୀ ବର୍ଷା ବିପର୍ଯ୍ୟୟ

### ପାଣି ଘେରରେ ଦିଲ୍ଲୀର ଅନେକ ଅଞ୍ଚଳ

### ପଞ୍ଜାବର ୧୯୦୦ ଗାଁ ୧୨ ଦିନ ହେଲା ବନ୍ୟା ଘେରରେ



ନୂଆଦିଲ୍ଲୀ, ୬।୯(ଏଜେନ୍ସି): ଉତ୍ତର ଭାରତର କେତୋଟି ରାଜ୍ୟରେ ପ୍ରବଳ ମୌସୁମୀ ବର୍ଷା କାରଣରୁ ଭୂସ୍ଖଳନ ଓ ବନ୍ୟା ସ୍ଥିତି ଜାରି ରହିଛି। ଯମୁନା ନଦୀର ଜଳସ୍ତର ଶନିବାର ମଧ୍ୟ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ଫଳରେ ରାଜଧାନୀ ଦିଲ୍ଲୀର କେତେକ ଅଞ୍ଚଳରେ ଏବେ ମଧ୍ୟ ପାଣି ଜମି ରହିଛି। ମୋନାଷ୍ଟେରୀ ମାର୍କେଟ, ଯମୁନା ବଜାର, ମୟୂର ବିହାର ଓ କଶ୍ମୀର ଗେଟ୍ ଅଞ୍ଚଳ ପାଣି ଘେରରେ ରହିଛି। ସ୍ୱାମୀ ନାରାୟଣ ମନ୍ଦିର ପରିସରରେ ୫ ଫୁଟ୍ ଉଚ୍ଚର ପାଣି ପଶିଛି। ଉତ୍ତରପ୍ରଦେଶର ମଥୁରାର ୨୦ଟିରୁ ଅଧିକ କଲୋନୀଗୁଡିକରେ ଯମୁନା ପାଣି ପଶିଛି। ଆଗ୍ରାରେ ତାଜମହଲର ପାଚେରି ପର୍ଯ୍ୟନ୍ତ ପାଣି ଆସିଛି। ତାଜମହଲ ପଛରେ ଥିବା ପାର୍କ ମଧ୍ୟ ବୁଡି ଯାଇଛି। ଶୁକ୍ରବାର ଏହି ସହରରେ ପ୍ରବଳ ବର୍ଷା କାରଣରୁ ୫୦ରୁ ଊର୍ଦ୍ଧ୍ୱ ସଡକରେ ୪ ଫୁଟ ପର୍ଯ୍ୟନ୍ତ ପାଣି ଠିଆ ହୋଇଛି। ଫଳରେ ବାଇକ ସମେତ କାର ଅନ୍ୟ ଗାଡି ସବୁ ବୁଡ଼ିଯାଇଛି। ଉତ୍ତରାଖଣ୍ଡରେ ଶନିବାର ୪ ଧାମ ଯାତ୍ରା ପୁଣି ଆରମ୍ଭ ହୋଇଛି। ଖରାପ ପାଗ ଓ କ୍ରମାଗତ ବର୍ଷା କାରଣରୁ ସରକାର ସେପ୍ଟେମ୍ବର ୧ରୁ ୫ ପର୍ଯ୍ୟନ୍ତ ଏହି ଯାତ୍ରାକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲେ। ଶନିବାରଠାରୁ ୪ ଧାମ ଯାତ୍ରା ପାଇଁ ପଞ୍ଜୀକରଣ ଆରମ୍ଭ ହୋଇଛି।

ବର୍ଷା ଜାରି ରହିଥିବାରୁ ପଞ୍ଜାବର ୨୩ଟି ଜିଲ୍ଲାର ୧୯୦୦ଟି ଗାଁ ପାଖାପାଖି ୧୨ ଦିନ ହେବ ବନ୍ୟା ଘେରରେ ରହିଛି। ଫଳରେ ନାହିଁ ନଥିବା ସ୍ଥିତି ସୃଷ୍ଟି ହୋଇଛି। ପଞ୍ଜାବ ଇତିହାସର ସବୁଠାରୁ ବଡ଼ ବନ୍ୟାର ସମ୍ମୁଖୀନ ହୋଇଛି କହିଲେ ଭୁଲ ହେବନାହିଁ। ଏଥିରେ ୩.୮୪ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ଏହି ଉତ୍ତରପଶ୍ଚିମ ରାଜ୍ୟରେ ବର୍ଷା ଓ ବନ୍ୟାଜନିତ କାରଣରୁ ୪୩ ଲୋକ ମୃତ୍ୟୁବରଣ କରିଛନ୍ତି। ପାଖାପାଖି ୧.୭୨ ହେକ୍ଟର ଚାଷଜମିର ଫସଲ ନଷ୍ଟ ହୋଇଛି। ତେବେ ଆଗାମୀ ୪ ଦିନ ପର୍ଯ୍ୟନ୍ତ ପଞ୍ଜାବରେ ବର୍ଷା ନେଇ କୌଣସି ସତର୍କତା ଜାରି କରାଯାଇନାହିଁ। ତେଣୁ ବନ୍ୟା ସ୍ଥିତରେ ଉନ୍ନତି ହେବ ବୋଲି ଆଶା କରାଯାଉଛି।

ସେପଟେ ଜମ୍ମୁ-କଶ୍ମୀରରେ ଭୂସ୍ଖଳନ କାରଣରୁ ଜମ୍ମୁ- ଶ୍ରୀନଗର ରାଜପଥ ଓ ସିନ୍ଥନ ସଡକ ବନ୍ଦ ହେବା କାରଣରୁ ୩,୭୦୦ ଗାଡି ଅଟକି ରହିଛି। ଶ୍ରୀନଗର ଓ ବଡ଼ଗାଁଓରେ ପ୍ରବଳ ବର୍ଷା କାରଣରୁ କେତେକ ଅଞ୍ଚଳରେ ପାଣି ପଶିଯାଇଛି। ମାତା ବୈଷ୍ଣୋଦେବୀ ମନ୍ଦିରର ତୀର୍ଥଯାତ୍ରା କ୍ରମାଗତ ୧୧ ଦିନ ପାଇଁ ବନ୍ଦ ରହିଛି। ଅଗଷ୍ଟ ୨୬ରେ ହୋଇଥିବା ଭୂସ୍ଖଳନ କାରଣରୁ ଏହି ଯାତ୍ରାକୁ ସ୍ଥଗିତ କରାଯାଇଥିଲା। ସେହିପରି ଗୁଜରାଟ୍‌ର ଭଦୋଦାରା ଜିଲ୍ଲାରେ କ୍ରମାଗତ ବର୍ଷା କାରଣରୁ ସ୍ଥିତି ବିଗିଡିଛି। ନର୍ମଦା ଓ କିମ୍ ନଦୀରେ ଜଳସ୍ତର ଦ୍ରୁତଗତିରେ ବୃଦ୍ଧିପାଇବା କାରଣରୁ ବିପଦ ସୃଷ୍ଟି ହୋଇଛି। ତଳିଆ ଅଞ୍ଚଳରେ ରହୁଥିବା ଲୋକଙ୍କୁ ସତର୍କ ରହିବା ପାଇଁ ପ୍ରଶାସନ ତରଫରୁ ସତର୍କ କରାଯାଇଛି।

ହରିୟାଣାରେ ପ୍ରବଳ ବର୍ଷା କାରଣରୁ ସବୁ ନଦୀର ଜଳସ୍ଥର ବୃଦ୍ଧିପାଇଛି। ଫରିଦାବାଦ୍‌ରେ ଯମୁନା, ସିର୍ସାରେ ଘାଗର, କୁରୁକ୍ଷେତ୍ରରେ ମାର୍କଣ୍ଡ ଓ ଅମ୍ବାଲାରେ ଟାଙ୍ଗ୍ରି ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ସେହିପରି ହିମାଚଳ ପ୍ରଦେଶରେ ପାହାଡ଼ ଉପରୁ ବଡ଼ବଡ଼ ପଥର ଖସିବା କାରଣରୁ ଶିମ୍‌ଲା-କିନ୍ନାଉର ଜାତୀୟ ରାଜପଥରେ ଯିବା ଆସିବା ଏକ ପ୍ରକାର ବନ୍ଦ ରହିଛି। ମୌସୁମୀଜନିତ ବର୍ଷା କାରଣରୁ ହିମାଚଳରେ ଏପର୍ଯ୍ୟନ୍ତ ୩୬୦ ଲୋକ ମୃତ୍ୟୁବରଣ କରିଛନ୍ତି। ସେହିପରି ମଧ୍ୟପ୍ରଦେଶର ୧୨ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବ ବୋଲି ସତର୍କତା ଜାରି କରାଯାଇଛି।

## କାନାଡ଼ା ମାନିଲା, ଖଲିସ୍ତାନୀଙ୍କୁ ପାଣ୍ଠି ଯୋଗାଉଥିଲା

ନୂଆଦିଲ୍ଲୀ, ୬।୯(ଏଜେନ୍ସି): ଖଲିସ୍ତାନୀ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ଓ ଶରଣ ଦେବା ନେଇ କାନାଡା ସରକାର ପ୍ରଥମଥର ପାଇଁ ଏକ ବଡ଼ ସ୍ୱୀକାର କରିଛନ୍ତି। କାନାଡାର ମାଟିରେ ହିଁ ଏହି ଖଲିସ୍ତାନୀ ଆତଙ୍କବାଦୀ ସଂଗଠନ କାର୍ଯ୍ୟ କରୁଛି ବୋଲି ପ୍ରକାଶିତ ଏକ ରିପୋର୍ଟରେ ସରକାର ମାନିଛନ୍ତି। ବାବର ଖାଲସା, ଅନ୍ତର୍ଜାତୀୟ ଶିଖ୍ ୟୁଥ ଫେଡେରେସନ ଓ ଶିଖ୍ ଫର ଜଷ୍ଟିସ୍ ଭଳି ଖଲିସ୍ତାନୀ ଆତଙ୍କବାଦୀ ସଂଗଠନ କାନାଡାରେ ସକ୍ରିୟ ବୋଲି ସମସ୍ତେ ଜାଣନ୍ତି ଓ କାନାଡା ଖୋଲାଖୋଲି ଭାବେ ଏହି ସଂଗଠନଗୁଡିକୁ ଶରଣ ଦେଉଛି। ତେବେ କାନାଡା ଏବେ ପ୍ରଥମଥର ପାଇଁ ଆନୁଷ୍ଠାନିକ ଭାବେ ଏହାକୁ ସ୍ୱୀକାର କରିଛି ଓ ଏହାକୁ ବହୁତ ବଡ଼ କଥା ବୋଲି ବିବେଚନା କରାଯାଉଛି। ଭାରତୀୟ ଦୃଷ୍ଟିକୋଣରୁ ଏହା ଏକ ଶୁଭ ସଂକେତ ବୋଲି କୁହାଯାଇପାରେ। କାନାଡାର ଅର୍ଥ ବିଭାଗ କଳା ଧନକୁ ଧଳା କରିବା ପ୍ରକ୍ରିୟା ଅର୍ଥାତ ମନିଲଣ୍ଡରିଂ ଓ ଆତଙ୍କବାଦୀଙ୍କ ଭରଣ ପୋଷଣ ସହିତ ଜଡିତ ଏକ ଆକଳନ ରିପୋର୍ଟ ଜାରି କରିଛି। କାନାଡା ସହିତ ଏହି ସଂଗଠନଗୁଡିକ ବିଭନ୍ନ ଦେଶରେ ପାଣ୍ଠି ସଂଗ୍ରହ କରୁଛନ୍ତି ବୋଲି ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହି ସଂଗଠନଗୁଡିକ ଡ୍ରଗ୍ସ ଚୋରାଚାଲାଣ ଓ ଅଟୋ ଚୋରି ପାଇଁ ଚାରିଟେବଲ ଟ୍ରଷ୍ଟ ତଥା ଦାତବ୍ୟ ଅନୁଷ୍ଠାନର ବ୍ୟବହାର କରୁଛି। କାନାଡା ଏବେ ଏହି ଆତଙ୍କବାଦୀ ସଂଗଠନଗୁଡିକ ପାଇଁ ଭୂସ୍ୱର୍ଗ ପାଲିଟିଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ପତିଙ୍କୁ ଛୁରି ଭୁସି ହତ୍ୟା କଲେ ପତ୍ନୀଙ୍କ ପାର୍ଟନର

କୋଲାମ୍, ୬।୯(ଏଜେନ୍ସି): ଦକ୍ଷିଣ କେରଳ ଜିଲ୍ଲାର ନାଦୁଭାତୁରଠାରେ ଜଣେ ବ୍ୟକ୍ତିଙ୍କୁ ତାଙ୍କ ପତ୍ନୀଙ୍କ ଲିଭ୍- ଇନ୍ ପାର୍ଟନର ଛୁରି ଭୁଶି ହତ୍ୟା କରିଛନ୍ତି। ମୃତ ବ୍ୟକ୍ତି ହେଉଛନ୍ତି ୪୧ ବର୍ଷୀୟ ଶ୍ୟାମସୁନ୍ଦର। ଅଭିଯୁକ୍ତ ହେଉଛନ୍ତି ତାଙ୍କ ଘର ପାଖରେ ରହୁଥିବା ୩୭ ବର୍ଷୀୟ ଧନେଶ। ଗତ ୪ ବର୍ଷ ହେବ ଶ୍ୟାମସୁନ୍ଦରଙ୍କୁ ଛାଡି ତାଙ୍କ ପତ୍ନୀ ଓ ପିଲା ଧନେଶଙ୍କ ପାଖରେ ରହୁଥିଲେ। ତେଣୁ ଦୁହିଁଙ୍କ ମଧ୍ୟରେ ବହୁ ସମୟରେ ଝଗଡ଼ା ହେଉଥିଲା। କିନ୍ତୁ ଶୁକ୍ରବାର ରାତି ୧୦ଟାରେ ପତ୍ନୀ ଓ ପିଲାଙ୍କ ମାଧ୍ୟମରେ ଧନେଶ ମୋ ଧନସମ୍ପତ୍ତି ହଡପ୍ କରିବାକୁ ପ୍ରୟାସ କରୁଛନ୍ତି ବୋଲି ଶ୍ୟାମସୁନ୍ଦର ଅଭିଯୋଗ କରିଥିଲେ ଓ ଏ ନେଇ ଦୁହିଁଙ୍କ ମଧ୍ୟ ପ୍ରବଳ ଝଗଡ଼ା ହୋଇଥିଲା। କିନ୍ତୁ ଲୋକେ ଦୁହିଁଙ୍କୁ ବୁଝାଶୁଝା କରି ଅଲଗା କରିଥିଲେ। କିନ୍ତୁ ରାତି ୧୧.୫୦ରେ ଧନେଶ ପ୍ରତ୍ୟାବର୍ତ୍ତନ କରି ଶ୍ୟାମସୁନ୍ଦରଙ୍କୁ ଛୁରି ଭୁସି ଥିଲା। ଆହତ ଶ୍ୟାମସୁନ୍ଦରଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ସେ ମୃତ୍ୟୁବରଣ କରିଥିଲେ।

## ରୋପୱେ ଛିଡ଼ିପଡ଼ି; ୬ ମୃତ

ଅହମଦାବାଦ, ୬।୯(ଏଜେନ୍ସି): ଗୁଜରାଟର ପଞ୍ଚମହଲ ଜିଲ୍ଲାର ପାଭାଗଡ଼ ହିଲ୍ ଟେମ୍ପଲ ତଥା ମହାକାଳୀ ମନ୍ଦିରର ଶକ୍ତିପୀଠରେ ଶନିବାର ଗୁଡ୍ସ ରୋପୱେ ଛିଡିବା ଫଳରେ ଏକ ବଡ଼ ଦୁର୍ଘଟଣା ଘଟିଛି। ଶନିବାର ଅପରାହ୍ଣରେ ହୋଇଥିବା ଦୁର୍ଘଟଣାରେ ୬ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ଆଉ କେତେଜଣ ଆହତ ହୋଇଛନ୍ତି। ଏହି ଗୁଡ୍ସ ରୋପୱେରେ ଜିନଷ ପତ୍ର ନବା ଆଣିବା ହୋଇଥାଏ। ସୂଚନା ମିଳିବା ମାତ୍ରେ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ରୋପୱେର ତାର ଛିଡିବା ଫଳରେ ଟ୍ରଲି ଉପରୁ ସିଧା ତଳକୁ ଖସିପଡ଼ିଥିଲା। ମୃତକଙ୍କ ମଧ୍ୟରେ ୨ ଜଣ ଲିଫ୍ଟ ଅପରେଟର, ୨ ଜଣ ଶ୍ରମିକ ଓ ଅନ୍ୟ ୨ ଜଣ ଅଛନ୍ତି।

# ଲାଲ୍‌କିଲ୍ଲାରୁ ଏକ କୋଟିର ସୁନା କଳସ ଚୋରି



ନୂଆଦିଲ୍ଲୀ, ୬।୯(ଏଜେନ୍ସି): ଦିଲ୍ଲୀର ଲାଲ୍ କିଲ୍ଲା ପରିସରରେ ଆୟୋଜିତ ହୋଇଥିବା ଏକ ଜୈନ ଧାର୍ମିକ ଶିବିରରୁ ଦୁଇଟି ସୁନା କଳସ ସମେତ ଦେଢ଼ କୋଟି ଟଙ୍କାର ଜିନିଷ ଚୋରି ହୋଇଛି` ସେପ୍ଟେମ୍ବର ୨ରେ ଏହି ଧାର୍ମିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏବେ ଏହାର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି। ଏଥିରେ ଜଣେ ଚୋର ଜୈନ ପୂଜାରୀ ବେଶ ଧାରଣ କରି ଏହି ବହୁମୂଲ୍ୟ ଜିନିଷରେ ଭରିଥିବା ବ୍ୟାଗ୍‌କୁ ନେଇଯାଇଥିବାର ଦେଖାଯାଉଛି। ଏହି ସଂଦିଗ୍ଧ ଚୋରକୁ ଚିହ୍ନଟ କରାଯାଇଛି ଓ ଖୁବ୍‌ଶୀଘ୍ର ତାକୁ ଗିରଫ କରାଯିବ ବୋଲି ପୁଲିସ କହିଛି।

ହୀରାରେ ଖଚିତ ଏହି ସୁନା କଳସର ଓଜନ ହେଉଛି ୭୬୦ ଗ୍ରାମ୍। ଏଥିରେ ଏକ ନଡ଼ିଆ ଲଗା ହୋଇଥିଲା। ସେହିପରି ୧୧୫ ଗ୍ରାମ୍‌ର ଦ୍ୱିତୀୟ କଳସରେ ହୀରା, ରୁବି ଓ ମାଣିକ ରହିଥିଲା। ଏହି କଳସକୁ ଜୈନ ଧର୍ମରେ ସବୁଠାରୁ ପବିତ୍ର ବୋଲି ବିବେଚନା କରାଯାଏ ଓ ଏହାକୁ ବିଭିନ୍ନ ଧାର୍ମିକ କାର୍ଯ୍ୟରେ ସ୍ଥାନ ଦିଆଯାଇଥାଏ।

ଉଲ୍ଲେଖଥାଉ କି, ଗତ ଅଗଷ୍ଟ ୧୫ ତାରିଖରେ ଲାଲକିଲ୍ଲା ପରିସରରେ ଥିବା ପାର୍କରେ ୧୦ ଦିନ ପାଇଁ ଧାର୍ମିକ ଆୟୋଜନ 'ଦଶଲକ୍ଷଣ ମହାପର୍ବ' ଆୟୋଜିତ ହୋଇଥିଲା। ଏହି ସୁନା କଳସ ଓ ବହୁମୂଲ୍ୟ ଜିନିଷ ବ୍ୟବସାୟୀ ସୁଧୀର ଜୈନଙ୍କର ଥିଲା। ସୁଧୀର ଅନୁଷ୍ଠାନ ପାଇଁ ସବୁଦିନ ମୂଲ୍ୟବାନ ଜିନିଷ ଆଣିଥାନ୍ତି। ଗତ ବୁଧବାର ସେ ଅନୁଷ୍ଠାନ ପାଇଁ କଳସ ଆଣିଥିଲେ। ଏହି କାର୍ଯ୍ୟକ୍ରମରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ମଧ୍ୟ ସାମିଲ ଥିଲେ। ଓମ ବିର୍ଲାଙ୍କ ସ୍ୱାଗତ ଅବସରରେ ସୃଷ୍ଟି ହୋଇଥିବା ଭିଡ଼ ଓ ଦୌଡ଼ାଦୌଡ଼ରେ ଏହି କଳସ ଓ ଅନ୍ୟ ଜିନିଷ ଚୋରି ହୋଇଥିଲା ବୋଲି ପୁଲିସ କହିଛି।

### ଅନୀଲ ଅମ୍ବାନୀଙ୍କ ଉପରେ ପୁଣି ବଡ଼ କାର୍ଯ୍ୟାନୁଷ୍ଠାନ

## ଠକ ଘୋଷଣା କଲା ବ୍ୟାଙ୍କ ଅଫ ବରୋଦା

ମୁମ୍ବାଇ, ୬।୯ (ଏଜେନ୍ସି): ଶିଳ୍ପପତି ତଥା ରିଲାଏନ୍ସ କମ୍ୟୁନିକେସନ୍ସର ଅଧ୍ୟକ୍ଷ ଅନୀଲ ଅମ୍ବାନୀଙ୍କ ସମସ୍ୟା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଏବେ ଆଉ ଏକ ବ୍ୟାଙ୍କ ତାଙ୍କ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅଲଗା ଅଲଗା ଋଣ ଠକେଇ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ସିବିଆଇ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେଉଥିବା ଅନୀଲଙ୍କୁ ବ୍ୟାଙ୍କ ଅଫ୍ ବରୋଦା (ବିଓବି) ଠକ ଘୋଷଣା କରିଛି। ଏହା ପୂର୍ବରୁ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଏବଂ ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ) ତାଙ୍କୁ ଠକ ଘୋଷଣା କରିଥିଲା।

ରିଲାଏନ୍ସ କମ୍ୟୁନିକେସନ୍ସ (ଆରକମ୍) ପକ୍ଷରୁ କୁହାଯାଇଛି ଯେ ଗତ ୨ ତାରିଖରେ ଏନେଇ କମ୍ପାନୀକୁ ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା। କମ୍ପାନୀକୁ ବିଓବି ୧୬୦୦ କୋଟି ଟଙ୍କାର ଋଣ ଏବଂ ୮୬୨.୫୦ କୋଟି ଟଙ୍କାର 'ଲାଇନ ଅଫ୍ କ୍ରେଡିଟ' (ଏଲଓସି) ଦେଇଥିଲା। ସେହିପରି ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ ଆର୍‌କମ୍ ୨, ୪୬୨.୫୦ କୋଟି ଟଙ୍କାର ଋଣ ନେଇଥିଲା। ଗତ ୨୮ ତାରିଖ ସୁଦ୍ଧା ଏଥିରୁ ୧୬୫୬.୦୭ କୋଟି ଟଙ୍କା ବାକି ରହିଥିଲା। ୨୦୧୭ ଜୁନ୍ ୫ ପରଠାରୁ ଋଣ ପରିଶୋଧ କରାଯାଇ ନାହିଁ। ଋଣ ନେଇଥିବା ବ୍ୟାଙ୍କ ଆକାଉଣ୍ଟ ଟି ସେହି ଦିନଠାରୁ ନନ୍ ପରଫର୍ମି ଆସେଟ (ଏନ୍‌ପିଏ) ହୋଇଯାଇଛି। ଯଦି କୌଣସି ବ୍ୟକ୍ତି କିମ୍ବା କମ୍ପାନୀ ଋଣର



କିସ୍ତି କିମ୍ବା ସୁଧ ୯୦ ଦିନ କିମ୍ବା ତାଠାରୁ ଅଧିକ ଦିନ ପର୍ଯ୍ୟନ୍ତ ଦିଏ ନାହିଁ ତେବେ ତାହା ଏନ୍‌ପିଏ ହୋଇଯାଏ। ସେହିପରି ଏଲ୍‌ଓସି ହେଉଛି ରିଭଲଭିଂ କ୍ରେଡିଟ। ଏହା ମାଧ୍ୟମରେ ବ୍ୟାଙ୍କ କିମ୍ବା ଆର୍ଥିକ ପ୍ରତିଷ୍ଠାନଠାରୁ ନିର୍ଦ୍ଧାରିତ ସୀମା ପର୍ଯ୍ୟନ୍ତ ଆବଶ୍ୟକତା ହିସାବରେ ଋଣ ନେଇ ପରିଶୋଧ କରିହେବ। ଏହା ସାଧାରଣ ଋଣଠାରୁ ଭିନ୍ନ। ଆରକମ୍‌ର ପ୍ରବକ୍ତା କହିଛନ୍ତି ଯେ ଏହି ମାମଲା ୧୨ ବର୍ଷର ତଳର। ଅନୀଲ ୨୦୦୬ରୁ ୨୦୧୯ ପର୍ଯ୍ୟନ୍ତ ଅଣ-କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଥିଲେ। କମ୍ପାନୀର ଦୈନିକ ପରିଚାଳନା କିମ୍ବା ନିଷ୍ପତ୍ତିରେ ତାଙ୍କର କୌଣସି ହସ୍ତକ୍ଷେପ ନ ଥିଲା। ସମସ୍ତ ଅଭିଯୋଗ ଭିତ୍ତିହୀନ। ଏ ନେଇ ଆଇନଗତ ପଦକ୍ଷେପ ନିଆଯିବ।

# ହନିମୁନ୍ ହତ୍ୟା ମାମଲା: ପତ୍ନୀ ସୋନମ୍, ପ୍ରେମିକ ରାଜ ମୁଖ୍ୟ ଅଭିଯୁକ୍ତ

ଇନ୍ଦୋର, ୬।୯(ଏଜେନ୍ସି): ଇନ୍ଦୋର ଟ୍ରାନ୍ସପୋର୍ଟ ବ୍ୟବସାୟୀ ରାଜା ରଘୁବଂଶୀ ହତ୍ୟା ମାମଲାରେ ମୃତଦେହ ମିଳିବାର ୯୭ ଦିନପରେ ଶନିବାର ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଚାର୍ଜସିଟ୍ ଦାଖଲ କରିଛି। ମେଘାଳୟ ପୁଲିସର ଏସ୍‌ଆଇଟି ଶିଲଂ କୋର୍ଟରେ ୭୯୦ ପୃଷ୍ଠାର ଅଭିଯୋଗ ପତ୍ର ବା ଚାର୍ଜସିଟ୍ ଦାଖଲ କରିଛି। ଏ ନେଇ ରାଜା ରଘୁବଂଶୀ ପରିବାରକୁ ମଧ୍ୟ ଅବଗତ କରାଯାଇଛି। ରାଜାଙ୍କ ଭାଇ ବିପିନ ରଘୁବଂଶୀ ଏ ନେଇ ସୂଚନା ଦେଇଛନ୍ତି। ଏହି ଚାର୍ଜସିଟ୍‌ରେ ରାଜାଙ୍କ ପତ୍ନୀ ସୋନମ ଓ ତାଙ୍କ ପ୍ରେମିକ ରାଜ କୁଶୱାହଙ୍କୁ ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଯାଇଛି। ସୋନମ ଓ ରାଜଙ୍କ ସମେତ ମୋଟ୍ ୩ ଜଣ ବିରୋଧରେ ହତ୍ୟା ନେଇ ଅଭିଯୋଗ କରାଯାଇଛି। ଏହି ମାମଲାରେ ୫ଜଣ ଅଭିଯୁକ୍ତ ଏବେ ବିଚାର ବିଭାଗୀୟ ହାଜତରେ ରହିଛନ୍ତି। ସୋନମ ଓ ରାଜଙ୍କ ସମେତ ହତ୍ୟାରେ ସହଯୋଗ କରିଥିବା ଆକାଶ ରାଜପୁତ, ଆନନ୍ଦ କୁର୍ମି ଓ ବିଶାଳ ସିଂ ଚୌହାନଙ୍କ ବିରୋଧରେ ମଧ୍ୟ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଛି।

### ୭୯୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ

ରାଜା ରଘୁବଂଶୀ ଓ ସୋନମ ବିବାହ ପରେ ହନିମୁନ ପାଇଁ ମେଘାଳୟ ଯାଇଥିଲେ। ତେବେ ମେ ୨୩ରେ ରାଜାଙ୍କୁ ଷଡ଼ଯନ୍ତ୍ରପୂର୍ବକ ହତ୍ୟା କରାଯାଇଥିଲା। ପୂର୍ବ ଖାସୀ ହିଲ୍ସ ଏସ୍‌ପି ବିବେକ ସିମ୍ କହିଛନ୍ତି ଯେ, ଅତିରିକ୍ତ ଫରେନସିକ୍ ରିପୋର୍ଟ ଆସିବା ପରେ ଅନ୍ୟ ୩ ଜଣ ଅଭିଯୁକ୍ତଙ୍କ ବିରୋଧରେ ସପ୍ଲିମେଣ୍ଟାରୀ ଚାର୍ଜସିଟ୍ ଦାଖଲ କରାଯିବ। ପ୍ରମାଣ ନଷ୍ଟ କରିବା ଓ ଲୁଚାଇବା ଅଭିଯୋଗରେ ଏହି ୩ ଜଣଙ୍କୁ ଗିରଫ କରାଯାଇଥିଲା। ଅବଶ୍ୟ ଏହି ୩ ଜଣ ଏବେ ଜାମିନ ପାଇ ବାହାରେ ଅଛନ୍ତି। ଗତ ମେ ୧୧ରେ ରାଜା ଓ ସୋନମଙ୍କ ବିବାହ ହୋଇଥିଲା। ମେ ୨୦ରେ ଦୁହେଁ ହନିମୁନ ପାଇଁ ମେଘାଳୟ ଯାଇଥିଲେ। କିନ୍ତୁ ବହୁ ଖୋଜାଖୋଜି କରିବା ପରେ ଶିଲଂର ଏକ ଖାଇରେ ରାଜାଙ୍କ ମୃତଦେହକୁ ଉଦ୍ଧାର କରାଯାଇଥିଲା। ଗଛ କାଟିବା ଅସ୍ତ୍ରରେ ରାଜାଙ୍କୁ ହତ୍ୟା କାରଯାଇଥିଲା। ଜୁନ୍ ୯ରେ ପୁଲିସ ସୋନମଙ୍କୁ ଉତ୍ତରପ୍ରଦେଶ ଗାଜିପୁରରେ ଏକ ଢ଼ାବାରୁ



ଗିରଫ କରିଥିଲା। ସେତେବେଳେ ଏହି ଘଟଣାକୁ ନେଇ ସାରା ଦେଶରେ ଚର୍ଚ୍ଚା ସୃଷ୍ଟି ହୋଇଥିଲା।

### ଜିଲ୍ଲାପାଳଙ୍କୁ ପଞ୍ଚାୟତିରାଜ ବିଭାଗର ଚିଠି

# ପଞ୍ଚାୟତରୁ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଯାଏଁ ବାୟୋମେଟ୍ରିକ୍ ଉପସ୍ଥାନ ବାଧ୍ୟତାମୂଳକ

ଭୁବନେଶ୍ୱର,୬।୯(ସମିସ): ସମୟାନୁବର୍ତ୍ତିତା ଓ କାମରେ ସ୍ୱଚ୍ଛତା ଆଣିବାକୁ ଲକ୍ଷ୍ୟ ରଖି ସରକାର ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ବାୟୋମେଟ୍ରିକ୍ ଉପସ୍ଥାନ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରିଛନ୍ତି। ଏସବୁ କାର୍ଯ୍ୟାଳୟରେ କାର୍ଯ୍ୟରତ ସରକାରୀ କର୍ମଚାରୀମାନେ ଯେପରି ଠିକ୍ ସମୟରେ କାର୍ଯ୍ୟାଳୟକୁ ଆସି ଜନସାଧାରଣଙ୍କୁ ସେବା ଯୋଗାଇବେ, ତାହା ନିଶ୍ଚିତ କରିବା ପାଇଁ ତୁରନ୍ତ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି କରାଯାଇଛି। ବାୟୋମେଟ୍ରିକ୍ ଉପସ୍ଥାନ ବ୍ୟବସ୍ଥା କାର୍ଯ୍ୟକାରୀ କରି ତୁରନ୍ତ ଅଗ୍ରଗତିର ରିପୋର୍ଟ ଦେବାକୁ ମଧ୍ୟ ଜିଲ୍ଲାପାଳମାନଙ୍କୁ ବିଭାଗ ନିର୍ଦ୍ଦେଶ ଦେଇଛି।

# ହଷ୍ଟେଲରେ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

କଣ୍ଟାବାଞ୍ଜି, ୬।୯(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଥାନା ହିଆଁଲସ୍ଥିତ ଅନ୍ୱେଷା ଛାତ୍ରନିବାସରେ ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ଛାତ୍ରଜଣଙ୍କ ହେଲେ,



ପାଟଣାଗଡ଼ ଉପଖଣ୍ଡ ବେଲପଡ଼ାର ଆଦର୍ଶ ସେଠ। କଣ୍ଟାବାଞ୍ଜି ପୁଲିସ୍ ଫ୍ୟାନ୍‌ରୁ ତାଙ୍କ ଝୁଲନ୍ତା ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। କଣ୍ଟାବାଞ୍ଜି ଡାକ୍ତରଖାନାରେ ଶବ ରଖାଯାଇଛି। ରବିବାର ବ୍ୟବଚ୍ଛେଦ ହେବ ବୋଲି ଥାନା ଅଧିକାରୀ ରଶ୍ମିତା ବେହେରା କହିଛନ୍ତି। ଅପରପକ୍ଷେ, ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି।

ସୂଚନାନୁଯାୟୀ, ଆଦର୍ଶ ଅନ୍ୱେଷା ହଷ୍ଟେଲରେ ରହି କଣ୍ଟାବାଞ୍ଜିସ୍ଥିତ ଲାୟନ୍ସ ପବ୍ଲିକ ସ୍କୁଲରେ ପଢୁଥିଲେ। ନୂଆଁଖାଇ ଛୁଟିରେ ସେ ଗାଁକୁ ଯାଇଥିବା ବେଳେ ୩ତାରିଖରେ ହଷ୍ଟେଲକୁ ଫେରିଥିଲେ। ତେବେ ଆଜି ଛାତ୍ରାବାସରେ ତାଙ୍କ ଶବ ଫ୍ୟାନ୍‌ରେ ଝୁଲୁଥିବା ଦେଖି ହଷ୍ଟେଲ କର୍ତ୍ତୃପକ୍ଷ କଣ୍ଟାବାଞ୍ଜି ଥାନାକୁ ସୂଚନା ଦେଇଥିଲେ। ଖବରପାଇ ଆଦର୍ଶଙ୍କ ମା' ହଷ୍ଟେଲରେ ପହଞ୍ଚିଥିଲେ। ତେବେ ଆଦର୍ଶ ଆତ୍ମହତ୍ୟା କରିଛନ୍ତି ନା ତାଙ୍କ ମୃତ୍ୟୁ ପଛରେ ଅନ୍ୟ କିଛି ରହସ୍ୟ ଅଛି, ସେନେଇ ପୁଲିସ ତଦନ୍ତ ଚଳାଇଛି।

■ ଦଳବିରୋଧୀ କାର୍ଯ୍ୟ

# ଉମରକୋଟ ମ୍ୟୁନିସିପାଲିଟି ଉପାଧ୍ୟକ୍ଷ ବିଜେଡିରୁ ନିଲମ୍ବିତ

ଭୁବନେଶ୍ୱର,୬।୯(ସମିସ): ଦଳ ବିରୋଧୀ ଗତିବିଧିରେ ସମ୍ପୃକ୍ତି ଥିବା କାରଣରୁ ନବରଙ୍ଗପୁର ଜିଲ୍ଲା ଉମରକୋଟ ମ୍ୟୁନିସିପାଲିଟି ଉପାଧ୍ୟକ୍ଷ ସୁଧାଂଶୁ ଦାସ ବିଜେଡିରୁ ନିଲମ୍ବିତ ହୋଇଛନ୍ତି। ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଉପ ସଭାପତି(ମୁଖ୍ୟାଳୟ) ପ୍ରତାପ ଜେନାଙ୍କ ଦସ୍ତଖତରେ ଦଳୀୟ କାର୍ଯ୍ୟାଳୟରୁ ଶନିବାର ଏନେଇ ନିର୍ଦ୍ଦେଶନାମା ପ୍ରକାଶ ପାଇଛି।

### ନବୀନ ନିବାସରେ ବିଜେଡିର ପିଏସି ବୈଠକ

# ତୃଣମୂଳରୁ ସୁଦୃଢ଼ ହେବ ସଂଗଠନ



ଭୁବନେଶ୍ୱର,୬।୯(ସମିସ): ଶନିବାର ନବୀନ ନିବାସରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି ଦଳର ରାଜନୈତିକ ବ୍ୟାପାର କମିଟି(ପିଏସି) ବୈଠକ। ତୃଣମୂଳସ୍ତରରୁ ଦଳକୁ ଅଧିକ ସୁଦୃଢ଼ କରାଯିବା ସହ ଯୁବ-ଛାତ୍ର-ମହିଳା ଟିମ୍ ମିଳିତ ଭାବରେ ନିଜନିଜ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଏହ ଅବସରରେ ଦଳୀୟ ନେତାଙ୍କୁ ନବୀନ ପରାମର୍ଶ ଦେଇଥିବା ସୂଚନା ଦେଇଛନ୍ତି କମିଟିର ସଦସ୍ୟ ପ୍ରମିଳା ମଲ୍ଲିକ।

ଶ୍ରୀମତୀ ମଲ୍ଲିକ କହିଛନ୍ତି ଯେ ନିକଟରେ ସଭାପତି ଦଳର ଛାତ୍ର, ଯୁବ ଓ ମହିଳା ଟିମ୍ ଗଠନ କରିଛନ୍ତି। ବୈଠକରେ ଏହି ତିନି ଛାମୁଆ ସଙ୍ଗଠନ କିପରି ସକ୍ରିୟ ଭାବରେ ତୃଣମୂଳସ୍ତରରୁ କାମ କରିବେ, ସେ ସମ୍ପର୍କରେ ଦଳର ସଭାପତି ପରାମର୍ଶ ଦେଇଛନ୍ତି। ସେହିପରି ଆସନ୍ତା ବିଧାନସଭାରେ ସରକାରଙ୍କ ବିଫଳତା ଓ ଅପାରଗତାକୁ କିପରି ଶାଣିତ ଭାବରେ ଉପସ୍ଥାପନ କରାଯିବ ସେ ସଂକ୍ରାନ୍ତରେ ମଧ୍ୟ ସଭାପତି ଆମମାନଙ୍କୁ ପରାମର୍ଶ ଦେଇଛନ୍ତି ବୋଲି ପ୍ରମିଳା କହିଛନ୍ତି। ଏହା ସହ ରାଜ୍ୟର ରାଜନୈତିକ ସ୍ଥିତି ଓ ଦଳର ଆଗାମୀ ପଦକ୍ଷେପ ସହ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଥିବା ମଧ୍ୟ ସୂଚନା ମିଳିଛି। ଏହି ବୈଠକରେ ପିଏସି ସଦସ୍ୟ ତଥା ଦଳର ବରିଷ୍ଠ ଉପ ସଭାପତି ଦେବୀ ପ୍ରସାଦ ମିଶ୍ର, ନବୀନଙ୍କ ରାଜନୈତିକ ସଚିବ ସଂନ୍ତୃପ୍ତ ମିଶ୍ର, ବରିଷ୍ଠ ନେତା ନିରଞ୍ଜନ ପୂଜାରୀ, ପ୍ରଣବ ପ୍ରକାଶ ଦାସ, ସଞ୍ଜୟ କୁମାର ଦାସବର୍ମା, ସୁଦାମ ମାର୍ଣ୍ଡି ଓ ଟୁକୁନି ସାହୁ ପ୍ରମୁଖ ଯୋଗ ଦେଇଥିଲେ।

### ଗଣେଶ ଭସାଣି ବେଳେ ଅଘଟଣ

# ହୃଦ୍‌ଘାତରେ ଚାଲିଗଲା ୨ ଜୀବନ

ରାୟଗଡ଼ା/ କଲ୍ୟାଣସିଂହପୁର, ୬।୯(ସମିସ): ଗଣେଶ ବିସର୍ଜନ ବେଳେ ହୃଦ୍‌ଘାତରେ ଚାଲିଗଲା ୨ ଜୀବନ। ଗତ ୨୪ ଘଣ୍ଟାରେ ରାୟଗଡ଼ା ଜିଲ୍ଲାରେ ପୃଥକ୍ ପୃଥକ୍ ସ୍ଥାନରେ ଏପରି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ରାୟଗଡ଼ା ସହର ରାମକୃଷ୍ଣ ନଗର ପୋଷ୍ଟ ଅଫିସ୍ ଲାଇନର ବାସିନ୍ଦା ଚନ୍ଦ୍ର ଖରାଙ୍କ ପୁଅ ସୂରଜ ଖରା (୨୮) ଏବଂ କଲ୍ୟାଣସିଂହପୁର ବ୍ଲକ ମାଝୀଗୁଡ଼ା ଗ୍ରାମର ଜାଡି ବେଣୁଗୋପାଳ। ବିସର୍ଜନ ଶୋଭାଯାତ୍ରାରେ ସୂରଜ ନାଚୁନାଚୁ ଗଳି ପଡ଼ିଥିବା ବେଳେ ଡିଜେର ଅତ୍ୟଧିକ ଶବ୍ଦ ବେଣୁଗୋପାଳଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି।

ସୂଚନାନୁଯାୟୀ, ଗତକାଲି ରାୟଗଡ଼ା ସହରସ୍ଥିତ ରାମକୃଷ୍ଣନଗର ନବମ ଲାଇନରେ ଗଣେଶ ଭସାଣି ଶୋଭାଯାତ୍ରା ଚାଲିଥିଲା। ଶୋଭାଯାତ୍ରାରେ ସୂରଜ ନାଚିନାଚି ଯାଉଥିବା ବେଳେ ହଠାତ୍ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାୟଗଡ଼ା ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର






କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ପ୍ରସନ୍ନ ବେହେରା ସୂଚନା ଦେଇଛନ୍ତି।

ସେହିପରି ଆଜି ସଂଧ୍ୟା ପ୍ରାୟ ୬ଟାରେ କଲ୍ୟାଣସିଂହପୁର ବ୍ଲକ୍ ମାଝୀଗୁଡ଼ା ଗ୍ରାମରେ ଗଣେଶ ଭସାଣି ଚାଲିଥିଲା। ଶୋଭଯାତ୍ରାରେ ଜାଡି ବେଣୁଗୋପାଳ ସାମିଲ ଥିଲେ। ତେବେ ଅତ୍ୟଧିକ ଡିଜେ ସାଉଣ୍ଡ ଯୋଗୁଁ ବେଣୁଗୋପାଳଙ୍କ ହୃଦ୍‌ଘାତ ହୋଇଥିଲା ଏବଂ ସେ ଘଟଣାସ୍ଥଳରେ ଟଳି ପଡ଼ିଥିଲେ।

# ଆଜି ରାଜ୍ୟବ୍ୟାପୀ ବର୍ଷା

ଭୁବନେଶ୍ୱର, ୬।୯ (ସମିସ): ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରେ ଅଳ୍ପ ବହୁତେ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଶନିବାର ଏ ସଂକ୍ରାନ୍ତରେ ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ରବିବାର ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି। ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ପ୍ରବଳ ବର୍ଷା ସାଙ୍ଗକୁ ବିଜୁଳି ଓ ଘଡଘଡିର ସମ୍ଭାବନା ରହିଛି। ଏଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଉପରୋକ୍ତ ୫ ଜିଲ୍ଲା ବ୍ୟତୀତ ଅନ୍ୟ ୨୫ଟି ଜିଲ୍ଲାରେ ବର୍ଷା ସାଙ୍ଗକୁ ବିଜୁଳି, ଘଡଘଡିର ସମ୍ଭାବନା ଅଛି। ସୋମବାର ବର୍ଷାର ବିସ୍ତୃତି ସାମାନ୍ୟ ହ୍ରାସ ପାଇବ, ମାତ୍ର ମଙ୍ଗଳବାର ଓ ବୁଧବାର ବର୍ଷାର ବିସ୍ତୃତି ବଢ଼ିବ। ଉକ୍ତ ୨ ଦିନ ରାଜ୍ୟର ପ୍ରାୟ ସମସ୍ତ ଅଞ୍ଚଳରେ ବର୍ଷା ହେବାର ସମ୍ଭାବନା ଥିବାବେଳେ ଗୁରବାରଠାରୁ ପାଗରେ ପରିବର୍ତ୍ତନ ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଅପରପକ୍ଷେ ଶନିବାର ପାଣିପାଗ କେନ୍ଦ୍ର ପ୍ରଦତ୍ତ ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ରାଜ୍ୟର ୩ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ବୌଦ୍ଧରେ ସର୍ବାଧିକ ୮୯ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ଡୁଙ୍ଗୁରିପାଲୀରେ ୮୦ ମିମି, ବଲାଙ୍ଗୀରରେ ୭୫ ମିମି, କୋଟଗଡରେ ୬୨ ମିମି ବର୍ଷା ରେକର୍ଡ କରାଯାଇଛି।



**୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ**

**ଗୁରୁବାରରୁ ବଦଳିବ ପାଗ**

### ଦ୍ୱାପରର ପ୍ରତିଶୋଧ 'କଳି'ରେ ନେଲେ ଇନ୍ଦ୍ର

# ଗିରି ଗୋବର୍ଦ୍ଧନ ପୂଜା ବେଳେ ବଜ୍ରପାତ; ୫୦ ଆହତ

ଦେବଗଡ଼/କଣିହାଁ, ୬।୯ (ସମିସ): ଦ୍ୱାପରର ପରାଜୟର ପ୍ରତିଶୋଧ 'କଳି'ରେ ନେଲେ ଦେବରାଜ ଇନ୍ଦ୍ର। ଗିରିଗୋବର୍ଦ୍ଧନ ପୂଜା ବେଳେ ବଜ୍ରପାତ କଲେ। ଦେବଗଡ଼ ଜିଲ୍ଲାରେ ଆଜି ଏପରି ଏକ ଚର୍ଚ୍ଚା ଜୋର୍ ଧରିଛି। ଦେବଗଡ଼ ଜିଲ୍ଲା

**୩ ଗୁରୁତରଙ୍କ ଚେତା ଫେରିନି**

ରିଆମାଳ ବ୍ଲକ୍ କୁଣ୍ଢେଇଗୋଲା ଥାନା ପରା ପଞ୍ଚାୟତ ଅନ୍ତର୍ଗତ ଜରାଛାଟ ଗାଁରେ ଆଜି ବଜ୍ରପାତରେ ୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଆହତ ହେବା ଏଭଳି ଏକ ଚର୍ଚ୍ଚାକୁ ବଳ ଦେଇଛି। ଆହତମାନଙ୍କୁ ନିକଟସ୍ଥ କଣିହାଁ, ଛେଣ୍ଡିପଦା ଓ କୋସଳା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଆହତମାନଙ୍କ ମଧ୍ୟରୁ ରାକେଶ ସାହୁ, ବିକାଶ ବିଶ୍ୱାଳ ଓ କଣିହାଁ ଅଞ୍ଚଳର ଅନ୍ୟ ଜଣେ ବ୍ୟକ୍ତିଙ୍କ ସଂଜ୍ଞା ଫେରିନଥିବା ଜଣାପଡ଼ିଛି।

ସୂଚନାନୁଯାୟୀ, ଜରାଛାଟ ଗାଁ କମିଟି ଆନୁକୂଲ୍ୟରେ ଆଜି ଗାଁରେ ଥିବା ଚିତ୍ରକୂଟ ପର୍ବତରେ ଗିରିଗୋବର୍ଦ୍ଧନ ପୂଜା ଆୟୋଜନ କରାଯାଇଥିଲା। କଣିହାଁ ଅଞ୍ଚଳରେ ଥିବା





ଚାଙ୍ଗୁଡ଼ିଆ ମଠର ବାବା ଚନ୍ଦ୍ରଶେଖର ପୂଜକ ଭାବେ ଚିତ୍ରକୂଟ ପର୍ବତ ଉପରେ ପୂଜା ଓ ଯଜ୍ଞ ପାଇଁ ପ୍ରସ୍ତୁତି ଚଳାଇଥିଲେ। ଅପରାହ୍ଣ ପ୍ରାୟ ୪ଟାରେ ପାହାଡ଼ ଉପରେ ଗିରିପୂଜା ଦେଖିବା ପାଇଁ ଗାଁରୁ ପ୍ରାୟ ୭୦/୮୦ଜଣ ମହିଳା ପୁରୁଷ ଓ ଶିଶୁ ଉପସ୍ଥିତ ଥିଲେ। ପୂଜା ଆରମ୍ଭ ହେବାର ମାତ୍ର କିଛି ସମୟ ପରେ ଆକାଶରେ କଳାହାଣ୍ଡିଆ ମେଘ ମାଡ଼ି ଆସିବା ସହ ପ୍ରବଳ ଘଡ଼ଘଡ଼ି ଓ ବଜ୍ରପାତ ହୋଇଥିଲା। ଏଥିରେ ପାହାଡ଼ ଉପର ପୂଜାସ୍ଥଳୀ ନିକଟରେ ଥିବା ୪୦/୫୦ଜଣ ସଂଜ୍ଞାହୀନ ହୋଇପଡ଼ି ଯାଇଥିଲେ। ଏହାକୁ ନେଇ ସେଠାରେ ଭୟର ବାତାବରଣ ଖେଳିଯାଇଥିଲା। ମାତ୍ର, ପୂଜକ ଚନ୍ଦ୍ରଶେଖର ବାବା ଗାଁ କମିଟି ସଭାପତି ତ୍ରିବିକ୍ରମ ସାହୁ ଓ ସମ୍ପାଦକ ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ବର୍ତ୍ତି ଯାଇଥିବାରୁ ସେମାନେ ଘଟଣା ସମ୍ପର୍କରେ ଗାଁ ଲୋକଙ୍କୁ ଖବର ଦେବା ସହ ଆମ୍ବୁଲାନ୍ସକୁ ଡାକିଥିଲେ। ମାତ୍ର ଆମ୍ବୁଲାନ୍ସ ନ ଆସିବାରୁ ପରା ପଞ୍ଚାୟତର ପୂର୍ବତନ ସରପଞ୍ଚ ତପନ ସାହୁ ବୋଲେରୋ ଯୋଗେ ଗୁରୁତର ଭାବେ ଆହତଙ୍କୁ ପାହାଡ଼ରୁ ୪ କିମି ତଳକୁ ଆଣି ଭିନ୍ନଭିନ୍ନ ଡାକ୍ତରଖାନାକୁ ପଠାଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ କୁଣ୍ଢେଇଗୋଳା ପୁଲିସ ନିକଟରେ କୌଣସି ସୂଚନା ନଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

### ପୁଣି ଇସ୍କନ୍ ଉପରେ ବର୍ଷିଲେ ଗଜପତି

# ନୀତି, ପରମ୍ପରା ନ ମାନିଲେ ଆଇନର ଆଶ୍ରୟ ନେବୁ: ଗଜପତି

ଭୁବନେଶ୍ୱର, ୬।୯ (ସମିସ): ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରଚାର କରିବା ଭଲ; କିନ୍ତୁ ଅଦିନରେ କଲେ ମଙ୍ଗଳ ନୁହେଁ। ଶନିବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ରାଜ୍ୟ ଅତିଥି ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୁରୀ ଗଜପତି ମହାରାଜ ଦିବ୍ୟସିଂହଦେବ ଏପରି କହିବା ସହ ଇସ୍କନର କାର୍ଯ୍ୟଶୈଳୀ ଉପରେ ଭୀଷଣ ବର୍ଷିଛନ୍ତି।

ଗଜପତି କହିଛନ୍ତି ଯେ ମହାପ୍ରଭୁଙ୍କ ସବୁ ନୀତି ନିଜେ ମହାପ୍ରଭୁ ନିର୍ଦ୍ଧାରଣ କରିଛନ୍ତି। କିନ୍ତୁ ଇସ୍କନ ବାରମ୍ବାର ଏହାକୁ ଉଲ୍ଲଂଘନ କରିଆସୁଛି। ନୀତି ଓ ପରମ୍ପରାକୁ ନ ମାନିଲେ ଆମେ ବାଧ୍ୟ ହୋଇ ଆଇନର ଆଶ୍ରୟ ନେବୁ। ପଶ୍ଚିମବଙ୍ଗର ମାୟାପୁରୀରେ ଥିବା ଇସ୍କନ କାର୍ଯ୍ୟାଳୟ କର୍ତ୍ତୃପକ୍ଷଙ୍କୁ ୧୦୦ ପୃଷ୍ଠା ବିଶିଷ୍ଟ ଏକ ରିପୋର୍ଟ ପଠାଯାଇଛି। ଇସ୍କନ କ'ଣ ଉତ୍ତର ଦେଉଛି, ତାହାକୁ ଅପେକ୍ଷା କରାଯାଇଛି। ସେ ଆହୁରି କହିଥିଲେ, ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଉପରେ ଯଦି ପଡ଼ିବେ, ୫୦ବର୍ଷ ଧରି ଇସ୍କନ ଭୁଲ୍ କାମ କରିଆସୁଛି। ବିଦେଶରେ ଯେତେବେଳେ ରଥଯାତ୍ରା ଆରମ୍ଭ ହୋଇଥିଲା, ପୁରୀ ପରମ୍ପରା ଅନୁସାରେ ଅନୁଷ୍ଠିତ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ବିଭ୍ରାଟ ଦେଖାଯାଇଥିଲା। ଅଳ୍ପ କିଛି ସ୍ଥାନରେ ପୁରୀ ସହ ସ୍ନାନଯାତ୍ରା ଓ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ଏବେ ଅନେକ ସ୍ଥାନରେ ରଥଯାତ୍ରା ତିଥି ବାହାରେ ଆୟୋଜନ ହେଉଛି।

୨୦୨୧ ଜୁଲାଇ ୨୧ରେ ଇସ୍କନ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିଲେ ଯେ ଭାରତ ଭିତରେ ପୁରୀ ପରମ୍ପରା ସହିତ ରଥଯାତ୍ରାର ଆୟୋଜନ କରାଯିବ। କିନ୍ତୁ ଚଳିତବର୍ଷ ଭାରତ ଭିତରେ ଏହାର ଉଲ୍ଲଂଘନ କରାଯାଇଛି। ସେହିପରି ଚଳିତବର୍ଷ ବିଦେଶରେ ୬୮ଟି ସ୍ଥାନରେ ଅଦିନିଆ ରଥଯାତ୍ରା ପାଳନ କରାଯାଇଛି। ଇସ୍କନ ସହ ଯୋଗାଯୋଗ କରିବାରୁ ଜାଣିବାକୁ ପାଇଲୁ ଯେ, ସ୍ନାନଯାତ୍ରାରେ ମଧ୍ୟ ଏଭଳି ବିଭ୍ରାଟ ଦେଖାଯାଉଛି। ଜୁଲାଇ ପର୍ଯ୍ୟନ୍ତ ଦେଶରେ ୪୦ଟି ସ୍ଥାନରେ ସ୍ନାନଯାତ୍ରା ଆୟୋଜନ କରାଯାଇଛି। ଅନେକ ଚିଠି ସତ୍ତ୍ୱେ ଇସ୍କନ ପକ୍ଷରୁ ଭାରତ ବାହାରେ ଅଦିନିଆ ସ୍ନାନଯାତ୍ରା ଓ ରଥଯାତ୍ରା ଆୟୋଜନ କରାଯାଉଛି। ମହାପ୍ରଭୁଙ୍କ ସ୍ନାନଯାତ୍ରା ଜ୍ୟେଷ୍ଠ ପୂର୍ଣ୍ଣିମା ଓ ରଥଯାତ୍ରା ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟ ତିଥିରେ ଆୟୋଜନ କରିବାକୁ ଏକ ପ୍ରସ୍ତାବ ଦିଆଯାଇଛି। ତେଣୁ ଏହା ଉପରେ ଇସ୍କନ ଉପଯୁକ୍ତ ପଦକ୍ଷେପ ନିଅନ୍ତୁ ବୋଲି ଗଜପତି ମହାରାଜ ପରାମର୍ଶ ଦେଇଛନ୍ତି।



**"ଭଗବାନ କୃଷ୍ଣଙ୍କ ପ୍ରଚାର କରିବା ଭଲ; ଅଦିନରେ କଲେ ମଙ୍ଗଳ ନୁହେଁ"**

**ନୀତି ଅନୁଯାୟୀ ପରମ୍ପରା ପାଳନ କରିବାକୁ ଇସ୍କନକୁ ଏକ ମାସର ମହଲତ**

ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଥିଲେ, ଇସ୍କନ ପକ୍ଷରୁ ବିଦେଶରେ ଆୟୋଜିତ ଅଦିନିଆ ସ୍ନାନଯାତ୍ରା ଓ ରଥଯାତ୍ରା ଆଦୌ ଗ୍ରହଣୀୟ ନୁହେଁ। ପୁରୀ ସହ ଦେଶ-ବିଦେଶରେ ରଥଯାତ୍ରା ଓ ସ୍ନାନ ଯାତ୍ରା ଗୋଟିଏ ଦିନରେ ହେବା ଉଚିତ। ମହାପ୍ରଭୁଙ୍କ ସ୍ନାନଯାତ୍ରା ପୂର୍ବରୁ ଇସ୍କନ ପକ୍ଷରୁ ୧୮ଟି ସ୍ଥାନରେ ସ୍ନାନଯାତ୍ରା କରାଯାଇଥିଲା। ଇସ୍କନ ପକ୍ଷରୁ ମିଳିଥିବା ଦସ୍ତାବିଜ୍ ଅନୁଧ୍ୟାନ ପରେ ଏହା ଜଣାଯାଇଛି। କିନ୍ତୁ ଇସ୍କନର ଏହି ପଦକ୍ଷେପ ଆଦୌ ଗ୍ରହଣୀୟ ନୁହେଁ ବୋଲି ଶ୍ରୀ ପାଢ଼ୀ କହିଛନ୍ତି।

ଶାସ୍ତ୍ର ତଥା ପରମ୍ପରା ବିରୋଧୀ ଇସ୍କନର ଏହି କାର୍ଯ୍ୟକୁ ଜଗତଗୁରୁ ଶଙ୍କରାଚାର୍ଯ୍ୟ ଶ୍ରୀ ନିଶ୍ଚଳାନନ୍ଦ ସରସ୍ୱତୀ ମଧ୍ୟ ଘୋର୍ ନିନ୍ଦା କରିଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ ପବିତ୍ର ସ୍ନାନଯାତ୍ରା ଏବଂ ରଥଯାତ୍ରା ପାଳନ କରିବାରେ ଇସ୍କନ କର୍ତ୍ତୃପକ୍ଷ ବାରମ୍ବାର ଶାସ୍ତ୍ର ଏବଂ ପରମ୍ପରାକୁ ଅମାନ୍ୟ ତଥା ଅସମ୍ମାନ କରିବା ସମଗ୍ର ବିଶ୍ୱର କୋଟିକୋଟି ଶ୍ରୀଜଗନ୍ନାଥ ପ୍ରେମୀଙ୍କ ଧର୍ମୀୟ ଭାବନାକୁ କୁଠାରାଘାତ କରୁଛି। ଏଭଳି ପରିସ୍ଥିତିରେ ଶାସ୍ତ୍ର ତଥା ପ୍ରଚଳିତ ପରମ୍ପରା ଅନୁସାରେ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଯାହା ସମସ୍ତ ଇସ୍କନ ମନ୍ଦିର ତଥା କେନ୍ଦ୍ରରେ ପାଳନ କରିବାକୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ (ଏକ ମାସ ମଧ୍ୟରେ) ଇସ୍କନର ଗଭର୍ଣ୍ଣିଂ ବଡି କମିଶନ୍ (ମାୟାପୁର)ଙ୍କୁ ପୁଣି ଥରେ ଅନୁରୋଧ କରିଯାଇଛି। ସାମ୍ବାଦିକ ସମ୍ମିଳନୀରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଓ ବିଦ୍ୱାନ୍, ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।

■ ସାଇନ୍ସ ସିଟି ନିର୍ମାଣ ପାଇଁ ସରକାର ତତ୍ପର

# ପାଟନା ଅବଦୁଲ କଲାମ ସାଇନ୍ସ ସିଟିରୁ ଆସିବେ ସ୍ୱତନ୍ତ୍ର ଅଧିକାରୀ

ଭୁବନେଶ୍ୱର, ୬।୯ (ସମିସ): ରାଜ୍ୟରେ ସାଇନ୍ସ ସିଟି ନିର୍ମାଣ ପାଇଁ ପ୍ରକ୍ରିୟା ଜାରି ରହିଛି। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ମର୍ମରେ ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଅନ୍ୟ ରାଜ୍ୟକୁ ଯାଇ ସେଠାରେ ଥିବା ସାଇନ୍ସ ସିଟିର ନିର୍ମାଣ ଶୈଳୀ ଓ କାର୍ଯ୍ୟଦକ୍ଷତା ମଧ୍ୟ ଅନୁଧ୍ୟାନ କରୁଛନ୍ତି। ଗତ ସପ୍ତାହରେ ବିଭାଗୀୟ ମନ୍ତ୍ରୀ ଶ୍ରୀ ପାତ୍ର ବିହାର ଗସ୍ତ କରି ପାଟନାସ୍ଥିତ ଡ. ଏପିଜେ ଅବଦୁଲ କଲାମ ସାଇନ୍ସ ସିଟି ପରିଦର୍ଶନ କରିଥିଲେ। ଏହି ଗସ୍ତ ସମୟରେ ସେ ବିହାରର ଦୁଇ ଉପମୁଖ୍ୟମନ୍ତ୍ରୀ ବିଜୟ କୁମାର ସିହ୍ନା ଓ ସମ୍ରାଟ ଚୌଧୁରୀଙ୍କୁ ସାକ୍ଷାତ କରି ଏହି ପ୍ରସଙ୍ଗରେ ଆଲୋଚନା କରିଥିଲେ। ଭୁବନେଶ୍ୱରରେ ୧୦୦ ଏକର ଜାଗାରେ ନିର୍ମାଣ ହେବାକୁ ଥିବା ଉକ୍ତ ସାଇନ୍ସ ସିଟିରେ ଆଧୁନିକ ପ୍ରଦର୍ଶନୀ, ନିମଜ୍ଜିତ ଶିକ୍ଷଣ ସ୍ଥାନ ଏବଂ ଗବେଷଣା ସୁବିଧା ରହିବ। ସାଇନ୍ସ ସିଟି ନିର୍ମାଣ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯିବ। ବିହାର ରାଜ୍ୟର ସ୍ୱତନ୍ତ୍ର ଅଧିକାରୀଙ୍କୁ ଆମ ରାଜ୍ୟକୁ ଆମନ୍ତ୍ରଣ କରାଯିବ। ଆବଶ୍ୟକ ଅନୁସାରେ ସେମାନଙ୍କ ପରାମର୍ଶ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ଓଡ଼ିଶା ଛାଡୁଛନ୍ତି ଗୋଟିଏ ପରେ ଗୋଟିଏ ଶିଳ୍ପାନୁଷ୍ଠାନ: ବିଜେଡି

ଭୁବନେଶ୍ୱର,୬।୯(ସମିସ): ପ୍ରତିଷ୍ଠିତ ଶିଳ୍ପ ଅନୁଷ୍ଠାନମାନେ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା କରିବାକୁ ବିଶେଷ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି ରାଜ୍ୟ ସରକାର ଏବେ ଡିଣ୍ଡିମ ପିଟୁଛନ୍ତି। ମାତ୍ର ପୂର୍ବ ସରକାରଙ୍କ ସମୟରେ ଚୁକ୍ତିବଦ୍ଧ ହୋଇଥିବା ଗୋଟିଏ ପରେ ଗୋଟିଏ ଶିଳ୍ପ ଅନୁଷ୍ଠାନ ଓଡ଼ିଶା ଛାଡୁଛନ୍ତି ବୋଲି ଉଲ୍ଲେଖ କରି କ୍ଷୋଭ ପ୍ରକାଶ କରିଛି ବିଜେଡି। ୨୦୨୩ ମସିହାରେ ରାଜ୍ୟ ସରକାରଙ୍କ ସହ ବୁଝାମଣା ପତ୍ର ସ୍ୱାକ୍ଷରିତ କରିଥିବା ସେମିକଣ୍ଡକ୍ଟର କମ୍ପାନୀ ଏସଆରଏଏମ ଆଣ୍ଡ ଏମଆରଏଏମ କାରଖାନା ସ୍ଥାପନ ନିମନ୍ତେ ଆନ୍ଧ୍ରପ୍ରଦେଶ ସରକାରଙ୍କ ସହ ଚୁକ୍ତି ପରେ ଏହି କମ୍ପାନୀ ଓଡ଼ିଶା ଛାଡିବା ସ୍ପଷ୍ଟ ହୋଇଛି। ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦିଲ୍ଲୀ ଗସ୍ତ ସମୟରେ ଦୁଇଟି ନୂଆ ସେମିକଣ୍ଡକ୍ଟର କମ୍ପାନୀ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା କରିବେ ବୋଲି ସୂଚନା ଦେଇଥିଲେ; କିନ୍ତୁ ମୁଖ୍ୟମନ୍ତ୍ରୀ ଦିଲ୍ଲୀରୁ ଫେରିବା ବେଳକୁ ପୂର୍ବରୁ ଚୁକ୍ତି କରିଥିବା ଗୋଟିଏ ସେମିକଣ୍ଡକ୍ଟର କମ୍ପାନୀ ଓଡ଼ିଶା ଛାଡୁଥିବା ଖବର ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି ବୋଲି କହିଛି ବିଜେଡି।



**ସେମିକଣ୍ଡକ୍ଟର କମ୍ପାନୀ ଏସଆରଏଏମ ଆଣ୍ଡ ଏମଆରଏଏମ ସଦ୍ୟତମ ନମୁନା**

**ଜେଏସ୍‌ଡବ୍ଲୁ ଇଭି ଓ ଆର୍ସେଲର ମିତ୍ତଲ ମଧ୍ୟ ଅନ୍ୟ ରାଜ୍ୟ ସହିତ ଚୁକ୍ତି କରିଛନ୍ତି**

ଶନିବାର ବିଧାୟକ ତଥା ଦଳର ସାଧାରଣ ସମ୍ପାଦକ ତୁଷାରକାନ୍ତି ବେହେରା କହିଛନ୍ତି ଯେ ସେମିକଣ୍ଡକ୍ଟର କମ୍ପାନୀ ଏସଆରଏଏମ ଆଣ୍ଡ ଏମଆରଏଏମ ଓଡ଼ିଶାରେ ୩୦୦୦୦ କୋଟି ନିବେଶରେ ଶିଳ୍ପ ପ୍ରତିଷ୍ଠା ପାଇଁ ଏକ ବୁଝାମଣା କରିଥିଲା। ଗଞ୍ଜାମ ଜିଲ୍ଲାର ଛତ୍ରପୁର ଅଞ୍ଚଳରେ ଏହି ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରାୟ ୭୦୦ ଏକର ଜମି ଚିହ୍ନଟ ହୋଇଥିଲା। କିନ୍ତୁ ଏବେ ସେହି କମ୍ପାନୀ ଆନ୍ଧ୍ର ପ୍ରଦେଶରେ କମ୍ପାନୀ ପ୍ରତିଷ୍ଠା କରିବା ପାଇଁ ଆନ୍ଧ୍ର ସରକାରଙ୍କ ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରିଛି। ଏହା ପୂର୍ବରୁ ଓଡ଼ିଶା ସରକାରଙ୍କ ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରିଥିବା ଜେଏସଡବ୍ଲୁ ଇଭି ଓ ଆର୍ସେଲର ମିତ୍ତଲ ଇସ୍ପାତ ପ୍ରକଳ୍ପ ଯଥାକ୍ରମେ ମହାରାଷ୍ଟ୍ର ଓ ଆନ୍ଧ୍ର ପ୍ରଦେଶ ସରକାରଙ୍କ ସହିତ ବୁଝାମଣା ସ୍ୱାକ୍ଷର କରିଛନ୍ତି।

ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା କହିଛନ୍ତି ଯେ ରାଜ୍ୟର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଖୋର୍ଦ୍ଧା ଠାରେ ସାଇନ୍ସ ସିଟି ପ୍ରତିଷ୍ଠା ହେବ ବୋଲି କରିଥିବା ଘୋଷଣା ବାସ୍ତବରେ ନବୀନ ସରକାରଙ୍କ ସମୟରେ ରୂପ ଦିଆଯାଇଥିଲା। ଖୋର୍ଦ୍ଧା ନିକଟବର୍ତ୍ତୀ ବରୁଣେଇ ଅଞ୍ଚଳରେ ୫୦ ଏକର ଜମିରେ ସାଇନ୍ସ ସିଟି ନିର୍ମାଣ କରିବା ପାଇଁ ନବୀନ ସରକାର ନୀତିଗତ ଭାବେ ନିଷ୍ପତ୍ତି ନେବା ସହିତ ଆବଶ୍ୟକୀୟ ଜମି ପ୍ରଦାନ କରାଯାଇଥିଲା। ସେହିପରି ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ସାଇନ୍ସ ପାର୍କ କମ୍ ପ୍ଲାନେଟୋରିଅମ ପ୍ରତିଷ୍ଠା ହେବା ପାଇଁ ନିଷ୍ପତ୍ତି ହୋଇଥିଲା।

# ହୀରାକୁଦ ବନ୍ଦକଲା ୮ ଗେଟ୍

**୧୬ ଗେଟ୍ ଦେଇ ଜଳ ନିଷ୍କାସନ ଜାରି**

ସମ୍ବଲପୁର, ୬।୯ (ସମିସ): ହୀରାକୁଦ ଜଳଭଣ୍ଡାରର ଉପରମୁଣ୍ଡରେ ବର୍ଷା କମିବା ପରେ ଆଜି ସକାଳୁ ପର୍ଯ୍ୟାୟକ୍ରମେ ୮ଟି ଗେଟ୍ ବନ୍ଦ କରାଯାଇଛି। ବର୍ତ୍ତମାନ ୧୬ଟି ଗେଟ୍ ଖୋଲା ରହିଛି। ଜଳଭଣ୍ଡାରକୁ ପ୍ରବେଶ ଜଳର ପରିମାଣ ଅନୁଯାୟୀ ପର୍ଯ୍ୟାୟକ୍ରମେ ଅଧିକ ଗେଟ୍ ବନ୍ଦ ହେବ ବୋଲି ଜଣାପଡ଼ିଛି।

ଶନିବାର ସନ୍ଧ୍ୟା ପ୍ରାୟ ୬ଟାରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୬.୩୭ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୧୧ଟି ଓ ଡାହାଣ ପାର୍ଶ୍ୱର ୫ଟି; ଏହିଭଳି ମୋଟ୍ ୧୬ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩,୩୮,୯୮୭ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୨,୯୪,୯୩୮ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨,୫୮,୬୫୬ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପାୱାର ଚେନାଲ ଦେଇ



୩୨,୦୦୫ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ପାଇଁ ୪,୦୩୪ ଘନଫୁଟ ଜଳ ନିଷ୍କାସିତ ହେଉଛି।

ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୨,୪୦୦ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପର୍ଥଲାଠାରେ ୩୩,୧୩୪ ଘନଫୁଟ, ଖଇରମାଲଠାରେ ୫,୩୪,୦୦୦ ଘନଫୁଟ, ବାରମୁଲଠାରେ ୪,୮୪,୫୦୦ ଘନଫୁଟ ଏବଂ ମୁଣ୍ଡଳୀଠାରେ ୪,୩୬,୮୦୩ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା। ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ଗତ ୨୪ଘଣ୍ଟା ମଧ୍ୟରେ ଉପରମୁଣ୍ଡରେ ୧.୨୦ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୮.୭୭ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୩.୨୭ ଫୁଟ୍ ରହିଥିଲା।

## ବାବା ଯୋଗେଶ୍ୱର ଧାମରୁ ମୂର୍ତ୍ତି ଚୋରି ଘଟଣା

# ଯୋଗୀସର୍ଡା ମନ୍ଦିର ସୁରକ୍ଷା ଉପରେ ପ୍ରଶ୍ନ

ବଲାଙ୍ଗିର/ଲୋଇସିଂହା,୬।୯ (ସମିସ)

ବଲାଙ୍ଗିର ତଥା ପଶ୍ଚିମଓଡିଶାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଯୋଗୀସର୍ଡା ମନ୍ଦିରରୁ ପୁରୁଣା ମୂର୍ତ୍ତି ଚୋରି ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଚୋରି ଘଟଣାର ତଦନ୍ତ ଲୋଇସିଂହା ପୁଲିସ ଆରମ୍ଭ କରିଛି। ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଥିବା ମନ୍ଦିର ଭିତରକୁ ପଶି ଚୋର କେମିତି ମୂର୍ତ୍ତି ଚୋରି କଲା ତାକୁ ନେଇ ପ୍ରଶ୍ନ ଉଠିଛି। ଚୋରି ହୋଇଥିବା ମୂର୍ତ୍ତି ବେଶ୍ ପୁରୁଣା। ଏହା ବିଭିନ୍ନ ପ୍ରକାର ଧାତୁରେ ତିଆରି ହୋଇଛି। ତେବେ ଏହି ଚୋରି ଘଟଣା ଏବେ ଅନେକ ବିଷୟକୁ ସନ୍ଦେହ ଘେରକୁ ଆଣିଛି।

ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ଯୋଗୀସର୍ଡା ଗାଁ ମଝିରେ ରହିଛି ବାବା ଯୋଗେଶ୍ୱରଙ୍କ ମନ୍ଦିର। ଏହା ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ମଧ୍ୟ ସ୍ଥାନ ପାଇଛି। ବର୍ଷସାରା ଏହି ମନ୍ଦିରରେ ଲୋକଙ୍କ ଭିଡ ଦେଖିବାକୁ ମିଳିଥାଏ। ଏହା ସହିତ ମନ୍ଦିରକୁ ନେଇ ରହିଥିବା ଟଣାଓଟରା ଘଟଣା ମଧ୍ୟ ସବୁବେଳେ ଚର୍ଚ୍ଚାରେ ରହିଥାଏ। ତେବେ ଗତ ଗୁରୁବାର ବିଳମ୍ବିତ ରାତିରେ ମନ୍ଦିର ଗର୍ଭଗୃହରୁ ଚୋରି ହୋଇଥିବା ନେଇ ଶୁକ୍ରବାର ସକାଳୁ ଅଭିଯୋଗ ହୋଇଥିଲା। ମନ୍ଦିର ଭିତରେ ଥିବା ବହୁ ପୁରାତନ ଶିବ, ପାର୍ବତୀଙ୍କ ମୂର୍ତ୍ତିକୁ କେହି ଚୋରି କରିଥିବା ନେଇ ଜଣାପଡିବା ପରେ

- **ସିସିଟିଭି ନାହିଁ କି ଜଗିବା ପାଇଁ ସୁରକ୍ଷା କର୍ମୀ ନାହାନ୍ତି**
- **ବର୍ଷସାରା ଗହଳି ସତ୍ତ୍ୱେ ବ୍ୟବସ୍ଥାକୁ ଅଣଦେଖା**

ଲୋଇସିଂହା ପୁଲିସ ତନାଘନା ଆରମ୍ଭ କରିଥିଲା। ସାଇଣ୍ଟିଫିକ ଟିମ୍ ଡକାଇ ତଦନ୍ତ କରାଯାଇଥିବା ବେଳେ ଏଯାଏଁ ଚୋରିକୁ ନେଇ କୌଣସି ସୁରାକ୍ ମିଳିପାରିନାହିଁ।

ଅନ୍ୟପକ୍ଷରେ ଏହି ଚୋରି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ କଥା ଆଲୋଚନା ହେଉଛି। ସତରେ ଏହି ଚୋରି ଘଟଣାରେ ପେଶାଦାର ଚୋରଙ୍କ ସଂପୃକ୍ତି ରହିଛି ନା ସ୍ଥାନୀୟ



ଛୋଟମୋଟ ଚୋରଙ୍କ ହାତ ରହିଛି। ଏହା ସହ ମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ ନେଇ ମଧ୍ୟ ପ୍ରଶ୍ନ ସୃଷ୍ଟି ହୋଇଛି। ଏହି ମନ୍ଦିରକୁ ପର୍ଯ୍ୟଟନ ମାନ୍ୟତା ମିଳିଥିବା ବେଳେ ଏହାର ଉନ୍ନତିକରଣ ପାଇଁ ସ୍ୱତନ୍ତ୍ର ଅନୁଦାନ ପ୍ରଦାନ କରାଯାଇଛି; କିନ୍ତୁ ଆଜି ପର୍ଯ୍ୟନ୍ତ ମନ୍ଦିରରେ ସିସିଟିଭି ବ୍ୟବସ୍ଥା ହୋଇନାହିଁ। ଏପରିକି ମନ୍ଦିରରେ ଶାନ୍ତଶୃଙ୍ଖଳା ରକ୍ଷା ଓ ଜଗିବା ପାଇଁ ସୁରକ୍ଷା କର୍ମୀ ମଧ୍ୟ ନିୟୋଜିତ ହୋଇନାହାନ୍ତି; ଯାହାକି ଅନ୍ୟ ପ୍ରସିଦ୍ଧ ଶୈବପୀଠରେ ପରିଚାଳନା କମିଟି ଦ୍ୱାରା ପୂର୍ବରୁ ହୋଇସାରିଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ମନ୍ଦିରର ଚାବି ମୁଖ୍ୟ ପୂଜକଙ୍କ ପାଖରେ ହିଁ ଥାଏ। ସେ ହିଁ ମନ୍ଦିର ଖୋଲି ନିଜେ ବନ୍ଦ କରିଥାନ୍ତି। ସେହି କାରଣରୁ ପୂଜକମାନେ ନିଜେ ମନ୍ଦିର ଜଗିବା କଥା; କିନ୍ତୁ ତାହା ମଧ୍ୟ ହେଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେବେ ମନ୍ଦିର ପରିଚାଳନାକୁ ନେଇ ବର୍ଷ ବର୍ଷ ହେଲା ବିବାଦ ରହିଆସିଛି। ସ୍ଥାନୀୟ ଗ୍ରାମବାସୀ ଟ୍ରଷ୍ଟ ଗଠନ କରି ମନ୍ଦିର ପରିଚାଳନା କରିବାକୁ ଦାବି କରୁଥିବା ବେଳେ ପୂଜକମାନେ ଏହାକୁ ବିରୋଧ କରିଆସୁଛନ୍ତି। ଏପରିକି ଏହି ଟ୍ରଷ୍ଟ ମାମଲା ବିବାଦରେ ଛନ୍ଦି ହୋଇ ରହିଛି। ଫଳରେ ଅନେକ ସମୟରେ ମନ୍ଦିରରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ଥାନାରେ ମାମଲା ଗଡୁଛି। କିଛି ମାସ ପୂର୍ବରୁ ମନ୍ଦିର ଚାରିପଟେ ଜବରଦଖଲ ଉଚ୍ଛେଦ ସମୟରେ ଗଣ୍ଡଗୋଳ ହୋଇଥିଲା। ମନ୍ଦିର ସାମ୍ନାରେ ଥିବା ଦୋକାନକୁ ଦୁର୍ବୃତ୍ତ ପୋଡିଦେଇଥିବା ବେଳେ ଏହି ମାମଲା ବେଶ୍ ବିବାଦୀୟ ହୋଇଥିଲା। ଏତେ ସବୁ ଘଟଣା ପରେ ବି ମନ୍ଦିରରେ ସିସିଟିଭି ନ ଲଗାଇବାକୁ ନେଇ ପ୍ରଶ୍ନ ଉଠିଛି। ତେବେ ଯଦି ସିସିଟିଭି ଲଗାଯାଇଥାନ୍ତା ତେବେ ହୁଏତ ଚୋରି କରିବାକୁ କେହି ସାହସ କରି ନ ଥାନ୍ତେ। ଏହିସବୁ ବିଷୟ ଏବେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଉକ୍ତ ଚୋରି ଘଟଣାକୁ ନେଇ ମଧ୍ୟ ଅନେକ କଥା ଗାଁରେ ଆଲୋଚନା ହେଉଛି। ଅନ୍ୟପକ୍ଷରେ ଏହି ଘଟଣାର ତଦନ୍ତ ଲୋଇସିଂହା ପୁଲିସ ଜାରି ରଖିଛି। ଶନିବାର ଏସଡିପିଓ ସରୋଜ ଉପାଧ୍ୟାୟ ମଧ୍ୟ ନିଜେ ମନ୍ଦିରକୁ ଯାଇ ଛାନଭିନ କରିଥିବା ଜଣାପଡିଛି।

## ମଦ ସହ ବାଇକ୍ ଜବତ, ଜଣେ ଅଭିଯୁକ୍ତ ଗିରଫ

ପାଟଣାଗଡ଼,୬।୯ (ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଘସିଏନ ବିଦେଶୀ ମଦ ଦୋକାନର ଜଣେ କର୍ମଚାରୀ ବେଆଇନ ଭାବେ ଅନ୍ୟ ଗ୍ରାମକୁ ବିଦେଶୀ ମଦ ଚୋରାଚାଲାଣ କରୁଥିବା ସମୟରେ ଧରା ପଡିଛି। ଲରମ୍ଭା ଥାନା ପୁଲିସ ତାକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଉଛି ଝାଡ଼ଖଣ୍ଡ ରାଜ୍ୟର ରାମସେବକ ସାହୁ। ଏଥିସହ ମଦ ଚୋରା ଚାଲାଣ ସମୟରେ ବ୍ୟବହୃତ ଏକ ନମ୍ବର ବିହୀନ ବାଇକ୍



**ଘସିଏନ ଏଫଏଲ୍ ସପ୍‌ରୁ ବିଦେଶୀ ମଦ ଚୋରା ଚାଲାଣ ବେଳେ ମାଡ଼ି ବସିଲା ପୁଲିସ**

ସହ ୨ ପେଟି ବିଅର ଓ ଶହେରୁ ଅଧିକ ବିଦେଶୀ ମଦ ବୋତଲ ଜବତ କରାଯାଇଛି। ବାଇକରେ ସେ ବେଆଇନ ଭାବେ ତମିଆଁ ଅଞ୍ଚଳକୁ ବିଦେଶୀ ମଦ ଚୋରା ଚାଲାଣ କରୁଥିଲେ। ଏହି ସମୟରେ ତମିଆଁ ପଟୁ ଘୁମେରକୁ ଯାଉଥିବା ୪ ଜଣ ଯୁବକ ତମିଆଁ ପାଖ ମୁଖ୍ୟ ରାସ୍ତାରେ ଅଟକାଇ ଲରମ୍ଭା ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ମଦ, ଏକ ନମ୍ବର ବିହୀନ ବାଇକ ଜବତ କରିଛି।

## ସିଦ୍ଧିବିନାୟକ ବିଦ୍ୟା ମନ୍ଦିରରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



ଟିଟିଲାଗଡ଼, ୬।୯ (ସମିସ): ଟିଟିଲାଗଡ ସିଦ୍ଧିବିନାୟକ ବିଦ୍ୟା ମନ୍ଦିରର ପୂର୍ବତନ ଛାତ୍ର ବିଷ୍ଣୁ ମାଝି ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଏବେ ସେ ବୁର୍ଲା ଭିଏସଏସ ମେଡିକାଲ କଲେଜରେ ଡାକ୍ତରୀ ପାଠ ପଢିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ତାଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠାନରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିଟିଲାଗଡ଼ ସହାୟକ ଜିଲ୍ଲାପାଳ ମଙ୍ଗଳ ସିଂଭୋଇ, ବରିଷ୍ଠ ସାମ୍ବାଦିକ ମାନସ ମହାନ୍ତି, ସଞ୍ଜୀବ ପଟ୍ଟନାୟକ, ବଲାଙ୍ଗୀର ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ଟିଟିଲାଗଡ଼ ବ୍ଲକ ଶାଖା ସଭାପତି ପଦ୍ମନ ପ୍ରଧାନୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ରମେଶ ଅଗ୍ରୱାଲ, ଆଦିବାସୀ ସଂଘ ଟିଟିଲାଗଡ଼ ନଗର ସଭାପତି ନିତ୍ୟାନନ୍ଦ ମାଝୀ, ଘାସିରାମ ମାଝୀ, ଇନ୍ଦ୍ରମଣି ମାଝୀ, ସୁଶୀଲ ଭୋଇ, ଶୁକଦେବ ପ୍ରଧାନୀ, ତପନ ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାଗୀରଥି ବିଶି ସଭା ପରିଚାଳନା କରିଥିଲେ। ପରିଚାଳନା କମିଟି ସଦସ୍ୟ ଲଳିତ ମୋହନ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ଦୀପାଞ୍ଜଳି ସାହୁ, ଉପ ପ୍ରଧାନଶିକ୍ଷକ ବିଶ୍ୱପତି ବିଶି, ଅଙ୍କିତା ମିଶ୍ର, ଚାନ୍ଦନୀ ଶର୍ମା, ରେଭେନ୍ୟୁ ବାଗ, ଦେବେନ୍ଦ୍ର ବନଛୋର, ଭୂପେନ୍ଦ୍ର ଗଡ଼ତିଆ, ଏମ. ବିଷୋୟୀ, ଶୁଚିସ୍ମିତା ପ୍ରଧାନ, ପ୍ରେମିକା ମାଝୀ, ସୀତା ପ୍ରଧାନୀ, ସ୍ୱାଭିମାନ ସାହୁ, ସୁନିଲ ତାଣ୍ଡି, ବୈଜୟନ୍ତୀ ମହାନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ବିଷ୍ଣୁ ହେଉଛନ୍ତି ମୁରିବାହାଲ ବ୍ଲକ୍ ଚଲକି ଗ୍ରାମର ଅଭିମନ୍ୟୁ ମାଝୀଙ୍କ ପୁଅ।

## କାମରେ ଆସୁନି ସୋଲାର ପାଣି ଟାଙ୍କି



ବଙ୍ଗୋମୁଣ୍ଡା,୬।୯ (ସମିସ): କୁଣ୍ଡାବୁଟଲା ପଞ୍ଚାୟତର ନଙ୍ଗଲାଯୁରିରେ ସରକାରୀ ଯୋଜନାରେ ସ୍ଥାପିତ ସୋଲାର ପାଣି ଟାଙ୍କି ୮ ମାସ ଧରି ଅଚଳ ଅବସ୍ଥାରେ ପଡ଼ିରହିଛି। ଗ୍ରାମବାସୀଙ୍କ କହିବାନୁସାରେ, ପାଣି ଟାଙ୍କିଟି ପ୍ରଥମେ ସ୍ଥାପିତ ହେବା ସମୟରେ ସମସ୍ତଙ୍କ ମନରେ ଖୁସିର ଲହରୀ ଦେଖା ଦେଇଥିଲା। କାରଣ ପୂର୍ବରୁ ପାଣି ପାଇବା ପାଇଁ ଗ୍ରାମବାସୀଙ୍କୁ ୧୨ କି.ମି. ଦୂର ପର୍ଯ୍ୟନ୍ତ ଚାଲିବାକୁ ପଡୁଥିଲା; କିନ୍ତୁ ପାଣିଟାଙ୍କିଟି ୮ ମାସରୁ ଅଧିକ ହେବ ଅଚଳ ହୋଇ ପଡ଼ିବା ପରେ ସେହି ଦୁର୍ଭାଗ ପୁଣିଥରେ ଆରମ୍ଭ ହୋଇଛି। ସ୍ଥାନୀୟ ମହିଳା କହିଛନ୍ତି ଯେ, ସକାଳେ ଘରୋଇ କାମ କରିବାକୁ ପାଣି ଦରକାର; କିନ୍ତୁ ଟାଙ୍କିରୁ ପାଣି ମିଳୁନି। ଏବେ ଦିନକୁ ଅନେକଥର ଦୂରରୁ ପାଣି ଆଣିବାକୁ ପଡୁଛି। ଗ୍ରାମବାସୀଙ୍କ ଅଭିଯୋଗ ଯେ, ଏହି ସମସ୍ୟାକୁ ଅନେକଥର ପଞ୍ଚାୟତ ସମ୍ମୁଖରେ ଉଠାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଶୀଘ୍ର ମରାମତି କରାଯାଇ କାର୍ଯ୍ୟକ୍ଷମ କରାଯାଉ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଯଦି ଶୀଘ୍ର କୌଣସି ପଦକ୍ଷେପ ନ ନିଆଯିବ ତେବେ ସେମାନେ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।

## ବଙ୍ଗୋମୁଣ୍ଡାରେ ନକଲି ସାର କଳାବଜାର

ବଙ୍ଗୋମୁଣ୍ଡା,୬।୯ (ସମିସ): ବଲାଙ୍ଗୀର ଜିଲ୍ଲାର ବଙ୍ଗୋମୁଣ୍ଡା ବ୍ଲକରେ ଗ୍ରାମୀଣ କୃଷକମାନେ ଗୁରୁତର ସମସ୍ୟା ସମ୍ମୁଖୀନ ହେଉଛନ୍ତି। ବ୍ୟାପକ ଭାବେ ନକଲି ସାର ବଣ୍ଟନ ହେବା ଓ କଳାବଜାର ହେଉଥିବା ସ୍ଥାନୀୟ କୃଷକଙ୍କ ପକ୍ଷରୁ ର ଅଭିଯୋଗ ଆସିଛି। କୃଷକମାନଙ୍କ କହିବା ଅନୁସାରେ, ସରକାରୀ ମୂଲ୍ୟରେ ସାର ମିଳିବାରୁ ବଞ୍ଚିତ ହୋଇ ସେମାନେ ବଜାରରୁ ବେଶୀ ଦାମ୍‌ରେ ସାର୍ କିଣିବାକୁ ବାଧ୍ୟ ହେଉଛନ୍ତି। କେତେକ ବ୍ୟାପାରୀ ସରକାରୀ ନିୟମକୁ ଅଣଦେଖା କରି ଦୁଇଗୁଣା ଓ କେତେକ ସମୟରେ ତିନିଗୁଣା ମୂଲ୍ୟରେ ସାର ବିକ୍ରି କରୁଥିବାରୁ କୃଷକମାନେ ଗଭୀର ଅର୍ଥନୈତିକ ଚାପରେ ପଡୁଛନ୍ତି। ଏହି ପରିସ୍ଥିତି ମଧ୍ୟରେ କୃଷି ଅଧିକାରୀ ଓ ବିଭାଗୀୟ କର୍ମଚାରୀ କାହିଁକି ନିରବ ରହିଛନ୍ତି ବୋଲି ସେମାନଙ୍କ ମଧ୍ୟରେ ଚର୍ଚ୍ଚା ଚାଲିଛି। ସ୍ଥାନୀୟ କୃଷକମାନଙ୍କ ସନ୍ଦେହ ଯେ, କୃଷି ବିଭାଗର କିଛି ଅଧିକାରୀଙ୍କ ସହ ସାର ମାଫିଆଙ୍କ ଭିତିରି ସମ୍ପର୍କ ରହିଛି। ଅନ୍ୟପକ୍ଷେ କୃଷକମାନଙ୍କ ଦାବି ଯେ, ନକଲି ସାର ବ୍ୟବହାର କଲେ କେବଳ ଚାଷର କ୍ଷତି ନୁହେଁ; ବରଂ ମାଟିର ଉର୍ବର ଉପରେ ମଧ୍ୟ ଗଭୀର ପ୍ରଭାବ ପଡୁଛି।

## ୧୧୦ ବୋତଲ କଫସିରପ୍ ଜବତ, ୨ ଅଭିଯୁକ୍ତ ଗିରଫ

ପାଟଣାଗଡ଼,୬।୯ (ସମିସ): ଲରମ୍ଭା-ପାଟଣାଗଡ଼ ରାସ୍ତାରୁ ପାଟଣାଗଡ଼ ପୁଲିସ ୨ ଜଣ କଫସିରପ ମାଫିଆଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧୧୦ ବୋତଲ କଫସିରପ, ୨ଟି ବାଇକ୍, ୨ଟି ମୋବାଇଲ ଫୋନ ଓ ଏକ ମାଷ୍ଟର ଚାବି ଜବତ ହୋଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଗାଇସିଲେଟ ଥାନା ତାଳପାଲି ଗାଁର ଧନଞ୍ଜୟ ସାହୁ (୨୯) ଓ ଗାଇସିଲେଟର ଜିତୁ ସାହୁ (୨୦)। ପାଟଣାଗଡ଼ ଏସଡ଼ିପିଓ ସଦାନନ୍ଦ ପୁଝାରୀଙ୍କ ତତ୍ତ୍ୱାବଧାନରେ ଥାନାଧିକାରୀ ହରିବନ୍ଧୁ ଗଡ଼ତ୍ୟାଙ୍କ ନେତୃତ୍ୱରେ ଏକ ଟିମ୍ ଖବର ପାଇ ଲରମ୍ଭା-ପାଟଣାଗଡ଼ ରାସ୍ତାରେ ଜଗି ରହିଥିଲା। ଗାଇସିଲେଟ ପଟୁ ଆସୁଥିବା ଦୁଇ ବାଇକ ଚାଳକଙ୍କୁ ଅଟକାଇ ପୁଲିସ ଯାଞ୍ଚ କରିଥିଲା।



## କାନ୍ଥ ଭାଙ୍ଗି ୩ ଲକ୍ଷ ଟଙ୍କା, ୫ ଭରି ସୁନା ଚୋରି

ମୁରିବାହାଲ,୬।୯ (ସମିସ): ମୁରିବାହାଲ ଥାନା ଲଖନା ପଞ୍ଚାୟତ ସିଲେଟପଡା ଗାଁରେ ଏକ ବଡ଼ ଧରଣର ଚୋରି ହୋଇଛି। ଏକ ଦମ୍ପତିଙ୍କ ଘରୁ କାନ୍ଥ ଭାଙ୍ଗି ୩ ଲକ୍ଷ ଟଙ୍କା ଓ ୫ ଭରି ସୁନା ଅଳଙ୍କାର ଚୋରି ହୋଇଛି। ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଗମ୍ଭୀର ରଣା (୬୪) ଓ ତାଙ୍କ ପତ୍ନୀ ଲତା ରଣା ପୁରୀ ଯାଇଥିଲେ। ସେମାନଙ୍କ ଅନୁପସ୍ଥିତି ସୁଯୋଗ ନେଇ ଦୁର୍ବୃତ୍ତ ରାତିରେ ତାଙ୍କ ଘର ପଛପଟୁ କାନ୍ଥ ଭାଙ୍ଗି ପଶିବା ପରେ ଚୋରି କରିଛନ୍ତି। ଚୋରି କରିଥିବା ସମ୍ପର୍କରେ ତାଙ୍କ ପୁଅ ସୁବାଷ ରଣା ଫୋନ କରି ଜଣାଇଥିଲେ। ଫୋନ ପାଇଲା ପରେ ସେମାନେ ଫେରି ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରିଛି। ବଲାଙ୍ଗିରରୁ ସାଇଣ୍ଟିଫିକ ଟିମ୍, ଡଗ୍ ସ୍କ୍ୱାଡ୍ ଓ ମୁରିବାହାଲ ପୁଲିସ ଟିମ୍ ପହଞ୍ଚି ତଦନ୍ତ କରିଛି।

## ଝାଲ୍‌ମୁଢ଼ି ବିକାଳିଙ୍କ ମୃତଦେହ ଉଦ୍ଧାର

ଟିଟଲାଗଡ,୬।୯ (ସମିସ): ଟିଟିଲାଗଡ଼ ଥାନା ପାଖ ଫୁଟ୍‌ଓଭର ବ୍ରିଜ ସିଡ଼ି ନିକଟରୁ ଶନିବାର ସକାଳୁ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେବା ପରେ ବଲାଙ୍ଗିରରୁ ସାଇଣ୍ଟିଫିକ ଟିମ୍ ପହଞ୍ଚି ଥିଲେ। ତେବେ ଏହି ବ୍ୟକ୍ତି ଜଣକ ହେଲେ 'ଆଇ ଲଭ ଟିଟିଲାଗଡ଼' ପାର୍କ ନିକଟରେ ଝାଲ ମୁଢ଼ି ବିକ୍ରି କରୁଥିବା ପପୁ। ତାଙ୍କ ସ୍ତ୍ରୀ ଓଭର ବ୍ରିଜ ତଳେ ପନିପରିବା ବିକ୍ରି କରନ୍ତି। କିଛି ଦିନ ହେବ ଉଭୟଙ୍କ ମଧ୍ୟରେ ଅଶାନ୍ତି ଲାଗି ରହିଥିଲା। ଶନିବାର ଭୋର ୩ଟାରେ କିଛି ଲୋକଙ୍କୁ ସେ ମରିବାକୁ ଯାଉଛି ବୋଲି କହିଥିଲେ।

## ଏଡସ୍ ସଚେତନତା କାର୍ଯ୍ୟକ୍ରମ




ବଲାଙ୍ଗିର,୬।୯ (ସମିସ): ବଲାଙ୍ଗିର ଜିଲ୍ଲା ଏଡସ୍ କଣ୍ଟ୍ରୋଲ ସୋସାଇଟି ତରଫରୁ ଏଡସ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ୟୁଥ୍ ରେଡକ୍ରସ ସୋସାଇଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ରଦୀପ ଷଡଙ୍ଗୀ ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ଏଡସ୍ କଣ୍ଟ୍ରୋଲ ସୋସାଇଟିର କାର୍ଯ୍ୟକ୍ରମ ଅଧିକାରୀ ହେମନ୍ତ ଦାସ, ସଂଚାଳନ ଜିତେନ୍ଦ୍ର ବିଶ୍ୱାଳ, ଅଧ୍ୟାପକ ଶାନ୍ତନୁ ପାଢୀ, ଡକ୍ଟର ସୋମନାଥ ପଧାନ, ରୁପେଶ ଷାଣ୍ଡ ଓ ଡକ୍ଟର ଲିଙ୍ଗରାଜ ମେହେର ପମୁଖ ମଞ୍ଚାସୀନ ଥିଲେ। ଏଚ୍.ଆଇ.ଭି ଏଡ଼ସ୍ କ'ଣ? ଏହା କିପରି ବ୍ୟାପେ, ସଚେତନତା ହିଁ ଏହାର ନିରାକରଣ, ଏହା ଛାତ୍ରଛାତ୍ରୀଙ୍କୁ ଜଣାଇ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ ଓ ଆଗଲପୁର ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ରୋତ ସମେତ ଆଗଲପୁର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ, ଆଗଲପୁର ଓ ଜଳନ୍ଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭରସୁଜାରେ ଅନୁଷ୍ଠିତ ହୋଇଥିଲା।

## ଭଲିବଲ୍ ଓ ବ୍ୟାଡମିଣ୍ଟନ ଚୟନ ଶିବିର

ଦେଓଗାଁ,୬।୯ (ସମିସ): ଦେଓଗାଁ ପଞ୍ଚାୟତ ସମିତି ନୋଡାଲ ହାଇସ୍କୁଲରେ ବ୍ଲକସ୍ତରୀୟ ଭଲିବଲ୍ ଓ ବ୍ୟାଡମିଣ୍ଟନ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀ ମମତା ମହାଡିକ ଓ ବ୍ଲକସ୍ତରୀୟ ପିଇଟି ସଂପାଦକ ଉମେଶ ପାଣିଗ୍ରାହୀ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବ୍ଲକର ୨୪ଟି ହାଇସ୍କୁଲର ୮୫ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ପଞ୍ଚାୟତ ସମିତି ହାଇସ୍କୁଲର ପ୍ରଧାନ ଶିକ୍ଷକ ଅମରେଶ ଭୋଇ ସଭାପତିତ୍ୱ କରିଥିଲେ।

## ୫୭ ବେଆଇନ ଗ୍ୟାସ୍ ସିଲିଣ୍ଡର ଜବତ

ଦେଓଗାଁ,୬।୯ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଉପରଝରଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ବେଆଇନ ଭାବେ ଗଚ୍ଛିତ ଥିବା ଏଚପି ଏବଂ ଭାରତ କମ୍ପାନୀର ୫୭ଟି ଗ୍ୟାସ୍ ସିଲିଣ୍ଡର ଜବତ ହୋଇଛି। ପୁଲିସ ଏ ଦିଗରେ ଏକ ମାଲଲା ରୁଜୁ କରି ତଦନ୍ତ କରୁଛି। ବେଆଇନ ଗ୍ୟାସ୍ ଦିଗରେ ତଦନ୍ତ କରି ରିପୋର୍ଟ ଦେବାକୁ ପୁଲିସ ଚିଠି ଲେଖିଛି। ଜବତ ସିଲିଣ୍ଡରକୁ ଯୋଗାଣ ବିଭାଗ ଅଧିକାରୀଙ୍କୁ ଜିମା ଦିଆଯାଇଛି ବୋଲି ଥାନା ଅଧିକାରୀ ବୁଲୁ ମୁଣ୍ଡା ସୂଚନା ଦେଇଛି। ଡୁଲେଶ୍ୱର ବେହେରା ନାମକ ଜଣେ ବ୍ୟକ୍ତି ବେଆଇନ ଭାବେ ଏହି ଗ୍ୟାସ ସିଲିଣ୍ଡର ରଖିବା ସହ ଚଢା ଦରରେ ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା। ତେବେ ଏଜେନ୍ସି ପାଇଥିବା ତୁଷୁରା ଓ ପୁଇଁନ୍ତଲା ଅଞ୍ଚଳର ୨ ଜଣ ଡିଲର ବେଆଇନ ଭାବେ ଦଲାଲ ରଖି ଗ୍ରାମାଞ୍ଚଳରେ ବେଫିକର ଭାବେ ଚଢା ଦରରେ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଏପରିକି ଗ୍ରାମାଞ୍ଚଳରେ ସିଲିଣ୍ଡର ଠିକ୍ ସମୟରେ ହିତାଧିକାରୀଙ୍କ ପାଖରେ ପହଞ୍ଚି ପାରୁନି; ହେଲେ ଗ୍ୟାସ୍ ସିଲିଣ୍ଡର କଳାବଜାର ହେଉଛି। ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉନି। ଗାଁମାନଙ୍କରେ ବେଆଇନ ଗ୍ୟାସ୍ ବିକ୍ରି ଏବେ କୁଟୀର ଶିଳ୍ପ ପାଲଟିଛି। ତେବେ ଜିଲ୍ଲା ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା ପୁଲିସର ଚିଠି ପାଇବା ପରେ ସିଏସଓ ଶରତ ରାଉତଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟ ପାଇଲା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।



## ମଧ୍ୟାହ୍ନ ଭୋଜନ ବାବଦ ଟଙ୍କା, ଚାଉଳ ପ୍ରଦାନ



ବେଲପଡା,୬।୯ (ସମିସ): ମୁଣ୍ଡାଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀ ତଥା ସେମାନଙ୍କ ଅଭିଭାବକଙ୍କୁ ମଧ୍ୟାହ୍ନ ଭୋଜନ ବାବଦ ଟଙ୍କା ଓ ଚାଉଳ ବଣ୍ଟନ କରାଯାଇଛି। ଏପ୍ରିଲ ୨୩ରୁ ମେ ୫ ତାରିଖ ପର୍ଯ୍ୟନ୍ତ ମଧ୍ୟାହ୍ନ ଭୋଜନ ବାବଦକୁ ଏହି ଟଙ୍କା ଦିଆଯାଇଛି। ପ୍ରଧାନଶିକ୍ଷକ ସୂର୍ଯ୍ୟଭାନୁ ହୋତା, ପଞ୍ଚାୟତ ପ୍ରତିନିଧି ନରେନ୍ଦ୍ର ପ୍ରଧାନ, ଗଜପତି ତାଣ୍ଡି, ସୁଶୀଲ ଧରୁଆ, ସିଆରସିସି ପ୍ରଦୀପ ସିଂବାବୁ ପ୍ରମୁଖ ଉପସ୍ଥିତ ଥିଲେ।

## ଏନ୍‌ଏସସି ମାନ୍ୟତା ଦାବିରେ ୯ରେ ସଇଁତଲା ବନ୍ଦ

### ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ନେତା ସୁରେନ୍ଦ୍ର ସିଂ ଭୋଇଙ୍କ ସୂଚନା

ସଇଁତଲା,୬।୯ (ସମିସ) : ବଲାଙ୍ଗିର ଜିଲ୍ଲା ସଇଁତଲାକୁ ଦୀର୍ଘ ଦିନରୁ ଏନଏସି ମାନ୍ୟତା ପାଇଁ ଦାବି ହୋଇ ଆସୁଛି। ବିଜେପି ସରକାର ଏନଏସସି ଘୋଷଣା କଲା ପରେ ବି ସଇଁତଲା ବାଦ ପଡିଛି। ସ୍ୱାୟତ୍ତ ଶାସନ ଦିବସ ଦିନ ଦ୍ୱିତୀୟ ପର୍ଯ୍ୟାୟରେ ସରକାର ଏନଏସସି ଘୋଷଣା କରିଛନ୍ତି; ହେଲେ ଏଥର ବି ସଇଁତଲାକୁ



ବାଦ ଦିଆଯାଇଛି। ଏ ନେଇ ସଇଁତଲାରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଜେଡି ସରକାର ବଲାଙ୍ଗିର ଜିଲ୍ଲାର ୪ଟି ସ୍ଥାନକୁ ଏନଏସସି ପାଇଁ ଘୋଷଣା କରିଥିଲା। କିଛି ଦିନ ହେବ ଜିଲ୍ଲାର ଲୋଇସିଂହାକୁ କେବଳ ସରକାର ଏନଏସସି ଘୋଷଣା କରିଛନ୍ତି। ସଇଁତଲା, ସିନ୍ଧେକେଲା ଓ ବେଲପଡ଼ାକୁ ଏନଏସି ପାଇଁ ଦାବି ହେଉଛି। ସଇଁତଲା ଏନଏସସି ଘୋଷଣାରୁ ବାଦ ପଡ଼ିଛି। ଏନେଇ ଆସନ୍ତା ୯ ତାରିଖ ଦିନ ସଇଁତଲା ବନ୍ଦ କରାଯିବମ। ଏନଏସସି ମାନ୍ୟତା ଦାବି ନେଇ ୧୨ ଘଣ୍ଟା ବନ୍ଦ ଡାକରା ଦିଆଯାଇଛି। ବିଜେଡି ଏହି ବନ୍ଦ ଡାକରା ଦେଇଛି। ଏ ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ବିଜେଡି ନେତା ସୁରେନ୍ଦ୍ର ସିଂ ଭୋଇ ସୂଚନା ଦେଇଛନ୍ତି।

## ଅଭିନବୀକରଣ ଏବଂ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ

ବଲାଙ୍ଗିର,୬।୯ (ସମିସ): ସ୍ଥାନୀୟ ସରକାରୀ ମହାବିଦ୍ୟାଳୟ ବଲାଙ୍ଗିରରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଅଭିନବୀକରଣ ଏବଂ ଷ୍ଟାର୍ଟଅପ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର କୌତୁକ ପନ୍ଦର ସଭାପତିତ୍ୱ କରିବା ସହିତ ସରକାରଙ୍କ ଏଭଳି ମହତ କାର୍ଯ୍ୟକ୍ରମର ଅଭିଲକ୍ଷ୍ୟ ସଂପର୍କରେ ଅବଗତ କରାଇଥିଲେ।

ମୁଖ୍ୟଅତିଥି ଭାବରେ ପୁଇଁନ୍ତଲା ବ୍ଲକ ଉନ୍ନୟନ ଅଧିକାରୀ ଅମରେନ୍ଦ୍ର ସ୍ୱାଇଁ ଯୋଗଦେଇ ଯୁବ ଶିଳ୍ପଉଦ୍ୟୋଗୀ ସ୍ଥାନୀୟ ସମସ୍ୟାକୁ କିଭଳି ସମାଧାନ କରିବା ସହିତ ନୂତନ ପଥ ନିର୍ମାଣ କରିପାରିବେ ସେ ସଂପର୍କରେ ଆଲୋଚନା କରିଥିଲେ। ସମ୍ମାନୀତ ଅତିଥି ଭାବରେ ଉଦ୍ୟୋଗୀ ତଥା ସଂଗଠକ ରାଜେଶ ଝାଙ୍କର ଯୋଗଦେଇ କୁଟୀର ଶିଳ୍ପ ମାଧ୍ୟମରେ ମହିଳାମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ସେ ବିଷୟରେ ଗଭୀର ଭାବରେ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ଆୟୋଜିତ



ପ୍ରତିଯୋଗିତାରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ନିଜର ଅଭିନବ ଚିନ୍ତାଧାରା ଏବଂ ଉଦ୍ୟୋଗୀ ଜ୍ଞାନ କୌଶଳକୁ ପ୍ରକଳ୍ପ ମାଧ୍ୟମରେ ଉପସ୍ଥାପନ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ତିନିଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସହକାରୀ ପ୍ରଫେସର ଡକ୍ଟର ଶ୍ରୀକାନ୍ତ ବାରିକ ସଞ୍ଚାଳନ କରିଥିବା ବେଳେ ବିଚାରକ ଭାବେ ଡକ୍ଟର ବିଜୟ ବେହେରା, ଡକ୍ଟର ମେଘନାଦ ସାହୁ, ଅମୃତା ମହାପାତ୍ର ଏବଂ ରାଜେଶ ଝାଙ୍କର ଉପସ୍ଥିତ ରହି ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ଅଧ୍ୟାପକ ହୃଷୀକେଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଚନ୍ଦନ ପୁହାଣ, ଆଶୀର୍ବାଦ ସାହୁ ଏବଂ ସୁମନ୍ତ ରଣା ସହଯୋଗ କରିଥିଲେ।

■ ଡ୍ରାଇଭରଙ୍କୁ ମାଡ଼ ମାରିବା ମହଙ୍ଗା ପଡ଼ିଲା

# ସରପଞ୍ଚଙ୍କ ଗିରଫ ଦାବିରେ ଶତାଧିକ ଡ୍ରାଇଭର ଥାନାର ଦ୍ୱାରସ୍ଥ



**ଲାଞ୍ଜିଗଡ଼, ୬।୯ (ସମିସ):** ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ଠାରେ ଶୁକ୍ରବାର ଜଣେ ଡ୍ରାଇଭରକୁ ମାଡ ମାରିଥିବା ନେଇ ଜଣେ ସରପଞ୍ଚଙ୍କୁ ମହଙ୍ଗା ପଡ଼ିଛି। ଏହାର ପ୍ରତିବାଦରେ ଡ୍ରାଇଭର ସଂଘ ସରପଞ୍ଚ ଚାଞ୍ଚେର ମାଝୀ ଓ ତା ସାଥୀ ବିଭୂତି କୁମାରଙ୍କୁ ଉତ୍ତମ ମଧ୍ୟମ ଦେଇଥିବା ଭିଡିଓଟି ଅଞ୍ଚଳରେ ଘୁରି ବୁଲୁଥିବା ଦେଖିବାକୁ ମିଳୁଛି। ନ୍ୟାୟ ଦାବିରେ ଶତାଧିକ ଡ୍ରାଇଭର ଲାଞ୍ଜିଗଡ଼ ଥାନାର ଦ୍ୱାରସ୍ତ ହୋଇ ଲିଖିତ ଅଭିଯୋଗ କରି ସରପଞ୍ଚଙ୍କୁ ଓ ତା ସାଥୀଙ୍କୁ ଶୀଘ୍ର ଗିରଫ କର ନଚେତ ଥାନା ଆଗରେ ଧାରଣା ଦେବୁ ବୋଲି ଚେତାବନୀ ଦେଇଛନ୍ତି। ସୂଚନାନୁସାରେ ଜଗନ୍ନାଥପୁର ଗ୍ରାମର ଡ୍ରାଇଭର ହରପ୍ରସାଦ ଗୌଡ଼ ଆଜି ସକାଳ ୭ ଘଣ୍ଟା ୪୫ ମିନିଟ ସମୟରେ ନିଜ ଗାଡ଼ିରେ ବେଦାନ୍ତ କାରଖାନାରେ କାର୍ଯ୍ୟରତ କର୍ମଚାରୀଙ୍କୁ ନେଇ କାରଖାନାକୁ ଯାଉଥିବା ବେଳେ କାରଖାନା ମୁଖ୍ୟ ଫାଟକରେ ନିକଟରେ ଗହଳି ହୋଇଥିବା ଦେଖି ଗାଡି ଅଟକାଇଥିଲା। ଏହି ସମୟରେ ବସନ୍ତପଡ଼ା ସରପଞ୍ଚ ଚାଞ୍ଚେର ମାଝୀ ଏବଂ ଲାଞ୍ଜିଗଡ଼ ଗ୍ରାମର ବିଭୁତି କୁମାର ଦୁହେଁ ମିଶି ଗାଡି ଭିତରକୁ ଯାଇତୁ ଡ୍ରାଇଭର ସଂଘର ଉପସଭାପତି ଅଛୁ ବୋଲି କହି ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଗାଡି ଭୀତରୁ ଟାଣି ଆଣି ମାଡ଼ ମାରି ଥିଲେ। ଏହି ଘଟଣାକୁ ନେଇ ନିଜ ଜୀବନ ଉପରେ ବିପଦ ରହିଥିବା ବେଳେ ଡରିଯାଇ ହରପ୍ରସାଦ ନିଜ ଡ୍ରାଇଭର ସଂଘକୁ ଜଣାଇଥିଲା। ଏହି ଖବର ଜାଣିବା ପରେ ଶତାଧିକ ଡ୍ରାଇଭର ଗାଡି ବନ୍ଦ କରି କାରଖାନା ସମ୍ମୁଖକୁ ଛୁଟି ଆସିଥିଲେ। ଏହା ପରେ ବୀକ୍ଷବ ପ୍ରଦର୍ଶନ କରିବା ସହ ବସନ୍ତପଡ଼ା ସରପଞ୍ଚ ଚାଁଚେର ମାଝୀ ଓ ବିଭୁତି କୁମାରଙ୍କୁ ଉତ୍ତମ ମଧ୍ୟମ ଦେଇଥିବା ଭିଡିଓ ଅଞ୍ଚଳରେ ଘୁରି ବୁଲୁଥିବା ଦେଖିବାକୁ ମିଳିଛି। ଏହି ପରେ ଡ୍ରାଇଭର ସଂଘର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଲାଞ୍ଜିଗଡ଼ ଥାନାର ଦ୍ୱାରାସ୍ତ ହୋଇ ଲିଖିତ ଅଭିଯୋଗ କରି ସରପଞ୍ଚ ଶ୍ରୀ ମାଝୀ ଓ ସାଥି ଶ୍ରୀ କୁମାରଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଅତିଶୀଘ୍ର ଚାଁଚେର ମାଝୀ ଓ ବିଭୁତି କୁମାରକୁ ଗିରଫ କରାନଗଲେ ଡ୍ରାଇଭର ସଙ୍ଘ ଆସନ୍ତା ରବିବାର ଦିନ ଲାଞ୍ଜିଗଡ଼ ଥାନା ସମ୍ମୁଖରେ ଧାରଣା ଦେବୁ ବୋଲି ଲାଞ୍ଜିଗଡ଼ ଡ୍ରାଇଭର ମହା ସଂଘର ସଭାପତି ଟଙ୍କଧର ଗଉଡ଼ ଚେତାବନୀ ଦେଇଛନ୍ତି। ଏହାର ପ୍ରତିବାଦରେ ସରପଞ୍ଚ ଚାଞ୍ଚେର ମାଝୀ ମଧ୍ୟ ଥାନାରେ ଲିଖିତ ଅଭିଯୋଗ କରିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

ଅସ୍ଥାୟୀ ଭାବରେ ସିଲ୍ ହେଲା ଭବାନୀ ବିସ୍ଫୋରକ ଗୋଦାମ

# ବିନା ସୁରକ୍ଷାରେ ରହିଛି ହଜାର ହଜାର କେଜି ବିସ୍ଫୋରକ

**କେସିଙ୍ଗା, ୬।୯ (ସମିସ)**



କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ପୋଡ଼ଖମ ଗ୍ରାମର ସୁରୁଜୋର୍ ଜଙ୍ଗଲ ଭିତରେ ଥିବା ଭବାନୀ ବିସ୍ଫୋରକ ଗୋଦାମକୁ ଗତକାଲି ଆଗାମୀ ଆଦେଶ ପର୍ଯ୍ୟନ୍ତ ସିଲ୍ କରିଛି କେସିଙ୍ଗା ପ୍ରଶାସନ। ପ୍ରକାଶ ଥାଉକି ଏଠାରେ ପ୍ରାୟ ୪ ଏକର ଜାଗାରେ ୬ ବର୍ଷ ହେଲାଣି କେନ୍ଦ୍ର ସରକାରଙ୍କ ଠାରୁ ଲାଇସେନ୍ସ ଆଣି ଜେଲେଟିନ ଓ ଆଇଇଡି ଭଳି ବିସ୍ଫୋରକ ରଖାଯାଉଛି।୨୦ ହଜାରକେଜି କ୍ଷମତା ବିଶିଷ୍ଟ ଉକ୍ତ ବିସ୍ଫୋରକ ଗୋଦାମରେ ବର୍ତ୍ତମାନ ମଧ୍ୟ ହଜାର ହଜାର କେଜି ବିସ୍ଫୋରକ ଗୋଦାମ ଭିତରେ ମହଜୁଦ ରହିଛି। ଶୁକ୍ରବାର ଦିନ କିଛି ଗଣମାଧ୍ୟମ ପ୍ରତିନିଧି ଉକ୍ତ ବିସ୍ଫୋରକ ଗୋଦାମରେ ବିନା ସୁରକ୍ଷାରେ ହଜାର ହଜାର କେଜି ବିସ୍ଫୋରକ ରହିଥିବା ଜାଣି ଖବର ପ୍ରସାରଣ କରିବା ପରେ ସେହି ଶୁକ୍ରବାର ଦିନ ଅପରାହ୍ନ ସମୟରେ କଳାହାଣ୍ଡି ଏସପିଙ୍କ ନିର୍ଦ୍ଦେଶକ୍ରମେ କେସିଙ୍ଗା ଏସଡିପି ଓ ସଦୀପ ମାଝୀ ଓ କେସିଙ୍ଗା ଥାନା ଅଧିକାରୀ ଜୀତେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଉକ୍ତ ସମୟରେ କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ ମଧ୍ୟ ମାଜିଷ୍ଟ୍ରେଟ ଦାଏତ୍ୱରେ ଘଟଣା ସ୍ଥଳରେ ଉପସ୍ଥିତ ରହି ବିପୁଳ ପରିମାଣର ବିସ୍ଫୋରକ ଥିବା ସତ୍ତ୍ୱେ କୌଣସି ସୁରକ୍ଷା କର୍ମୀ ନ ଥିବାର ଦେଖି ସଙ୍ଗେ ସଙ୍ଗେ ଆଗାମୀ ଆଦେଶ ପର୍ଯ୍ୟନ୍ତ ଭବାନୀ ବିସ୍ଫୋରକ ଗୋଦାମ କୁ ସିଲ୍ କରିଥିଲେ। ଖବର ନେବାରୁ ଜଣା ପଡ଼ିଛି ଯେ ଉକ୍ତ ଭବାନୀ ବିସ୍ଫୋରକ ଗୋଦାମ କୁ ସୁଦୂର ମହାରାଷ୍ଟ୍ର ର ନାଗପୁରରୁ ବାରୁଦ୍ ଆସିଥାଏ ଓ ଦରକାର ଅନୁଯାୟୀ ଛୋଟ ଛୋଟ ଗାଡ଼ିମାନଙ୍କରେ ସପ୍ଲାଇ ହୋଇଥାଏ। ହେଲେ ଉକ୍ତ ଭବାନୀ ବିସ୍ଫୋରକ କମ୍ପାନୀ କୌଣସି ସରକାରୀ ନୀତି ନିୟମକୁ ମାନୁନାହିଁ ବୋଲି ଜଣାପଡ଼ିଛି। ଏତେ ପରିମାଣର ବିସ୍ଫୋରକ ଗଚ୍ଛିତ ଗୋଦାମରେ କୌଣସି ସୁରକ୍ଷା ନାହିଁ ଓ ଗୋଦାମ ର ଅବସ୍ଥିତି ମଧ୍ୟ ସହରରୁ ପ୍ରାୟ ୧୫ କିମି ଦୂର ଜଙ୍ଗଲ ଭିତରେ ଯେ କୌଣସି ସମୟରେ ବିସ୍ଫୋରକ କୌଣସି ଦୁର୍ବୃତ୍ତଙ୍କ ହାତରେ ଲାଗିଗଲେ ପରିସ୍ଥିତି ଅତି ଭୟଙ୍କର ହେବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ।

# ଅଘୋଷିତ ଛୁଟିରୁ ପଞ୍ଚାୟତ ଲୋକେ ହନ୍ତସନ୍ତ

**କଲମପୁର, ୬।୯ (ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ଅଞ୍ଚଳରେ ଗ୍ରାମ ପଞ୍ଚାୟତ ଗୁଡିକ ଅଘୋଷିତ ଛୁଟିରେ ଚାଲି ଆସୁଥିବାରୁ ଜନ ସାଧାରଣରେ ତିବ୍ର ଅସନ୍ତୋଷ ଦେଖାଦେଇଛି। କଲମପୁର ବ୍ଲକ ୧୧ଟି ପଞ୍ଚାୟତକୁ



ନେଇ ଗଠନ ହୋଇଥିବା ବେଳେ ପ୍ରାୟ ସମୟରେ ପଞ୍ଚାୟତ ଗୁଡିକରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି, ଶୁକ୍ରବାର ଦିନ ଛୁଟି ରହିଥିବା ବେଳେ ଘରକୁ ଯାଇ ଆଉ ଫେରିଲେନି ପଞ୍ଚାୟତ କର୍ମଚାରୀ। ଫଳରେ ଅଧିକାଂଶ ପଞ୍ଚାୟତ ମାନଙ୍କରେ ତାଲା ପଡ଼ିଥିଲା। ଏଥିପାଇଁ ବିଭିନ୍ନ କାମରେ ପଞ୍ଚାୟତକୁ ଆସିଥିବା ଜନ ସାଧାରଣ ହନ୍ତସନ୍ତ ହେଉଥିବା ବେଳେ ନିର୍ବାଚିତ ଜନ ପ୍ରତିନିଧି ମାନେ ନୀରବି ଯାଇଥିଲେ, ନୀୟମ ଅନୁସାରେ ପ୍ରତ୍ୟେକ ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନେ ନିଜ ନିଜ ପଞ୍ଚାୟତର ମୁଖ୍ୟାଳୟରେ ରହିବା ପାଇଁ ସରକାର ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଆବାସିକ ବାସସ୍ଥାନ ନିର୍ମାଣ କରି ଦେଇଛନ୍ତି, କିନ୍ତୁ କୌଣସି ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ନିୟମକୁ ଉଲ୍ଲଂଘନ କରି ପଞ୍ଚାୟତ ମୁଖ୍ୟାଳୟରେ ରହୁ ନାହାନ୍ତି, ପରିଦର୍ଶନ ବାହାନାରେ ପଞ୍ଚାୟତ ମାନଙ୍କରେ ଅନୁପସ୍ଥିତ ରହି ବହୁ ସମୟ ନିଜ ବ୍ୟକ୍ତିଗତ କାର୍ଯ୍ୟରେ ନିୟୋଜିତ ରହୁଛନ୍ତି, ବାୟୋମେଟ୍ରିକ ଉପସ୍ଥାନ ଓ ଅଧିକା ସମୟ ଅଫିସରେ କାର୍ଯ୍ୟ କରିବା ନିମନ୍ତେ ସରକାର ନିର୍ଦ୍ଦେଶ ଦେଇଛନ୍ତି, କିନ୍ତୁ ପଞ୍ଚାୟତ ମାନଙ୍କରେ ଉପସ୍ଥାନ ଖାତା ବ୍ୟବହାର ହେଉନଥିବା ବେଳେ ଗସ୍ତ ସାରଣୀ ମଧ୍ୟ ବ୍ୟବହାର କରାଯାଉ ନାହିଁ। ଫଳରେ ପଞ୍ଚାୟତ କର୍ମଚାରୀମାନେ କୁଆଡ଼େ ଗଲେ କେତେବେଳେ ଫେରିବେ କିଛି ଜଣା ପଡୁନାହିଁ, ଏସମ୍ପର୍କରେ ବ୍ଲକ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଙ୍କ ସହିତ ପଚାରି ବୁଝିବାକୁ ଗଲା ବେଳେ ସେହି କାର୍ଯ୍ୟାଳୟରେ ମଧ୍ୟ ତାଲା ଝୁଲୁଥିବା ଦେଖିବାକୁ ମିଳିଥିଲା। ଏନେଇ ବ୍ଲକ ବିଭାଗୀୟ ଅଧିକାରୀ ସେ ଅନୁପସ୍ଥିତ ଥିବା କହିଥିଲେ, ବିନା ଛୁଟିରେ ସେ କିପରି ଅନୁପସ୍ଥିତ ରହିଲେ ବୋଲି ପଚାରିବାରୁ ସେହି ଉତ୍ତର ମିଳିପାରି ନ ଥିଲା। ଏନେଇ ବିଡିଓ ବିଜୟ କୁମାର ମାଣ୍ଡୀଙ୍କୁ ପଚାରିବାରୁ କେମିତି ବନ୍ଦ ରହିଲା, ନିଶ୍ଚିତ ପିଅନ ମାନେ ଥିବେ, କ'ଣ ହେଇଛି ବୁଝିବା ବୋଲି ହାଲୁକା ମତବ୍ୟକ୍ତ କରିଥିଲେ।

ୟୁରିଆ ସାର ବିକ୍ରି ଘଟଣା

# ତାଗିଦ ପରେ ବି ବିକ୍ରି ହେଉଛି ୫୦୦ ଟଙ୍କାରେ ୟୁରିଆ ବସ୍ତା

**ଗୋଲାମୁଣ୍ଡା, ୬।୯ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଖଲିଆକାନୀ ଠାରେ ପୁଣି ବିକ୍ରି ହେଉଛି ୫୦୦ ଟଙ୍କାରେ ୟୁରିଆ ବସ୍ତା। ଗତକାଲି ବ୍ଲକ କୃଷି ଅଧିକାରୀ ନୌକେଶ୍ୱର ନାଗ ପହଞ୍ଚି ତାରିଣୀ ଟ୍ରେଡ଼ର୍ସ ରାସାୟନିକ ସାର ଦୋକାନ ମାଲିକ ମୁରଲୀଧର ମେହେରଙ୍କୁ ସରକାରୀ ଧାର୍ଯ୍ୟ ଦରରେ ବିକ୍ରି କରିବାକୁ ବାରମ୍ବାର ତାଗିଦ କରିଥିଲେ। କୃଷି ଅଧିକାରୀ ଫେରିଲା ପରେ ମଧ୍ୟ ସରକାରୀ ଧାର୍ଯ୍ୟ ହିସାବରେ ୨୬୬ ଟଙ୍କା ରେ ନଦେଇ ଜଣେ ଦୁଇ ଜଣଙ୍କୁ ୩୦୦ ଟଙ୍କାରେ ୟୁରିଆ ବସ୍ତା ଦେଲେ। କିଛି ସମୟ ବିତିବା ପରେ ପୁଣି ୫୦୦ ଟଙ୍କାରେ ସାର ବିକ୍ରି କରିଥିବା ଚାଷୀମହଲରେ ପ୍ରକାଶ ପାଇଛି। ବ୍ଲକ କୃଷି ଅଧିକାରୀଙ୍କ ସମ୍ମୁଖରେ ସରକାରୀ ଧାର୍ଯ୍ୟ ମୁତାବକ ବିକ୍ରିକରିବାକୁ ମାନିଥିଲେ। ପରେ କୃଷି ଅଧିକାରୀଙ୍କ କଥାକୁ ଏଡାଇ ଦେଇ ଚଢା ଦରରେ ବିକ୍ରିକରି ଚାଷୀଙ୍କୁ ଶୋଷଣ କରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏପଟେ ବ୍ଲକ ରାସାୟନିକ ସାର ହୋଲସେଲର ଘନଶ୍ୟାମ ମେହେର ଛୋଟ ଡିଲର ମାନଙ୍କୁ କମ କମ ଦେଇ ସମସ୍ତ ୟୁରିଆ ସାରକୁ ନିଜର ତାରିଣୀ ଟ୍ରେଡ଼ର୍ସ ଦୋକାନରେ ଚଢା ଦରରେ ବିକି ମାଲାମାଲ ହୋଇଥିବା ଚାଷୀ ମହଲରେ ଚର୍ଚ୍ଚା ଜୋର ଧରିଛି। ଏ ସମ୍ପର୍କରେ କୃଷି ଅଧିକାରୀ ଶ୍ରୀ ନାଗଙ୍କୁ ପଚାରିବାରୁ ବାରମ୍ବାର ତାଗିତ ସତ୍ତ୍ୱେ ଚଢା ଦରରେ ବିକ୍ରି କରୁଥିବାରୁ ତାରିଣୀ ଟ୍ରେଡ଼ର୍ସ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଛନ୍ତି।

# ମାଟି ଘର ଭୁଶୁଡି ୩ ଗୁରୁତର



**କୋକସରା, ୬।୯ (ସମିସ):** କୋକସରା ବ୍ଲକ କନ୍ଦାବୁଟୁରା ଗ୍ରାମରେ ଶନିବାର ଏକ କଚ୍ଚା ଘର ଭୁଶୁଡ଼ି ଯିବାରୁ ଚାପିହୋଇ ୩ଜଣ ଗୁରୁତର ହୋଇଛନ୍ତି। ଗୁରୁତର ମାନେ ହେଲେ କନ୍ଦାବୁଟୁରା ଗ୍ରାମର ଯଦୁମଣି ପାତ୍ରଙ୍କ ସ୍ତ୍ରୀ ରତ୍ନୀ ପାତ୍ର (୬୦), ପୁତୁରା ଯୁଧିଷ୍ଠି ପାତ୍ର (୫୫) ଓ ନାତୁଣୀ ଇଶ୍ୱରୀ ପାତ୍ର (୫)ବୋଲି ଜଣାପଡ଼ିଛି। ସେମାନେ ଆଜି ଅପରାହ୍ନରେ ବସି ଥିବାବେଳେ ଦୁର୍ବଳ ଅବସ୍ଥାରେ ଥିବା କଚ୍ଚା ଘର ହଠାତ୍ ଭୁଶୁଡ଼ି ପଡ଼ିଥିଲା। ଫଳରେ ଚାଲ ଛପର, କାଠ ପଡ଼ିଯିବାରୁ ରତ୍ନୀ, ଯୁଧିଷ୍ଠି ଓ ଇଶ୍ୱରୀ ଚାପି ହୋଇ ଯାଇଥିଲେ। ସେମାନଙ୍କୁ ସମ୍ପର୍କୀୟମାନେ ଗୁରୁତର ଅବସ୍ଥାରେ ଉଦ୍ଧାର କରି କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତ ଗୁରୁତରଙ୍କୁ ଭବାନୀପାଟଣାସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି।

# ଯଶୋବନ୍ତ ସାହୁ କର୍ଲାମୁଣ୍ଡା ବ୍ଲକ୍ ବିଜେଡି ସଭାପତି



**କର୍ଲାମୁଣ୍ଡା, ୬।୯ (ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ବିଜୁ ଜନତା ଦଳର ସଭାପତି ଭାବେ ବିଶିଷ୍ଟ ଯୁବ ନେତା ତଥା ପୂର୍ବତନ ସ. ମାଲପଡ଼ା ସମିତି ସଭ୍ୟ ଯଶୋବନ୍ତ ସାହୁ ମନୋନୀତ ହୋଇଥିବା ଜଣାଯାଇଛି। ଶୁକ୍ରବାର ଭାବନୀପାଟଣା ଠାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ବିଜେଡି ସଭାପତି ପ୍ରଦୀପ କୁମାର ଦିଶାରୀ ଏହା ଘୋଷଣା କରିଥିଲେ ଯଶୋବନ୍ତଙ୍କୁ ବିଜେଡି କର୍ମୀମାନେ ସ୍ୱାଗତ କରିବା ସହ ତାଙ୍କ ନେତୃତ୍ୱରେ ଦଳ ବ୍ଲକ ସ୍ତରରେ ଆହୁରି ସଙ୍ଗଠିତ ହୋଇ ସଫଳତା ହାସଲ କରିବ ବୋଲି ଆଶା ବ୍ୟକ୍ତ କରିଛନ୍ତି। ତେବେ ଯଶୋବନ୍ତ ତାଙ୍କୁ ବ୍ଲକ ସଭାପତି ଦାୟିତ୍ୱ ଦିଆ ଯାଇଥିବାରୁ ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଜିଲ୍ଲା ସଭାପତି ପ୍ରଦୀପ ଦିଶାରୀ, ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କୁ କୃତଜ୍ଞତା ଜଣାଇ ଜଣାଇଛନ୍ତି। ସେ ସମସ୍ତଙ୍କୁ ସାଙ୍ଗରେ ନେଇ କାମ କରିବେ ବୋଲି ପ୍ରକାଶ କରିଛନ୍ତି।

# ନବମ ଶ୍ରେଣୀ ଛାତ୍ରୀ ନିଖୋଜ

**ଜୟପାଟଣା, ୬।୯ (ସମିସ)** କଳାହାଣ୍ଡି ଜିଲ୍ଲା ଜୟପାଟଣା ରେ ପୁଣି ଥରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ନବମ ଶ୍ରେଣୀ ପଢୁଥିବା ଜଣେ ଛାତ୍ରୀ କୁ ଅପହରଣ କରିଥିବା ଜୟପାଟଣା ଥାନା ଅଭିଯୋଗ ହୋଇଛି। ନାରୀ ଏବେବି ସୁରକ୍ଷିତ ନୁହନ୍ତି। ନାରୀମାନଙ୍କ ଉପରେ ଅପହରଣ ଏବଂ ଦୁଷ୍କର୍ମ ଦିନକୁ ଦିନ ବଢ଼ିବାରେ ଲାଗିଛି। ଜୟପାଟଣା ଥାନାରେ ଅଭିଯୋଗ ହୋଇଥିବା ବେଳେ କେଶ ନଂ ୨୦୧/୨୦୨୫ ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀଣୀ ମତ ପ୍ରକାଶ କରିଛନ୍ତି।

# ହାଇସ୍କୁଲ ସମ୍ମୁଖରେ ଓଏସ୍ଆରଟି ବସ୍



**କୋମନା, ୬।୯ (ସମିସ):** ନୂଆପଡ଼ା ଜିଲ୍ଲା କୋମନାସ୍ଥିତ ଜିତାମିତ୍ର ହାଇସ୍କୁଲ ଗେଟ ସମ୍ମୁଖରେ ସରକାରଙ୍କ ଓଏସଆରଟି ବସ ବିଶ୍ରାମ ନେଉଛି। ଯାହାଦ୍ୱାରା ଛାତ୍ରଛାତ୍ରୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ କୋମନା ଠାରେ ନୂତନ ବସଷ୍ଟାଣ୍ଡ ନିର୍ମାଣ ହେଉଥିବାରୁ ଭିତରକୁ ବସ୍ ପ୍ରବେଶ କରି ପାରୁନାହିଁ। ଫଳରେ ବସ୍ ଗୁଡିକ ସହରର ବିଭିନ୍ନ ସ୍ଥାନରେ ଛିଡା ହୋଇଥିବା ଦେଖିବାକୁ ମିଳୁଛି। ଅପରପଟରେ ସ୍କୁଲ ସମୟରେ ବସ୍ ଗୁଡିକ ଅନ୍ୟତ୍ର ଛିଡା ହେଲେ ଛାତ୍ରଛାତ୍ରୀ ତଥା ଅନ୍ୟମାନଙ୍କ ସୁବିଧା ହୁଅନ୍ତା ବୋଲି ସ୍ଥାନୀୟ ଲୋକେ ଆଲୋଚନା କରୁଛନ୍ତି। ଓଏସଆରଟି କର୍ତ୍ତୃପକ୍ଷ ଏଥି ପ୍ରତି ବିଶେଷ ଧ୍ୟାନଦେବା ଜରୁରୀ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି।

# ଶାରଦୀୟ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

**କୋକସରା, ୬।୯ (ସମିସ):** କୋକସରା ବ୍ଲକ ଲଡୁଗାଁ ଠାରେ ଶାରଦୀୟ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ କାର୍ଯ୍ୟ ସମ୍ପନ୍ନ ହୋଇଛି। ମା' ଙ୍କ ମୃଣ୍ମୟୀମୂର୍ତ୍ତି ନିର୍ମାଣ ପାଇଁ ରିତିନିତୀ ଅନୁସାରେ ପୂଜାର୍ଚ୍ଚନା କରାଯାଇ ସ୍ଥାନୀୟ ଦୁର୍ଗା ମନ୍ଦିର ନିକଟରୁ ପବିତ୍ର ମାଟି ସଂଗ୍ରହ କରାଯାଇଥିଲା। ମୁଖ୍ୟକର୍ତ୍ତା ଭାବେ ରାଜୀବ କୁମାର ଅଗ୍ରୱାଲ ଓ ତାଙ୍କ ସହଧର୍ମିଣୀ ରୀତା ଅଗ୍ରୱାଲ ରହିଛନ୍ତି। ପଣ୍ଡିତ ଗୋପାଳ ଜି ଠାକୁର ମୁଖ୍ୟପୂଜକ ଭାବରେ କାର୍ଯ୍ୟ ନିର୍ବାହ କରୁଛନ୍ତି। ଚଳିତ ବର୍ଷ ପୂଜା କମିଟି ସଭାପତି ଭାବେ ଦୁର୍ଗା ପ୍ରସାଦ ଅଗ୍ରୱାଲ, ଉପ ସଭାପତି ଲକ୍ଷ୍ମଣ ଶବର ଓ ମୋହନ ଚରଣ ଦାସ, ସମ୍ପାଦକ କହ୍ନେଇ ଚରଣ ଦାସ, ସହସମ୍ପାଦକ ଶ୍ରୀମନ୍ତ ପାଢ଼ୀ ଓ ପୱନ ଅଗ୍ରୱାଲ, କୋଷାଧକ୍ଷ ମୁକେଶ ଅଗ୍ରୱାଲ ଓ ଦୀପକ ଅଗ୍ରୱାଲ ରହିଛନ୍ତି। ସେହିପରି ସାଂସ୍କୃତିକ ସମ୍ପାଦକ ଜିତେନ୍ଦ୍ର ମାଝୀ, ସହ ସମ୍ପାଦକ ଧ୍ୱଜ ମହାନନ୍ଦ ଓ ରବିନାରାୟଣ ଦାଶ, ପଙ୍କଜ ଚୌଧରି ପ୍ରମୁଖ ଦାୟିତ୍ୱରେ ରହିଛନ୍ତି।

# ପଣ୍ଡିଗାଁ ସ୍କୁଲରେ ଜିଲ୍ଲାସ୍ତରୀୟ ଗୁରୁ ଦିବସ

**କଲମପୁର, ୬।୯ (ସମିସ):** କଳାହାଣ୍ଡି ଜିଲ୍ଲାସ୍ତରୀୟ ଗୁରୁ ଦିବସ ଅବସରରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ବରିଷ୍ଠ ନାଟ୍ୟକାର ତଥା ସମାଜ ସଂସ୍କାରକ ଉମେଶ ଚନ୍ଦ୍ର ଶତପଥି ଯୋଗଦେଇଥିଲେ। ଗୁରୁପୂର୍ଣ୍ଣିମା ଅବସରରେ ପ୍ରାଥମିକ ଶିକ୍ଷକ ସଂଘ ଖାରବେଳ ଭୂବନେଶ୍ୱରଙ୍କ ଅନୁବନ୍ଧିତ କଳାହାଣ୍ଡି ଶାଖା ପକ୍ଷରୁ ଜିଲ୍ଲାସ୍ତରୀୟ ଗୁରୁଦିବସ କଲମପୁର ବ୍ଲକ ପଣ୍ଡିଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ପାଳନ ହୋଇଥିଲା, କଳାହାଣ୍ଡି ଜିଲ୍ଲା ସଭାପତି ତଥା ପଣ୍ଡିଗାଁ ସ୍କୁଲର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଚୌଧୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ମୁଖ୍ୟଅତିଥି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ମଧୁସ୍ମିତା ନାଏକ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଉମେଶ ଚନ୍ଦ୍ର ଶତପଥି, ସମ୍ମାନିତ ଅତିଥି ଭାବେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ କୁଳମଣି ମାଝି, ଦିଲିପ କୁମାର ବେହେରା, ଅବସରପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର ପଣ୍ଡା, ଜନାର୍ଦ୍ଦନ ମାଝି, ପୂର୍ବତନ ଶିକ୍ଷକ ସଂଘ ଜିଲ୍ଲା ସଭାପତି ଗଙ୍ଗାଧର ପ୍ରଧାନ, ଶିକ୍ଷକ ସଂଘର ଜିଲ୍ଲା ସମ୍ପାଦକ ସୁଧିର ରଥ, ସହ ସମ୍ପାଦକ ପ୍ରଦୀପ କୁମାର ମାଝୀ, ଉପସଭାପତି ପୀତବାସ ବେହେରା ପ୍ରମୁଖ ମଞ୍ଚାସୀନ ହୋଇଥିଲେ, ପାତ୍ରବସା ସ୍କୁଲର ପ୍ରଧାନଶିକ୍ଷକ ମନ୍ମଥ କୁମାର ମିଶ୍ର ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ସଂଯୁକ୍ତା ମୁଣ୍ଡ, ଶିକ୍ଷକ ବିନୟ



ପଣ୍ଡା, ଜୟସିଂ ମାଝୀ, ସୁଧିର ରଥ, ଦିଗାମ୍ବର ପରିଡ଼ା, ପ୍ରଶାନ୍ତ ପ୍ରଧାନ, ଗୌରାଙ୍ଗ ବାଗ, ଦୁର୍ଗା ପ୍ରସାଦ ଧଙ୍ଗଡ଼ା ମାଝି, ମୋହନ ପ୍ରସାଦ ମୁଣ୍ଡ, ଗୋପବନ୍ଧୁ ମୁଣ୍ଡ ପ୍ରମୁଖଙ୍କୁ ଉପଢୌକନ ଓ ମାନପତ୍ର ଦେଇ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ଥିଲା, ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଲକ୍ଷ୍ମୀକାନ୍ତ ସାମରଥ, ପ୍ରଦୀପ ମାଝୀ, ମଧୁସ୍ମିତା ରଥ, ଦେବେନ୍ଦ୍ର ନାଏକ, ମନୋଜ ମେହେର ବସ୍ତ୍ର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଗଙ୍ଗାଧର ପ୍ରଧାନ-୨୦୨୫ ପାଇଁ ଶିକ୍ଷକ ମନ୍ମଥ କୁମାର ମିଶ୍ରଙ୍କୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଥିଲା, ଶିକ୍ଷୟିତ୍ରୀ ପଙ୍କଜିନୀ ମାଝୀ, ନୀହାରିକା ଗହିର, ମଞ୍ଜୁକଳା ମାଝୀ, ଶିକ୍ଷକ ଦେବରାଜ ବେମାଲ, କିଶୋର ଚନ୍ଦ୍ର ନାଏକ, ଲକ୍ଷ୍ମଣ ଛତ୍ରିଆ ପ୍ରମୁଖ ସହଯୋଗ କରିଥିବା ବେଳେ ପଣ୍ଡିଗାଁ ଆଞ୍ଚଳିକ କେନ୍ଦ୍ର ସଂଯୋଜକ ନବଘନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ୨୦୨୫ ପାଇଁ ଶିକ୍ଷକ ମନ୍ମଥ କୁମାର ମିଶ୍ରଙ୍କୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଥିଲା, ଶିକ୍ଷୟିତ୍ରୀ ପଙ୍କଜିନୀ ମାଝୀ, ନୀହାରିକା ଗହିର, ମଞ୍ଜୁକଳା ମାଝୀ, ଶିକ୍ଷକ ଦେବରାଜ ବେମାଲ, କିଶୋର ଚନ୍ଦ୍ର ନାଏକ, ଲକ୍ଷ୍ମଣ ଛତ୍ରିଆ ପ୍ରମୁଖ ସହଯୋଗ କରିଥିବା ବେଳେ ପଣ୍ଡିଗାଁ ଆଞ୍ଚଳିକ କେନ୍ଦ୍ର ସଂଯୋଜକ ନବଘନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୩୦ରେ ମାଁ ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତର ଯାତ୍ରା

**ଭବାନୀପାଟଣା, ୬।୯ (ସମିସ)**

ଆସନ୍ତା ୩୦ରେ କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମାଁ ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତର ଯାତ୍ରା ଅନୁଷ୍ଠିତ ହେବ। ଉତ୍ସବ ପାଳନ ପାଇଁ ଶନିବାର ଭବାନୀପାଟଣାସ୍ଥିତ ଜିଲ୍ଲାପାଳଙ୍କ ସଦଭାବନା ସଭା ଗୃହରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଅଧକ୍ଷତା କରିଥିଲେ। ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ ଜଣାଇ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମାଁ ମାଣିକେଶ୍ୱରୀଙ୍କର ପ୍ରସିଦ୍ଧ ଛତର ଯାତ୍ରା କିପରି ଶାନ୍ତି ଶୃଙ୍ଖଳା ଭାବରେ ପାଳନ କରାଯିବ ଓ ମାଁଙ୍କ ମନ୍ଦିରରେ ଠିକ ସମୟରେ ପହଞ୍ଚିବ ସେ ଦିଗରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ସେପ୍ଟେମ୍ବର ୩୦ ତାରିଖ ମହା ନବମୀ ପ୍ରାତ ୫ଟାରେ ଜେନାଖାଲଠାରେ ରୀତି ନୀତି ପୂଜା ଅର୍ଚ୍ଚନା ଶେଷ ପରେ ମାଁଙ୍କ ଛତର ଯାତ୍ରା ଘଣ୍ଟ ବାଦ୍ୟ, ଜେନା ବାଦ୍ୟ ଓ ଘଣ୍ଟ ଗିନି ଇତ୍ୟାଦି ସାଂସ୍କୃତିକ ଦଳର ହଜାର ହଜାର ଭକ୍ତ ଶ୍ରଦ୍ଧାଳୁଙ୍କ ଗହଣରେ ରାଜପ୍ରସାଦ ସ୍ଥିତ ମାଁ' ମାଣିକେଶ୍ୱରୀ ମନ୍ଦିର ମଧ୍ୟକୁ ପୂର୍ବାହ୍ନ ୧୧ଟା ୩୦ରେ ପ୍ରବେଶ କରିବାର ସମୟ ନିର୍ଦ୍ଧାରଣ ହୋଇଥିଲା। ଏଥିପାଇଁ ଭବାନୀପାଟଣା ସହରର ସମସ୍ତ ରାସ୍ତାଘାଟ, ନାଳ ନର୍ଦ୍ଦମା



ସଫା ସୁତୁରା ସହିତ ସହରର ରାସ୍ତା ପାର୍ଶ୍ୱରେ ଲାଗିଥିବା ସମସ୍ତ ସିସି କ୍ୟାମେରାକୁ ଠିକ କରିବା ପାଇଁ ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପା?ୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଛତର ଯାତ୍ରାର ସୁପରିଚାଳନାରେ ଆବଶ୍ୟକ ଟ୍ରାଫିକ ବ୍ୟବସ୍ଥା, ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଆବଶ୍ୟକ ପୋଲିସ ମୁତୟନ, ପାନୀୟ ଜଳର ସୁବ୍ୟବସ୍ଥା, ଫାଷ୍ଟଏଡ ଆମ୍ବୁଲାନ୍ସ ସେବା, ବିଦ୍ୟୁତ ସରବରାହ, ସୂଚନା କେନ୍ଦ୍ର, ପୁଲିସ୍ କଣ୍ଟ୍ରୋଲ ରୁମ ଖୋଲିବା, ମଦ ଦୋକାନ ବନ୍ଦ ରଖିବା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଛତର ଯାତ୍ରା ସମୟରେ କଡନର ସୁପରିଚାଳନା, ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ଆରକ୍ଷୀ ଅଧକ୍ଷକଙ୍କ ନିଷ୍ପତ୍ତି ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯିବା ପାଇଁ ସ୍ଥିର କରାଯାଇଥିଲା। ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବୈତୁରା ଦୀପ, ଧର୍ମଗ? ଉପ ଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, ଭାରତୀୟ ପ୍ରଶାସନିକ ସେବା (ପ୍ରୋବେଶନ) ଅନିମେଶ ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଶାନ୍ତ କୁମାର ସିଂ, ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାଏକ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନଦ ମହାନନ୍ଦ, ଓଏସଆରଟିସିର

## ପ୍ରଶାସନ ପକ୍ଷରୁ ପ୍ରସ୍ତୁତି

ଜିଲ୍ଲା ପରିଚାଳକ ସ୍ୱଦେଶ କୁମାର ପାତ୍ର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ପୌରପାଳିକା ଅଧକ୍ଷ ବିଷ୍ଣୁ ପ୍ରଧାନ, ସଦର ବିଧାୟକଙ୍କ ପ୍ରତିନିଧି ଧନୁର୍ଯ୍ୟୟ ଗହିର, ସହକାରୀ ଜିଲାପାଳ ସୁଶାନ୍ତ କୁମାର ନାଏକ, ସଦର ଏସଡିପିଓ ନରେଶ ପ୍ରଧାନ, ସଦର ଆଇ.ଆଇ.ସି. ପ୍ରଦ୍ୟୁମ୍ନ କୁମାର ମହାପାତ୍ରଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ଜିଲା ସ୍ତରୀୟ ଅଧିକାରୀ ଛତର ଯାତ୍ରା ପାଳନ କମିଟିର ସମସ୍ତ ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ଦରୱାନ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

ସିନାପାଲି ବ୍ଲକ୍ ଏକ୍ସକ୍ୟାଡର ଶିକ୍ଷକ ସଂଘ ଗଠିତ

# ତରୁଣ ସଭାପତି ଓ ବେଣୁଧର ସମ୍ପାଦକ

**ସିନାପାଲି, ୬।୯ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକସ୍ତରୀୟ ଏକ୍ସକ୍ୟାର ଶିକ୍ଷକ ସଂଘର ନୂତନ କମିଟି ଗଠନ କରାଯାଇଛି। ସ୍ଥାନୀୟ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ଠାରେ ବରିଷ୍ଠ ଶିକ୍ଷକ ଲୋକନାଥ ମେହେରଙ୍କ



ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଭିନ୍ନ ବିଦ୍ୟାଳୟରୁ ଏକ୍ସକ୍ୟାର ଶିକ୍ଷକ ଯୋଗଦେଇଥିଲେ। ନିକଟରେ ସିଆରସିସି ଭାବରେ ନିଯୁକ୍ତ ଏକ୍ସକ୍ୟାର ଶିକ୍ଷକ ତରୁଣ କୁମାର ମେହେରଙ୍କୁ ପ୍ରଥମେ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ସଂଘର ବିଭିନ୍ନ କାର୍ଯ୍ୟପନ୍ଥାକୁ ନେଇ ବିଷଦ ଆଲୋଚନା କରାଯିବା ସହନୂତନ କମିଟି ଗଠନ କରାଯାଇଥିଲା। କମିଟିର ସଭାପତି ଭାବରେ ତରୁଣ କୁମାର ମେହେର, ଉପସଭାପତି ଖଗେଶ୍ୱର ମେହେର ଓ ଆଲୋକ ପାଣିଗ୍ରାହୀ, ସମ୍ପାଦକ ବେଣୁଧର ନାଏକ, ସହସମ୍ପାଦକ ଅର୍ଜୁନ ନାଏକ ଓ ସାମନ୍ତ ଦାସ ଏବଂ କୋଷାଧ୍ୟକ୍ଷ ଭାବରେ ଭୂତେଶ୍ୱର ନାଏକଙ୍କୁ ମନୋନିତ କରାଯାଇଛି। ସେହିପରି ମିଡିଆ କୋର୍ଡିନେଟର ଭାବରେ ହିରାଲାଲ ସାହୁ ରହିଥିବା ବେଳେ ସଂଘର କାର୍ଯ୍ୟକାରୀ ସଭ୍ୟଭାବେ ଶିବ ମାଝୀ, ଦଶରଥ ଦଣସେନା, କ୍ଷିତିଶ କାଣ, ସନ୍ତୋଷ ସାହୁ, କ୍ରାନ୍ତି ବାଗ, ହୃଷିକେଶ ଛତ୍ରିଆ, ରମେଶ ମେହେର, ସତ୍ୟ ହରିଜନ, ଶଶିମୁଖୀ ପ୍ରଧାନ, ପୁଷ୍ପାଞ୍ଜଳି କାଛି, ଗିତୀକା ଖମାରୀ ରହିଛନ୍ତି। ଅବସରପ୍ରାପ୍ତ ଶିକ୍ଷକ ଅରୁଣ କୁମାର ଯୋଷୀଙ୍କ ସହ ଲୋକନାଥ ମେହେର, ଧର୍ମୁ ନାଏକ, ଅଚ୍ୟୁତାନନ୍ଦ ମେହେର, ସରୋଜ ପାଢ଼ୀ ଉପଦେଷ୍ଟା ରହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କପୁରଚନ ମାଝୀ, କ୍ଷେତ୍ରମୋହନ ବନ୍ଦିଛୋର, କୋକିଳ ସୁନାନୀ, ବିନୋଦ ବିହାରୀ ଚିନାଗୁନ, ଲିଙ୍ଗ ନାଗ, ସତ୍ୟବ୍ରତ ଠାକୁର, ଲବ ମେହେର, ନରେଶ ମେହେର, ଭୁପେତ ନିଆଲ, ନୃସିଂହ କଟା, ରମେଶ ଖର୍ସେଲ, ତ୍ରିବିକ୍ରମ ଗହୀର, ରୋମାଞ୍ଚଳ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ଜେଜେ



ଗଂଗାଧର ବିଶ୍ୱାଳ


ଜେଜେ ନାମକ ଅନ୍ତରଙ୍ଗ ସଂପର୍କର ମଣିଷ ସହିତ ପରିଚିତ ହେବା ଆଗରୁ ଜେଜେ ଚାଲିଯାଇଥିଲେ। ତେଣୁ ପ୍ରାପ୍ତବୟସ୍କ ହେବା ପରେପରେ ପିଲାଦିନର ମଧୁର ଆଳାପକୁ ମନେ ପକାଇବା ବିନା ମୋର ଆଉ କିଛି ଉପାୟ ନ ଥିଲା। ମୁଁ ଶୁଣିଚି, ଶେଷ ସମୟ ବେଳକୁ ଜେଜେଙ୍କର ପାଗଳାମି ଆରମ୍ଭ ହୋଇଯାଇଥିଲା । କାହାକୁ କ'ଣ କହୁଥିଲେ ଜାଣି ପାରୁନଥିଲେ। ଆମ ଘର ଲୋକମାନେ ଜେଜେଙ୍କ ଅଭଦ୍ରୋଚିତ କଥା ଶୁଣି କିଛି ମନେ କରୁନଥିଲେ। ବରଂ ତାଙ୍କ ମଥା ଠିକ୍ ନାହିଁ କହି ଅତି ସହଜ ଭାବରେ ଗ୍ରହଣ କରୁଥିଲେ ଓ ଜମାରୁ ଗୁରୁତ୍ୱ ଦେଉନଥିଲେ।

ମୋର ମନେପଡୁଚି, ଦିନେ ଦିନେ ଜେଜେଙ୍କୁ ଘର ଭିତରେ ଅଟକ ରଖାଯାଉଥିଲା । କେବଳ ଖାଇବା ସମୟ ହେଇଗଲେ ଖାଦ୍ୟ ନେଇ ଅତି ସତର୍କତାର ସହିତ ଥୋଇ ଦିଆଯାଉଥିଲା । ମୁଁ କବାଟ ଫାଙ୍କରେ ଅତି ସନ୍ତର୍ପଣରେ ଲକ୍ଷ୍ୟ କରୁଥିଲି ଯେ, ଜେଜେ ଖାଦ୍ୟ ତକ ଝାମ୍ପିନେଇ ଘର ଭିତରର ଏକ ନିଛାଟିଆ ଅନ୍ଧାର ଆଡ଼କୁ ଉଠିଯାଉଥିଲେ।

ସେତେବେଳେ ମୁଁ କେବଳ ନିରୀହ ପଶୁପକ୍ଷୀର ନିର୍ଦ୍ଦୟତାରେ ଭିଜିଯିବା ବିନା ମୋର କିଛି କରିବାର ଚିନ୍ତା ବି ନଥିଲା । ହୁଏତ ମୋ ମନ ଭିତରେ ଭାବନାର ଝଡ଼ ଉଠୁଥିଲା ଓ ଯେଉଁ ଜେଜେଙ୍କ ପାଇଁ ଏ ଘର, ଏ ସଂସାର ସେଇ ଜେଜେଙ୍କର ଭଲ ହେବା ପାଇଁ ଆକୁଳତାର ଲେଶମାତ୍ର ଦେଖାଯାଉନଥିଲା ।

ଅବଶ୍ୟ ସେତେବେଳର ଘରୋଇ ଜଞ୍ଜାଳ, ପାରିବାରିକ ଝାମେଲା ଓ ଦାରିଦ୍ର୍ୟ ଯୋଗୁଁ ପେଟ ବିକଳରେ ଆଉ ସବୁ ନିଆରା ହେଇଯାଉଥିବାବେଳେ ବାପା କିମ୍ବା ମା' କେହି ଯେ ବିବ୍ରତ ନଥିଲେ ତାହା ନୁହେଁ, ମାତ୍ର ଅପାରଗତା ଏବଂ ଅକ୍ଷମତା ହିଁ ସମ୍ଭବତଃ ପ୍ରତିବନ୍ଧକର ଉଚ୍ଚ ପାଚେରି ହେଇ ଠିଆହେଇଥିଲା ।

କେବଳ ଖାଇବା କଥା ବୁଝିବା ବ୍ୟତୀତ ତାଙ୍କ ଗାଧୁଆ, ନିତ୍ୟକର୍ମ, ଶୋଇବା ଓ କୁନିକୁନି ନାତି ନାତୁଣୀଙ୍କ ସହିତ ମିଶିବା, ସକାଳ ସଞ୍ଜରେ ବୁଲିଯିବାର ଆନନ୍ଦକୁ କେହି ଚିନ୍ତା ବି କରୁନଥିଲେ। ହୁଏତ ଜେଜେ ବି ଆବଶ୍ୟକ ମନେ କରୁନଥିଲେ ଏସବୁ ।



ମୋର ମନେପଡୁଚି ଜେଜେ ଭଲ ଥିବାବେଳେ ବାରଣ୍ଡାରେ ବସୁଥିଲେ। ବାରଣ୍ଡା ଶେଷରେ ତିଆରି ହେଉଥିବା ମାଟିଲିପା ଶକ୍ତ ପାଚେରି ଭଳି ଉଚ୍ଚସ୍ଥାନଟିରେ ଜେଜେ ବସି ରହୁଥିଲେ । ତାଙ୍କର ତେଲିଆ ଜଙ୍ଘର ନିବିଡ଼ ଆକର୍ଷଣରେ କାନ୍ଥଡ଼ାଟିର ଦେହ ବି ତେଲିଆ ହେଇଯାଇଥିଲା ଓ ସେଠାରେ କେହି ବସିବାକୁ ରାଜି ହେଉନଥିଲେ ।

ବାରଣ୍ଡାର ଦକ୍ଷିଣ ପଟରେ ଗୋଟେ ଝରକା ଥିଲା । ସେଇଟା ସବୁବେଳେ ଖୋଲା ରହୁଥିଲେ ବି ତାଳପତର ତିଆରି ପରଦାରେ ଢାଙ୍କି ରହୁଥିଲା। ପାଖରେ ଗୋଟେ କାଠ ଚେୟାର୍ ପଡୁଥିଲା। ତହିଁରେ ଜେଜେ ବସୁଥିଲେ ଓ କେବେକେବେ ଆମ ଘରେ ରହୁଥିବା ଜଣେ ପାରିବାରିକ ସଭ୍ୟ ଟିପୁ (କୁକୁର) ଏବଂ ଆଉ ଜଣେ ଶଙ୍କି (ବିଲେଇ) ଜେଜେଙ୍କର ଖୁବ୍ ଆପଣାର ହେଇଯାଇଥିଲେ ।

ଯେଉଁ ସମୟରେ ଜେଜେଙ୍କର ଅନ୍ୟମନସ୍କତା ଓ ପାଗଳାମିର ରାଜୁତି ଦେଖାଗଲା, ସେ ସମୟରେ ଆମ ଘରର କେହି ହେଲେ ବି ଜେଜେ ଅଛନ୍ତି, ତାଙ୍କ କଥା ବୁଝିବା ଦରକାର ବୋଲି ଆଦୌ ଜଣାପଡୁନଥିଲା ।

ସମୟ ସମୟରେ ମୁଁ ଖାଇବାବେଳେ ଟିପୁ ଓ ଶଙ୍କି ଆସି ମୋ ପାଖରେ ଘଷିରଞ୍ଜି ହେଉଥିଲେ। ଅଥଚ କୁକୁର ଓ ବିଲେଇ ପ୍ରତି ଅନ୍ତରଙ୍ଗତାର ଅଭାବ ଦେଖାଦେବାରୁ ପାଖ ପଶେଇ ନଦେବାର ଯଥେଷ୍ଟ ଏଲର୍ଜି ଦେଖାଗଲା। ମୁଁ ଯେବେ ସେମାନଙ୍କୁ ମାରି ଗୋଡ଼େଇଲି ସେମାନେ ଆଶ୍ରୟ ଭିକ୍ଷା ପାଇଁ ଜେଜେଙ୍କ ରୁଦ୍ଧ କୋଠରି ଭିତରକୁ ପଶିଯାଉଥିଲେ।

କୁକୁର ଓ ବିଲେଇର ଅବାଧ ପ୍ରବେଶ ଦେଖି ମୁଁ ବିସ୍ମିତ ହେଇ ଯାଉଥିଲି । କାରଣ ଜେଜେଙ୍କ ପାଖକୁ ଯିବାକୁ କେହି ଆମେ ସାହସ କରୁନଥିବାବେଳେ ସେ ଦୁଇ ଜଣଙ୍କ ଯିବା ଆସିବା କଥା ଚିନ୍ତାକଲେ ନିଶ୍ଚୟ ଆଶ୍ଚର୍ଯ୍ୟ ଲାଗିବ। ସତ କହିବାକୁ ଗଲେ, ଜେଜେଙ୍କ କାର୍ଯ୍ୟକଳାପ ଦେଖିବା ପାଇଁ ଓ ଖାଦ୍ୟ ଦେବାପାଇଁ ଟିଣ କବାଟରେ ଗୋଟେ ଫାଙ୍କ ତିଆରି ହେଇଥିଲା ।

କିଛି ସମୟ ପରେ ଟିପୁ ଓ ଶଙ୍କି ଫେରିଆସି ବାହାର ବାରଣ୍ଡାରେ ବସି ରହୁଥିଲେ । ମୁଁ ଯେତେବେଳେ ବାହାରକୁ ଯାଉଥିଲି ଦେଖୁଥିଲି କୁକୁର ଓ ବିଲେଇ ଜନ୍ମରୁ ଘୋଡ଼ା-ମଇଁଷି କିମ୍ବା ସାପ-ନେଉଳର ସଂପର୍କରେ ପରିଚିତ ଥିବାବେଳେ ଟିପୁ ଓ ଶଙ୍କି ବ୍ୟତିକ୍ରମ କାହିଁକି ?

କେବେ ଜେଜେଙ୍କର ଦେହାନ୍ତ ହେଲା ମନେ ନାହିଁ । କିନ୍ତୁ ଘରର ଏକମାତ୍ର ନାତି ଭାବରେ ମୁଁ ତାଙ୍କ ଶବ ସହିତ ମଶାଣିକୁ ଯାଇଥିଲି। ମୋ ବାପା ଜେଜେଙ୍କୁ ମୁଖାଗ୍ନି ଦେଇଥିଲେ। ଗାଁ ରାସ୍ତା ଶେଷ ବରଗଛ ପାଖ ଫେରନ୍ତା ରାସ୍ତାରେ ଦେଖିଥିଲି, ଟିପୁ ଓ ଶଙ୍କି ଏକାଠି ବସି ଶୋକ ପାଳନ କରୁଥିଲେ।

ଏହାପରେ ଆମ ଘରେ ମୁଁ ଆଉ କେବେ ଟିପୁ ଓ ଶଙ୍କିଙ୍କୁ ଦେଖିବାକୁ ପାଇନି କିମ୍ବା ଏପର୍ଯ୍ୟନ୍ତ ପୋଷା କୁକୁର କି ପୋଷା ବିଲେଇ ଆମ ଘରେ ରହିଥିବାର ପ୍ରମାଣ ବି ନାହିଁ ।


ଅବଶ୍ୟ ପ୍ରତିବର୍ଷ ଜେଜେଙ୍କ ଶ୍ରାଦ୍ଧ ବାର୍ଷିକୀରେ ମୋ ବାପା ବେଶ୍ ତତ୍ପର ଜଣାଯାଉଛନ୍ତି। ସେଇଦିନରେ ମୁଁ ଟିପୁ ଓ ଶଙ୍କି କଥା ମନେପକାଉଛି ।■

'ଆମ ଘର'
ନିଉ କଲୋନି, ନେଳିଆବାଗ
ଶ୍ରୀକଣ୍ଠପୁର
ବାଲେଶ୍ୱର-୭୫୬୦୦୧
ମୋ: ୯୪୩୭୧୨୯୨୬୫

# ପୁସ୍ତକ ପରିଚୟ

## ଜୀବନର ମୋଜାଇକ୍

ଡକ୍ଟର ମୌସୁମୀ ପରିଡ଼ା





ଶୌର୍ଯ୍ୟ ପ୍ରକାଶନ
ଓଡ଼ିଆ ବଜାର,
କଟକ-୭୫୩୦୦୧
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୮୦ ଟଙ୍କା

ନିକଟ ଅତୀତରେ ପ୍ରକାଶ ପାଇଛି କଥାକାର ଡକ୍ଟର ମୌସୁମୀ ପରିଡ଼ାଙ୍କ 'ଜୀବନର ମୋଜାଇକ୍' ପୁସ୍ତକ। ଏହି ପୁସ୍ତକରେ 'କୃଷ୍ଣଗର୍ଭ' ଓ 'ଦୁଶ୍ଚରିତ୍ରା' ଶୀର୍ଷକ ଦୁଇଟି ଉପନ୍ୟାସ ସଂକଳିତ ହୋଇଛି। ପ୍ରେମ ମଣିଷ ମନରେ ବୁଣି ଦିଏ ରଙ୍ଗିନ ସ୍ୱପ୍ନ। ତେବେ ସବୁ ସ୍ୱପ୍ନ ସତ ହୁଏନା। ସବୁ ପ୍ରେମ ସଫଳ ହୁଏନା। ହୃଦୟର ଅନେକ କଥା ମନ ଭିତରେ ଚାପି ହୋଇ ରହିଯାଏ। ଏଭଳି ପ୍ରେମ ଓ ନାମହୀନ ସଂପର୍କକୁ ନେଇ ଗତିଶୀଳ ହୋଇଛି 'କୃଷ୍ଣଗର୍ଭ' ଉପନ୍ୟାସର କାହାଣୀ। ଶୁଭ ଓ ମୁକ୍ତାଙ୍କ ମନର ଭାବନା, ହୃଦୟର ଅନାବିଳ ପ୍ରେମ, ପରସ୍ପର ପ୍ରତି ବିଶ୍ୱାସ ଓ ଭଲ ପାଇବା ରହିଯାଇଛି ନିଜ ନିଜ ଭିତରେ। ସମୟ ଚକ୍ରରେ ଉଭୟେ ପାଲଟି ଯାଇଛନ୍ତି ଦୁଇଟି ଭିନ୍ନ ପଥର ଯାତ୍ରୀ। ଜୀବନ, ପ୍ରେମ, ମାନବୀୟ ସଂପର୍କର କମନୀୟ ଭାବ ପ୍ରସ୍ଫୁଟିତ ଫୁଟି ଉଠିଛି 'କୃଷ୍ଣଗର୍ଭ' ଉପନ୍ୟାସରେ। ସେହିପରି 'ଦୁଶ୍ଚରିତ୍ରା' ଉପନ୍ୟାସରେ ମାନବୀୟ ଆବେଗ, ଆତ୍ମୀୟତା, ପ୍ରେମକୁ ନେଇ ଏହାର କାହାଣୀ ଗତିଶୀଳ । ଉପନ୍ୟାସଟିକୁ ସରଳ ଓ ସୁଖପାଠ୍ୟ କରିବା ପାଇଁ ନଅଟି ଭାଗରେ ବିଭକ୍ତ କରାଯାଇଛି। ପରିସ୍ଥିତିରେ ପଡ଼ି ଜଣେ ନାରୀ ସମାଜ ପାଇଁ କିଭଳି ଦୁଶ୍ଚରିତ୍ରା ପାଲଟି ଯାଇଛି, ତାହା ଏହି ଉପନ୍ୟାସରେ ପ୍ରସ୍ଫୁଟିତ ହୋଇଉଠିଛି । ଶିବାନୀ, ଅମର, ବିମଳେନ୍ଦୁ, ଭବାନୀ, ଅଞ୍ଜନା ଦେବୀ, ମୈତ୍ରୀ ଅପା, କ୍ରାନ୍ତି ଭାଇ ପ୍ରଭୃତି ଚରିତ୍ର ଉପନ୍ୟାସର କାହାଣୀକୁ ରୋମାଞ୍ଚିତ କରିଛନ୍ତି । 'କୃଷ୍ଣଗର୍ଭ' ଓ 'ଦୁଶ୍ଚରିତ୍ରା' ଉପନ୍ୟାସର କାହାଣୀ ପାଠକମାନଙ୍କ ହୃଦୟକୁ ସ୍ପର୍ଶ କରିବ ବୋଲି ଆଶା କରାଯାଏ । ■

## ସଂକ୍ଷିପ୍ତ ଶ୍ରୀମଦ୍ଭାଗବତ

ପୂର୍ଣ୍ଣଚନ୍ଦ୍ର ପଧାନ




ତରାବତୀ ପଧାନ
ଭୈଁନାତୋରା
ଅମ୍ବାଭୋନା, ବରଗଡ଼
ପ୍ରଥମ ପ୍ରକାଶ: ୨୦୨୫
ମୂଲ୍ୟ: ୩୫୦ ଟଙ୍କା

ଅତିବଡ଼ୀ ଜଗନ୍ନାଥ ଦାସଙ୍କ ବିରଚିତ 'ଶ୍ରୀମଦ୍ଭାଗବତ' ଓଡ଼ିଆ ଜାତିର ଏକ ଅମୂଲ୍ୟ ସଂପଦ। ପ୍ରତିଟି ଓଡ଼ିଆ ଘରେ ଏହାକୁ ଶ୍ରଦ୍ଧା ଓ ଭକ୍ତିର ସହିତ ପୂଜା କରାଯାଏ । ଓଡ଼ିଆ ଭାଗବତକୁ ଅନୁସରଣ କରି ପୂର୍ଣ୍ଣଚନ୍ଦ୍ର ପଧାନ ରଚନା କରିଛନ୍ତି 'ସଂକ୍ଷିପ୍ତ ଶ୍ରୀମଦ୍ଭାଗବତ'। ଭାଗବତକୁ ସଂକ୍ଷିପ୍ତରେ ରଚନା କରିବା ପ୍ରୟାସ ନିଶ୍ଚିତ ପ୍ରଶଂସନୀୟ। ନିଜସ୍ୱ ଭାବ ଓ ଆଧ୍ୟାତ୍ମିକ ଚିନ୍ତନ ଦ୍ୱାରା ସେ ପ୍ରଥମ ସ୍କନ୍ଧରୁ ଦ୍ୱାଦଶ ସ୍କନ୍ଧ ପର୍ଯ୍ୟନ୍ତ ରଚନା କରିଛନ୍ତି। ପ୍ରତିଟି ସ୍କନ୍ଧରେ କେତୋଟି ଅଧ୍ୟାୟ ରହିଛି। ପୁରାଣ ଓ ଇତିହାସ ପ୍ରତି ତାଙ୍କର ଗଭୀର ପ୍ରବେଶର ଉଦାହରଣ ହେଉଛି 'ସଂକ୍ଷିପ୍ତ ଶ୍ରୀମଦ୍ଭାଗବତ' । ଖୁବ୍ ପରିଶ୍ରମ କରି ସେ ଭାଗବତର ସଂକ୍ଷିପ୍ତ ରୂପ ରଚନା କରିଛନ୍ତି। ଅତି କମ୍ ସମୟ ମଧ୍ୟରେ ପାଠକମାନେ ସଂପୂର୍ଣ୍ଣ ଭାଗବତ ଉପରେ ସମ୍ୟକ୍ ଧାରଣା ପାଇ ପାରିବେ । ପ୍ରତିଟି ଅଧ୍ୟାୟର ଶେଷରେ ଉପଦେଶାତ୍ମକ ପଦଟିଏ ରହିଛି । ଯାହା ସମାଜକୁ ଦିଗ୍‌ଦର୍ଶନ ଦେବା ସହିତ ଜନମାନସକୁ ସତ୍‌ପଥରେ ପରିଚାଳିତ ହେବା ପାଇଁ ସହାୟକ ହେବ । ସରଳ ଓ ବୋଧଗମ୍ୟ ଭାଷା, ନିରାଡ଼ମ୍ବର ଉପସ୍ଥାପନା ଶୈଳୀ, ଛଳ ଛଳ ଭାବ ପୁସ୍ତକଟିକୁ ସୁଖପାଠ୍ୟ କରିଛି । ଚଉଦ ଅକ୍ଷର ବିଶିଷ୍ଟ ପଦ ସଂଯୋଜନା କରି ଲେଖକ ନିଜର ସ୍ୱତନ୍ତ୍ରତା ପ୍ରତିପାଦନ କରିଛନ୍ତି । ଆଧ୍ୟାତ୍ମିକ ଭାବରେ ରସସିକ୍ତ ଏହି ପୁସ୍ତକର ପ୍ରତିଟି ସ୍କନ୍ଧ। 'ସଂକ୍ଷିପ୍ତ ଶ୍ରୀମଦ୍ଭାଗବତ' ପାଠକମାନଙ୍କ ଦ୍ୱାରା ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ■

# ହେନା



ବନଜ ଦେବୀ

ମୁହଁ ସଞ୍ଜର ଶେଷ ପହରଟି ଲେଉଟି ଗଲେ
ନୀରବତାର କୋମଳ ଆଉଁଷାଟି,
ଘୂରି ଆସିଲେ ଗାଁ' ଚାରିଆଡ଼
ନିଦ ଅଳସ ରାତିର ସ୍ୱପ୍ନ ଉପରକୁ
କିଏ ସେ ସୁଗନ୍ଧର ସୌଦାଗର
ଫିଙ୍ଗିଦିଏ ସୁବାସିତ ଏକ ସୂକ୍ଷ୍ମଜାଲ ।

ଚାରିଆଡ଼ ଚହଟୁଥାଏ ଜହ୍ନ ଆଲୁଅରେ,
ମାନିନୀ ନଈଟା ନିଦ ଜରଜର ଅଳସରେ
ନିଛାଟିଆ ନଈ ପଠାରେ
ବଉଳ ଗଛର ଛାଇ ତଳେ
ବୁଦି ବୁଦି ବାଉଁଶ ବଣ ଓ ସରୁ ପାଦଚଲା ରାସ୍ତାରେ
ମର୍ମରିତ ପବନର ଟୁକୁରା ଅଂଶରେ
ପେଛା ପେଛା ସୁଗନ୍ଧର ସମ୍ମୋହନ
ଯାଦୁକରୀ ମାୟାବୀ ସ୍ପର୍ଶରେ
ସବୁଜ ଘେରାଉ ସେଇ ବସ୍ତିଟାକୁ
କରେ ସ୍ୱପ୍ନାଚ୍ଛନ୍ନ ।

ଘର ବାହୁଡ଼ା ବାଟୋଇଟି ଅଟକିଯାଏ କ୍ଷଣେ ଦଣ୍ଡେ,
ଉଡ଼ିଯାଉଥିବା ରାତିଚର ପକ୍ଷୀଟି
ଭୁଆଁ ବୁଲିଯାଏ
ଝରକା ପାଖେ ନୂଆ ବୋହୂଟିର ପ୍ରତୀକ୍ଷା, ବି
ପୁଲକି ଉଠେ ତୁହା ତୁହା
ଅସମର୍ଥ କବିଟିର ଶବ୍ଦ ପୁଟୁଳି ବତୁରିଯାଏ ସେ ପ୍ଳାବନରେ
ମନ୍ଦିର ବେଢ଼ାର ଚମ୍ପା ଗଛଟି ମଥା ନତ୍ କରିଦିଏ ନୀରବରେ

ହେ ଅପୂର୍ବ ସୁଗନ୍ଧର ଯାଦୁକର
ତୁ ପରିହାସ କରୁ ଦେବତାର ଅସ୍ୱୀକାର
ମାଳା କରି ଦେଇ ସୁଗନ୍ଧର କାରବାର,

ହେ, ବାମ୍ବା, ଯାଦୁକର
ତୋ ମାୟାର ସ୍ୱପ୍ନ ଜାଲରେ
ବନ୍ଧା ପଡ଼େ ବିଶ୍ୱ ଚରାଚର
ତୋର ପ୍ରଥମ ସ୍ପର୍ଶ ସ୍ପନ୍ଦନ
ଦ୍ୱିତୀୟ ସଂଚାଳନ
ଅବଲୀଳା କ୍ରମେ ପ୍ଲାବନ ଓ ନିଶ୍ଚେତନ
ତୁ ଅନାସକ୍ତ ପ୍ରେମର ଚେତନ । ■

ଶିବଛାୟା
ରଥ ରୋଡ୍, ଭୁବନେଶ୍ୱର-୨



# ଦେଖିପାରିନି ଏଯାଏଁ ସମୁଦ୍ର



ପ୍ରେମାନନ୍ଦ ଖଣ୍ଡୁଆଳ

ଭଲଭାବରେ ଦେଖିପାରିନି
ଏଯାଏଁ ସମୁଦ୍ର
ଲହଡ଼ିକୁ ଗଣି ପାରିନି ଆଙ୍ଗୁଳି ରେଖାରେ
ହାତ ବୁଲେଇ ସମତଳ କରିପାରିନି
କୁବା କୁବା ପିଠି,
ବୁଝି ପାରିନି ତା ଶବ୍ଦ
ବୁଝେଇ ପାରିନି କିଛି ଗୋଟେ ତାକୁ ।

ଦେଖେଇ ପାରିନି
ତା'ର ଖେଳ, ତା'ର ବୟସ୍କ ଚପଳ
ତା'ର ରାଗ, ତା'ର ଧାବମାନ ବେଗ
ପବନର ତେଣା ଲାଗିଲେ
କେମିତି ଦାନ୍ତ, ନଖ ଖଞ୍ଜି ହୋଇଯାଏ
ଧାଡ଼ି ଧାଡ଼ି ଲହଡ଼ିରେ,
ମୁଣ୍ଡ ଝାମ୍ପୁରା କରି
ପାଲଟିଯାଏ ବାୟାଣୀ
ଚାକୁଲୁ ଚାକୁଲୁ ଖାଇଯାଏ
ମାଇଲ ମାଇଲ ମାଟି
ଚାଳ, ଚୁଲି, ଜମି, ଜଙ୍ଗଲ
ଅସଂଖ୍ୟ ମଣିଷଙ୍କ ଆଖିରୁ ନିଦ
ପେଟରୁ ଭୋକ
ଛାତିରୁ ବିବେକ
ସୁଖେଇ ଦିଏ ଲୁହ, ଲହୁ
ପକ୍ଷୀଙ୍କ କଣ୍ଠରୁ ଗୀତ
ଗଛଙ୍କ ସବୁଜ, ଫୁଲରୁ ରଙ୍ଗ, ମହୁ ।

ମୋ ନପାରିଲା ପଣରେ
ମୁଁ ଘାରି ହେଉଛି ଅହରହ
ହାତମୁଠାରୁ ଖସିଯାଇଥିବା ସମୟକୁ
ଟାଣିଆଣି ଦେଖେଇ ଦେବାକୁ ଚାହୁଁଥିଲି
କେମିତି ସମୁଦ୍ର ଧାସରେ
ଦରସିଝା ହୁଏ ଜୀବନ
କେମିତି ପାଦକୁ ଲାଗେ ଥରିଲେ ବସୁଧା
କେମିତି ଅଧାଗଢ଼ା ରହିଯାଏ ସପ୍ନ
ପ୍ରଖର ଦୌଡ଼େ ନିଃଶ୍ୱାସ
କେତେ କଷ୍ଟଲାଗେ ସଜାଡ଼ିବା
ବିଶ୍ୱାସ ଟିକକ,
କେମିତି ଲୁହରେ ଫୁଟାଯାଏ
ହସର ପ୍ରତିବିମ୍ବ
ଖୁସିର କଦମ୍ବ ।

ଭଲଭାବରେ ଦେଖିପାରିନି
ଏଯାଏଁ ସମୁଦ୍ର
ଆକାଶରେ ଦେଖିପାରିନି
ଇନ୍ଦ୍ରଧନୁର ଛବି
ଛାତିରେ ଆଙ୍କିପାରିନି
ସମୟ ଓ ସମୁଦ୍ରର ଯୁଗଳ ମିଳନ
ପଢ଼ି ପାରିନି ମନ ବର୍ଣ୍ଣବୋଧ
ଗାଇ ପାରିନି ତଥାପି
ଜୀବନ୍ତ ଜୀବନ ବେଦ । ■

ବାର୍ହାପୁର, ରାଜନଗର, କେନ୍ଦ୍ରାପଡ଼ା
ମୋ: ୯୩୩୭୩୧୩୭୬୫

# "ଲେଖାଲେଖି ମୋ' ଅନ୍ତରକୁ ନିର୍ମଳ ଓ ପରିଶୁଦ୍ଧ କରିବା ପାଇଁ ଏକ ସାଧନା"






ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ଥରେ ବିଶ୍ୱକବି ରବୀନ୍ଦ୍ରନାଥ କହିଥିଲେ- "ଲେଖକ ତା'ର ପରିବାରରୁ ପ୍ରଥମେ ସାରସ୍ୱତ ସାଧନାର ମନ୍ତ୍ର ଶିଖିଥାଏ ।" ନିଜ ଲେଖାଲେଖି ସମ୍ପର୍କରେ ଭାବିଲା ବେଳେ ଏଇକଥା ହିଁ ସ୍ୱତଃ ମୋ ହୃଦୟରେ ଧ୍ୱନିତ ହେଉଥାଏ ସର୍ବଦା । ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପରିବାରରେ ମୋର ଜନ୍ମ । ଅନେକ ବ୍ୟକ୍ତି ମୋତେ ବେଳେ ବେଳେ ପଚାରନ୍ତି, ଆପଣ କ'ଣ କବିଙ୍କୁ ଦେଖିଥିଲେ ? ମୁଁ ତାଙ୍କୁ କ'ଣ ଉତ୍ତର ଦେବି ଭାବିପାରେ ନାହିଁ । କାରଣ ବାଲ୍ୟକାଳରୁ ତାଙ୍କର ସୂକ୍ଷ୍ମ ଉପସ୍ଥିତି ଯେପରି ଅନୁଭବ କରି ଆସିଛି ଅତି ନିବିଡ଼ ଭାବରେ ତାଙ୍କୁ ଦେଖିନାହିଁ ପରି ଲାଗେ ନାହିଁ କେବେ । ତାଙ୍କ ଫଟୋଚିତ୍ର ବା ପ୍ରତିମୂର୍ତ୍ତି ମୋତେ କେବେ ନିଷ୍ପ୍ରାଣ ମନେ ହୋଇନାହିଁ । ପୁଣି ମୋର ପୂଜ୍ୟ ପିତାମହ କବିପୁତ୍ର ଭଗବାନ ମେହେରଙ୍କଠାରୁ ଆରମ୍ଭ କରି ପରିବାରର ପ୍ରତ୍ୟେକଙ୍କ ଭିତରେ ଦେଖିଛି କବି ଆତ୍ମାର ଅନନ୍ୟ ଝଲକ । ପରିବାରରେ ସଯତ୍ନରେ ସଂରକ୍ଷିତ ବ୍ୟାସକବି ଫକୀରମୋହନ, କବିବର ରାଧାନାଥଙ୍କଠାରୁ ଆରମ୍ଭ କରି ପ୍ରତିଟି କବିଙ୍କ ଚିଠିପତ୍ର, ସେ ସମୟର ଓଡ଼ିଆ ଓ ବଂଗଳା ପୁସ୍ତକ ତଥା ପତ୍ରପତ୍ରିକା ମୋ' ଭିତରେ ସୃଷ୍ଟି କରିଆସିଛନ୍ତି ଦିବ୍ୟ କଂପନ । ମନେପଡୁଛି ଛୋଟବେଳେ ପ୍ରତିଦିନ ରାତିରେ ପିତାମହଙ୍କ ସହ ଶୋଇବା ବେଳେ ରାମାୟଣର ମହନୀୟ ଚିରିତ୍ରସବୁ ସହ ମୋ' ଅନ୍ତସର୍ତ୍ତାକୁ କିପରି ସେ ଯୋଡ଼ି ଦେଉଥିଲେ । ସେହିପରି ବଡ଼ମା ଧନମତି ମେହେର ମହାଭାରତର ଚରିତ୍ରମାନଙ୍କ ସହ ଏକାତ୍ମ କରି ଦେଇଥିଲେ ମୋତେ । ଆଉ ମୋର ବାପା କବି ପୌତ୍ର କିଶୋର ଚନ୍ଦ୍ର ମେହେର ଭାରତୀୟ ସାହିତ୍ୟର ମହାନ ସ୍ରଷ୍ଟା ଓ ସୃଷ୍ଟି ସହ ସଂଯୁକ୍ତ କରି ଦେଉଥିଲେ ମୋ ହୃଦୟକୁ ନିବିଡ଼ ଆନ୍ତରିକତାରେ ।

ମୁଁ ବୁଦ୍ଧିମାନ କି ବିଚକ୍ଷଣ ଛାତ୍ର ତ ନଥିଲି ଆଦୌ । ତେବେ କିଏ ସ୍ନେହ ଛଳଛଳ ଦୃଷ୍ଟିରେ ମୋତେ ଟିକିଏ ଚାହିଁଦେଲେ, ଭଲ ଲେଖାଟିଏ ପଢ଼ିଦେଲେ, ଭଲ ଗୀତଟିଏ ଶୁଣିଦେଲେ କି ଭଲ ସିନେମାଟିଏ ଦେଖିଦେଲେ, ଛୋଟ ବାଛୁରୀର କଅଁଳ ଆଖିକୁ ଦେଖିଦେଲେ ଉଦ୍‌ବେଗଳିତ ହୋଇଉଠୁଥିଲା ହୃଦୟତନ୍ତ୍ରୀ । ମୋର ସକଳ ଅଯୋଗ୍ୟତା, ଅପାରଗତା ଓ ଅକ୍ଷମତା ସତ୍ତ୍ୱେ ଲେଖକଟିଏ ହେବାର ଭାବୋଚ୍ଛ୍ୱାସକୁ ମୁଁ ରୁଦ୍ଧ କରି ପାରିନଥିଲି । ହାଇସ୍କୁଲରେ ପଢ଼ିବା ବେଳେ ମୋର ବଡ଼ବାପା ପୂର୍ଣ୍ଣଚନ୍ଦ୍ର ମେହେର ବଂଗଳା ଅକ୍ଷର ସହ ମୋତେ ପରିଚିତ କରାଇ ଦେଇଥିଲେ । ସେତେବେଳେ ସ୍ୱାମୀ ବିବେକାନନ୍ଦଙ୍କ ଏକ ବଂଗଳା ଲେଖାକୁ ମୁଁ ଓଡ଼ିଆରେ ଅନୁବାଦ କରି ସ୍କୁଲ୍ ମାଗାଜିନ୍‌ରେ ଦେଇଥିଲି । ସେ ବର୍ଷ ମେଗାଜିନ୍ ନ ବାହାରିବାରୁ ମୋ ଲେଖା ବି ଅପ୍ରକାଶିତ ହୋଇ ରହିଗଲା ଚିରଦିନ ପାଇଁ । ପରେ କଲେଜ ଜୀବନରେ ଗଳ୍ପ ଲେଖା ଆରମ୍ଭ କରିଥିଲି ଆଉ ପରେ ପରେ ପ୍ରବନ୍ଧ ଆଉ ସମାଲୋଚନା । ସେଇ ୧୯୭୮-୭୯ ମସିହାରୁ ଏ ଯାବତ୍ ଅନ୍ତଃସ୍ଥଳର ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ମୋର ସୀମିତ ଶକ୍ତି ଅନୁସାରେ କିଛି ନା କିଛି ଲେଖି ଚାଲିଛି । ବାଲ୍ୟକାଳରୁ ଏ ପର୍ଯ୍ୟନ୍ତ ଘର ଓ ବାହାରେ ବହୁ ମଣିଷଙ୍କ ଶ୍ରଦ୍ଧାରେ ମୁଁ ଆପ୍ଲୁତ । ପୁଣି କେତେ ତିକ୍ତ ଅନୁଭୂତିରେ ଭାରାକ୍ରାନ୍ତ ଓ ବେଦନାକ୍ତ । ତେବେ ମଣିଷ ଜୀବନ ପ୍ରତି ନିଜକୁ ଯେତିକି ଉନ୍ମୁଖ କରି ରଖିଛି ସେତିକି ଗଭୀର ଭାବରେ ଧୀରେ ଧୀରେ ଅନୁଭବ କରି ଆସିଛି ଯେ ମଣିଷର ଈର୍ଷା, ଦ୍ୱେଷ, କ୍ରୋଧ, ଘୃଣା-ଏସବୁ ତା'ର ଖୋଳପା ମାତ୍ର । ଏହାର ଅଭ୍ୟନ୍ତରରେ ଯେଉଁ ନିଦା ମଣିଷଟିଏ ଲୁଚି ରହିଥାଏ ସେ ହେଉଛି ସୁନ୍ଦରତମଙ୍କ ଦ୍ୟୁତିରେ ଚିର ଭାସ୍ୱର । ଗଙ୍ଗାଧର ସାହିତ୍ୟଠାରୁ ଆରମ୍ଭ କରି ମନୋଜ ଦାସଙ୍କ ସାହିତ୍ୟକୃତି ପର୍ଯ୍ୟନ୍ତ ସବୁଠି ମଣିଷ ଆତ୍ମାର ସ୍ନିଗ୍ଧତା ମୋତେ ଅଭିଭୂତ କରିଛି । ମୁଁ ଗଳ୍ପ, ମୌଳିକ ପ୍ରବନ୍ଧ, ସମାଲୋଚନାତ୍ମକ ପ୍ରବନ୍ଧ, ଗବେଷଣାତ୍ମକ ନିବନ୍ଧ, ଜୀବନୀ, ନାଟକ ଯାହା ବି ଯେତେବେଳେ ଲେଖିଛି ସବୁଥିରେ ମାନବିକତାର ଅନୁଭବରେ ମହିମ୍ନ ମଣିଷଟିକୁ ଆବିଷ୍କାର କରିବା ପାଇଁ ଅତି ଆନ୍ତରିକ ଭାବରେ ଚାହିଁଛି ।

ଅନେକ ବର୍ଷ ତଳେ ବଂଗଳା ସାହିତ୍ୟର ସୁପ୍ରସିଦ୍ଧ କଥାଶିଳ୍ପୀ ବିମଳ ମିତ୍ରଙ୍କ 'ଘାଟ୍‌ବାବୁ' ଗଳ୍ପଟି ମୋ ଭିତରେ ସୃଷ୍ଟି କରିଥିଲା ଅନନ୍ୟ ଶିହରଣ । ଲେଖକ ହେବାର ଆକାଂକ୍ଷା ରଖିଥିବା ପିଲାଟିକୁ ଚିଠିରେ ଦର୍ଶାଇଥିଲେ ଯେ, କେବଳ ବିଖ୍ୟାତ ଲେଖକ ହେବାର ବାସନା ରଖିବା ଜୀବନର ପ୍ରକୃତ ଆଭିମୁଖ୍ୟ ନୁହେଁ । ନିଜର ପରିପାର୍ଶ୍ୱର ମଣିଷମାନଙ୍କୁ ଆଉ ପୃଥିବୀକୁ ନିଃସ୍ୱାର୍ଥପର ଭାବରେ ଭଲ ପାଇବା ହିଁ ଆମର ସର୍ବପ୍ରଥମ ଓ ସର୍ବପ୍ରଧାନ କର୍ତ୍ତବ୍ୟ ।

କିଶୋର କାଳରୁ ସବୁବେଳେ ଏକ ସୁନ୍ଦରତମ ପୃଥିବୀର ସ୍ୱପ୍ନରେ ମୁଁ ଅଧୀର ହୋଇଛି । ନିଜ ପରିବାର, ପରିପାର୍ଶ୍ୱ, ନିଜ ଶିକ୍ଷାନୁଷ୍ଠାନ, ନିଜ ଅଞ୍ଚଳଠାରୁ ଆରମ୍ଭ କରି ସର୍ବତ୍ର, ଶ୍ରଦ୍ଧା ଭାବର ଏକ ନିର୍ଝର ହୋଇ ସମସ୍ତଙ୍କ ହୃଦୟକୁ ସୂକ୍ଷ୍ମ କୋମଳ ଭାବାବେଗରେ ସ୍ପନ୍ଦିତ କରିଦେବା ପାଇଁ ବ୍ୟାକୁଳ ହୋଇ ଉଠିଛି । ବୃକ୍ଷଲତା, ପାହାଡ଼ପର୍ବତ, ପରିଚିତ ଅପରିଚିତ ସବୁ ମଣିଷ ସହ ଏକାତ୍ମ ହୋଇଯିବାର ଅନୁଭବରେ ତଲ୍ଲୀନ ହୋଇଉଠିଛି ମୋ ହୃଦୟ । ରାତି ରାତି ଧରି ଦୁଇ ଆଖିରୁ ଅନବରତ ବୋହିଛି କୃତଜ୍ଞତାର ଅଶ୍ରୁଧାର । ପୁନଶ୍ଚ ପ୍ରତିଟି ଲୋମକୂପରେ ଏ କି କମ୍ପନ! ଏ କି ସଙ୍ଗୀତ!! ଏ କି ବିଗଳନ !!! ପ୍ରେମର ବର୍ଷାରେ ସାରା ପୃଥିବୀକୁ ଭିଜାଇ ଦେବାର ଏ କି ଉଦ୍‌ବେଳନ । ଏହି ବିରଳ ଅନୁଭୂତି ହିଁ ହାତରେ କଲମ ଧରିବାର ଶକ୍ତି ଦେଇଛି ମୋତେ । ତେବେ ସମୟ କ୍ରମେ ମୁଁ ସଚେତନ ହୋଇ ଉଠିଛି-ଆହା । ମୋର ଏ ଜୀବନ ଏ ସାରା ପୃଥିବୀରେ କେତେ କ୍ଷୁଦ୍ରାତିକ୍ଷୁଦ୍ର, କେଡ଼େ ନଗଣ୍ୟ, କେତେ ସାଧାରଣ ଓ କେତେ ପ୍ରଭାବହୀନ । ଏ ସବୁ ସତ୍ତ୍ୱେ ଏ ଜୀବନକୁ ଏକାନ୍ତ ତାତ୍ପର୍ଯ୍ୟହୀନ ବୋଲି ମୁଁ ଭାବି ପାରିନାହିଁ। ଅନ୍ତତଃ ଆପଣାକୁ ଏକ ଅତିକ୍ଷୁଦ୍ର ଶିଶିରବିନ୍ଦୁ ବୋଲି ମନେକରି ମୁଁ ଆଶ୍ୱସ୍ତ ହୋଇଛି । ମୋର ଆଉ ଏହାଠାରୁ ବେଶି ଭୂମିକା ନାହିଁ । ଶୀତଳ ସକାଳରେ କେଉଁ ସବୁଜ ପତ୍ର, କେଉଁ ସୁନ୍ଦର ଫୁଲର ମସୃଣ ପାଖୁଡ଼ା ଅବା କେଉଁ ଘାସ ଲଟା ଉପରେ ପଡ଼ିଥିବା ଛୋଟିଆ, ଅତି ଛୋଟିଆ ଶିଶିର ବିନ୍ଦୁଟିଏ ମୁଁ । କେତୋଟି ମୁହୂର୍ତ୍ତର ଏ ଜୀବନ ମୋର । ଏ ବିଶାଳ ଜଗତରେ କେଉଁ ନିସ୍ତବ୍ଧ ଗହନ ଅରଣ୍ୟରେ ଅପରିଚିତ, ଅଜ୍ଞାତ କାକର ବିନ୍ଦୁଟିଏ ହୋଇ ଖସି ପଡ଼ିବା ଓ ପୁଣି ସମସ୍ତଙ୍କ ଅଜାଣତରେ ନିମିଷକେ ଏ ବିଚିତ୍ର ରହସ୍ୟମୟ ବିଶ୍ୱର ଅନନ୍ତ ରହସ୍ୟରେ ସଂପୂର୍ଣ୍ଣ ନିରବ ଭାବରେ ମିଳେଇ ଯିବା ହିଁ ମୋର ନିୟତି । ତେବେ ଏପରି କ୍ଷୁଦ୍ର ଶିଶିର ବିନ୍ଦୁର ହୃଦୟରେ ମଧ୍ୟ ବିଶ୍ୱ ବିଧାତା କେତେ ସ୍ୱପ୍ନ ଭରି ନ ଦିଅନ୍ତି ! ସେ ସବୁ ସ୍ୱପ୍ନକୁ ଅସ୍ୱୀକାର କରିହେବ ବା କିପରି ! ସ୍ୱପ୍ନ ସବୁ ସାକାର ମଧ୍ୟ ହେବାର ସମ୍ଭାବନା ନାହିଁ। କେବଳ ଏତିକି ପ୍ରାର୍ଥନା ସବୁ ଉତ୍ତପ୍ତତା ଉପରେ ଶୀତଳ କାକର ବିନ୍ଦୁଟିଏ ହୋଇ ମୁଁ ଖସି ପଡୁଥାଏ । ଏ ପୃଥିବୀର ଦୁଃଖ ଓ ଯନ୍ତ୍ରଣା ଲାଘବ କରିବାର ସାମର୍ଥ୍ୟ ଯଦିଓ ଶିଶିର ବିନ୍ଦୁଟିଏର ନଥାଏ ତଥାପି ବେଦନା ଜର୍ଜରିତ କାହାର ଜୀବନରେ କୋମଳ ସ୍ପର୍ଶ ଟିକିଏ ଦେବା ପାଇଁ ଓହ୍ଲାଇ ଆସୁଥାଏ ମୁଁ । ସଂସାରକୁ ଆବିଳ କରି ଦେଉଥିବା ଅପଶକ୍ତିମାନଙ୍କୁ ଅପସାରଣ କରିବାର କ୍ଷମତା ଯଦିଓ ମୋର ନାହିଁ ତଥାପି ସରଳତାର ନିଷ୍କପଟତାର ଉଜ୍ଜ୍ୱଳ ବିନ୍ଦୁଟିଏ ହୋଇ ଝଟକି ଉଠିବାପାଇଁ ମୁଁ ନିରନ୍ତର ପ୍ରାର୍ଥନାରତ । ମୋ ଲେଖା ମୋ ନିଜ ଅନ୍ତରକୁ ନିର୍ମଳ ଓ ପରିଶୁଦ୍ଧ କରିବା ଲାଗି ଏକ ସାଧନା । ଯେତେ ଅଳ୍ପ ସଂଖ୍ୟକ ହୁଅନ୍ତୁ ପଛକେ ମୋ ପ୍ରିୟ ପାଠକଙ୍କ ଅନ୍ତର ସହ ସଂଯୁକ୍ତ ହୋଇଯିବା ପାଇଁ ମୋ ଲାଗି ଏହା ଏକ ଆନ୍ତରିକ ଧ୍ୟାନ । ଅତିକ୍ଷୁଦ୍ର ଶିଶିର ବିନ୍ଦୁଟିଏ ପରି ମୋ ଲେଖା ଯଦି କାହା ଅନ୍ତରକୁ ସାମାନ୍ୟ ବି ଶାନ୍ତି ଓ ଶୀତଳତା ପ୍ରଦାନ କରି ପାରିଲା, ଅନ୍ତରାତ୍ମାର ମହତ୍ ସ୍ପନ୍ଦନ ସହ ସଂଯୁକ୍ତ ହୋଇଯିବା ପାଇଁ ସାମାନ୍ୟ ବି ଶିହରଣ ସୃଷ୍ଟି କଲା, ସେତିକିରେ ମୁଁ ଆଶ୍ୱସ୍ତ ଓ ଆନନ୍ଦିତ । ■

ପରିଦର୍ଶକ ପ୍ରଫେସର
ଉତ୍କଳ ବିଶ୍ୱବିଦ୍ୟାଳୟ
ବାଣୀ ବିହାର, ଭୁବନେଶ୍ୱର
ମୋ: ୯୯୩୭୩୬୫୬୯୮

## ପାହାଡ଼ ଉପରୁ ନରକଙ୍କାଳ ଉଦ୍ଧାର

**କୁଆମରା,୬।୯(ସମିସ):** ଦୁଇ ମାସ ତଳେ ନିଖୋଜ ହୋଇଥିବା ଜଣେ ବ୍ୟକ୍ତିଙ୍କ ନରକଙ୍କାଳକୁ ଶନିବାର ଖୁଣ୍ଟା ପୁଲିସ ଏକ ପାହାଡ଼ରୁ ଜବତ କରିଛି। ଖୁଣ୍ଟା ଥାନା ଅନ୍ତର୍ଗତ ମାହାଲିସାହି ଗ୍ରାମର ଟେମା ମାଙ୍କଡ଼ିଆ (୫୨) ଜୁଲାଇ ୧ ତାରିଖରେ ଘରୁ କୁଆଡେ ଚାଲିଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା; ହେଲେ ୨ମାସ ହେଲା କୌଣସି ପାଇନଥିଲା। ଶନିବାର ତାଙ୍କ ପୁଅ ନରେନ୍ଦ୍ର ଅଗ୍ନିକୁଆଁରୀ ଜଙ୍ଗଲକୁ କାଠ କାଟିବାକୁ ଯାଇଥିବାବେଳେ ପାହାଡ ଉପରକୁ ଉଠିଥିଲେ। ପରେ ଏକ ବରଗଛରେ ରଶି ଝୁଲୁଥିବା ଦେଖି ନିକଟକୁ ଯାଇଥିଲେ। ତଳେ ମଣିଷ କଙ୍କାଳ ପଡିଥିବା ଦେଖିବାକୁ ପାଇଥିଲେ। ସେଠାରେ ସେ ବାପାଙ୍କ ଲୁଗାପଟାରୁ ଚିହ୍ନିଥିଲେ। ପରେ ସାଇଣ୍ଟିଫିକ ଟିମ୍ ତଦନ୍ତ ଆରମ୍ଭ କରିଛି।

# ଭିଜିଲାନ୍ସ ଜାଲରେ ପୁଲିସ ଏସ୍ଆଇ

## ଇଟା କାରଖାନା ମାଲିକଙ୍କଠାରୁ ୨୦ହଜାର ଟଙ୍କା ନେଇ ଧରାପଡିଲେ

**କଟକ, ୬।୯(ସମିସ):** ଜଣେ ପୁଲିସ ଅଧିକାରୀ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସମ୍ପୃକ୍ତ ପୁଲିସ ଅଧିକାରୀଜଣଙ୍କ ହେଉଛନ୍ତି, କଟକ ଜିଲ୍ଲା ବାଙ୍କୀ ସୁବର୍ଣ୍ଣପୁର ଆଉଟପୋଷ୍ଟର ଏସ୍ଆଇ (ସବ୍-ଇନ୍ସପେକ୍ଟର) ପ୍ରସନ୍ନ କୁମାର ମାହାଲି। ବୀମା କମ୍ପାନୀଠାରୁ ଅର୍ଥ ଦାବି ପାଇଁ ଜଣେ ଇଟା କାରଖାନା ମାଲିକ ଏତଲାର ସାର୍ଟିଫାଏଡ୍ କପି ପାଇଁ ସମ୍ପୃକ୍ତ ପୁଲିସ ଏସ୍ଆଇଙ୍କୁ ନିବେଦନ କରିଥିଲେ। ହେଲେ ଏହାକୁ ଦେଉନଥିଲେ ଓ ଏଥିପାଇଁ ୨୦ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ପରେ ଇଟା କାରଖାନା ମାଲିକଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଶ୍ରୀ ମାହାଲିଙ୍କୁ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ଗିରଫ କରିଛି। କିଛି ଅଜଣା ଦୁର୍ବୃତ୍ତ ସମ୍ପୃକ୍ତ ବ୍ୟକ୍ତି ଅଭିଯୋଗକାରୀଙ୍କ ଇଟା କାରଖାନାକୁ ପୋଡ଼ି ଦେଇଥିଲେ।



ସୁବର୍ଣ୍ଣପୁର ଫାଣ୍ଡି ପରିସରସ୍ଥ ବାସଭବନ ଓ ପାଟକୁରା ଥାନା ବେହୁଲା ଗ୍ରାମର ପୈତୃକ ଘର ଓ ଅନ୍ୟାନ୍ୟ ସ୍ଥାନରେ ଚଢ଼ଉ

ଏନେଇ ଇଟା କାରଖାନା ମାଲିକ ପୂର୍ବରୁ ଏକ ଏତଲା ପ୍ରଦାନ କରିଥିଲେ। ତେବେ ବୀମା କମ୍ପାନୀଠାରୁ ଅର୍ଥ ପାଇବା ପାଇଁ ପଞ୍ଜିକୃତ ମାମଲା ସହିତ ଜଡ଼ିତ ଏତଲାର ପ୍ରମାଣିକୃତ କପି ସମ୍ପୃକ୍ତ ଏସ୍ଆଇଙ୍କୁ ମାଗିଥିଲେ। ଏସ୍ଆଇ ଶ୍ରୀ ମାହାଲି ତାଙ୍କ ନିକଟରୁ ୨୦ ହଜାର ଟଙ୍କା ଦାବି କରିଥିଲେ। ପରେ ଅଭିଯୋଗକାରୀ ଜଣକ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ।

ଏହାପରେ, ଯୋଜନା ମୁତାବକ ଭିଜିଲାନ୍ସର ଏକ ଟିମ୍ ଆଜି ଶ୍ରୀ ମାହାଲିଙ୍କୁ କମ୍ପାନୀରୁ ୨୦,୦୦୦ ଟଙ୍କା ନେଉଥିବା ବେଳେ ଗିରଫ କରି ଉକ୍ତ ଲାଞ୍ଚ ଟଙ୍କା ଜବତ କରିଛି। ଏହାସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ପ୍ରସଙ୍ଗରେ ଭିଜିଲାନ୍ସ ପକ୍ଷରୁ ଶ୍ରୀ ମାହାଲିଙ୍କ ସୁବର୍ଣ୍ଣପୁର ପୁଲିସ ଆଉଟପୋଷ୍ଟ ପରିସର ବାସଭବନ ଓ କେନ୍ଦ୍ରାପଡା ପାଟକୁରା ଥାନା ବେହୁଲା ଗ୍ରାମର ପୈତୃକ ଘର ଅନ୍ୟାନ୍ୟ ସ୍ଥାନରେ ଚଢଉ କରାଯାଇଛି। କଟକ ଭିଜିଲାନ୍ସ ଡିଭିଜନ ପକ୍ଷରୁ ଏକ ମାମଲା ରୁଜୁ ସହ ଅଧିକ ତଦନ୍ତ ଜାରି ରହିଛି।

## ୨୭ରେ ଓଟିଇଟି ପରୀକ୍ଷା

**କଟକ, ୬।୯(ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଆନୁକୂଲ୍ୟରେ ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ପରୀକ୍ଷା ଆସନ୍ତା ସେପ୍ଟେମ୍ବର ୨୭ରେ ଅନୁଷ୍ଠିତ ହେବ ବୋଲି ଧାର୍ଯ୍ୟ ହୋଇଛି। ଏ ସଂକ୍ରାନ୍ତରେ ବୋର୍ଡ ପକ୍ଷରୁ ଆଜି ବିଧିବଦ୍ଧ ବିଜ୍ଞପ୍ତି ଜାରି କରାଯାଇଛି। ପ୍ରଥମ ସିଟିଂରେ ପେପର୍-୧ ପରୀକ୍ଷା ସକାଳ ୯ଟାରୁ ଦିନ ସାଢ଼େ ୧୧ଟା ପର୍ଯ୍ୟନ୍ତ ଓ ଦ୍ୱିତୀୟ ସିଟିଂରେ ପେପର୍-୨ ପରୀକ୍ଷା ଦିନ୨ଟାରୁ ଅପରାହ୍ଣ ସାଢ଼େ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି କୁହାଯାଇଛି। ରାଜ୍ୟର ୧୯୩ଟି କେନ୍ଦ୍ରରେ ୭୫ହଜାର ୪୦୩ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଆସନ୍ତା ୧୭ ତାରିଖରେ ପରୀକ୍ଷା ପାଇଁ ଆଡମିଟ୍ କାର୍ଡ ଉପଲବ୍ଧ ହେବ।

ପ୍ରକାଶଥାଉକି ପ୍ରଥମେ ଗତ ଜୁଲାଇ ୨୦ତାରିଖରେ ଏହି ପରୀକ୍ଷା କରାଯିବ ବୋଲି ସ୍ଥିର ହୋଇଥିଲା। ତେବେ ପ୍ରଶ୍ନପତ୍ର ଲିକ ଘଟଣା ପାଇଁ ଜୁଲାଇ ୨୦ରେ ହେବାକୁ ଥିବା ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା। ପରେ ତରବରିଆ ଭାବେ ଅଗଷ୍ଟ୩୧ରେ ପରୀକ୍ଷା ପାଇଁ ବିଜ୍ଞପ୍ତି ଜାରି କରାଯାଇଥିଲା। ଏହାକୁ ମଧ୍ୟ ସ୍ଥଗିତ ରଖାଯାଇଥିଲା। ଓଟିଇଟି ପ୍ରଶ୍ନପତ୍ର ଲିକ ଘଟଣାରେ ବୋର୍ଡର ପ୍ରାକ୍ତନ ଉପସଭାପତି ନିହାର ମହାନ୍ତି ଓ ଡାଟା ଏଣ୍ଟ୍ରି ଅପରେଟର ଜିତନ ମହାରଣାଙ୍କ ସମେତ ମୋଟ ୮ଜଣଙ୍କୁ ଗିରଫ କରିଥିଲା କ୍ରାଇମବ୍ରାଞ୍ଚ। ଅଭିଯୁକ୍ତମାନଙ୍କ ଜାମିନ ଖାରଜ ପରେ ସେମାନେ ଏବେ ବି ଜେଲରେ ରହିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ୧୨ ଘଣ୍ଟାରେ...

ହ୍ୱାଇଟ୍ ହାଉସରେ ଏକ ସାମ୍ବାଦିକ ସମ୍ମିଳନୀରେ ଟ୍ରମ୍ପ କହିଲେ, 'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଁ ଭଲ ମିତ୍ର ହୋଇରହିବୁ। ମୋଦୀ ହେଉଛନ୍ତି ଜଣେ ମହାନ ପ୍ରଧାନମନ୍ତ୍ରୀ। କିନ୍ତୁ ଏବେ ସେ ଯାହା କରୁଛନ୍ତି ତାହା ମୋତେ ପସନ୍ଦ ଲାଗୁନାହିଁ। ଏହାସତ୍ତ୍ୱେ ଭାରତ-ଆମେରିକା ସମ୍ପର୍କ ବହୁତ ସ୍ୱତନ୍ତ୍ର। ଚିନ୍ତା କରିବାର କୌଣସି କାରଣ ନାହିଁ।' ଟ୍ରମ୍ପଙ୍କ ଏଭଳି ମତ ପରିବର୍ତ୍ତନକୁ ସ୍ୱାଗତ କରିଛନ୍ତି ପ୍ରଧାନମମନ୍ତ୍ରୀ ମୋଦୀ। ଭାରତ ଉପରେ ଟ୍ରମ୍ପଙ୍କ ଶୁଳ୍କ ଘୋଷଣା ପରେ ନିରବ ରହିଥିବା ମୋଦୀ ଆଜି ଟ୍ରମ୍ପଙ୍କ ଟିପ୍ପଣୀକୁ ନିଜ ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପଙ୍କ ଭାବନା ଏବଂ ଆମ ସମ୍ବନ୍ଧକୁ ନେଇ ଥିବା ତାଙ୍କ ବିଚାରକୁ ପ୍ରଶଂସା ଓ ସମର୍ଥନ କରୁଛି ବୋଲି ସେ ଉଲ୍ଲେଖ କରିଛନ୍ତି। ଭାରତ-ଆମେରିକା ମଧ୍ୟରେ ଏକ ସକରାତ୍ମକ ଏବଂ ଦୂରଦୃଷ୍ଟିସମ୍ପନ୍ନ ରଣନୈତିକ ସହଯୋଗ ରହିଛି ବୋଲି ମୋଦୀ କହିଛନ୍ତି।

ଏହା ପୂର୍ବରୁ ଶୁକ୍ରବାର ସକାଳେ ଟ୍ରମ୍ପ ଭାରତକୁ ଧମକ ଦେଇଥିଲେ। ସେ କହିଥିଲେ ଯେ 'ଭାରତ ଏବଂ ରୁଷକୁ ଆମେ ଚୀନ୍ ହାତରେ ହରାଇ ଦେଲା ଭଳି ଲାଗୁଛି। ଉଭୟ ଦେଶର ଭବିଷ୍ୟତ ଭଲ ହେବ ବୋଲି ଆଶା।।' ଅନ୍ୟପକ୍ଷରେ ଭାରତ ସହ କୌଣସି ବାଣିଜ୍ୟ ଆଲୋଚନା ହେବନାହିଁ ବୋଲି ପୂର୍ବରୁ ଟ୍ରମ୍ପ କହିଥିଲେ। କେବଳ ଏତିକି ନୁହେଁ. ଭାରତ ଉପରେ ଆହୁରି ଶୁଳ୍କ ବସାଇବାକୁ ମଧ୍ୟ ଧମକ ଦେଇଥିଲେ। କିନ୍ତୁ ସେ ଗତକାଲି ସନ୍ଧ୍ୟାରେ ଭାରତ ଏବଂ ଅନ୍ୟ ଦେଶଙ୍କ ସହ ବାଣିଜ୍ୟ ଆଲୋଚନା ଆଗେଇ ଚାଲିଛି ବୋଲି ସୂଚନା ଦେଇଥିଲେ। ଭାରତ ରୁଷ ତୈଳ କିଣିବା ନୈରାଶ୍ୟଜନକ। ଏଥିପାଇଁ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗା ଯାଇଛି ବୋଲି କହିଥିଲେ। ତେବେ ଭାରତ, ରୁଷ ଓ ଚୀନ ଏକାଠି ହେଉଥିବା ଦେଖି ଟ୍ରମ୍ପ ନିଜର ଭୁଲ ବୁଝିବା ଆରମ୍ଭ କରିଛନ୍ତି ବୋଲି କୁହାଯାଉଛି।

## ବ୍ରିକ୍ସ ଆଭାସୀ ବୈଠକରେ ପ୍ରତିନିଧିତ୍ୱ କରିବେ ଜୟଶଙ୍କର

**ନୂଆଦିଲ୍ଲୀ:** ସୋମବାର ବ୍ରାଜିଲ ରାଷ୍ଟ୍ରପତି ଲୁଇଜ ଇନାସିଓ ଲୁଲା ଡା ସିଲଭା ବ୍ରିକ୍ସ ନେତାମାନଙ୍କର ଆଭାସୀ ବୈଠକ ଡାକିଛନ୍ତି। କିନ୍ତୁ ଏହି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେବେ ନାହିଁ। ମୋଦୀଙ୍କ ସ୍ଥାନରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଏହି ବୈଠକରେ ଭାରତ ତରଫରୁ ପ୍ରତିନିଧିତ୍ୱ କରିବେ ବୋଲି ବୈଦେଶିକ ମନ୍ତ୍ରଣାଳୟ ତରଫରୁ ସୂଚନା ଦିଆଯାଇଛି। ଆମେରିକା ବିଭିନ୍ନ ଦେଶରେ ଲାଗୁ କରିଥିବା ଉଚ୍ଚ ଟାରିଫ୍ ଓ ବହୁପକ୍ଷୀୟ ସହଯୋଗ ବୃଦ୍ଧି ନେଇ ଏହି ବୈଠକରେ ଆଲୋଚନା ହେବ ବୋଲି ଆଶା କରାଯାଉଛି। ତେବେ ଆମେରିକା ବିରୋଧରେ କୌଣସି ମଞ୍ଚ ପ୍ରସ୍ତୁତ କରିବା ଏହି ବୈଠକ ଉ।।ଦ୍ଦେଶ୍ୟ ନୁ।।ହେଁ ବୋଲି ବ୍ରାଜିଲ ରାଷ୍ଟ୍ରପତି ଲୁଲା ସ୍ପଷ୍ଟ କରିଛନ୍ତି। ୨୦୨୬ରେ ବ୍ରିକ୍ସ ସମ୍ମିଳନୀରେ ଅଧକ୍ଷତା ପୂର୍ବରୁ ଭାରତ ସାବଧାନତା ଅବଲମ୍ବନ କରୁଥିବାରୁ ମୋଦୀ ଏହି ଆଭାସୀ ବୈଠକରେ ଯୋଗ ଦେବେ ନାହିଁ ବୋଲି ଅନୁମାନ କରାଯାଇଛି। ପୂର୍ବରୁ ଆମେରିକା ଲାଗୁ କରିଥିବା ୫୦% ଟାରିଫ୍ ଉଠାଇବା ପାଇଁ ଭାରତକୁ ବ୍ରିକ୍ସ ଛାଡିବାକୁ କହିଛି। ଆମେରିକା ଶିଳ୍ପ ମନ୍ତ୍ରୀ ହାୱାର୍ଡ ଲୁଟନିକ୍ ଭାରତ ଉପରେ ଟାରିଫ ଉଠାଇବା ପାଇଁ ୩ଟି ସର୍ତ୍ତ ରଖିଛନ୍ତି। ଉଲ୍ଲେଖଥାଉ କି, ୨୦୨୬ରେ ଭାରତ ବ୍ରିକ୍ସ ସମ୍ମିଳନୀର ୧୮ ତମ ସଂସ୍କରଣରେ ଆୟୋଜନ କରିବା ସହ ଅଧକ୍ଷତା କରିବ।

## ଶୁଳ୍କ କମାଇବାକୁ...

ସବୁଠାରୁ ବଡ଼ ଗ୍ରାହକକୁ ସମର୍ଥନ କରୁ କିମ୍ବା ୫୦ ପ୍ରତିଶତ ଶୁଳ୍କ ଦେଉ। ତେବେ ଭାରତ ଖୁବଶୀଘ୍ର ଆମେରିକା ସହ ଦ୍ୱିପାକ୍ଷିକ ବାଣିଜ୍ୟ ଆଲାଚନାରେ ସାମିଲ ହେବ ବୋଲି ଆମେରିକା ମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଆମେରିକା ସର୍ବଦା ଆଲୋଚନା ପାଇଁ ପ୍ରସ୍ତୁତ ଅଛି। ଦୁଇ ଦେଶ ମଧ୍ୟରେ ବାଣିଜ୍ୟକୁ ନେଇ ବିବାଦ ରହିଛି ସତ, କିନ୍ତୁ ଖୁବଶୀଘ୍ର ଭାରତ କ୍ଷମା ମାଗି ଟ୍ରମ୍ପଙ୍କ ସହ ଆଲୋଚନା ପାଇଁ ଟେବୁଲକୁ ଆସିବ ବୋଲି ଲୁଟ୍‌ନିକ କହିଛନ୍ତି। ମାସେ ଦୁଇ ମାସ ଭିତରେ ଏଭଳି ହେବ। ଟ୍ରମ୍ପଙ୍କ ସହ ନୂଆ ଚୁକ୍ତି କରିବା ପାଇଁ ଭାରତ ପ୍ରୟାସ କରିବ। ଏହି ଚୁକ୍ତି ମଧ୍ୟ ଟ୍ରମ୍ପଙ୍କ ସର୍ତ୍ତରେ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ଚୂଡ଼ାନ୍ତ ରୂପ ଦେବେ ବୋଲି ଲୁଟନିକ କହିଛନ୍ତି।

## ଆପୋସ ସମାଧାନ...

ସମାଧାନ କରନ୍ତି, ତାହେଲେ ଏହା ଇତିହାସରେ ପ୍ରଥମ ଘଟଣା ହେବ ବୋଲି ଶ୍ରୀ ଆଚାର୍ଯ୍ୟ କରିଛନ୍ତି। ସେ ଆହୁରି ମଧ କହିଛନ୍ତି ଯେ ଚଳିତ ମାସରେ ପ୍ରତି ସପ୍ତାହରେ ବୈଷୟିକ ଟିମ ବୈଠକ କରିବ। ଉଭୟ ରାଜ୍ୟ ମଧ୍ୟରେ ଥିବା ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରାଯିବ। ଉଭୟ ରାଜ୍ୟ ମଧ୍ୟରେ ପ୍ରାୟ ୪୬ଟି ପ୍ରସଙ୍ଗ ରହିଥିବା ସେମାନେ ଟ୍ରିବ୍ୟୁନାଲଙ୍କୁ ଜଣାଇଛନ୍ତି। ତେବେ ସେଥିମଧ୍ୟରୁ ୪୦ଟି ପ୍ରସଙ୍ଗ ସେତେ ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷେ ଆପୋସ ବୁଝାମଣାକୁ ଜଳ ବିଶେଷଜ୍ଞ ଏବଂ ମହାନଦୀ ସହ ଜଡ଼ିତ ସାମାଜିକ ସଂଗଠନ ଗୁଡ଼ିକ ସ୍ୱାଗତ କରିଛନ୍ତି। ତେବେ ଛତିଶଗଡ଼ ସହ କୌଣସି ନିର୍ଦ୍ଦିଷ୍ଟ ଆଲୋଚନା ପୂର୍ବରୁ ରାଜ୍ୟ ସରକାର ଜଳ ବିଶେଷଜ୍ଞ, ନଦୀ ସହ ଜଡ଼ିତ ବିଭିନ୍ନ ଅଂଶୀଦାରଙ୍କ ସହ ଆଲୋଚନା କରିବା ଜରୁରୀ ବୋଲି ସେମାନେ ମତପ୍ରକାଶ କରିଛନ୍ତି।

## ଚାଷୀଙ୍କ ପ୍ରତି...

ସଂଗ୍ରାମ ପୀଠଗୁଡ଼ିକର ଉନ୍ନତିକଣ ନିମନ୍ତେ ରାଜ୍ୟ ସରକାର ସମସ୍ତ କାର୍ଯ୍ୟପନ୍ଥା ଗ୍ରହଣ କରିବେ ବୋଲି ଘୋଷଣା କରିଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ରାଜ୍ୟ ସରକାର ପୂର୍ବ ଓଡ଼ିଶାରୁ ପଶ୍ଚିମ ଓଡ଼ିଶା ପର୍ଯ୍ୟନ୍ତ ପାରାଦୀପ-ଚୌଦ୍ୱାର-ଢେଙ୍କାନାଳ-ଅନୁଗୁଳ-ସମ୍ବଲପୁର-ଝାରସୁଗୁଡ଼ା-ସୁନ୍ଦରଗଡ଼-ରାଉରକେଲାକୁ ସଂଯୋଗ କରୁଥିବା ଏକ ଶିଳ୍ପ କରିଡର୍‌ର ବିକାଶ କରିବେ। ଏହା ନିରବଚ୍ଛିନ୍ନ ସେବାକୁ ସୁଗମ କରି ଦ୍ରୁତ ଏବଂ ସମନ୍ୱିତ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବ। ସେହିପରି ପଶ୍ଚିମ ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳରେ ଏକ ସ୍ୱତନ୍ତ୍ର ପର୍ଯ୍ୟଟନ କ୍ଷେତ୍ର ବିକଶିତ କରିବାକୁ ଯୋଜନା ରହିଛି। ଏଥିରେ ହୀରାକୁଦ ଜଳଭଣ୍ଡାର, ଡେବ୍ରିଗଡ଼ ଜଙ୍ଗଲର ଆକର୍ଷଣୀୟ ସୌନ୍ଦର୍ଯ୍ୟ ଓ ବନ୍ୟପ୍ରାଣୀ ଏବଂ ନିକଟବର୍ତ୍ତୀ ସମ୍ବଲପୁର ସହର ଏବଂ ମା' ସମଲେଇଙ୍କ ମନ୍ଦିରର ବିକାଶ କାର୍ଯ୍ୟ ହାତକୁ ନିଆଯିବ। ହରିଶଙ୍କର-ନୃସିଂହନାଥ ପୀଠକୁ ସ୍ୱତନ୍ତ୍ର ଭାବେ ବିକଶିତ କରାଯିବ।

ବିରୋଧୀ ଦଳ ଉପନେତା ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, ଏହି ପର୍ବରେ ସମସ୍ତେ ଏକାଠି ହୁଅନ୍ତି। ଏଥିପାଇଁ ସେ ଆୟୋଜକ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ଧନ୍ୟବାଦ ଦେଇଥିଲେ। ମଞ୍ଚରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ବରଗଡ଼, ଅନୁଗୋଳ ଏବଂ ବଲାଙ୍ଗୀରର ବିଧାୟକଗଣ ଉପସ୍ଥିତ ଥିଲେ। ସମ୍ବଲପୁର ବିଧାୟକ ଶ୍ରୀ ମିଶ୍ର ସ୍ୱାଗତଭାଷଣ ଦେଇଥିବା ବେଳେ ପୂର୍ବତନ ରେଙ୍ଗାଲି ବିଧାୟକ ନାଉରି ନାଏକ ଧନ୍ୟବାଦ ଦେଇଥିଲେ।


### ନୂଆଁଖାଇ ଶୁଭେଚ୍ଛା ବାର୍ତ୍ତା

ପଶ୍ଚିମ ଓଡ଼ିଶାର ବିଶେଷ ଗଣପର୍ବ ନୂଆଁଖାଇ ଉପଲକ୍ଷେ ଜିଲ୍ଲାର ସମସ୍ତ ଅଭିଭାବକ, ଅଭିଭାବିକା, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା, ବୁଦ୍ଧିଜୀବି, ଶିକ୍ଷାବିତ, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମରତ ବିଭାଗୀୟ ଅଧିକାରୀବୃନ୍ଦ ଓ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଉଛି। ଚଳିତ ବର୍ଷ ୨୦୨୫-୨୬ ଓଡ଼ିଶାରେ ପିଏମ ଶ୍ରୀ ଯୋଜନା ବା ପ୍ରଧାନମନ୍ତ୍ରୀ ସ୍କୁଲ ଫର ରାଇଜିଂ ଇଣ୍ଡିଆ ଯୋଜନା କାର୍ଯ୍ୟକାରୀ ଅବସରରେ ପିଲାମାନଙ୍କ ଦକ୍ଷତା ବୃଦ୍ଧି ସହ ସେମାନଙ୍କର ବୈଜ୍ଞାନିକ ମନୋଭାବକୁ ବଢାଇବା ପାଇଁ ଏବଂ କଳା, ସାହିତ୍ୟ ବିଜ୍ଞାନରେ ସୃଜନଶୀଳତା ବଢାଇବା ସହ ବହୁ ଦୃଷ୍ଟିରୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦକ୍ଷତା ବଢାଇବା ଦିଗରେ ପିଏମଶ୍ରୀ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଆମ ସୁବର୍ଣ୍ଣପୁର ଜିଲ୍ଲାପାଇଁ ପର୍ଯ୍ୟାୟକ୍ରମେ ୮ କୋଟି (ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ) ସରକାରୀ ବିଦ୍ୟାଳୟମାନଙ୍କରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ଓ ଏଥିପାଇଁ ସରକାର ପର୍ଯ୍ୟାପ୍ତ ମାତ୍ରାରେ ପାଣ୍ଠି ଯୋଗାଇ ଦେଇଛନ୍ତି। ପିଏମଶ୍ରୀ ସ୍କୁଲ ଗୁଡିକ ଉତ୍ସାହଜନକ ପରିବେଶରେ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ସହ ସର୍ବବ୍ୟାପୀ ଓ ସର୍ବାଙ୍ଗୀଣ ଶିକ୍ଷା ପ୍ରଦାନ କରିବ। ଏହି ସ୍କୁଲ ଗୁଡିକ କେବଳ ଜ୍ଞାନର ବିକାଶ ଉପରେ ଗୁରୁତ୍ୱ ଦେବ ନାହିଁ ବରଂ ଏକବିଂଶ ଶତାବ୍ଦୀର ପ୍ରମୁଖ ଦକ୍ଷତା ସହିତ ସାମଗ୍ରିକ ବିକାଶ ବୃଦ୍ଧି କରିବା ଦିଗରେ ସହାୟକ ହେବ। ପିଏମଶ୍ରୀ ସ୍କୁଲରେ ସମସ୍ତ ଛାତ୍ରଛାତ୍ରୀଙ୍କ ଯତ୍ନ ନିଆଯିବା ସହ ସେମାନଙ୍କ ପାଠପଢା ପାଇଁ ଉନ୍ନତ ଭିତ୍ତିଭୂମି ଏବଂ ଉପଯୁକ୍ତ ସମ୍ବଳ ସହିତ ଅନେକ ଅଭିଜ୍ଞତା ଆଧାରିତ ଶିକ୍ଷା ପ୍ରଦାନ କରାଯିବ। ଜିଲ୍ଲାର ପ୍ରତ୍ୟେକ ପିଲା ଏହି ଯୋଜନାଦ୍ୱାରା ଉପକୃତ ହୋଇ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବାରେ ମା ସୁରେଶ୍ୱରୀ ସହାୟକ ହୁଅନ୍ତୁ।

ଜିଲ୍ଲା ଶିକ୍ଷା ଅଧିକାରୀ ତଥା ପ୍ରକଳ୍ପ ସଂଯୋଜିକା
ସମଗ୍ର ଶିକ୍ଷା, ସୁବର୍ଣ୍ଣପୁର

ଜିଲ୍ଲାପାଳ ତଥା ଅଧ୍ୟକ୍ଷ
ସମଗ୍ର ଶିକ୍ଷା, ସୁବର୍ଣ୍ଣପୁର


### AFFIDAVIT

I, Shubhasmita Jena, D/o- Bira Kishor Jena, resident of At- Baidyarajpur, Saipura-III, Jajpur, Dist- Jajpur, PIN- 755007, Odisha declared by this affidavit No-719, dtd- 05/09/2025 that now onwards I shall be known as **SUBHASMITA JENA** for all future purposes.

### AFFIDAVIT

By virtue of an affidavit sworn before The Executive, Magistrate, Baripada, Mayurbhanj, dated 01-03-2025. I, SARAJINI SOREN, W/o-Lt. Biswanath Soren, AT-Jamsola, PO-Chaksuliapada, PS-Suliapada, Dist- Mayurbhanj, declare that my actual & correct name is SARAJINI SOREN as per my aadhar & Bank pass book. But in the pension payment order vide No.5/043539/90 (ARMY) of my deceased husband my name has been wrongly mentioned as SAROJANI DEVI. SARAJINI SOREN and SAROJANI DEVI are one & same parson, i.e. my self. Henceforth I shall be known as SARAJINI SOREN for all purposes.

**SARAJINI SOREN**

### LOST

I, **Lingaraj Mishra,** aged about 72 years, S/o Late Raghunatha Mishra, resident of At- Biraramachandrapur Part-4, PO-Biraramachandrapur, PS- Satyabadi, Dist- Puri, PIN- 752014, Odisha declare that on dtd. 01/08/2025, while I was coming from Sakhigopal bazar to my resident at Biraramachandrapur in a Auto Rickshaw, I have lost my original interim deed (Link Document) sale deed No. 11541400619, date- 29/10/2014 and Khata-219, Plot No-896, Area-A0.12dcml, Mouza- Biramchandrapur in name of Gopal Chandra Mishra along with other documents which was kept in my hand bag somewhere said bag has been misplaced / lost anywhere. Therefore, notice is hereby given to general public that, if anybody has got any right, title interest over the property on the missing document or on the above property they have to claim before the LICHFL, at: IPICOL House within 15 days from the date of publication and after that the documents will lose its legal force and LICHFL will not be responsible for any claim what-so-ever on the property after 15 days.

**LICHFL Branch, BBSR**
**N.C. Pattnaik, Advocate**
**Mob: 9853311189**

### AFFIDAVIT

By virtue of an affidavit sworn before executive magistrate, Titilagarh, dated 02-09-2025 I, Nimai Herna, Address- At/Po-Luthurbandh, Titilagarh, Balangir, 767033 declare that I have changed my name from Lime Herna to Nimai Herna. Henceforth, I shall be known as Nimai Herna for all purposes.

### AFFIDAVIT

By virtue of an affidavit before The Notary Public, Titilagarh, on dated-06/09/2025. I, **Ajaya Padhi** (Applicant name), S/O- Duryodhan Padhi, Permanent resident of At-Kursud, P.O. Kursud, P.S. Sindhekela, Dist- Balangir, (Odisha), PIN- 767035, now residing at the same place affirm that I have changed my minor daughter's name from **Manisa Padhi** (old name) to **Archita Padhi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Archita Padhi** (new name).

**Ajaya Padhi**

### AFFIDAVIT

I, Rubina Begum, aged about 33 years, W/o- Mohammed Hussain, resident of Kalimandir Pada, Po- Bhawanipatna, Ps- Town, Bhawanipatna, Dist- Kalahandi, Odisha, PIN- 766001 declare by this affidavit No- 1811 , dtd. 06.09.2025, that now onwards I shall be known as **RUBINA BANO** for all future purposes.

### AFFIDAVIT

I, Dasarath Lal Gupta, S/o- Chhedi Lal Gupta, resident of Gandhi Nagar, Jatani, Dist- Khordha, PIN- 752050, Odisha declared by this affidavit No- 171, dtd- 25/07/2025 that now onwards I shall be known as **DASRATH LAL GUPTA** for all future purposes.

### PUBLIC NOTICE

We are pleased to announce that "Koustuv Institute of Professional Studies" (KIPS) will be changing its name to "College of Engineering Bhubaneswar (COEB), effective from the session 2025-26.

If anyone have any questions or objections, please do not hesitate to reach out to us within 30 days from the date of publication of this Notice through E-Mail. We appreciate your understanding and continued support.

Contact Information: Koustuv Institute of Professional Studies (KIPS) Mail ID- **kips@koustuvgroup.ac.in** Regional Director of Education (RDE), Govt. of Odisha, E-mail: **rdebbsr@rediffmail.com**

### AFFIDAVIT

By virtue of an affidavit sworn before Executive Magistrate, Niali, dated-29/08/2025. I, **Mita Nayak,** D/O- Bishnu Charan Nayak, Address: At-Alakunda, Po-Tampalo, Ps-Charichhak, Dist- Puri, Odisha, PIN-752110 declare that I have changed my name from **Mitali Nayak** to **Mita Nayak.** Henceforth, I shall be known as **Mita Nayak** for all purposes.

**(Mita Nayak)**

### AFFIDAVIT

I, Digambara Malik, S/o- Muralidhar Malik, resident of At/Po- Barunia, Ps-Badachana, Dist-Jajpur, PIN- 754082, Odisha declared by this affidavit No-725, dtd-06/09/2025 that now onwards I shall be known as **DIGAMBAR MALIK** for all future purposes.

### AFFIDAVIT

By virtue of an Affidavit before Notary Public, Malkangiri, I, **Lalmati Dhakad**, aged about 73 years, W/o.: Lalasin Dhakad resident of Village: Rauliguda, PO.: Gangala, P.S./Dist.: Malkangiri, Odisha, declare by this Affidavit No.: 8940, Dated: 06.09.2025 that I have changed my name from Balamati Dhakad to **Lalmati Dhakad**. Henceforth I shall be known as **Lalmati Dhakad** for all future purposes.

### AFFIDAVIT

By virtue of an affidavit No. 5302, sworn before the Executive Magistrate, Champua, dated- 04/09/2025, I **Mohammad Akhlak,** resident of At- Word No.5, Champua, P.o/P.s- Champua, Dist- Keonjhar, Odisha, Pin- 758041 declare that I have changed my minor daughter name from **ANSARA AKHLAK** (old name) to **ANSARAH AKHLAQUE** (new name). Henceforth she shall be known as **ANSARAH AKHLAQUE** for all future purposes.

**Mohammad Akhlak**

### AFFIDAVIT

I, Farzana Pervin, D/o- Sk Masiuddin, resident of Purusottampur, Khairabad, Jafarpur, Po- Aranga Purusottampur, Dist- Jajpur, PIN- 755007, Odisha declared by this affidavit No- 721, dtd- 05/09/2025 that now onwards I shall be known as **FARZANA PARWEEN** for all future purposes.

### AFFIDAVIT

By virtue of an affidavit sworn before The Executive Magistrate, Sohela on dated 04.09.2025, I Sri Nakula Samini, S/o- Ganda Samini resident of Vill.- Tandol, Ps.- Sohela, Dist.- Bargarh, Odisha state that in my son's Aadhar Card his name has been wrongly mentioned as **NIPU SAMNI** where as in his school certificate the name has been mentioned as **MIKU SAMINI**. His actual name is **MIKU SAMINI** and DOB is **20.09.2010**.

### AFFIDAVIT

By virtue of an affidavit No. 5303, sworn before the Executive Magistrate, Champua, dated- 04/09/2025, I **Mohammad Akhlak,** resident of At- Word No.5, Champua, P.o/P.s- Champua, Dist- Keonjhar, Odisha, Pin- 758041 declare that I have changed my minor daughter name from **ROKAIYA AKHLAK** (old name) to **RUQAIYA AKHLAQUE** (new name). Henceforth she shall be known as **RUQAIYA AKHLAQUE** for all future purposes.

**Mohammad Akhlak**

### AFFIDAVIT

By virtue of an affidavit sworn before Executive Magistrate, Banpur vide no-3378, dated-3/9/2025 I, Gouranga Maharana, S/o- Jalandhar Maharana, of Address At/Po- Badasireipur, Ps- Banpur, Khordha, Odisha, Pin-752031, declare that I have changed my name from **Gourang Moharana**, S/o- Makadam Moharana to **Gouranga Maharana**, S/o- Jalandhara Maharana. Henceforth, I shall be known as **Gouranga Maharana**, S/o- Jalandhara Maharana for all purposes.

### AFFIDAVIT

I, Nasad Ali Khan, S/O- Asaf Ali Khan, Presently residing At - Mohana, PO, Mohana, PS - Salipur, Dist -Cuttack, Pin - 754201, Odisha, declare by this affidavit No - 132, dated - 05.09.2025, that now onwards I shall be known as **NAUSHAD ALI KHAN** for all future purposes.

### AFFIDAVIT

I, Murali Malik, S/o- Gandharba Malik, resident of At/Po- Barunia, Ps- Badachana, Dist- Jajpur, PIN- 754082, Odisha declared by this affidavit No- 726, dtd- 06/09/2025 that now onwards I shall be known as **MURALIDHAR MALIK** for all future purposes.

### AFFIDAVIT

I, Hanifa, aged about 31 years, W/o- Mohammed Sabir, resident of At- Ward No-2, Khariar, Dist- Nuapada, Odisha, PIN- 766107 declare by this affidavit No. 1810, dtd- 06/09/2025, that now onwards I shall be known as **HANIFA BANU** for all future purposes.

---

C-1015

**OFFICE OF THE NOTIFIED AREA COUNCIL**
**KASHINGAAR, GAJAPATI**
Ph. & FAx No.: 06815-284215, email: kasingarn.hud@nic.in
Notice No.: 1009 / NAC , Date: 03.09.2025
'e' - Procurement Notice
Bid Identification No. KNGR/NAC/02/2025-26

| | | |
|---|---|---|
| 1 | Nature of the work | Preparation of Comprehensive Drainage Master Plan and DPR for Storm Water Drainage System of Kashinagar NAC in the District of Gajapati, Odisha. |
| 2 | Date and time of availability of bid documents in the portal | From 06.09.2025 at 10.00 A.M. to 17.09.2025 at 5.00 P.M. |
| 3 | Last date / Time for receipt of bids in the portal | 17.09.2025 at 5.00 P.M. |
| 4 | Submission of Documents (Bid Processing Fee, EMD, Annexure, other documents etc.) by Register Post or Speed Post | On or before 20.09.2025 by 5.00 P.M. |
| 5 | Date and time of opening of bid | 22.09.2025 at 11.00 A.M. |
| 6 | Name and address of the officer Inviting Bid | Executive Officer, Kashinagar NAC. |

Further details can be seen from the e-procurement portal **"https://tendersorissa.gov.in"**

OIPR-13116/11/0017/2526

Executive Officer
N.A.C. Kashinagar, Gajapati

---

O-689

E-Mail ID - rwd.padampur@yahoo.co.in
Ph.No. 9437255440

**Government of Odisha "e" Procurement Notice**
**Bid Identification No: Online- 07-OF 2025-26**

1. Name of the work : **Building works (As per Annexure-'A')**
2. Amount put to Bid Excluding GST : As per Annexure-'A'
3. Class of contractor : "D" "C" & "B" Class
5. Date & Time of availability of bid document in the portal : From Dt. 08.09.2025 at 10.00 A.M.
6. Last date & Time for receipt of bids in the portal : Dt. 17.09.2025up to 05:00 P.M.
7. Last date of seeking clarification : Dt. 16.09.2025 up to 5.00 P.M
8. Date & Time of technical bid opening : Dt. 18.09.2025 at 11.00 A.M .
9. Date & Time of technical bid opening for Double Cover bids : To be intimated later on
10. Name and address of the Officer Inviting Bid : Executive Engineer, R.W.Division, Padampur, At/Po-Padampur, Dist-Bargarh,Pin- 768036

(1) Other details can be seen from **DTCN** available in website www.tendersodisha.gov.in
(2) Corrigendum if any shall only be published in the above website

Sd/-
Executive Engineer,
Rural Works Division, Padampur

OIPR-25069/11/0034/2526

---

A-588

E-mail : eemisundargarh@yahoo.co.in

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, SUNDARGARH.**
**'e' Procurement Notice**
**Bid Reference No. SE MID SNG 04/2025-26**

Bid documents consisting name of Works, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the works: - | Civil Construction work. |
| 2 | No of Works: - | 05 (Five) Nos. |
| 3 | Estimated cost: - | Varies from Rs. 5.03 lakh to Rs. 5.48 lakh (Approximately) |
| 4 | Period of completion | 02 (Two) Calendar months |
| 5 | Date and Time of availability of bid documents in the portal: - | From dt.**09.09.2025** at 10.00 AM to dt.**18.09.2025** up to 5.30 PM. |
| 6 | Last date / time of receipt of bids in the portal: - | Dt.**18.09.2025** up to 5.30 PM |
| 7 | Date of opening of Bid: - | Dt.**19.09.2025** at 11.00 AM onwards |
| 8 | Name and address of the OIT: - | Superintending Engineer, Minor Irrigation Division, Sundargarh. |

** Further details can be seen from the e-Procurement market place http://tendersodisha.gov.in

OIPR-32124/11/0032/2526

Superintending Engineer
M.I. Division, Sundargarh

---

O-696

Email id: eerw_blgr@yahoo.co.in

**GOVERNEMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION: BOLANGIR**
**e-Procurement Notice**
**IFB IDENTIFICATION NO. EEBLGR-Online-05/2025-26**

| | | | |
|---|---|---|---|
| 1. | Name of work | : | Building Works |
| 2. | Total no of works | : | 40 (Forty) nos |
| 3. | Approximate Estimated Cost | : | Rs 1.68 Lakh to Rs. 10.08 Lakh |
| 4. | Time for completion | : | 2 (Two) calendar months |
| 5. | Mode of Submission of tender | : | Tender should be submitted online in www.tendersodisha.gov.in |
| 6. | Other details are as follow | | As per TCN No. EEBLGR-Online-05/2025-26 |

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| Executive Engineer, R.W. Division. Bolangir | EEBLGR-online-05/2025-26 | 10.09.2025 at 11.00 A.M | 23.09.2025 upto 5.00PM | 22.09.2025 upto 1.00PM | 24.09.2025 at 11.00A.M |

- Further details can be seen from the website www.tendersodisha.gov.in
- Any Corrigendum/Addendum will be displayed in the above e tender website only.

Executive Engineer
R.W. Division, Bolangir

OIPR-25068/11/0027/2526

ବିଶ୍ୱନାଥପୁର ଲ୍ୟାମ୍ପ୍ସରେ ସାର ଅଭାବ

# ମୁଖ୍ୟ ରାସ୍ତା ଅବରୋଧ କଲେ ଚାଷୀ



**ଲାଞ୍ଜିଗଡ଼, ୬।୯(ସମିସ)**

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକରେ ୟୁରିଆ ସାରର ବର୍ତ୍ତମାନ ଅଭାବ ଦେଖାଦେଇଛି। ଆଜି ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ପ୍ରାଥମିକ କୃଷି ସମବାୟ ସମିତିରୁ ୟୁରିଆ ସାର ନେବାପାଇଁ ଆସିଥିବା ଶତାଧିକ ଚାଷୀ ଘଣ୍ଟା ଘଣ୍ଟା ଅପେକ୍ଷା କରି ସାର ନପାଇ ଅସନ୍ତୋଷ ପ୍ରକାଶ କରି ପୋଖରୀବନ୍ଧ-ଲାଞ୍ଜିଗଡ଼ ମୁଖ୍ୟ ରାସ୍ତା ୨ ଘଣ୍ଟା ଧରି ଅବରୋଧ କରିଥିଲେ। ଲାଞ୍ଜିଗଡ଼ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ସନ୍ଦୀପ ତିର୍କୀ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ଆସନ୍ତା ବୁଧବାର ଦିନ ୟୁରିଆ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଚାଷୀ ରାସ୍ତାରୁ ଓହରି ଯାଇଥିଲେ। ସୂଚନା ମତେ ବ୍ଲକର ବିଶ୍ୱନାଥପୁର ପ୍ରାଥମିକ କୃଷି ସମବାୟ ସମିତିରେ ୩୪୦ ବସ୍ତା ୟୁରିଆ ସାର ମହଜୁଦ୍ ଥିବା ବେଳେ ୧ ହଜାରରୁ ଉଜାର ଚାଷୀ ସାର ନେବା ପାଇଁ ଆଜି ସକାଳ ୯ ଘଣ୍ଟା ସମୟରୁ ଆଧାର କାର୍ଡ ଧରି ଧାଡ଼ିରେ ଠିଆ ହୋଇ ଅପେକ୍ଷା କରିଥିଲେ। ହେଲେ ଚାଷୀଙ୍କୁ ସାର ଯୋଗାଇବା ସମବାୟ ସମିତି ପକ୍ଷରୁ ସମ୍ଭବ ହୋଇନଥିଲା। ଚାଷୀମାନେ ଆଧାର କାର୍ଡ ଧରି ଘଣ୍ଟା ଘଣ୍ଟା ଅପେକ୍ଷା ପରେ ମଧ୍ୟ ସାର ମିଳିନଥିଲା। ଏହାପରେ ସମବାୟ ସମିତିର ପରିଚାଳକ ସାର କମ ପରିମାଣରେ ଥିବା ଯୋଗୁଁ ଚାଷୀଙ୍କୁ ବାଣ୍ଟିବା ସମ୍ଭବ ନୁହେଁ ବୋଲି ମନେକରି ସାର ଦେବା ପାଇଁ ମନା କରିବା ପରେ ଘଣ୍ଟା ଘଣ୍ଟା ସାର ନେବା ପାଇଁ ଉପସ୍ଥିତ ଥିବା ସମସ୍ତ ଚାଷୀ ଅସନ୍ତୋଷ ପ୍ରକାଶ କରିଥିଲେ। ଏହା ପରେ ଚାଷୀମାନେ ପୋଖରୀବନ୍ଧ-ଲାଞ୍ଜିଗଡ଼କୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ସକାଳ ୧୧ ଘଣ୍ଟା ସମୟରେ ଅବରୋଧ କରିଥିଲେ। ଖବର ପାଇ ଲାଞ୍ଜିଗଡ଼ ଅତିରିକ୍ତ ତହସିଲଦାର ସନ୍ଦୀପ ତିର୍କୀ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା ସମବାୟ ସମିତି ପକ୍ଷରୁ ଆସନ୍ତା ବୁଧବାର ଦିନ ୟୁରିଆ ସାର ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଚାଷୀ ପ୍ରାୟ ୨ ଘଣ୍ଟା ପରେ ରାସ୍ତାରୁ ଓହରି ଯାଇଥିଲେ। ଲାଞ୍ଜିଗଡ଼ ବ୍ଲକରେ ଲାଞ୍ଜିଗଡ଼ ରୋଡ଼, ଲାଞ୍ଜିଗଡ଼ ଓ ବିଶ୍ୱନାଥପୁର ଠାରେ ସମବାୟ ସମିତି ରହିଥିବା ବେଳେ ଚାଷୀଙ୍କ ଅନୁପାତରେ ସାର ମିଳୁନାହିଁ। ଯାହା ଫଳରେ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ସମବାୟ ସମିତି ଉପରେ ଚାଷୀ ନିର୍ଭର କରୁଛନ୍ତି। ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆବଶ୍ୟକତାରୁ ଅଧିକ ଚାଷୀ ଆଜି ସାର ପାଇଁ ଆସିଥିବା ଯୋଗୁଁ ଏଭଳି ପରିସ୍ଥିତି ହୋଇଥିଲା ବୋଲି ସମବାୟ ସମିତିର ମୁଖ୍ୟ ପରିଚାଳକ ପ୍ରକାଶ କରିଛନ୍ତି।

**ଘଣ୍ଟା ଘଣ୍ଟା ଅପେକ୍ଷା ପରେ ବି ଚାଷୀଙ୍କୁ ମିଳିଲାନି ୟୁରିଆ ସାର**

ସାର କଳା ବଜାର ଓ କୃତ୍ରିମ ଅଭାବ

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲା ବିଜେଡି



**ନୂଆପଡ଼ା, ୬।୯(ସମିସ):** ନୂଆପଡ଼ା ଜିଲ୍ଲାରେ ଏଭଳି ସାର ଅଭାବ ନଥିଲା। ଚାଷୀଙ୍କୁ ଠିକ ସମୟରେ ସାର ଠିକ ମିଳୁଥିଲା। ହେଲେ ବର୍ତ୍ତମାନର ସରକାର ସମୟରେ ଚାଷୀଙ୍କୁ ଉକ୍ତ ସାର ଅଭାବ ସାଙ୍ଗକୁ କଳାବଜାରି ଯୋଗୁଁ କୃତ୍ରିମ ଅଭାବ ସରକାରଙ୍କ ଅସଲ ମୁଖା ଖୋଲିଦେଇଛି ବୋଲି ଜିଲ୍ଲା ବିଜେଡି ତରଫରୁ ଶତାଧିକ କର୍ମକର୍ତ୍ତା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଘେରାଉ କରିଥିବାବେଳେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବି ପତ୍ର ପଦାନ କରିଛନ୍ତି। ଜିଲ୍ଲା ବିଜେଡି ସଭାପତି ଅଦ୍ୱୈତ ରଞ୍ଜନ ଯୋଷୀ ଏବଂ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ନେତୃତ୍ୱରେ ବିଜେଡିର କର୍ମକର୍ତ୍ତାମାନେ ସ୍ଥାନୀୟ ମିନିଷ୍ଟିରିଅମ୍ବରୁ ରାଲିରେ ବାହାରି ସହର ପରିକ୍ରମା କରିଥିଲେ। ହାତରେ ବିଜେଡି ଝଣ୍ଡା ଧରି ସରକାରଙ୍କ ବିରୋଧରେ ନାନାଦି ସ୍ଲୋଗାନମାନ ଦେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ସମୟ ଧରି ବିକ୍ଷୋଭ ପ୍ରଦର୍ଶନ କରିବାପରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଉତ ଆନ୍ଦୋଳନକାରୀଙ୍କୁ ଅସିଥିଲେ। ଆନ୍ଦୋଳନକାରୀମାନେ ଜିଲ୍ଲାପାଳଙ୍କୁ ନଦେଖିଲେ ଯିବୁ ନାହିଁ ବୋଲି ଜିଦ୍ ଧରିଥିଲେ। କ୍ଷୁବ୍ଧ ହୋଇ ଗେଟ୍ ଭିତରକୁ ଧସେଇ ପ୍ରବେଶ କରିଥିଲେ। କାର୍ଯ୍ୟାଳୟ କ୍ୟାମ୍ପସରେ ଧାରଣାରେ ବସିବାପରେ ଜିଲ୍ଲାପାଳ ମଧୁସୂଦନ ଦାଶ ଆସି ନେତା ଏବଂ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ବିଧାୟକ ପାଣିଗ୍ରାହୀ, ଜିଲ୍ଲା ସଭାପତି ଯୋଷୀ, କାର୍ତ୍ତିକ ଦୀପ ପ୍ରମୁଖ ସାରର ଅଭାବି ବିକ୍ରି ଉପରେ ଏବଂ କଳାବଜାରି ଉପରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସରକାର ଅପର୍ଯ୍ୟାପ୍ତ ପରିମାଣର ସାରଯୋଗାଇବା ବ୍ୟବସ୍ଥା କରୁଥିବାବେଳେ ସାର ଯାଉଛି କୁଆଡେ଼? ଏହାର ବିଧିବଦ୍ଧ ତଦନ୍ତ କରିବା ସହ ଚାଷୀଙ୍କୁ ତୁରନ୍ତ ଆବଶ୍ୟକ ମୁତାବକ ସାର ଯୋଗାଇଦେବାକୁ ଦାବି କରିଥିଲେ। ଜିଲ୍ଲାପାଳ ତୁରନ୍ତ ସମସ୍ତ ଅଧିକାରୀମାନଙ୍କର ବୈଠକ ଡାକି ସମାଧାନର ରାସ୍ତା ବାହାର କରିବେ। ସରକାରଙ୍କୁ ଅଧିକ ସାର ଯୋଗାଇଦେବାକୁ ଚିଠି ମଧ୍ୟ କରିଥିବା କହିଥିଲେ। ଏହାକୁ ନେଇ ଦାବିପତ୍ର ଦେବାପରେ ଆନ୍ଦୋଳନକାରୀମାନେ ଓହରିଯାଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଡଲି ମାଝୀ, ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରଣୀ ସାହୁ, ଧନୀରାମ ସାହୁ, ଗୁପ୍ତେ କୁମାର, ସିତୁ ବୋଧନକର, ରାମଲାଲ ହଂସ, ଦିଲୀପ ନିର୍ମଳକର, କାଳିଆ ପ୍ରଧାନ, ଜିଲ୍ଲାପରିଷଦ ସଭ୍ୟ ମୁରଲୀ ଭୋଇ, କାର୍ତ୍ତିକ ଦୀପ, ଚିତ ରଞ୍ଜନ ବେହେରା, ରମାକାନ୍ତ ଠାକୁର, ଗୋଲୁ ଚନ୍ଦ୍ରାକର, ଟିଙ୍କୁ ପଣ୍ଡା, ଅଜୟ ଗହୀର, ଗୋଲି ଓଡ଼ିବାରୀ, ହାରାଧର ମେହେର ପ୍ରମୁଖ ସାମିଲ ଥିଲେ।

ଦୁର୍ଗମ ଅଞ୍ଚଳ ଗସ୍ତରେ ଲାଞ୍ଜିଗଡ଼ ବିଧାୟକ

# ଲୋକଙ୍କ ସମସ୍ୟା ଶୁଣିଲେ



**ଲାଞ୍ଜିଗଡ଼, ୬।୯(ସମିସ):** ଜିଲ୍ଲା ବିଜୁ ଜନତା ଦଳ ସଭାପତି ଭାବେ ଦାୟିତ୍ୱ ନେବା ପରେ ଶନିବାର ଲାଞ୍ଜିଗଡ଼ ବ୍ଲକର ଦୁର୍ଗମ ଭୁର୍ଟିଗଡ଼ ପଞ୍ଚାୟତ ଗସ୍ତ କରିବା ସହିତ ଏକ ଜନଶୁଣାଣି କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ। ଶ୍ରୀ ଦିଶାରୀ ଆଜି ଭୁର୍ଟିଗଡ଼ରେ ପହଞ୍ଚିବା ପରେ ଗ୍ରାମବାସୀ ତାଙ୍କୁ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ବିଧାୟକ ସ୍ଥାନୀୟ ହାଇସ୍କୁଲ ପରିଦର୍ଶନ କରି ସ୍କୁଲର ବିଭିନ୍ନ ସମସ୍ୟା ସମ୍ପର୍କରେ ଶିକ୍ଷକ ଶିକ୍ଷୟିତ୍ରୀ, ସ୍କୁଲ ପରିଚାଳନା କମିଟି ଓ ଅଭିଭାବକଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ ସ୍କୁଲର ପାନୀୟ ଜଳ ସମସ୍ୟା, ହଷ୍ଟେଲ ସମସ୍ୟା ଓ ନୂତନ ରୋଷେଇ ଗୃହ ସମ୍ପର୍କରେ ବିଧାୟକଙ୍କୁ ଅବଗତ କରାଯାଇଥିଲା। ସେହିପରି ମୁଣ୍ଡାବାହାଲ ଗାଁରେ ବିଦ୍ୟୁତିକରଣ, ଅଞ୍ଚଳର ରାସ୍ତା ସମସ୍ୟା ସମ୍ପର୍କରେ ଅଞ୍ଚଳବାସୀ ବିଧାୟକଙ୍କ ନିକଟରେ ଦାବି ଜଣାଇଥିଲେ। ବିଧାୟକଙ୍କ ସହିତ ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ବିଜେଡି ଜୋନ ସଭାପତି ଚନ୍ଦ୍ରଶେଖର ମହାପାତ୍ର, ବିଜେଡି ନେତା ହରିଶ୍ଚନ୍ଦ୍ର ବୁଦ୍ଧିଆ, ସରୋଜ ପ୍ରଧାନ, ବିରାଜ ପନ୍ଦର, ଛାତ୍ର ବିଜେଡି ନେତା ସୌରଭ ପାତ୍ରଙ୍କ ସମେତ ସମାଜସେବୀ ହରିଶଙ୍କର ପାତ୍ର, ଗୌରହରି ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ନିର୍ଯାତନା ଆଇନକୁ ଦୁର୍ବଳ କରିବା ଷଡଯନ୍ତ୍ର ବିରୋଧରେ ବିଧାୟକଙ୍କୁ ଦାବିପତ୍ର

**ଭବାନୀପାଟଣା, ୬।୯(ସମିସ):** ଗତ ୩୦ ତାରିଖ ଦିନ ଓଡ଼ିଶା ସରକାର ଆଦିବାସୀ ଓ ଦଳିତ ନିର୍ଯାତନା ଆଇନ ଉପରେ ଏକ ସଂଶୋଧନ ଜାରି କରିଛନ୍ତି। ପୂର୍ବରୁ ଏହି ଆଇନ ଅନୁସାରେ ତଦନ୍ତ ଅଧିକାରୀ ଭାବରେ ଡ଼ିଏସପି କିମ୍ବା ତଦୁର୍ଦ୍ଧ ରେଙ୍କର ଅଧିକାରୀ ରହୁଥିଲେ। ହେଲେ ବର୍ତ୍ତମାନ ଗୃହ ବିଭାଗ ଦ୍ୱାରା ଜାରି କରିଥିବା ବିଜ୍ଞାପନ ଅନୁସାରେ ଉକ୍ତ ଦାଇତ୍ୱ ଇନ୍ସପେକ୍ଟର କିମ୍ବା ସବ ଇନ୍ସପେକ୍ଟର କରିବେ। ଏଭଳି ହେଲେ ଉକ୍ତ ଆଇନର ଗୁରୁତ୍ୱ କମିଯିବ। ଢିଲା ତଦନ୍ତ ବ୍ୟବସ୍ଥା ହେତୁ ଦୋଷୀମାନେ ଅଦାଲତରୁ ଖସି ଯିବାର ପୂର୍ଣ୍ଣ ସମ୍ଭାବନା ରହିଛି। ତଳ ସ୍ତରରେ ତଦନ୍ତ ଅଧିକାରୀମାନେ ସହଜରେ ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହେବେ। ଫଳରେ ପୀଡିତ ମାନେ ଅଦାଲତରୁ ନ୍ୟାୟ ପାଇବାର କମ ସମ୍ଭାବନା ଅଛି ବୋଲି ଆଜି ମୂଳନିବାସୀ ବହୁଜନ ମିଳିତ ମହାସଂଘ, ଜିଲ୍ଲା ଆଦିବାସୀ ସଂଘ, ଏଓଏସସିଏଫ, ଆଦି ବିଭିନ୍ନ ବିଭିନ୍ନ ସଂଗଠନର କର୍ମକର୍ତ୍ତା ମାନେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀଙ୍କୁ ଭେଟି ଏଭଳି ଅଭିଯୋ କରିଛନ୍ତି। ତାଙ୍କୁ ଦିଆଯାଇଥିବା ଦାବୀ ପତ୍ରରେରେ ସରକାରଙ୍କୁ ଏହି ଦଳିତ ଆଦିବାସୀ ସ୍ୱାର୍ଥ ବିରୋଧୀ ନୀତିକୁ ସମାଲୋଚନ କରି ଆଗାମୀ ଦିନରେ ଏହି ନିଷ୍ପତ୍ତି ପ୍ରତ୍ୟାହାର ନ ହେଲେ ରାଜ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବୁ ବୋଲି ଚେତାବନୀ ଦିଆଯାଇଛି।



# ଗଣପର୍ବ ନୂଆଁଖାଇ ଉପଲକ୍ଷେ ଜୁହାର ଭେଟ୍‌ଘାଟ

**ଭବାନୀପାଟଣା, ୬।୯(ସମିସ):** ଭବାନୀପାଟଣା ଅମଲା ସଂଘ ସଭା ଗୃହରେ କଳାହାଣ୍ଡି ବରିଷ୍ଠ ନାଗରିକ ସଂଘ ତରଫରୁ ନୂଆଁଖାଇ ଭେଟ୍ ଘାଟ ଓ ଜୁହାର କାର୍ଯ୍ୟକ୍ରମ ସଂଘ ସଭାପତି ବିଜୟ ହୋତାଙ୍କ ଅଧ୍ୟକ୍ଷତାରେ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ସଂଘର ସାଧାରଣ ସମ୍ପାଦକ ଗିରିଜା ଶଙ୍କର ବାବୁ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଦେଇ ସଭା କାର୍ଯ୍ୟଆରମ୍ଭ କରି କଳାହାଣ୍ଡି ନୂଆଁଖାଇ ପରମ୍ପରା ଓ ଘୁମୁରା ନୃତ୍ୟ ଉପରେ ଆଲୋକପାତ କରିଥିଲେ। ଉପଦେଷ୍ଟା ଶରତ ଚନ୍ଦ୍ର ନାୟକ, ଗଜେନ୍ଦ୍ର ପାଢ଼ୀ, ସୁରେଶ ପଟ୍ଟନାୟକ, ସୂର୍ଯ୍ୟ ନାରାୟଣ ନାୟକ, ସୁଧାଂଶୁ ନେଗୀ, ଦୀନବନ୍ଧୁ ମୁଣ୍ଡ, କୃଷ୍ଣ ମୋହନ ନେଗୀ, ବିଶିକେଶନ ନାୟକ, ସବିତା ପଟ୍ଟନାୟକ, କଳ୍ପନା ରଥ, ନିରଞ୍ଜନ ପଣ୍ଡା, ପ୍ରେମାନନ୍ଦ ବାଗ, ସୁବଳ ରଥ, ମମତା ପାତ୍ର, ଦିଲ୍ଲୀପ ଜାନୀ, ହରିପ୍ରିୟା ଠାକୁର, ମୋତିଲାଲ ସାହୁ, ନିରଞ୍ଜନ ଲାଲ ଜୈନ, ସୁନୀଲ କୁମାର ବେହେରା, ଡ ଅଶୋକ କୁମାର ମୁଣ୍ଡ, ନରହରି ପଟ୍ଟନାୟକ, ଦେବେନ୍ଦ୍ରନାଥ ଗହିର ଆଦି ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

# ମହମ୍ମଦଙ୍କ ଜନ୍ମଦିନ ପାଳିତ

**ଧର୍ମଗଡ଼, ୬।୯(ସମିସ):** ଧର୍ମଗଡ଼ ମସଜିଦ ଏ ତାଜୁଶରିଆ ମୁସଲିମ ଜମାତ୍ ଦ୍ୱାରା ଜମାତ୍‌ର ସଭାପତି ରଫିଉଦ୍ଦିନ ଖାନଙ୍କ ନେତୃତ୍ୱରେ ଜସ୍ନେ ମିଲାଦୁନ ନବୀ, ଧର୍ମଗୁରୁ ମହମ୍ମଦଙ୍କ ଜନ୍ମଦିନ ପାଳିତ ହୋଇଛି। ମସଜିଦ ପରିସରରୁ ତିନିଛକ ଧର୍ମଗଡ଼ ପର୍ଯ୍ୟନ୍ତ ବିଶାଳ ଜୁଲୁସ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବରେ ରାଷ୍ଟ୍ରୀୟ ତିରଙ୍ଗା ପତାକାର ସହିତ ବିଭିନ୍ନ ପ୍ରକାରର ଇସଲାମିକ ଝଣ୍ଡା ଓ ଧର୍ମଗୁରୁ ମହମ୍ମଦଙ୍କ ଗୁଣଗାନ ସହିତ ଅବତରଣ କରିଛି। ଶାନ୍ତି ଜୁଲୁସ ଶୃଙ୍ଖଳିତ ଭାବେ ପରିଚାଳିତ ସହରର ଜନସାଧାରଣଙ୍କ ସହଯୋଗ ଓ ବିଶେଷ କରି ଧର୍ମଗଡ଼ ଜଗନ୍ନାଥ ସେବା ସମିତି ଦ୍ୱାରା ମୁସଲିମ ଶ୍ରଦ୍ଧାଳୁଙ୍କୁ ସସମ୍ମାନେ ଥଣ୍ଡା ପେୟ ଓ ମିଷ୍ଟାନ୍ନ ବଣ୍ଟନ ଦ୍ୱାରା ସ୍ୱାଗତ କରାଯାଇଛି। ହିନ୍ଦୁମୁସଲିମଙ୍କ ଭାଇଚାରାର ଏକ ଅନୁଠା ମିସାଲ କାୟମ କରି ଜଗନ୍ନାଥ ସେବା ସମିତିର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ, ଧର୍ମଗଡ଼ ସହରରେ ପୂର୍ବବତ ହିନ୍ଦୁ ମୁସଲିମ ଭାଇଚାରା ଜାରି ରଖିବା ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ମସଜିଦର ମୌଲାନା ନିୟାଜ୍ ମହମ୍ମଦ ଧର୍ମଗୁରୁଙ୍କ ଜୀବନୀର ଚର୍ଚ୍ଚା ମାଧ୍ୟମରେ ମହମ୍ମଦଙ୍କ ବିଶ୍ୱରମାନବ ସମାଜ ପ୍ରତି ଶାନ୍ତି ଅହିଂସା ଓ ସଦଭାବନା ବଜାୟ ରଖିବା ପାଇଁ ସନ୍ଦେଶ ପ୍ରଦାନ କରିଥିଲେ ଓ ସମଗ୍ର ଭାରତ ବର୍ଷ ର ଅଖଣ୍ଡତା ଓ ସଦଭାବନା ଜାରି ରଖିବା ପାଇଁ ମୁସଲିମ୍ ସମାଜ ସର୍ବଦା ଅଗ୍ରସର ହେବା ପାଇଁ ଆଲ୍ଲାଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଧର୍ମଗଡ଼ ପୁଲିସ ପ୍ରଶାସନ ଓ ଜନସାଧାରଣ ସହଯୋଗୀ ଉକ୍ତ ପର୍ବ କୁ ସୁରୁଖୁରୁରେ ସମ୍ପନ୍ନ ହେଇଥିବା ଯୋଗୁଁ ମୁସଲିମ ଜମାତ୍ ସଭାପତି ଶ୍ରୀ ରଫିଉଦ୍ଦିନ୍ ଖାଁ ସମସ୍ତଙ୍କୁ ଆଭାର ଓ ଧନ୍ୟବାଦଜ୍ଞାପନ କରିଛନ୍ତି।




# ବିକାଶ ଉଇସଡମ୍ ପାର୍କରେ 'ଗୁରୁତ୍ସୋବ-୨୦୨୫'



**ଭବାନୀପାଟଣା, ୬।୯(ସମିସ):** ଡ଼ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ପୁଣ୍ୟ ଜନ୍ମତିଥିରେ ଗୁରୁଦିବସ ଅବସରରେ ବିକାଶ ଉଇସଡମ୍ ପାର୍କ ପରିସରରେ 'ଗୁରୁତ୍ସୋବ ୨୦୨୫' ପାଳିତ ହୋଇଯାଇଛି। ଉତ୍ସବରେ ପ୍ରକୃତିବନ୍ଧୁ ରବୀନ୍ଦ୍ର କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥିରୂପେ ଅନୁଷ୍ଠାନର ନିର୍ଦ୍ଦେଶକ ଡି ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି ରାମ କୁମାର, ଶିକ୍ଷା ପ୍ରଭାରୀ ଡି ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି ପଦ୍ମିନୀ, ବିକାଶ ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ଼ ଆଦିତ୍ୟ କୁମାର ପଟ୍ଟନାୟକ, ବିବିଏ ବିସିଏ ଅଧ୍ୟକ୍ଷ ଡ଼ ସୁଦୀପ୍ତ ଜେନା, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଉପାଧ୍ୟକ୍ଷ ନାରାୟଣ ମହାନ୍ତି, ପ୍ରବନ୍ଧକ ଗୁପ୍ତେଶ୍ୱର ଖୁଣ୍ଟିଆ, ମର୍କେଟିଂ ମୁଖ୍ୟ ସୌଦାଗର କର ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟକ୍ଷ ଡ଼ ଆଦିତ୍ୟ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ କେବଳ ଶିକ୍ଷା କ୍ଷେତ୍ରରେ ନୁହେଁ, ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ଗୁରୁଙ୍କ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିବା ବେଳେ ମଞ୍ଚାସୀନ ଅତିଥି ଗଣ ଗୁରୁ ଶିଷ୍ୟ ସମ୍ପର୍କ ଓ ଜୀବନରେ ଗୁରୁଙ୍କ ଆବଶ୍ୟକତା ଓ ପ୍ରଭାବ ସମ୍ବନ୍ଧରେ ଅବଗତ କରାଇଥିଲେ। ଅଧ୍ୟକ୍ଷ ଯୁବରାଜ ନାୟକ ମୁଖ୍ୟ ଅତିଥିଙ୍କ ମାନପତ୍ର ପଠନ କରିଥିବା ବେଳେ ଉପାଧ୍ୟକ୍ଷ ନାରାୟଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ ସମସ୍ତ କର୍ମଚାରୀଙ୍କ ସହଯୋଗ ରହିଥିଲା।

# କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର ପ୍ରଥମ କାର୍ଯ୍ୟକାରିଣୀ ବୈଠକ

**ଜୁନାଗଡ଼, ୬।୯(ସମିସ):** କଳାହାଣ୍ଡି ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଭାବେ ପରିଚିତ କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର ୨୦୨୫- ୨୭ ବର୍ଷ ପାଇଁ ପ୍ରଫେସର୍ ଗୋପବନ୍ଧୁ ବେହେରା ସଭାପତି ଓ ବରିଷ୍ଠ ଆଇନଜୀବୀ ତଥା ସମାଜସେବୀ ବିଶ୍ୱନାଥ କର ସମ୍ପାଦକ ରୂପେ ନିର୍ବାଚିତ ହେଲା ପରେ, ଜୁନାଗଡ଼ ନିୟନ୍ତ୍ରିତ ବଜାର କମିଟି ର ସଭାଗୃହରେ କଳାହାଣ୍ଡି ଶିକ୍ଷ୍ୟା ବିକାଶ ପରିଷଦର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଓ ନୂଆଁଖାଇ ଭେଟ ଘାଟ୍ ଅନୁଷ୍ଠିତ ହୋଇଛି। ବୈଠକରେ କାର୍ଯ୍ୟକାରୀ ସଭାପତି ଶ୍ରୀଯୁକ୍ତ କୃଷ୍ଣବତାର ଦେଓ ସଭାପତିତ୍ୱ କରିଥିବା ବେଳେ, କମିଟିର ସମ୍ପାଦକ ଶ୍ରୀ କର ସ୍ୱାଗତ ଅଭିଭାଷଣ ପ୍ରଦାନ କରି ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। ପରେ କମିଟିର ପୂର୍ବତନ କର୍ମକର୍ତ୍ତା ସ୍ୱର୍ଗତ ଜଗନ୍ନାଥ ମୁଣ୍ଡ ଓ ଭାଗିରଥି ଭୋଇଙ୍କ ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଚଳିତ ବର୍ଷ ପାଇଁ କଳାହାଣ୍ଡି ଶିକ୍ଷା ବିକାଶ ପରିଷଦ ଦ୍ୱାରା କଳାହାଣ୍ଡି ଜିଲ୍ଲାରେ ଶିକ୍ଷା ତଥା ସାମଗ୍ରିକ ବିକାଶ ପାଇଁ ଅନେକ ଗୁଡ଼ିଏ ପ୍ରସ୍ତାବ ଆଗତ ହୋଇ ପାରିତ କରାଯାଇଥିଲା। ସେଥି ମଧ୍ୟରୁ କଳାହାଣ୍ଡି ଜିଲ୍ଲାରେ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନ, କଳାହାଣ୍ଡି ଜିଲ୍ଲାରେ ଅକାମୀ ହୋଇ ପଡ଼ିଥିବା ଚିନି କାରଖାନାର ପୁନରୁଦ୍ଧାର କରିବା, ଜିଲ୍ଲାରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଖାଲି ପଡ଼ିଥିବା ଶିକ୍ଷକ ଓ ଅଧ୍ୟାପକ ପଦବୀ ପୂରଣ, ୩ୟ ଓ ୪ର୍ଥ ବର୍ଗର କର୍ମଚାରୀ ନିୟୋଜନକୁ ଜିଲ୍ଲଭିତ୍ତିକ କରିବା, ଭବାନୀପାଟଣା ଠାରେ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା କେନ୍ଦ୍ର କରିବା, ପ୍ରଭୃତୀ ଦାବୀ ପାରିତ ହୋଇ ଥିଲା। ଏହାର ତ୍ୱରିତ ସମାଧାନ ପାଇଁ ଆସନ୍ତା ଦିନରେ କଳାହାଣ୍ଡି ଶିକ୍ଷ୍ୟା ବିକାଶ ପରିଷଦର ଏକ ପ୍ରତିନିଧି ମଣ୍ଡଳୀ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବୀ ପୂରଣ ପାଇଁ ଲିଖିତ ଭାବେ ଜଣାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ଉକ୍ତ ସଭାରେ ଅର୍ଥ କମିଟିର କାର୍ଯ୍ୟକାରୀ ସଭାପତି ଶ୍ରୀଯୁକ୍ତ ମାହେଶ୍ୱରୀ ଦାସ, ପ୍ରଫେସର୍ ରଜନୀକାନ୍ତ ବେହେରା, ଲଳିତ କିଶୋର ପଣ୍ଡା, ଯଶୋବନ୍ତ ବେହେରା, ସବିତା ପଟ୍ଟନାୟକ, ସବିତା ଦାସ, ପ୍ରେମାନନ୍ଦ ବାଗ, ଯୋଗେଶ ଚନ୍ଦ୍ର ଦୋରା, ଭାରତ ଭୂଷଣ ଚଲାନ, ପଦ୍ମ କିଶୋର ପୁଝାରୀ, ବ୍ରଜେନ୍ଦ୍ର ପଟଯୋଷି, ବୈଦ୍ୟନାଥ ମିଶ୍ର, ପ୍ରାଣ କିଶୋର ପଣ୍ଡା ପ୍ରଭୃତି ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ। ପରିଶେଷରେ ଉପ ସଭାପତି ସିମାଞ୍ଚଳ ନାଗ ଧନ୍ୟବାଦ ପ୍ରଦାନ କରିଥିଲେ।

# ଅବକାରୀ ଚଢ଼ଉ, ଦୁଇ ଗିରଫ

**ଧର୍ମଗଡ଼, ୬।୯(ସମିସ):** ଧର୍ମଗଡ଼ ଅବକାରୀ ବିଭାଗ ତରଫରୁ ଗୋଲାମୁଣ୍ଡା ବ୍ଲକ ଦଶପୁର ଓ ଧାମନପୁର ଗ୍ରାମରେ ଚଡାଉ କରାଯାଇଛି। ଏହି ଚଢ଼ାଉ ରେ ବେଆଇନ ବିଦେଶୀ ମଦ ବିକ୍ରି କରୁଥିବା ଦୁଇ ଜଣ ମଦ ବେପାରୀ କୁ ଗିରଫ କରିଛି ଅବକାରୀ ବିଭାଗ। ଗିରଫ ଦୁଇ ଜଣ ହେଲେ ଦଶପୁର ଗ୍ରାମର ଅରୁଣ କୁମାର ସାହୁ ଓ ଧାମନପୁର ଗ୍ରାମର ବିଷ୍ଣୁ ପ୍ରସାଦ ସାହୁ। ଉଭୟଙ୍କ ଠାରୁ ଗୋଟିଏ ପେଟି ବିୟର ଓ ୫ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏନେଇ ଅବକାରୀ ବିଭାଗ ତରଫରୁ ଏକ ମାମଲା ରୁଜୁ କରି ଉଭୟ ଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଧର୍ମଗଡ଼ ଅବକାରୀ ଅଧିକାରୀ ପ୍ରତିମା ବେହେରା ସୂଚନା ଦେଇଛନ୍ତି।

# ଦୁଇ ଶିକ୍ଷକଙ୍କୁ ମିଳିଲା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ସିନାପାଲି, ୬।୯ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ହାତୀବନ୍ଧା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ରୂପେଶ କୁମାର ମେହେର ଓ ଖଡିଆଳ ବ୍ଲକ ଡୁଆଝର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କ୍ରୀଡା ଶିକ୍ଷୟିତ୍ରୀ ସ୍ୱାତୀ ସ୍ୱାଗତିକା ବୁଡେକ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। ଶୁକ୍ରବାର ଗୁରୁଦିବସ ଅବସରରେ ଭୁବନେଶ୍ୱର ଲୋକସେବା ଭବନ ଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଉଭୟ ସମ୍ମାନିତ ହୋଇଛନ୍ତି। ମୁଖ୍ୟଅତିଥି ଭାବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ସମ୍ମାନିତ ଅତିଥି ଭାବରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଗଣଶିକ୍ଷା ସଚିବ ଶାଳିନୀ ପଣ୍ଡିତ, ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ, ଟିଇ ଓଏସସିଇଆରଟି. ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଉତ୍ସାହିତ କରିଥିଲେ। ନୂଆପଡ଼ା ଜିଲ୍ଲାର ପୁରସ୍କାରପ୍ରାପ୍ତ ଉଭୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି।



# ନୂଆଁଖାଇ ଉପଲକ୍ଷେ ଜୁହାର ଭେଟ୍ ଘାଟ

**ଭବାନୀପାଟଣା, ୬।୯(ସମିସ):** ଭବାନୀପାଟଣା ଅମଲା ସଂଘ ସଭା ଗୃହ ଠାରେ କଳାହାଣ୍ଡି ବରିଷ୍ଠ ନାଗରିକ ସଂଘ ତତଫରୁ ନୂଆଁଖାଇ ଭେଟ ଘାଟ ଓ ଜୁହାର କାର୍ଯ୍ୟକ୍ରମ ସଂଘ ସଭାପତି ବିଜୟ ହୋତାଙ୍କ ଅଧ୍ୟକ୍ଷରେ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ସଂଘର ସାଧାରଣ ସମ୍ପାଦକ ଗିରିଜା ଶଙ୍କର ବାବୁ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଦେଇ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। କଳାହାଣ୍ଡି ନୂଆଁଖାଇ ପରମ୍ପରା ଓ ଘୁମୁରା ନୃତ୍ୟ ଉପରେ ଆଲୋକ ପାତ୍ କରି ଥିଲେ। ଶରତ ଚନ୍ଦ୍ର ନାୟକ, ଉପଦେଷ୍ଟା, ଗଜେନ୍ଦ୍ର ପାଢ଼ୀ, ଉପଦେଷ୍ଟା ସୁରେଶ ପଟ୍ଟନାୟକ ଉପଦେଷ୍ଟା, ସୂର୍ଯ୍ୟ ନାରାୟଣ ନାୟକ ଉପଦେଷ୍ଟା, ସୁଧାଂଶୁ ନେଗୀ, ଦୀନବନ୍ଧୁ ମୁଣ୍ଡ, କୃଷ୍ଣ ମୋହନ ନେଗି, ବିଶିକେଶନ ନାୟକ, ସବିତା ପଟ୍ଟନାୟକ, କଳ୍ପନା ରଥ, ନିରଞ୍ଜନ ପଣ୍ଡା ପ୍ରେମାନନ୍ଦ ବାଗ, ସୁବଳ ରଥ, ମମତା ପାତ୍ର, ଦିଲ୍ଲୀପ ଯାନି, ହରିପ୍ରିୟା ଠାକୁର, ମୋତି ଲାଲ ସାହୁ, ନିରଞ୍ଜନ ଲାଲ ଜୈନ, ସୁନୀଲ କୁମାର ବେହେରା, ଡ ଅଶୋକ କୁମାର ମୁଣ୍ଡ, ନରହରି ପଟ୍ଟନାୟକ ଦେବେନ୍ଦ୍ରନାଥ ଗହିର ଆଦି ଆଦି ଅଂଶ ଗ୍ରହଣ କରିଥିଲେ।

# ପର୍ଶୁରାମ ସେନାର ନୂଆଁଖାଇ ଭେଟ୍‌ଘାଟ୍

**ଧର୍ମଗଡ଼, ୬।୯(ସମିସ):** ଧର୍ମଗଡ଼ ସହର ସ୍ଥିତ ହୋଟେଲ ରୟାଲ ପେଲେସ ଠାରେ ପର୍ଶୁରାମ ସେନା ବ୍ରାହ୍ମଣ ସମାଜ ତରଫରୁ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ବିସିସି ସଭାପତି ଗିରିଶ ଚନ୍ଦ୍ର ବେହେରା, ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ବିଶିଷ୍ଟ ଆଇନଜୀବୀ ଧନଞ୍ଜୟ ପାତ୍ର, ବିଶିଷ୍ଟ ଆଇନଜୀବୀ ତୁଷାର ରଞ୍ଜନ ପଟ୍ଟଯୋଶୀ, ଡ.ଅଶ୍ୱିନୀ କର, ଡ.ଅଜିତ କୁମାର ନେଗୀ, ଧର୍ମଗଡ଼ ବ୍ରାହ୍ମଣ ସମାଜ ସଭାପତି ସୁରେଶ ମୁଣ୍ଡ, ହୃଷିକେଶ ମିଶ୍ର ପ୍ରମୁଖ ମଞ୍ଚାସିନ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଏକ ରକ୍ତଦାନ ଶିବିରର ମଧ୍ୟ ଆୟୋଜନ କରାଯାଇଥିଲା। ରକ୍ତଦାନ ଶିବିରରେ ପର୍ଶୁରାମ ସେନାର ସଦସ୍ୟମାନେ ରକ୍ତ ଦାନ କରିଥିଲେ। କାର୍ଯ୍ୟକ୍ରମକୁ ପର୍ଶୁରାମ ସେନା ବ୍ରାହ୍ମଣ ସମାଜର ସଦସ୍ୟ ବିଶ୍ୱରଞ୍ଜନ ପାତ୍ର, ମନୀନ୍ଦ୍ର ପାତ୍ର, ଅଜୁ ପଟ୍ଟଯୋଶୀ, ଦୀପକ ମୁଣ୍ଡ, ଶାଶ୍ୱତ ପାତ୍ର, ପ୍ରବୀଣ ପଣ୍ଡା, ଶାନ୍ତନୁ ମୁଣ୍ଡ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ପର୍ଶୁରାମ ସେନା ବ୍ରାହ୍ମଣ ସମାଜର ବିଶିଷ୍ଟ ଜ୍ଞାନୀଗୁଣୀ ବ୍ୟକ୍ତି ଓ ପର୍ଶୁରାମ ସେନାର ସକ୍ରିୟ ସଦସ୍ୟ ମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।



ଜୀବନ ନେଇଗଲେ ନକଲି ଡାକ୍ତର

# ଛତିଶଗଡ଼ ପୁଲିସ ନଜରରେ କ୍ୱାକ୍

**ନୂଆପଡ଼ା/କୋମନା, ୬।୯(ସମିସ)**

ଛତିଶଗଡ଼ ରାଜ୍ୟ ଗରିଆବନ୍ଧ ଜିଲ୍ଲା ପେଣ୍ଡ୍ରା ଗାଁରେ ଜଣେ ନକଲି ଡାକ୍ତରଙ୍କ ଅବହେଳା ଯୋଗୁଁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ନକଲି ଡାକ୍ତରଙ୍କ ବିରୋଧରେ ଛତିଶଗଡ଼ ପୋଲିସ ହତ୍ୟା ମାମଲା ରୁଜୁ କରିଛି। ନକଲି ଡାକ୍ତର ଜଣକ ନୂଆପଡ଼ା ଜିଲ୍ଲା କୋମନାର ବୋଲି ଜଣାପଡ଼ିଛି। ଛତିଶଗଡ଼ ପୁଲିସ ନଜରରେ ନୂଆପଡ଼ିଆଚକ୍ୱାକ। ଛତିଶଗଡ଼ ଗାରିଆବନ୍ଧ ଜିଲ୍ଲା ପେଣ୍ଡ୍ରା ଗାଁର ପୁରୁଷୋତ୍ତମ ଧ୍ରୁବ(୩୪), ଯିଏ ପାଇଲ୍ସ ରୋଗରେ ପୀଡିତ ଥିଲେ। ଚିକିତ୍ସା ପାଇଁ ଓଡ଼ିଶା ସୀମାନ୍ତର ଆମଲିପାରର ସଞ୍ଜୁ ରାଜପୁତ ଏବଂ ଓଡ଼ିଶା ନୂଆପଡ଼ା ଜିଲ୍ଲା କୋମନାର ବବଲୁ ତାଣ୍ଡିଙ୍କ ସହିତ ଯୋଗାଯୋଗ କରିଥିଲେ। କୁହାଯାଏ ଯେ ଏହି ଲୋକମାନେ ୩୦ ହଜାର ଟଙ୍କାରେ ଚିକିତ୍ସାର ଚୁକ୍ତିନାମା ନେଇଥିଲେ। ସେମାନେ ଦୁଇଥର ଆସି ତାଙ୍କର ଚିକିତ୍ସା କରିଥିଲେ ଏବଂ ପ୍ରତ୍ୟେକ ଥର ୧୦ ହଜାର ଟଙ୍କା ନେଇଥିଲେ। ଶନିବାର ଯେତେବେଳେ ସେମାନେ ତୃତୀୟ ଥର ପାଇଁ ଆସିଥିଲେ, ଚିକିତ୍ସା ପରେ ପୁରୁଷୋତ୍ତମଙ୍କ ଅବସ୍ଥା ଖରାପ ହେବାକୁ ଲାଗିଲା। ଏହା ଉପରେ କ୍ୱାକ୍ ଡାକ୍ତରମାନେ ପରିବାର ଲୋକଙ୍କୁ କହିଥିଲେ ଯେ ରୋଗୀଙ୍କ ଚିକିତ୍ସା ସରିଛି, ତାଙ୍କୁ ଏବେ ଶୋଇବାକୁ ଦିଅ, ଔଷଧ କାମ କରୁଛି। ଏହା କହି ସେମାନେ ଟଙ୍କା ନନେଇ ସେଠାରୁ ଚାଲିଗଲେ। ମୃତକଙ୍କ ଝିଅ ଲାଲିମା ସନ୍ଦେହ କରି ତାଙ୍କ ବାପାଙ୍କୁ ଦେଖିବାକୁ କୋଠରୀ ଭିତରକୁ ଯିବା ସମୟରେ ସେ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ଘରେ ବହୁତ ଚିତ୍କାର ହେଉଥିଲା। ଭାଇ ବାଇକ୍ ଯୋଗେ ଡାକ୍ତରଙ୍କୁ ପିଛା କରିବାକୁ ଚେଷ୍ଟା କରିଥିଲେ କିନ୍ତୁ ସେମାନେ ଫେରାର ହୋଇ ଯାଇଥିଲେ। ପରିବାର ଲୋକ ପୁରୁଷୋତ୍ତମଙ୍କୁ ତୁରନ୍ତ ଗରିଆବନ୍ଧ ଜିଲ୍ଲା ହସ୍ପିଟାଲକୁ ନେଇଯାଇଥିଲେ, ଯେଉଁଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ଚିକିତ୍ସା କରୁଥିବା ଡାକ୍ତର ହରିଶ ଚୌହାନ କହିଛନ୍ତି ଯେ ପୋଷ୍ଟମର୍ଟମ ରିପୋର୍ଟରେ ଚିକିତ୍ସା ସମୟରେ ହୋଇଥିବା ଆଘାତ ମୃତ୍ୟୁର କାରଣ ବୋଲି ଜଣାପଡ଼ିଛି। ଏହି ଘଟଣାରେ ଅତିରିକ୍ତ ଏସ୍‌ପି ଜିତେନ୍ଦ୍ର ଚନ୍ଦ୍ରକାର କହିଛନ୍ତି ଯେ ଏକ ମାମଲା ରୁଜୁ କରାଯାଇଛି ଏବଂ ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଗରିଆବନ୍ଧ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଛି। ଏହି ଘଟଣାକୁ ନେଇ ଗାଁରେ ଅସନ୍ତୋଷ ଲାଗି ରହିଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ ଯଦି ଏପରି କ୍ୱାକ ଡାକ୍ତରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ, ତେବେ ଅନ୍ୟ କାହାର ଜୀବନ ମଧ୍ୟ ଏହିପରି ଶେଷ ହୋଇପାରେ ବୋଲି କୁହାଯାଉଛି। କୋମନାର ନକଲି ଡାକ୍ତର ବବଲୁ ତାଣ୍ଡି ଏବେ ଫେରାର। ତାଙ୍କୁ ଖୋଜୁଛି ଛତିଶଗଡ଼ ପୁଲିସ।



# ବାଲ୍ୟ ଜୀବନରୁ ଗୁରୁ-ଶିଷ୍ୟ ପରମ୍ପରା ରହି ଆସିଛି

**ବିନିକା, ୬।୯(ସମିସ):** ବିନିକା ମିଳିତ ପ୍ରାଥମିକ ଶିକ୍ଷକ ସଂଘ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଗୁରୁ ମହୋତ୍ସବ କାର୍ଯ୍ୟକ୍ରମ ପାପକ୍ଷୟ କଲ୍ୟାଣ ମଣ୍ଡପଠାରେ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଉକ୍ତ ମହୋତ୍ସବରେ ବିନିକା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଶଶାଙ୍କ ଶେଖର ପଣ୍ଡା ସଭାପତିତ୍ୱ କରିଥିବା ବେଳ ବୀରମହାରାଜପୁର ବିଧାୟକ ଇଁ ରଘୁନାଥ ଜଗଦଲା ମୁଖ୍ୟଅତିଥି, ବିନିକା ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମଣ ମିଶ୍ର ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଧୀରେନ୍ଦ୍ର କୁମାର ନାୟକ ଅଧକ୍ଷ ସିଦ୍ଧାର୍ଥ ମହାବିଦ୍ୟାଳୟ, ବୈଜୟନ୍ତୀ ସାହୁ ଅଧ୍ୟାପିକା ମହିଳା ମହାବିଦ୍ୟାଳୟ, ହେମଶାଗର କଳସେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ, ଅତିରିକ୍ତ



ଗୋଷ୍ଠୀ ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ପଣ୍ଡା ଯୋଗଦାନ କରିଥିଲେ। ମୁଖ୍ୟଅତିଥିବିଧାୟକ ଶ୍ରୀ ଜଗଦଲା ବାଲ୍ୟ ଜୀବନରୁ ଗୁରୁଶିଷ୍ୟ ପରମ୍ପରା ତଥା ଆଧୁନିକ ଶିକ୍ଷା ପ୍ରଣାଳୀରେ ବିଭିନ୍ନ ଶିକ୍ଷା ସମସ୍ୟାର ତ୍ୱରିତ ସମାଧାନ ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଲକ୍ଷ୍ମଣ ମିଶ୍ର ଶିକ୍ଷାର ୪ଟିସ୍ତମ୍ଭ ଯଥା ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ପିତାମାତା ଓ ଶାସନକଳ ଉପରେ ବକ୍ତବ୍ୟ ରଖିଥିଲେ। ସେହିପରି ସମ୍ମାନିତ ଅତିଥିମାନେ ଗୁରୁ ଶିଷ୍ୟ ପରମ୍ପରା ଶିକ୍ଷା ଶିକ୍ଷକ ଓ ଶିକ୍ଷାୟତନର ଉନ୍ନତି ଉପରେ ଆଲୋକପାତ କରିଥିଲେ। ଗତବର୍ଷ ଅବସର ନେଇଥିବା ୧୦ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ବୈଠକରେ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ପ୍ରାୟ ୩୦୦ରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ଉତ୍ସବର ସଭାକୁ ଶିକ୍ଷକ କୃଷ୍ଣଚନ୍ଦ୍ର ସାହୁ ସଂଯୋଜନା କରିଥିବାବେଳେ ଶିକ୍ଷକ ଅନନ୍ତ ପଣ୍ଡା ଧନ୍ୟବାଦ୍ ପ୍ରଦାନ କରିଥିଲେ। ଉତ୍ସବ ପରିଚାଳନାରେ ଶିକ୍ଷକ ନାରାୟଣ ପାଢ଼ୀ, ପ୍ରେମା ଦାଶ, ଶିବ ନାରାୟଣ ରଣା, ବିଶ୍ୱରଞ୍ଜନ ସାହୁ, ସରୋଜ ସାହୁ, ବିଶ୍ୱ ପ୍ରଧାନ, ବିଜୟ ପ୍ରଧାନ, ଅନ୍ତର୍ଯ୍ୟାମୀ ଧର, ବିଭୂତିଭୂଷଣ ତ୍ରିପାଠୀ, ବିବେକା ନାୟକ, ଆନନ୍ଦ ବିଶି, ଚିରଞ୍ଜିବୀ ତ୍ରିପାଠୀ, ବିନୋଦ ଦଣ୍ଡସନା ପ୍ରମୁଖ ସହଯୋଗ କରିଥିଲେ।

# ସ୍ୱର୍ଣ୍ଣିମ ଭାରତ ନିର୍ମାଣରେ ଶିକ୍ଷକଙ୍କ ଭୂମିକା ଅତୁଳନୀୟ

**ବୌଦ୍ଧ, ୬।୯(ସମିସ)**

ବୌଦ୍ଧ ସହର ରାଜବାଟି ନିକଟସ୍ଥ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପରିସରରେ ଗୁରୁଦିବସ ପାଳିତ ହୋଇଯାଇଛି। କେନ୍ଦ୍ରସଞ୍ଚାଳିକା ବି କେ ମାମିନା ଭଉଣୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଭାସ ଚନ୍ଦ୍ର ମିଶ୍ର ମୁଖ୍ୟଅତିଥି ଏବଂ ବୌଦ୍ଧ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଶିଶୁ ସାହିତ୍ୟିକ ତଥା ସ୍ତମ୍ଭକାର ଧ୍ରୁବ ଚରଣ ଘିବେଲା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସ୍ୱର୍ଣ୍ଣିମ ଭାରତ ନିର୍ମାଣରେ ଶିକ୍ଷକଙ୍କ ଯୋଗଦାନ ଶୀର୍ଷକ ଆଲୋଚନାଚକ୍ରରେ ଜୀବନରେ




ନୈତିକ ମୂଲ୍ୟବୋଧ ଓ ଆଧ୍ୟାତ୍ମିକ ଶିକ୍ଷାର ଆବଶ୍ୟକତା ରହିଛି ବୋଲି ମୁଖ୍ୟ ଅତିଥି ଶ୍ରୀ ମିଶ୍ର ବକ୍ତବ୍ୟ ରଖିଥିଲେ। ପୁରାଣ ଓ ଇତିହାସ ପୃଷ୍ଠାର କେତେକ ଗୁରୁ-ଛାତ୍ର ଉଦାହରଣ ଦେଇ ସମାଜରେ ବ୍ୟକ୍ତିର ବ୍ୟକ୍ତିତ୍ୱକୁ ଉତ୍କୃଷ୍ଟ, ରସଭରା ଓ ସମାଜ ମଙ୍ଗଳରେ ଉତ୍ସର୍ଗୀକୃତ କରିବାରେ ଶିକ୍ଷକଙ୍କ ଭୂମିକା ରହିଛି ବୋଲି ସମ୍ମାନୀତ ଅତିଥି ଶ୍ରୀ ଘିବେଲା ବକ୍ତବ୍ୟ ରଖିଥିଲେ। ସବୁଠାରୁ ଶ୍ରେଷ୍ଠ ଶିକ୍ଷକ ହେଉଛନ୍ତି ପରମପିତା ପରମାତ୍ମା। ତାଙ୍କର ବିଦ୍ୟାଳୟ ହେଉଛି ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ। ଗୁରୁଦିବସ ସମ୍ପର୍କରେ କହିବାକୁ ଯାଇ ସ୍ୱର୍ଣ୍ଣିମ ଭାରତ ନିର୍ମାଣରେ ଶିକ୍ଷକଙ୍କ ଯୋଗଦାନର ଆବଶ୍ୟକତା ରହିଛି ବୋଲି କେନ୍ଦ୍ର ସଞ୍ଚାଳିକା ବି କେ ମାମିନା ଭଉଣୀ ବକ୍ତବ୍ୟ ଦେଇଥିଲେ। ବରିଷ୍ଠ ସଦସ୍ୟ ବି କେ ସରୋଜ ଭାଇ ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ଦେଇଥିଲେ। ଉପସ୍ଥିତ ୪୦ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ମାନୀତ କରାଯାଇଥିଲା। କେନ୍ଦ୍ରର ଅନୁଜା, ସୁଭଦ୍ରା, ରଶ୍ମି, ସାଗରିକ, ସଂଘମିତ୍ରା ଭଉଣୀଙ୍କ ସହିତ ପ୍ରୀତିରଞ୍ଜନ ମହାଲିକ, ଦିଲ୍ଲୀପ ମେହେର, ମହେଶ ଗର୍ଗ ଓ ବି କେ ରବି ଭାଇ ପ୍ରମୁଖ ସହଯୋଗ କରିଥିଲେ।

## ଗୁରୁଙ୍କ ପ୍ରତ୍ୟକ୍ଷ ଶିକ୍ଷାଦାନ ହିଁ ମାନବ ନିର୍ମାଣକାରୀ

# ଡ. ପ୍ରଫୁଲ୍ଲ ରଥ ସମ୍ମାନିତ

**ବୀରମହାରାଜପୁର, ୬।୯(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବରିଷ୍ଠ ନାଗରିକ ସଂଗଠନର ସଭାପତିଙ୍କୁ ବୌଦ୍ଧଜିଲ୍ଲା ଠାରେ ସମ୍ବର୍ଦ୍ଧିତ କରାଯାଇଛି। ନୀଳଚକ୍ର ସାହିତ୍ୟ ସଂସଦ, ବୌଦ୍ଧଚକ୍ର ଓ ଭାବସମ୍ରାଟ ତରଫରୁ ଗୁରୁବାର ବୌଦ୍ଧ ସହରର ପାରିଜାତ ପ୍ୟାଲେସ୍



ସମ୍ମିଳନୀ କକ୍ଷରେ ଗୁରୁ ବନ୍ଦନା ଓ କବିତା ପାଠୋତ୍ସବ ଅନୁଷ୍ଠିତ କରାଯାଇଥିଲା। ଏହି ଉତ୍ସବରେ ଡ.ସଞ୍ଜୟ କୁମାର ପଣ୍ଡା ସଭାପତିତ୍ୱ କରିଥିବା ବେଳେ ଅନୁଷ୍ଠାନର ଉପଦେଷ୍ଟା ଚିତ୍ତରଞ୍ଜନ ଦାଶ ଅତିଥି ପରିଚୟ ପ୍ରଦାନ ଓ ପ୍ରାରମ୍ଭିକ ସମ୍ଭାଷଣ ପ୍ରଦାନ କରିଥିଲେ। ଟେମଲାଲ୍ ଦୁବେ, ବୌଦ୍ଧ ଜିଲ୍ଲା ଶିକ୍ଷାଧିକାରୀ, ମୁଖ୍ୟ ଅତିଥି ଅକ୍ଷୟ କୁମାର ଦାଶ, ପ୍ରଶାନ୍ତ କୁମାର ମହାପାତ୍ର, ପ୍ରଭାସ ଚନ୍ଦ୍ର ମିଶ୍ର, ଡ.ପ୍ରଫୁଲ୍ଲ କୁମାର ରଥ, ପଦ୍ମ ଚରଣ ମିଶ୍ର, ସୁଧୀର କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ବୌଦ୍ଧଚକ୍ର, ତ୍ରୈମାସିକ ସାହିତ୍ୟ ପତ୍ରିକାର ନୂତନ ସଂଖ୍ୟା ଲୋକାର୍ପିତ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ଦିଲ୍ଲୀପ ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ଉପସଭାପତି ସତ୍ୟନାରାୟଣ ସାହୁ ମାନପତ୍ର ପଠନ ଓ ଜିଲ୍ଲା ସଂଯୋଜକ ସନ୍ତୋଷ କୁମାର କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ଡ.ପ୍ରଫୁଲ୍ଲ କୁମାର ରଥ, ଅକ୍ଷୟ କୁମାର ଦାଶ, ହରିହର ସାହୁ, ଲକ୍ଷ୍ମଣ କୁମାର ମହାପାତ୍ର, ସୁଶାନ୍ତ କୁମାର ମହାପାତ୍ର, ସନ୍ତୋଷ କର୍ଣ୍ଣ, ସନ୍ତୋଷ କୁମାର ଶତପଥୀ, ସୁନେଲୀ ପୁରୋହିତ, ଉତ୍ତମ କୁମାର ବେହେରା, ଦେବେନ୍ଦ୍ର ମିଶ୍ର, ଚିନ୍ତାମଣି ସ୍ୱାଇଁ, ଚିତ୍ତରଞ୍ଜନ ମେହେରଙ୍କୁ ନୀଳଚକ୍ର ଗୁରୁ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଛି। ଦିଲ୍ଲୀପ କୁମାର ମହାନ୍ତି ଓ ଗୋପାଳ ଅମାତ ତଥା ଅନ୍ୟ ଶିକ୍ଷକମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି। ଦ୍ୱିତୀୟ ଅଧିବେଶନରେ ସତ୍ୟନାରାୟଣ ସାହୁ, କୁଳମଣି ମେହେର, ହିମାଞ୍ଚଳ ପ୍ରଧାନଙ୍କ ସଂଯୋଜନାରେ ୩୦ ଜଣ କବିଙ୍କ ଗହଣରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସୁଧୀର ଦୀପ ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀ ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାରୁ ବରିଷ୍ଠ ନାଗରିକ ସଂଗଠନ, ବୀରମହାରାଜପୁର ତରଫରୁ ସମ୍ପୃକ୍ତ ଅନୁଷ୍ଠାନ କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## ଖଣ୍ଡହତାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ପୁଲିସ ପାଟ୍ରୋଲିଂ ଦାବି

**ସୁବଳୟା, ୬।୯(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସୁବଳୟା ଥାନା ଅଧୀନ ଖଣ୍ଡହତା ପଞ୍ଚାୟତ ଅଞ୍ଚଳରେ ପୁଲିସ ପକ୍ଷରୁ ପାଟ୍ରୋଲିଂ ପାଇଁ ଦାବି ହେଉଛି। ରଜ୍ଜୁମୁଣ୍ଡା, ତୁଳସୀମୁଣ୍ଡା, ବଡ଼ବରଢ଼ାକଟା ଅଞ୍ଚଳରେ ନିୟମିତ ପୋଲିସ ପାଟ୍ରୋଲିଂ ହେଉ ନ ଥିବ ଅଭିଯୋଗ ହେଉଛି। ଗାଁରେ ମଦବିକ୍ରି ହେଉଛି ଫଳରେ ମଦୁଆଙ୍କ ପ୍ରାଦୁର୍ଭାବ ଦେଖାଦେଉଛି। ପ୍ରତିଦିନ ସନ୍ଧ୍ୟା ସମୟରେ ରାସ୍ତା କଡ଼ ଓ ଛକ ମାନଙ୍କରେ ମଦ ପିଉଛନ୍ତି। ଏବେ ପାର୍ବଣ ଋତୁ ହୋଇଥିବାରୁ ଲୋକମାନେ ରାସ୍ତାରେ ଯିବା ଆସିବା କରିବା ପାଇଁ ଭୟ କରୁଛନ୍ତି। ଦେଶୀ ପାଉଚ ଜରି, ତଥା ବିଦେଶୀ ମଦ ବୋତଲ ସବୁଆଡେ ଗଡୁଛି। ତେଣୁ ମଦୁଆଙ୍କୁ ନିୟନ୍ତ୍ରଣ କରିବାକୁ ହେଲେ ନିୟମିତ ପାଟ୍ରୋଲିଂ କରାଯାଉ ବୋଲି ଜନସାଧାରଣରେ ଦାବି ହେଉଛି।

# ଜଳିଗଲା ଗଞ୍ଜେଇ ଗାଡି; ଦୁଇ କ୍ୱିଣ୍ଟାଲ ଜବତ





**ବିନିକା, ୬।୯(ସମିସ):** ବିନିକା ସହରର ନୂଆବଜାରରେ ଗଞ୍ଜେଇ ଭର୍ତ୍ତି ଥିବା ଏକ ନମ୍ବରବିହୀନ ଗାଡ଼ି ହଠାତ ହୁତୁ ହୁତୁ ହୋଇ ଜଳି ଯାଇଥିଲା। ଗାଡ଼ି ଚାଳକ ଜଣକ ଫେରାର ହୋଇଯାଇଥିଲେ। ଖବରପାଇ ଘଟଣାସ୍ଥଳକୁ ଅଗ୍ନିଶମ ବାହିନୀ ପହଞ୍ଚି ନିଆକୁ ଆୟତ୍ତ କରିଥିବା ବେଳେ ବିନିକା ପୁଲିସ ପହଞ୍ଚି ଗଞ୍ଜେଇ ଗାଡିକୁ ଜବତ କରିଛି। ଗାଡ଼ିରୁ ୨ କୁଇଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ କରାଯାଇଛି।

ସୂଚନା ଅନୁସାରେ ଶନିବାର ସକାଳୁ ସୋନପୁର ପଟରୁ ଗଞ୍ଜେଇ ଭର୍ତ୍ତି କରି ବିନିକା ଦେଇ ଏକ ଆର୍ଟିଗା ଗାଡ଼ି ଯାଉଥିବା ବେଳେ ନୂଆଁବଜାର ନିକଟରେ ଗାଡିର ଚକା ଫାଟିଯାଇଥିଲା। ଫଳରେ ଡ୍ରାଇଭର ଜଣକ ଗାଡିରୁ ଓହ୍ଲାଇ ଗାଡିର ନମ୍ବର ପ୍ଲେଟକୁ ଖୋଲି ଗାଡ଼ିରେ ପେଟ୍ରୋଲ ଝିଣ୍ଟି ନିଆଁ ଲଗାଇ ଦେଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ଠିକ ସେତିକି ବେଳେ ଗଞ୍ଜେଇ ଭର୍ତ୍ତି କାର୍‌ର ଆଗ ପଛରେ ଆଉ ୨ଟି ଗାଡ଼ି ଯାଉଥିଲା। ଡ୍ରାଇଭର ଜଣକ ପଛ ଗାଡ଼ିରେ ବସି ଚମ୍ପଟ ମାରିଥିଲା। ନିଆଁ ଲାଗିଥିବା କାର୍‌ଟି ଜଳିଯାଇଥିଲା। ସ୍ଥାନୀୟ ଲୋକେ ଦମକଳ ବାହାନିକୁ ଖବର ଦେବାପରେ କର୍ମଚାରୀ ନିଆଁକୁ ଲିଭାଇ ଥିଲେ। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଦୟାରାମ ମେହେର, ବିନିକା ଥାନା ଅଧିକାରୀ ସତ୍ୟନାରାୟଣ ପଧାନ ପହଞ୍ଚି ଗାଡି ଏବଂ ପ୍ରାୟ ୨.୫୦ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରି ତଦନ୍ତ ଚଳାଇଥିବା ପୁଲିସ ସୂଚନା ଦେଇଛି।

# ଉଦେପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସମ୍ମାନିତ

**ମନମୁଣ୍ଡା, ୬।୯(ସମିସ):** କଣ୍ଟାମାଳ ବ୍ଲକ ଉଦେପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବାବୁଲାଲ ମହାକୁଡ ସମ୍ମାନିତ ହୋଇଛନ୍ତି। ଶିକ୍ଷକତା କ୍ଷେତ୍ରରେ ଉତ୍କୃଷ୍ଟତା ପ୍ରତିପାଦନ ହେତୁ ଚଳିତ ବର୍ଷ ତାଙ୍କୁ ନାରାୟଣ ସାହୁ ସ୍ମୃତି ସମ୍ମାନ ସହ ବିଦ୍ୟାରତ୍ନ ଉପାଧିରେ ଭୂଷିତ କରି ସମ୍ବର୍ଦ୍ଧିତ କରାଯାଇଛି। ସ୍ଥାନୀୟ ନାରାୟଣ ସାହୁ ସ୍ମୃତି ସମ୍ମାନ ଟ୍ରଷ୍ଟ ତରଫରୁ ଏହି ସମ୍ମାନ ମିଳିଛି। ସୁବର୍ଣ୍ଣପାଲି (ମନମୁଣ୍ଡା)ର ଭୂତପୂର୍ବ ଆଦର୍ଶ ପ୍ରଧାନ ଶିକ୍ଷକ ନାରାୟଣ ସାହୁଙ୍କ ସ୍ମୃତିରେ ତାଙ୍କ ପୁତ୍ର ଇଂ ନିରଞ୍ଜନ ସାହୁ ପ୍ରତ୍ୟେକ ବର୍ଷ ଗୁରୁ ଦିବସରେ କଣ୍ଟାମାଳ ବ୍ଲକର ଜଣେ ଉତ୍କୃଷ୍ଟ ପ୍ରାଥମିକ ଶିକ୍ଷକଙ୍କୁ ଏହି ସମ୍ମାନରେ ସମ୍ବର୍ଦ୍ଧିତ କରିଆସୁଛନ୍ତି। ଚଳିତ ବର୍ଷ ଗୁରୁ ଦିବସ ଅବସରରେ ଏନେଇ କଣ୍ଟାମାଳ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନାରାୟଣ ସାହୁ ସ୍ମୃତି ସମ୍ମାନ ଟ୍ରଷ୍ଟର ସଭାପତି ସାମ୍ବାଦିକ ବୈଦ୍ୟନାଥ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଣ୍ଟାମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଶୋଭ ରଞ୍ଜନ ମାଳି ମୁଖ୍ୟ ଅତିଥି, କଣ୍ଟାମାଳ କ୍ଲଷ୍ଟର ସିଆରସିସି ସୁଶାନ୍ତ ଭୋଇ ଏବଂ କଣ୍ଟାମାଳ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଘନଶ୍ୟାମ ବାଘ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ପଦ୍ମପୁରରୁ ଦେଶୀ ମଦ ଜବତ

**ଶଗଡ଼ା, ୬।୯(ସମିସ):** ମନମୁଣ୍ଡା ଅବକାରୀ ବିଭାଗ ଚଢ଼ଉ କରଏ ବିପୁଳ ପରିମାଣର ମଦ ଜବତ କରିବା ସହ ଜଣକୁ ଗିରଫ କରିଛିଫ ମନମୁଣ୍ଡା ଥାନା ପଦ୍ମପୁର ଗ୍ରାମ୍ୟ ରାସ୍ତାରେ ବେଆଇନ ଭାବରେ ମଦ ବିକ୍ରି ହେଉଥିବା ଖବର ପାଇ ମନମୁଣ୍ଡା ଅବକାରୀ ଅଧିକାରୀ ଜୟନ୍ତୀ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ଉ କରିଥିଲା। ସୁରେଶ୍ୱର ରଣା ନିକଟରୁ ୧୨ ଲିଟର ଦେଶୀ ମଦ ଜବତ ହୋଇଛି। ଏକ ମାମଲା ରୁଜୁ କରି ତାକୁ କୋର୍ଟ ଚାଲାଣ କରା ଯାଇଥିବା ଅବକାରୀ ଅଧିକାରୀ ସୂଚନା ଦେଇଛନ୍ତି।

## ଖଲିଆପାଲି ଶୈବ ପୀଠରେ ଇନ୍ଦ୍ରପୂଜା

**ବୌଦ୍ଧ, ୬।୯(ସମିସ):** ବୌଦ୍ଧ ବ୍ଲକ ବ୍ରାହ୍ମଣୀପାଲି ପଞ୍ଚାୟତ ଖଲିଆପାଲି ଶୈବ ପୀଠରେ ମନ୍ଦିର କମିଟି ପକ୍ଷରୁ ଇନ୍ଦ୍ର ପୂଜା ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ତ୍ତା ଭାବେ ବ୍ରାହ୍ମଣୀପାଲି ସରପଞ୍ଚ ଅରୁଣ ବାଘ ଓ ତାଙ୍କ ପତ୍ନୀ ପୂର୍ବତନ ସରପଞ୍ଚ ସୁଷମା ବାଘ ଦାୟିତ୍ୱ ତୁଲାଇଥଲେ। ଶ୍ୟାମ ପଣ୍ଡା ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ପୂଜା ପରେ ଇନ୍ଦ୍ର ଦେବତାକୁ ସଂକୀର୍ତନ ମଣ୍ଡଳୀ ଗହଣରେ ମନ୍ଦିର ପରିସରରେ ପରିକ୍ରମା କରାଯାଇଥିଲା। ସୂଚନାଯୋଗ୍ୟ ଯେ ଭଲ ବର୍ଷା ପାଇଁ ଦୀର୍ଘ ବର୍ଷ ହେଲା ଏହି ପରମ୍ପରା ଚାଲି ଆସୁଛି। ମନ୍ଦିର କମିଟିର ସଭାପତି ଅରୁଣ ପ୍ରଧାନ ଓ ସମ୍ପାଦକ ଉମେଶ କର୍ଣ୍ଣ ଏବଂ ମନ୍ଦିର ପୂଜକ ଅଗସ୍ତି ବଡ଼ମାଳିଙ୍କ ତତ୍ତ୍ୱାବଧାନରେ ସମସ୍ତ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।

## ବାଇକ୍ ଦୁର୍ଘଟଣାରେ ସାମ୍ବାଦିକଙ୍କ ପୁତୁରାଙ୍କ ଦେହାନ୍ତ

**ମନମୁଣ୍ଡା, ୬।୯(ସମିସ):** ବୌଦ୍ଧ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ଭାର୍ଜନ ପ୍ରଧାନଙ୍କ ପୁତୁରା ପ୍ରିତିସ (୨୪) ଙ୍କ ଏକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ମନମୁଣ୍ଡା ଥାନା ଖଟାଖଟିଆ ପଞ୍ଚାୟତ ରୁଗୁଡ଼ିପାଲି ଗ୍ରାମର ମଦନ ମୋହନ ପ୍ରଧାନଙ୍କ ପୁଅ। ସେହିଭଳି ତାଙ୍କସହ



ଥିବା ମନମୁଣ୍ଡା ଗ୍ରାମର ଚନ୍ଦ୍ରଶେଖର ରଥଙ୍କ ପୁଅ ଶୁଭମ୍ (୨୩) ମଧ୍ୟ ଗୁରୁତର ହୋଇଛନ୍ତି। ଉଭୟ ଶୁଣ୍ଡିପଦର ପଞ୍ଚାୟତ ଗୋପାଳପୁର ଗ୍ରାମରୁ ବାଇକ୍ (ଓଡି ୨୫ ଏ ଏ ୨୯୬୩) ଯୋଗେ ଘରକୁ ଫେରୁଥିଲେ। ଗୋପାଳପୁର ଛକ ନିକଟରେ ଏକ ଗୋରୁ ହଠାତ୍ ବାଇକ୍ ଆଗକୁ ଧାଇଁ ଆସିଥିଲା। ବାଇକ୍‌କୁ ନିୟନ୍ତ୍ରଣ କରିବାକୁ ଯାଇ ଭାରସାମ୍ୟ ହରାଇ ଉଭୟ ପଡ଼ି ଯାଇଥିଲେ। ଦୁଇ ଗୁରୁତରଙ୍କୁ ସୋନପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଶୁଭମ୍‌ଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ପ୍ରୀତିସଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ସମ୍ପର୍କୀୟ ଭାଇ ଦିବ୍ୟଶଙ୍କର ମହାକୁଡ ମନମୁଣ୍ଡା ଥାନାରେ ଏତଲା ଦେବାପରେ ପୁଲିସ ଶବ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲା। ଗାଁରେ ତାଙ୍କ ଅନ୍ତିମ ସଂସ୍କାର କ କରାଯାଇଛି।

# ବିଶ୍ୱ ସମୃଦ୍ଧି ଯଜୁର୍ବେଦ ମହାଯଜ୍ଞ ପାଇଁ ପ୍ରସ୍ତୁତି

**ବୌଦ୍ଧ, ୬।୯(ସମିସ):** ବୌଦ୍ଧ ଜିଲ୍ଲା ସଦର ବ୍ଲକ ତାଳସରଡ଼ା ପଞ୍ଚାୟତ କଂକଲା ଡମ୍ବରୁଗଡ଼ ସିଦ୍ଧତପୋ ସେବାବନ ସିଦ୍ଧଗୁରୁମଠରେ ବିଶ୍ୱ ସମୃଦ୍ଧି ଯଜୁର୍ବେଦ ମହାଯଜ୍ଞ ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମଠର ମହନ୍ତ ସର୍ବେଶ୍ୱର ଦାସ ଅଧ୍ୟକ୍ଷତା କରିଥିଲେ। ମାନସ ସୁନ୍ଦର ଶତପଥୀ ଯଜ୍ଞ ଆୟୋଜନର ଲକ୍ଷ ଓ ଉଦ୍ଦେଶ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। ଢେଙ୍କାନାଳର ଧ୍ରୁବାନନ୍ଦ ବାରିକ ଯୋଗଦେଇ ଯଜ୍ଞ ଉପକାରିତା ଉପରେ ଆଲୋକପାତ କରିଥିଲେ। ନଭେମ୍ବର ୨ରୁ ୫ ତାରିଖ ପର୍ଯ୍ୟନ୍ତ ଯଜ୍ଞ ଅନୁଷ୍ଠିତ ହେବ। ପରିଚାଳନା ପାଇଁ ଏକ ପରିଚାଳନା କମିଟି ଗଠନ କରାଯାଇଛି। ମୁଖ୍ୟ ମାର୍ଗଦର୍ଶକ ଭାବେ ମହନ୍ତ ସର୍ବେଶ୍ୱର ଦାସ, ସଭାପତି ପୟୋଧର ମହାକୁଡ଼, ଉପ ସଭାପତି ପ୍ରଶାନ୍ତ ସେଠି ଓ ଧନମାଳୀ ଦେହୁରୀ, ସମ୍ପାଦକ ମୟସେନ ରଣା, ସହ ସମ୍ପାଦକ ଶ୍ରୀପତି ମହାକୁଡ଼, କୋଷାଧକ୍ଷ



ମନୋଜ ମହାକୁଡ଼, ସହ କୋଷାଧକ୍ଷ ଶିବ କର୍ମୀ, ଉପଦେଷ୍ଟା ଅକ୍ଷୟ କୁମାର ମହାକୁଡ଼, ମିଡ଼ିଆ ସେଲ ଅଧ୍ୟକ୍ଷ କୃତ୍ତିବାସ ପଲିଆଙ୍କୁ ମନୋନୀତ କରାଯାଇ ଦାୟିତ୍ୱ ଅର୍ପଣ କରାଯାଇଛି। ରମେଶ ପ୍ରସାଦ ସାହୁ, ମହେଶ ପ୍ରସାଦ ଅଗ୍ରୱାଲ, ଶାନ୍ତନୁ ଚାନ୍ଦ, ଦାଶରଥି ମହାକୁଡ଼, ଦୁଷ୍ମନ୍ତ ପୃଷ୍ଟି, ଦିଲ୍ଲୀପ ସାହୁ, ପିଣ୍ଟୁ ମହାକୁଡ଼, ବିଦେଶୀ ସାହୁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ

## ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଚାରାରୋପଣ




**ବୌଦ୍ଧ, ୬।୯(ସମିସ):** ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ପୁରୁଣା କଟକ ହାଟ ପଡ଼ିଆରେ ଚାରା ରୋପଣ କରାଯାଇଛି। ସ୍ଥାନୀୟ ସରପଞ୍ଚ ଅଶୋକ ସେଠି, ଯୁବନେତା ଅବକାଶ ସାହୁ, ଗରୁଡ଼ ପ୍ରଧାନ, ବାସୁଦେବ ଦେହୁରୀ, ତେଜ ଜଗଦଲା, ପ୍ରମୋଦ ଜାନୀ, ଗୁଞ୍ଜନ୍ ନାୟକ, ଲିପୁନ୍ ରାଉତ, ରିଙ୍କି ବେହେରା, ପ୍ରଭଞ୍ଜନ ଜଗଦଲା, ସୁବ୍ରତ ଜଗଦଲା, କାର୍ତ୍ତିକେଶ୍ୱର୍ ପ୍ରଧାନ, କୈଳାଶ ନାଏକ ପ୍ରମୁଖ ଏଥିରେ ସାମିଲ ଥଲେ।

## ନାରାୟଣନଗର କ୍ଲଷ୍ଟରସ୍ତରୀୟ ତୃତୀୟ ମାସିକ ବୈଠକ

**ବୌଦ୍ଧ, ୬।୯(ସମିସ):** ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଗୁଡ଼ିଆଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନାରାୟଣ ନଗର କ୍ଲଷ୍ଟରସ୍ତରୀୟ ତୃତୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ତୃତୀୟ ମାସିକ ବୈଠକରେ ଶୈକ୍ଷିକ କ୍ୟାଲେଣ୍ଡର, ଶ୍ରେଣୀ ପରିଚାଳନା, ଶ୍ରେଣୀ ପରିଦର୍ଶନ, ଶିକ୍ଷଣ ସୋପାନ ରେଜିଷ୍ଟର, ନିପୁଣ ସପ୍ତାହ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରାଯାଇଥିଲା। ସିଆରସିସି ସନ୍ତୋଷ ଶତପଥୀ ଅଧକ୍ଷତା କରିଥିଲେ। ପଦ୍ମନପୁର ୟୁପି ସ୍କୁଲର ପ୍ରଧାନଶିକ୍ଷକ ବିଜୟ




ମହାକୁଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଧାନ ଶିକ୍ଷକ ଦାମୋଦର ବହିଦାର ଧନ୍ୟବାଦ ଦେଇଥିଲେ। ବୈଠକରେ କ୍ଲଷ୍ଟର ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୋଗ ଦେଇଥିଲେ।

## ଗଞ୍ଜେଇ ମାଫିଆ ଗିରଫ

**ଶଗଡ଼ା, ୬।୯(ସମିସ):** ବୌଦ୍ଧ ଜିଲ୍ଲା ଘଣ୍ଟାପଡ଼ା ପୁଲିସ ୮ ମାସ ପୂର୍ବରୁ ଏକ ଗଞ୍ଜେଇ ମାମଲାରେ ସମ୍ପୃକ୍ତ ରହି ଫେରାର ଥିବା ପୂର୍ଣ୍ଣ ରଣା ନାମକ ଜଣେ ଗଞ୍ଜେଇ ମାଫିଆକୁ ଗିରଫ କରିଛ। ଘଣ୍ଟାପଡ଼ା ପୁଲିସ ଗତ ବର୍ଷ ଡିସେମ୍ବର ମାସରେ ଏକ ଗଞ୍ଜେଇ ଚୋରା ଚାଲାଣ ଖବର ପାଇ ଚଢ଼ଉ କରିଥିବା ବେଳେ ଗଞ୍ଜେଇ ଛାଡି ସେ ଫେରାର ମାରିଥିଲା। ପୁଲିସ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ବେଳେ ଶେଷରେ ତାକୁ ସିନ୍ଧିଗୋରା ଗ୍ରାମରୁ ଗିରଫ କରିଛି।

# ଧାତୁକିପାଲିରେ ଗଜବନ୍ଧ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ

**ଡୁଙ୍ଗୁରିପାଲି, ୬।୯(ସମିସ)**

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ କ୍ଲଷ୍ଟର ଅଧୀନ ଧାତୁକିପାଲି ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମୋହନ ଚରଣ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ନରେନ୍ଦ୍ର ପୁରୋହିତ ସଂଯୋଜନା କରିଥିଲେ। ୯ଟି ବିଦ୍ୟାଳୟରୁ ୧୬ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଓ ଏଫଏଲଏନ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ



କରିଥିଲେ। ମୁଖ୍ୟ ଅତିଥିଭାବେ ବରିଷ୍ଠ ଶିକ୍ଷକ ଦିବାକର ବଡ଼େଇ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଚଳିତ ସେପ୍ଟେମ୍ବର ମାସର ଶିଶୁବାଟିକା, ପ୍ରଥମ, ଦ୍ୱିତୀୟ, ତୃତୀୟଶ୍ରେଣୀ ପାଇଁ ଶୈକ୍ଷିକ କ୍ୟାଲେଣ୍ଡର, ନମୁନା ପାଠ୍ୟ ଯୋଜନା, ଆଦର୍ଶ ପାଠ ଟିକା ଓ ଶିକ୍ଷକ ଗତିବିଧି ଯୋଜନା, ମୌଳିକ ଭାଷା ଓ ସଂଖ୍ୟାଜ୍ଞାନର ବହୁ ଶ୍ରେଣୀ ଶିକ୍ଷଣ ପରିଚାଳନା, ଚତୁର୍ଥ ଓ ପଞ୍ଚମ ଶ୍ରେଣୀର ଗଣିତ ଶିକ୍ଷାଦାନ କୌଶଳ, ସ୍ଥାନୀୟ ବିଦ୍ୟାଳୟର ଅଭିନବ କାର୍ଯ୍ୟ, ଶିକ୍ଷଣ ସୋପାନ ପୁସ୍ତିକା, ନିପୁଣ ଓଡ଼ିଶା ସପ୍ତାହ, ଉଲ୍ଲାସ କାର୍ଯ୍ୟକ୍ରମ, ହରିତ ବିଦ୍ୟାଳୟ ପୁରସ୍କାର ବିଷୟରେ ଆଲୋଚନା ହୋଇଥିଲା। ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଗଜବନ୍ଧର ବରିଷ୍ଠ ଏସଇଏସ ପ୍ରଧାନଶିକ୍ଷକ ପଞ୍ଚାନନ କମ୍ପ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ଥିଲେ। ଶିକ୍ଷକ ନନ୍ଦକିଶୋର ବିଶି, ଶମ୍ଭୁପ୍ରସାଦ ନାଏକ, ଅଭିରାମ ପରାଭୂଏ, ଦିବାକର ବଡ଼େଇ, କୁଶ ପୁଟେଲ, ଶିକ୍ଷୟିତ୍ରୀ ଚୁମକି ବିଶି, କଳ୍ପନା ସେଠୀ, ରଶ୍ମୀତା କୁଅଁର, ଲଳିତା ଭୁଏ, ଅଲ୍ଲିକା ନାଗ ସହଯୋଗ କରିଥିଲେ। ଶିକ୍ଷକ ହାରାଧନ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ରାମପୁର କ୍ଲଷ୍ଟରସ୍ତରୀୟ ମାସିକ ବୈଠକ

**ଡୁଙ୍ଗୁରିପାଲି, ୬।୯(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ସିଆରସିସି ପ୍ରଦୀପ୍ତ କିଶୋର



ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ହୋସିୟା ଛତ୍ରିୟା ଉଦ୍‌ଘାଟନ କରିଥିଲେ। ସିଆରସିସି ଶ୍ରୀ ଦାଶ ଶିକ୍ଷଣ ଫଳାଫଳ, ବହୁ ଶ୍ରେଣୀ ପାଠ୍ୟ ଯୋଜନା ପ୍ରସ୍ତୁତି, ଟିଏଲଏମ ପ୍ରସ୍ତୁତି ଓ ବ୍ୟବହାର, ଶୈକ୍ଷିକ କ୍ୟାଲେଣ୍ଡର ତଥା ସାମଗ୍ରିକ ପ୍ରଗତି ପତ୍ର, 'ଏକ ଗଛ ମା' ନାମରେ, ସ୍କୁଲ ୟୁନିଫର୍ମ ଓ ହାଉସ ଡ୍ରେସ, ସ୍ୱାସ୍ଥ୍ୟ ପରୀକ୍ଷା, ଉଲ୍ଲାସ ଓ ଶୈକ୍ଷିକ ଶପଥ, ଆସ ସ୍କୁଲ ଯିବା, ଶିଶୁ ବାଟିକା ଶିକ୍ଷକ ସହାୟକ ପୁସ୍ତିକା, ସୋମବାର ଷ୍ଟାଫ ମିଟିଂ, ସୋପାନ ରେଜିଷ୍ଟର, ଏସଏଆଇ ପରୀକ୍ଷା, ଆଇଏଫ୍‌ଏ ଟାବଲେଟ ବଣ୍ଟନ ବିଷୟରେ ଅବଗତ କରାଇଥିଲେ। ଶିକ୍ଷକ ଯେଠୁ ସାହୁ, ବଳରାମ ପ୍ରଧାନ, ଝୁନା ମେହେର, ବିନ୍ଦୁ ମେହେର, କୁଶ ଭୋଇ, ରୀନା ବାଗ, ଅରୂପା ସାହୁ, ସୁଜିତ ବଗର୍ତି, ସଙ୍ଗୀତା ବେହେରା, ସରୋଜ ଦାଶ, ସାରଥୀ ଭୋଇନା, ନାରାୟଣ ବାଗ ଯୋଗଦାନ କରିଥିଲେ। ସଭା ଶେଷରେ ଶିକ୍ଷକ କୁଶ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ଥାନୀୟ ବିଦ୍ୟାଳୟ ର ସମସ୍ତ କର୍ମଚାରୀ ଙ୍କ ସହଯୋଗ ଏହି ମାସିକ ବୈଠକ କୁ ସଫଳ କରିଥିଲା

● ଏନ୍ଏସି ଘୋଷଣାରୁ ସଇଁତଳାକୁ ବାଦ୍

## କୁହୁଳୁଛି ଅସନ୍ତୋଷ; ଆନ୍ଦୋଳନ ପାଇଁ ସଜବାଜ

ସଇଁତଳା,୬।୯(ସମିସ): ଶାସନକୁ ଆସିବା ପରେ ରାଜ୍ୟର ବିଜେପି ସରକାର ପ୍ରଥମ ପର୍ଯ୍ୟାୟରେ ୧୨ଟି ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୬ଟି ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି) ଗଠନ ନେଇ ଘୋଷଣା କରିଛି। ତେବେ ଏଥିରେ ସଇଁତଳାକୁ ବାଦ୍ ଦିଆଯାଇଛି। ଏହାକୁ ନେଇ ସଇଁତଳା ଅଞ୍ଚଳରେ ଅସନ୍ତୋଷ କୁହୁଳୁଛି। ଏନ୍ଏସି ଘୋଷଣା ଦାବି ନେଇ ଅଞ୍ଚଳବାସୀ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ସୂଚନା ମିଳିଛି। ଏଠାରେ ଥାନା, ସ୍ୱାସ୍ଥ୍ୟକେନ୍ଦ୍ର, ରେଳଷ୍ଟେସନ, ବନାଞ୍ଚଳ କାର୍ଯ୍ୟାଳୟ ସହ ସ୍କୁଲ, କଲେଜ, ବ୍ୟାଙ୍କ, ଡାକଘର ଏବଂ ଅନ୍ୟ ସରକାରୀ କାର୍ଯ୍ୟାଳୟ ସହ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି। ଏଠାରୁ ରାଜ୍ୟର ପ୍ରମୁଖ ସହରକୁ ଗମନାଗମନର ବ୍ୟବସ୍ଥା ମଧ୍ୟ ରହିଛି। ସେହିଭଳି ସଇଁତଳା ବଲାଙ୍ଗୀର ଜିଲ୍ଲାର ଏକ ପ୍ରମୁଖ ବାଣିଜ୍ୟ କେନ୍ଦ୍ରସ୍ଥଳ। ଏନ୍ଏସି ଗଠନ ପାଇଁ ଏଠାରେ ରାଜସ୍ୱ ଆୟର ପର୍ଯ୍ୟାପ୍ତ ସୁଯୋଗ ମଧ୍ୟ ରହିଛି। ଅନୁକୂଳ ଲୋକସଂଖ୍ୟା ସାଙ୍ଗକୁ ଅଣକୃଷି କ୍ଷେତ୍ରରେ ମଧ୍ୟ ସଇଁତଳା ପଞ୍ଚାୟତର ବହୁ ଲୋକ ନିୟୋଜିତ। ସଇଁତଳା ଏକ ପଞ୍ଚାୟତ ହୋଇଥିଲେ ମଧ୍ୟ ଦୀର୍ଘ ବର୍ଷରୁ ଏଠାରେ ସହରୀ ସଭ୍ୟତା ରହିଆସିଛି। ଦୈନିକ ହଜାର ହଜାର ସଂଖ୍ୟାରେ ଲୋକ ଏଠାରେ ନିର୍ଭର କରୁଥିବା ବେଳେ ବ୍ୟସ୍ତବହୁଳ ଏହି ସଇଁତଳାକୁ ପଞ୍ଚାୟତ ପାଣ୍ଠିରେ ଆଉ ପରିଚାଳନା କରିବା କଷ୍ଟକର ହୋଇଯାଇଛି। ଏଥିପାଇଁ ସଇଁତଳାକୁ ଏନ୍ଏସି ମାନ୍ୟତା ପ୍ରଦାନ ପାଇଁ ସଇଁତଳା ଅଞ୍ଚଳବାସୀ ଦୀର୍ଘ ବର୍ଷ ହେଲା ଦାବି କରି ଆସୁଛନ୍ତି। ପୂର୍ବରୁ ସଇଁତଳା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବହୁବାର ଏଥିପାଇଁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯାଇ ଥିବାବେଳେ ଜିଲ୍ଲା ପ୍ରଶାସନକୁ ପୂର୍ବରୁ ତିନି ତିନିଥର ସଇଁତଳାକୁ ଏନ୍ଏସି ମାନ୍ୟତା ପ୍ରଦାନ ପାଇଁ ସରକାରଙ୍କୁ ପ୍ରସ୍ତାବ ଦେଇଥିବା କମିଟି ପକ୍ଷରୁ କୁହାଯାଇଛି। ଏତେ ସବୁ ସତ୍ତ୍ୱେ ନୂତନ ଏନ୍ଏସି ଗଠନ ଓ ମାନ୍ୟତା ପ୍ରଦାନ ପ୍ରକ୍ରିୟାରେ ସଇଁତଳାକୁ ବାଦ୍ ଦିଆଯାଇଥିବାରୁ ସଇଁତଳା ଅଞ୍ଚଳରେ ଘୋର ଉଦ୍‌ବେଗ ଓ ଅସନ୍ତୋଷ ପ୍ରକାଶ ପାଇଛି। ସରକାର ପୁନର୍ବିଚାର ପୂର୍ବକ ସଇଁତଳାକୁ ଏନଏସି ମାନ୍ୟତା ଦେବାକୁ ସଇଁତଳା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବି ହୋଇଛି। ଅନ୍ୟଥା ପୁଣି ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ ପାଇଁ ଚେତାବନୀ ଦିଆଯାଇଛି।

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗ ବଦନାମ

# କେଉଁଠି ପ୍ରସବ ପାଇଁ ଟଙ୍କା, କେଉଁଠି ଅନ୍ଧାରରେ ଚିକିତ୍ସା

ବଲାଙ୍ଗିର,୬।୯(ସମିସ)

ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ସ୍ୱାସ୍ଥ୍ୟ ବିଭାଗ ସବୁବେଳେ ଚର୍ଚ୍ଚାରେ ରହିଆସିଛି। ବିଭିନ୍ନ କାରଣରୁ ସ୍ୱାସ୍ଥ୍ୟ ବିଭାଗର ଛବି ଖରାପ ହୋଇଥିବା ଅଭିଯୋଗ ହୋଇଛି। ତେବେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲାରେ ସ୍ଥିତି ଅଧିକ ସଙ୍ଗିନ ରହିଛି। ବିଭାଗୀୟ ଅଧିକାରୀଙ୍କ ଅଣଦେଖା ଯୋଗୁ କିଛି ମାସ ଭିତରେ ଏମିତି ଅନେକ ଘଟଣା ସାମ୍ନାକୁ ଆସିଛି; ଯାହାପାଇଁ ସ୍ୱାସ୍ଥ୍ୟ ବିଭାଗ ବଦନାମ ହୋଇଥିବା ଚର୍ଚ୍ଚା ହେଉଛି। ସରକାରୀ ଡାକ୍ତରଖାନା ରୁ ଶିଶୁ ବିକ୍ରି ଠାରୁ ଆରମ୍ଭ କରି ଚିକିତ୍ସାରେ ଅବହେଳା, ଘରୋଇ ଡାକ୍ତରଖାନାକୁ ସୁରକ୍ଷା, ଚିକିତ୍ସା ପାଇଁ ଟଙ୍କା କାରବାର, ମୋବାଇଲ ଲାଇଟରେ ଚିକିତ୍ସା ଭଳି ଦୁର୍ଭାଗ୍ୟଜନକ ଚିତ୍ର ଏହି କିଛି ମାସ ଭିତରେ ସାମ୍ନାକୁ ଆସିଛି। ତେବେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲାର ସ୍ଥିତି ଯଦି ଏମିତି ତେବେ ରାଜ୍ୟର ଅନ୍ୟ ଜିଲ୍ଲା କଥା ପଚାରେ କିଏ?

ରାଜ୍ୟ ସରକାରଙ୍କ ଅନ୍ୟତମ ଟାଣୁଆ ମନ୍ତ୍ରୀ ହେଉଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ। ତାଙ୍କ ନିଜ ଜିଲ୍ଲା ହେଉଛି ବଲାଙ୍ଗିର ଜିଲ୍ଲା। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଥାଏ। ତେବେ ଏହି ଭିନ୍ନକ୍ଷମ ପ୍ରମାଣପତ୍ରରେ ଟଙ୍କା କାରବାର ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ତାହା ପୁଣି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ଜଣେ ଅସ୍ଥାୟୀ କର୍ମଚାରୀଙ୍କ ଦ୍ୱାରା । ଏହି ଘଟଣା ଜଣାପଡିବା ପରେ ସଂପୃକ୍ତ କର୍ମଚାରୀ ବହିଷ୍କାର ହୋଇଥିଲେ; କିନ୍ତୁ କେତେ ଯେ ଟଙ୍କା ଦେଇ ଭିନ୍ନକ୍ଷମ ପ୍ରମାନପତ୍ର ହାତେଇଛନ୍ତି ତାହା କହିବା ମୁସ୍କିଲ। କିଛି ଦିନ ତଳେ ପାଟଣାଗଡ ଡାକ୍ତରଖାନାରେ ବର୍ଷାପାଣି ଲହଡି ଭାଙ୍ଗୁଥିବା ଚିତ୍ର ସାମ୍ନାକୁ ଆସିଥିଲା। ବର୍ଷାରାତିରେ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ନିଜ ଗଡ ସାମ୍ନାରେ ଥିବା ଉପଖଣ୍ଡ ଡାକ୍ତରଖାନା ଅନ୍ଧାରରେ ରହିଥିବା ଦେଖିବାକୁ ମିଳିଥିଲା। ଡାକ୍ତରଖାନାରେ ଜେନେରେଟର ବ୍ୟବସ୍ଥା ବି ନ ଥିବା ଅଭିଯୋଗ ହୋଇଛି। ସେହିପରି ଦେଓଗାଁ ଡାକ୍ତରଖାନାରେ ବି ଅନ୍ଧାରରେ ଚିକିତ୍ସା ଚାଲିଥିବା ଏକ ଭିଡିଓ ସାମ୍ନାକୁ ଆସିଥିଲା। ଏହି ଦୃଶ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ବ୍ୟବସ୍ଥାର ଚିତ୍ରକୁ ସାମ୍ନାକୁ ଆଣିଥିବା ବେଳେ କିଛି ମାସ ଭିତରେ ଲୋଇସିଂହା, ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ଚିକିତ୍ସାରେ ଅବହେଳାକୁ ନେଇ ଅଭିଯୋଗ ଆସିସାରିଛି। କେବଳ ସରକାରୀ କାହିଁକି ଜିଲ୍ଲାରେ ଥିବା ଘରୋଇ ଡାକ୍ତରଖାନାରେ ମଧ୍ୟ ଚିକିତ୍ସାରେ ଅବହେଳା ଯୋଗୁ ରୋଗୀ ମୃତ୍ୟୁ ଘଟଣା ସାମ୍ନାକୁ ଆସିଥିଛି। ସଂପୃକ୍ତ ଡାକ୍ତରଖାନା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ନିଜେ ସ୍ୱାସ୍ଥ୍ୟମନ୍ତ୍ରୀ ସେହି ଘରୋଇ ଡାକ୍ତରଖାନାକୁ ସୁରକ୍ଷା ଦେଉଥିବା ନେଇ ଅଭିଯୋଗ ହୋଇଥିଲା। କିଛି ଦିନ ତଳେ ଆମ୍ବୁଲାନ୍ସ ନ ଆସିବାରୁ ପାଟଣାଗଡ ଅଞ୍ଚଳରେ ଜଣେ ରୋଗୀଙ୍କ ମୃତ୍ୟୁ ଖବର ଆସିଥିବା ବେଳେ କିଛି ମାସ ତଳେ ଟିଟିଲାଗଡ ଡାକ୍ତରଖାନାରେ ଥିବା ଲିଫ୍ଟ ଅଚଳ ହୋଇଯିବାରୁ ଦୀର୍ଘ ସମୟ ଧରି ଲୋକେ ସେହି ଭିତରେ ଫଶି ରହିଥିବା ଦେଖିବାକୁ ମିଳିଥିଲା। ସେହିପରି କଣ୍ଟାବାଞ୍ଜି ଡାକ୍ତରଖାନାରେ ପ୍ରସବ ପାଇଁ ୧୮ ଶହ ଟଙ୍କା ଲାଞ୍ଚ ନେଉଥିବା ଭିଡିଓ ସାମ୍ନାକୁ ଆସିବା ପରେ ଆଲୋଡନ ସୃଷ୍ଟି ହୋଇଛି। ଏହା କେବଳ ଏହି ଡାକ୍ତରଖାନା ନୁହଁ; ସିଏଚସିଠାରୁ ଆରମ୍ଭ କରି ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନା ପର୍ଯ୍ୟନ୍ତ ସବୁଠାରେ ଏହା ଏକ ପରମ୍ପରା ହୋଇଥିବା ଆଲୋଚନା ହେଉଛି। ସବୁଠାରୁ ଅଧିକ ଦୁର୍ଭାଗ୍ୟଜନକ ଓ ସମ୍ବେଦନଶୀଳ ଘଟଣାଟି ହେଉଛି ସରକାରୀ ଡାକ୍ତରଖାନାରୁ ଶିଶୁ ବିକ୍ରି ହେବା। ଡାକ୍ତରଖାନା କର୍ମଚାରୀଙ୍କ ଲିଙ୍କରେ ଏହି ଡିଲ୍ ହେଉଥିବା ବେଳେ କିଛି ମାସ ଭିତରେ ଏହିଭଳି ଏକାଧିକ ଅଭିଯୋଗ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଛବିକୁ ଖରାପ କରିଥିବା ଚର୍ଚ୍ଚା ହେଉଛି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟଟି ହେଉଛି ଏହିଭଳି ଅନେକ ଅଭିଯୋଗ ହେଉଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। କାର୍ଯ୍ୟାନୁଷ୍ଠାନ ତ ଦୂରର କଥା ଠିକ୍ ଭାବେ ତଦନ୍ତ ମଧ୍ୟ ହେଉ ନ ଥିବା ଦେଖିବାକୁ ମିଳିଛି। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗଙ୍କ ନିଜ ଜିଲ୍ଲାର ଅବସ୍ଥା କେବେ ସୁଧୁରିବ ତାକୁ ନେଇ ପ୍ରଶ୍ନ ଉଠିଛି।

■ ଘରୋଇ ଡାକ୍ତରଖାନା ଉପରେ ଲଗାମ ନାହିଁ
■ ଭିନ୍ନକ୍ଷମ ପ୍ରମାଣପତ୍ର ବି ଟଙ୍କା କାରବାର

## କାମରେ ଆସୁନି ପ୍ରାଣୀ ଚିକିତ୍ସା ଉପକେନ୍ଦ୍ର



ମୁରିବାହାଲ,୬।୯(ସମିସ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ୍ ମାଲିଶିରା ପଞ୍ଚାୟତ ସଦର ପଞ୍ଚାୟତ ମହକୁମାରେ ନିର୍ମିତ ପ୍ରାଣୀ ଚିକିତ୍ସା ଉପକେନ୍ଦ୍ର ଗତ ୪/୫ ବର୍ଷ ହେବ ନିର୍ମାଣ ଦିନଠାରୁ ଆଜି ପର୍ଯ୍ୟନ୍ତ ଅଦରକାରୀ ତଥା ଅବ୍ୟବହୃତ ହୋଇ ପଡ଼ିରହିଛି। ଏହାଫଳରେ ଆଖପାଖ ଅଞ୍ଚଳରେ ଗାଇଗୋରୁଙ୍କ ଉଚିତ ସମୟରେ ଚିକିତ୍ସା ମିଳୁନି। ଏଣୁ ମୃତ୍ୟୁ ଘଟୁଛି। ବିଭାଗୀୟ ଅଧିକାରୀ ଏହି ପ୍ରାଣୀ ଚିକିତ୍ସା ଉପକେନ୍ଦ୍ରକୁ ଆଡ଼ ଆଖିରେ ଚାହୁଁନାହାନ୍ତି। ଏହି କେନ୍ଦ୍ର ଏବେ ଭୂତ କୋଠି ପାଲଟିଛି। ଅନାବନା ଗଛଲତାରେ ପରିପୂର୍ଣ୍ଣ ହେତୁ ସରୀସୃପଙ୍କ ଆଶ୍ରୟସ୍ଥଳରେ ପରିଣତ ହୋଇଛି। ଏହି ପ୍ରାଣୀ ଚିକିତ୍ସା କେନ୍ଦ୍ରଟି କିଛି କାମରେ ଆସୁନି। ଆରମ୍ଭରୁ ବ୍ୟବହାର ହୋଇନି। ଏହା ସତ୍ତ୍ୱେ ପ୍ରତି ବର୍ଷ ଏହି କେନ୍ଦ୍ରର ମରାମତି ପାଇଁ ଅଜସ୍ର ଟଙ୍କା ଖର୍ଚ୍ଚ ହୋଉଛି।

## କୁଲୁତା ସମାଜର ନୂଆଁଖାଇ ଭେଟ୍ ଉତ୍ସବ



ଦେଓଗାଁ,୬।୯(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଲଣ୍ଡାପଥର ଗାଁରେ ସିକୁଆଁ ଆଞ୍ଚଳିକ କେନ୍ଦ୍ର ଆନୁକୂଲ୍ୟରେ ନୂଆଁଖାଇ ଭେଟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅନ୍ତର୍ଯ୍ୟାମୀ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପରଝର ଆଞ୍ଚଳିକ ସଭାପତି ସୁବାଷ ବିଶ୍ୱାଳ, କରେଲଧୂଆ ସଭାପତି ପ୍ରେମାନନ୍ଦ ଭୋଇ, ଡୁମେରମୁଣ୍ଡା ସଭାପତି ନବଘନ ଭୋଇ, ତୁଷୁରା ସଭାପତି ଟଙ୍କଧର ପଧାନ, ଜିଲ୍ଲା ଉପସଭାପତି ପ୍ରେମାନନ୍ଦ ସାହୁ, ଜିଲ୍ଲାକେନ୍ଦ୍ର ସଭ୍ୟ ଲୋକେଶ୍ୱର ପଧାନ, ସଭାପତି ଶିବରାମ ବିଶ୍ୱାଳ, ସମ୍ପାଦକ ସୁରେଶ ଚନ୍ଦ୍ର ଭୋଇ, କରୁଆଁଝର କମିଟି ସମ୍ପାଦକ ସୁଶାନ୍ତ ସାହୁ, ଲଣ୍ଡାପଥର କମିଟି ସଭାପତି ଏକାନନ ବୁଧିଆ ପ୍ରମୁଖ ଯୋଗ ଦେଇଥିଲେ।

## ନୂଆଁପଡା ଆଞ୍ଚଳିକ ଯାଦବ ସମାଜର ନୂଆଁଖାଇ ଭେଟଘାଟ

ତୁଷୁରା,୬।୯(ସମିସ): ବଲାଙ୍ଗିର ଜିଲ୍ଲା ଗୁଡ଼ଭେଲା ବ୍ଲକ୍ ନୂଆଁପଡା ଆଞ୍ଚଳିକ ଯାଦବ ସମାଜ ପକ୍ଷରୁ ସ୍ଥାନୀୟ ତାଣ୍ଡିଗାଁରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଜୟ ବାଗ, ନୀଳାମ୍ବର ବିଶି, ଲିଙ୍ଗରାଜ ବାଗ, ଉମାକାନ୍ତ ଗହୀର, କିଶୋରୀ ମନହିର, ବଶିଷ୍ଠ ମନହିରା ଧନ୍ୟବାଦ ଅର୍ପଣ କରିଥିଲେ।



## ଖମାରୀପଡ଼ା ଭୂ-ତଳ ରେଳ ପୋଲରେ ଜମୁଛି ପାଣି

ବୌଦ୍ଧ,୬।୯(ସମିସ): ବଲାଙ୍ଗୀର-ଖୋର୍ଦ୍ଧା ରେଳପଥର ବୌଦ୍ଧ ବ୍ଲକ ମୁଣ୍ଡାପଡା ପଞ୍ଚାୟତ ଅଧୀନ ଖମାରିପଡା ଭୂତଳ ରେଳ ପୋଲରେ ସାମାନ୍ୟ ବର୍ଷା ହେଲେ ପାଣି ଜମୁଛି। ଏଣୁ ଏହି ବାଟ ଦେଇ ଯାଉଥିବା ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜହ୍ନାପଙ୍କ-ଖମାରୀପଡା ରାସ୍ତା ବଘିଆପଡା -ଗୁଡୁଲିଆ -ଶଗଡା ରାସ୍ତାକୁ ସଂଯୋଗ କରୁଥିବାରୁ ଏହି ରାସ୍ତା ସବୁବେଳେ ବ୍ୟସ୍ତ ରାସ୍ତା। ପ୍ରତିଦିନ ଏହି ରାସ୍ତାରେ ଶିକ୍ଷକ, ଛାତ୍ରଛାତ୍ରୀ ସ୍କୁଲ କଲେଜ ଯାଇଥାନ୍ତି। ଦୈନିକ ଶହ ଶହ ଯାନବାହାନ ଏହି ରାସ୍ତା ଦେଇ ଯାତାୟତ କରେ। ବେଳେ ବେଳେ ଲୋକ ଯାଉଥିବା ବେଳେ ଏହି ପୋଲ ନିକଟରେ ଚାରିଚକିଆ ଯାନ ଅତିକ୍ରମ କରିବା ବେଳେ ମଇଳା ପାଣି



ଦେହରେ ପଡେ। ଏହା ଫଳରେ ଯାତ୍ରୀମାନେ ବାଧ୍ୟ ହୋଇ ସେଠାରୁ ଫେରନ୍ତି। ପୋଲ ନିର୍ମାଣ ବେଳେ ଠିକାଦାର ପାଣି ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା କରି ନ ଥିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଛି।

## କୈବର୍ତ୍ତ ସମାଜ ବାର୍ଷିକ ଯାତ୍ରା ପ୍ରସ୍ତୁତି

ପଲଶାଗୋରା,୬।୯(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଗବଯୋର କୈବର୍ତ୍ତ ସମାଜର ଆରାଧ୍ୟା ମା' ମାଣିକେଶ୍ୱରୀଙ୍କ ବାର୍ଷିକ ଯାତ୍ରା ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ହୃଷିକେଶ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମା' ମାଣିକେଶ୍ୱରୀଙ୍କ ବାର୍ଷିକ ଯାତ୍ରା ଅକ୍ଟୋବର ୪ରେ ପାଳିତ ହେବ। ବୈଠକରେ ସଭାପତି ତ୍ରିନାଥ ସେଠୀ, ଗଣେଶ ଝାଙ୍କର, ରାଧାକାନ୍ତ ମହାଲିକ, ଗୋବିନ୍ଦ ମୁଦୁଲି, ସାମ୍ବାଦିକ ଦେବାଶିଷ ମଲିକ ପ୍ରମୁଖ ଉପସ୍ଥିତ ଥିଲେ।


## ମାଲପାମୁଣ୍ଡା ସ୍କୁଲ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ତୁରେକେଲା,୬।୯(ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ୍ ହିଆଁଳ ପଞ୍ଚାୟତ ଅଧୀନ ମାଲପାମୁଣ୍ଡା ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ଶିକ୍ଷକ ଅମରକାନ୍ତ



ବେହେରାଙ୍କୁ ପବିତ୍ର ଗୁରୁଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ମାନୀତ କରାଯାଇଛି। ବଲାଙ୍ଗିର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସଭା ଗୃହରେ ଅନୁଷ୍ଠିତ ସଭାରେ ଏହି ପୁରସ୍କାରରେ ଶ୍ରୀ ବେହେରାଙ୍କୁ ସମ୍ମାନୀତ କରାଯାଇଛି। ଏହି ଅବସରରେ ଶ୍ରୀ ବେହେରାଙ୍କୁ ମାନପତ୍ର, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଟ୍ରଫି ଓ ନଗଦ ୨୫ହଜାର ଟଙ୍କା ପ୍ରଦାନ କରାଯାଇଛି। ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ଜିଲ୍ଲାପରିଷଦ ଅଧ୍ୟକ୍ଷା ଦେବକି ସାହୁ, ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ ନାଗଙ୍କଠାରୁ ସେ ଏହି ପୁରସ୍କାର ଗ୍ରହଣ କରିଛନ୍ତି।

## ନୂଆପଡ଼ା, ବାଲିପୁରର ଦୁଃଖ ରାସ୍ତା, ପୋଲ





ବୌଦ୍ଧ,୬।୯(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ବୀରନରସିଂହପୁର ପଞ୍ଚାୟତ ବାଲିପୁର ଗାଁକୁ ଆଜି ପର୍ଯ୍ୟନ୍ତ ରାସ୍ତା ନାହିଁ। ସେହିଭଳି ଗାଁ ପାଖରୁ ବହିଥିବା ଛୋଟ ନାଳଟି ବର୍ଷାରେ ଫୁଲି ଯାଇଥାଏ। ଏଣୁ ପୋଲ ନ ଥିବାରୁ ଗାଁବାସୀ ବାଧ୍ୟ ହୋଇ ଭରାନାଳ ପାର ହୋଇ ହାଟବଜାରଲ ସ୍କୁଲ କଲେଜ ଯାଇଥାନ୍ତି। ଏହି ସମସ୍ୟା ନେଇ ଗାଁବାସୀ ଅନେକ ଥର ନେତାମନ୍ତ୍ରୀଠୁ ଆରମ୍ଭ କରି ପ୍ରଶାସନିକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅଭିଯୋଗ କରିଛନ୍ତି; କିନ୍ତୁ ଫଳ ଶୂନ ବୋଲି ସେମାନେ ଅଭିଯୋଗ କରିଛନ୍ତି।

## କଣ୍ଟାବାଞ୍ଜିରେ ପ୍ରଫେଟ ମହମ୍ମଦଙ୍କ ଜୟନ୍ତୀ

କଣ୍ଟାବାଞ୍ଜି,୬।୯(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରରେ ମୁସଲମାନ ସମାଜ ପକ୍ଷରୁ ପ୍ରଫେଟ ମହମ୍ମଦଙ୍କ ୧୫୦୦ତମ ଜନ୍ମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆଶ୍ରମପଡ଼ାଠାରୁ ଏକ ବିରାଟ ଶୋଭାଯାତ୍ରା ବାହାରି ଗୋସିଆ ମସଜିଦରେ ପହଞ୍ଚିଥିଲା। କଣ୍ଟାବାଞ୍ଜି ଆମ୍ବେଦକର ଜୟନ୍ତୀ ମହୋତ୍ସବ କମିଟି ସଭାପତି ଅନିଲ ବିଭାରଙ୍କ ନେତୃତ୍ୱରେ ସ୍ଥାନୀୟ ସମ୍ବିଧାନ ଛକରେ ଶୋଭାଯାତ୍ରାକୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରାଯାଇଥିଲା। ସେହିପରି ଇନ୍ଦ୍ରା ଛକ ନିକଟ ବିଜେଡ଼ି ନେତା ଗିରିରାଜ ସିଂ ମାଝୀଙ୍କ ନେତୃତ୍ୱରେ ସ୍ୱାଗତ କରାଯାଇଥିଲା। କଣ୍ଟାବାଞ୍ଜି ମୁସଲିମ ଜମାତ ସଭାପତି ଆୟୁବ ଖାନ, ଜାବାର ପାରମାର, ସେଖ ଅମଜାଦ, ୟଙ୍ଗ ମୁସଲିମ କମିଟି ସଭାପତି ଅବଦୁଲ ରାଫିକ, ଡକ୍ଟର ଅମଜାଦ ଖାଁନ, ସବିର ଖାଁନ, ଶେଖ ସମିମ, ଅବଦୁଲ ନିଜାମ, ଅବଦୁଲ ରବବାନି ଶେଖ୍ ଅନବର, ତାହିର ଖାନ, ଶେଖ ସମିର, ଦିପାକ ମନିହାର, ସରଫାରଜ ଖାନ, ମହସିନ ମନିହାର, ଅବଦୁଲ ସାଜିଦ, ଅଜହର ଖାନ, ଅସଲମ ଖାନ, ଜମିର ମହମ୍ମଦ, ଆରିଫ ମହମ୍ମଦ, ଅସରଫ ମହମ୍ମଦ, ସରଫାରାଜ ଖାନ, ସାଲମାନ ମାନିହାର, ଉସମାନ ମାନିହାର ପ୍ରମୁଖ ଉପସ୍ଥିତ ଥିଲେ।

## ବସନ୍ତ ସୋସିଆଲ ଫାଉଣ୍ଡେସନ ତରଫରୁ ଗୁରୁ ଦିବସ

### ମାଟ୍ରିକ ମେଧାବୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ

ବୌଦ୍ଧ/ମନମୁଣ୍ଡା,୫।୯(ସମିସ): ନୂଆଁଦିଲ୍ଲୀ ବସନ୍ତ ସୋସିଆଲ ଫାଉଣ୍ଡେସନର ମନମୁଣ୍ଡା ଶାଖା ତରଫରୁ ବୌଦ୍ଧ ଯୋଗିନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟରେ ଗୁରୁ ଦିବସ ପାଳିତ ହୋଇଛି। ଏହି ଅବସରରେ ମାଟ୍ରିକ ମେଧାବୀ ଛାତ୍ରଛାତ୍ରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାଏକ, ବୌଦ୍ଧ ଜିଲ୍ଲା ଶିକ୍ଷାଧିକାରୀ ଟେମଲାଲ ଦୁବେ, ଭାରତୀୟ ବ୍ୟାଙ୍କ ସଂଘର ବରିଷ୍ଠ ପରାମର୍ଶଦାତା (ନୂଆଁଦିଲ୍ଲୀ) ବିକାଶ ନାରାୟଣ ମିଶ୍ର, ସମ୍ବଲପୁର ମଣ୍ଡଳ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ମୁଖ୍ୟ ପ୍ରବନ୍ଧକ ଅଶ୍ୱିନୀ ପଟେଲ, ବୌଦ୍ଧ ଯୋଗିନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ଗାୟତ୍ରୀ ସାହୁ, ସୋନପୁର ପିଏନ୍‌ବି ବିପଣନ ଅଧିକାରୀ ଲିଙ୍କନ ସାହୁ, ବୌଦ୍ଧ ପିଏନ୍‌ବି ଶାଖା ପରିଚାଳକ ପ୍ରାଣବନ୍ଧୁ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ୩୦ ଜଣ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଫୁଲ, ଚନ୍ଦନ ଦେଇ





ସ୍ୱାଗତ କରାଯାଇଥିଲା। ପ୍ରଶଂସାପତ୍ର, ଉତ୍ତରୀୟ ପ୍ରଦାନ ପୂର୍ବକ ସେମାନଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ୨୦୨୪- ୨୫ ମାଟ୍ରିକ ପରୀକ୍ଷାରେ ଜିଲ୍ଲାର ୬ ଜଣ ଏ-୧ ଗ୍ରେଡ୍ ପାଇଥିବା ଛାତ୍ରଛାତ୍ରୀଙ୍କୁ ୫୦୦୦ ଟଙ୍କା ଲେଖାଏଁ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ଏ-୨ ଗ୍ରେଡ୍ ପାଇଥିବା ଶ୍ରେଷ୍ଠ ୨୧ ଜଣ ଛାତ୍ରଛାତ୍ରୀଙ୍କୁ ୩୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ଘଣ୍ଟାପଡ଼ା ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପିତବାସ ପଣ୍ଡାଙ୍କୁ ଶ୍ରେଷ୍ଠ ଶିକ୍ଷକ ଭାବେ ବସନ୍ତ ସ୍ମୃତି ସମ୍ମାନ ଏବଂ ବିଦ୍ୟା ବସନ୍ତ ଉପାଧିରେ ଭୂଷିତ କରି ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜଶ୍ରୀ ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ଶିକ୍ଷକ ସମ୍ବିତ ମିଶ୍ର ସଂଯୋଜନା କରିଥିଲେ। ବରିଷ୍ଠ ସାମ୍ବାଦିକ ବୈଦ୍ୟନାଥ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ସମ୍ବଲପୁର ମଣ୍ଡଳ ମୁଖ୍ୟ ଅଜିତ ମେହେରଙ୍କ ପ୍ରଚେଷ୍ଟାରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ବ୍ୟାଙ୍କ ଅଫ ମହାରାଷ୍ଟ୍ର ଓ କାନାଡା ବ୍ୟାଙ୍କ ତରଫରୁ ସହଯୋଗ କରାଯାଇଥିଲା।

# ବୌଦ୍ଧରେ ସାର ସଙ୍କଟ; ଧାନଚାଷୀ ହତାଶ

## ରିଟେଲର ଓ ଗଞ୍ଜେଇ ମାଫିଆ ମାଲେମାଲ

ବୌଦ୍ଧ,୬।୯(ସମିସ)

ବୌଦ୍ଧ ଜିଲ୍ଲାରେ ସାର କଳାବଜାର ସୀମା ଟପିଲାଣି। ଚାଷୀଙ୍କୁ ଉଚିତ ମୂଲ୍ୟରେ ସାର ମିଳୁନି। ସରକାରୀ ମୂଲ୍ୟଠାରୁ ୨ରୁ ୩ ଗୁଣା ଅଧିକ ଟଙ୍କାରେ ସାର ବିକ୍ରି ହେଉଛି। ଡିଲର ଓ ରିଟେଲର ଚାଷୀଙ୍କ ରକ୍ତ ଶୋଷଣ କରୁଛନ୍ତି। ଅନ୍ୟପଟେ ସମବାୟ ସମିତିରେ ପର୍ଯ୍ୟାପ୍ତ ପରିମାଣରେ ସାର ମିଳୁ ନ ଥିବା ଚାଷୀ ଅଭିଯୋଗ ଆଣିଛନ୍ତି।

କିଛି ଲାଭ ଖୋର ରିଟେଲର, ଡିଲର ଓ ସମବାୟ ସମିତି ସମ୍ପାଦକଙ୍କ ମଧୁଚନ୍ଦ୍ରିକା ପାଇଁ ଜିଲ୍ଲାରେ ସାର କଳା ବଜାର ଚାଲିଛି। ସରକାରଙ୍କ ଦ୍ୱାରା ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ୮୦୦ରୁ ୧୨୦୦ ଟଙ୍କାରେ ୟୁରିଆ ସାର ବିକ୍ରି ହେଉଛି। ପର୍ଯ୍ୟାପ୍ତ ସାର ଥିଲେ ମଧ୍ୟ ଚାଷୀଙ୍କ ନିକଟରେ ପହଞ୍ଚି ପାରୁନି। ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଯଦି ଏଭଳି ଲାଗି ରହେ ଆନ୍ଦୋଳନ କରିବାକୁ ଚାଷୀ କହିଛନ୍ତି। ଚାଷୀଙ୍କ ଏଭଳି ପରିସ୍ଥିତିକୁ ନେଇ ଜିଲ୍ଲା ବିଜେଡି ବୌଦ୍ଧ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛି। ଚାଷୀଙ୍କୁ ପର୍ଯ୍ୟାପ୍ତ ସାର ଯୋଗାଇଦେବା ସହ ସାର କଳା ବଜାର ରୋକିବା ପାଇଁ ବିଜେଡି ଦାବି କରିଛି। ଯଦି ଏଭଳି ସାର ଅଭାବ ଲାଗି ରହେ ତେବେ ରାସ୍ତାକୁ ଓହ୍ଲାଇବ ବୋଲି ବିଜେଡି ଜିଲ୍ଲା ସଭାପତି ପ୍ରଦୀପ ଅମାତ, ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ବିଜେଡି ନେତା ଅବକାଶ ସାହୁ, ଚାଷୀ ମୁକ୍ତେଶ୍ୱର ବାଘରଙ୍କ ସହ ଶତାଧିକ ବିଜେଡି କର୍ମୀ ଚେତାବନୀ ଦେଇଛନ୍ତି।

ସରକାର ଚଳିତ ବର୍ଷ ମୁଖ୍ୟତଃ ୟୁରିଆ ସାର ପ୍ୟାକେଟ ପ୍ରତି ୨୬୬ଟଙ୍କା ୫୦ ପାଇସା ଧାର୍ଯ୍ୟ କରିଛନ୍ତି। ଜିଲ୍ଲାର ୪୩ଟି ସମବାୟ ସମିତି ସମେତ ୯ଟି ଲାଇସେନ୍ସପ୍ରାପ୍ତ ହୋଲସେଲର ପଏଣ୍ଟ ଓ ୧୮୦ଟି ରିଟେଲର ପଏଣ୍ଟ ଦ୍ୱାରା ବିକ୍ରି କରାଯିବା ପାଇଁ ସ୍ଥିର ହୋଇଥିଲା। ବର୍ତ୍ତମାନ ଜିଲ୍ଲାରେ ସରକାରୀ ତଥ୍ୟ ଅନୁଯାୟୀ ୫୫୦୦ମେଟ୍ରିକ ଟନ୍ ୟୁରିଆ ଆବଶ୍ୟକ ଥିବା ବେଳେ ୩୭୯୮ମେଟ୍ରିକ ଟନ୍ ୟୁରିଆ ସାର ପହଞ୍ଚିଛି; କିନ୍ତୁ ବାସ୍ତବ ଚିତ୍ର ଓଲଟା। ସବୁଠାରୁ ବଡ ବିଡମ୍ବନାର ବିଷୟ ଯେ, ଜିଲ୍ଲାରେ ପର୍ଯ୍ୟାପ୍ତ ସାର ମହଜୁଦ ରହିଛି; କିନ୍ତୁ ଚାଷୀଙ୍କ ନିକଟରେ ସାର ପହଞ୍ଚି ପାରୁନାହିଁ। ସମବାୟ ସମିତିକୁ ପର୍ଯ୍ୟାପ୍ତ ସାର ଆସୁନାହିଁ। ଏହାଫଳରେ ଚାଷୀ ୪ରୁ ୫ଦିନ ସମବାୟ ସମିତିକୁ ଦୌଡୁଛନ୍ତି। ଶେଷରେ ସାର ନ ମିଳିବାରୁ ବାଧ୍ୟହୋଇ ଅସାଧୁ ଡିଲର ନିକଟକୁ ଯାଉଛନ୍ତି। ପ୍ରତି ପ୍ୟାକେଟକୁ ୨୬୬ଟଙ୍କା ୫୦ ପାଇସା ବଦଳରେ ଅଧିକ ୮ଶହରୁ ୧୧ ସହ ଟଙ୍କା ଦେଇ କିଣିବା ପାଇଁ ବାଧ୍ୟ ହେଉଛି।

ଅସାଧୁ ଲାଇସେନ୍ସପ୍ରାପ୍ତ ଡିଲର କୃଷି ବିଭାଗକୁ କମ୍ ଦର୍ଶାଇ ଗୋଦାମରେ ସାର ଷ୍ଟକ ରଖିଥାନ୍ତି। ପରବର୍ତ୍ତୀ ସମୟରେ ସାରକୁ ଚଢା ଦର ଲଗାଇ ଗଞ୍ଜେଇ ଓ କପା ଚାଷୀଙ୍କୁ ବିକ୍ରି କରି ମାଲେ ମାଲ ହୋଇଥାନ୍ତି; କିନ୍ତୁ ପ୍ରକୃତ ଚାଷୀ ସାର ପାଇଁ ଅସୁବିଧାର ସମ୍ମୁଖୀନ ହୋଇଥାଏ। କୃଷି ବିଭାଗ ସବୁ ଜାଣି ଚୁପ୍। ଏଣୁ ବେଧଡକ ଭାବେ ସାର କଳାବଜାର ଚାଲିଛି। ତେବେ ଜିଲ୍ଲାରେ ପର୍ଯ୍ୟାପ୍ତ ସାର ମହଜୁଦ ରହିଛି। ସାରର ଅଭାବ ନାହିଁ। ସାର କଳାବଜାର ରୋକିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ସାର କଳାବଜାର ନେଇ କେହି ଅଭିଯୋଗ କରି ନାହାନ୍ତି। ଅଭିଯୋଗ ହେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ସହକାରୀ କୃଷି ଅଧିକାରୀ ପିବି ରମଣ ରାଓ ପ୍ରତିକ୍ରିୟା ରଖିଛନ୍ତି।

## ବର୍ଷେ ହେଲା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଅଚଳ



ଶଗଡା,୬।୯(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ କୁଲୁତାଯୋର ଗ୍ରାମପଞ୍ଚାୟତ ନୂଆଁପାଲି କଦମପଡାରେ ଥିବା ୧୬କେଭି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଦୀର୍ଘ ଏକ ବର୍ଷରୁ ଅଧିକ ହେଲାଣି ପୋଡ଼ି ଯାଇ ଅଚଳ ଅବସ୍ଥାରେ ପଡ଼ିରହିଛି। ଏହା ଫଳରେ କଦମପଡ଼ାବାସୀ ବିଦ୍ୟୁତ୍ ସେବା ଠିକ୍ ଭାବରେ ପାଉ ନ ଥିବା ଅଭିଯୋଗ କରିଛନ୍ତି। ଏହି ପଡ଼ାରେ ୬୦ପରିବାର ବସବାସ କରୁଛନ୍ତି। ଟାଟା ପାୱାରର ଅବହେଳା ଯୋଗୁଁ ଏକ ବର୍ଷ ହେଲା ନୂତନ ବିଦ୍ୟୁତ୍ ଟ୍ରାନ୍ସଫର୍ମ ଲାଗି ନ ଥିବା କଦମପଡ଼ାବାସୀ ଅଭିଯୋଗ କହିଛନ୍ତି।

# ଆସୁଛି ‘ଅନନ୍ତ ଲୀଳା’




ଏକଦା ଓଡ଼ିଶାର ଘରେ ଘରେ ପରିଚିତ ସମ୍ରାଟ କ୍ୟାସେଟ୍ ତଥା ଏହାର ପ୍ରତିଷ୍ଠାତା ବିଶ୍ୱମ୍ବର ସାବତ ଓ ଲୋକପ୍ରିୟ ଅଭିନେତ୍ରୀ ଶ୍ୱେତା ମଲ୍ଲିକ ଦୀର୍ଘ ୨୦ ବର୍ଷ କାଳ ରାଜ୍ୟ ଏବଂ ରାଜ୍ୟ ବାହାରେ ଏପରିକି ବିଦେଶରେ ଯଜ୍ଞ କରୁଥିଲେ। ବର୍ତ୍ତମାନ ନିଜର ପ୍ରଡକସନ୍ସ କମ୍ପାନି ‘ଆଦ୍ୟା ଅନନ୍ତ ସମ୍ରାଟ ପ୍ରଡକସନ୍’ ଆନୁକୂଲ୍ୟରେ ସତ୍ୟ ଘଟଣା ଉପରେ ଆଧାରିତ ଏକ ଚଳଚ୍ଚିତ୍ର ‘ଅନନ୍ତ ଲୀଳା’ ର କାମ ଆରମ୍ଭ କରିଛନ୍ତି। ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦାୟିତ୍ୱ ରଣଜିତ ମହାନ୍ତି ନେଇଛନ୍ତି। ସଂଳାପ ଭରଦ୍ୱାଜ ପଣ୍ଡା ନିର୍ବାହ କରୁଛନ୍ତି। ଆଧ୍ୟାତ୍ମିକ ଦୁନିଆରେ ପୂର୍ଣ୍ଣ ରୂପେ ଜଡ଼ିତ ଏହି ଦୁଇ ବ୍ୟକ୍ତିତ୍ୱ ପୂର୍ବରୁ ଓଡ଼ିଆ ସିନେ ଜଗତରେ ସର୍ବଦା ଆକର୍ଷଣର କେନ୍ଦ୍ର ପାଲଟିଥିଲେ। ହେଲେ ହଠାତ ଚାକଚକ୍ୟ ଭରା ସିନେ ଦୁନିଆକୁ ଛାଡ଼ି ଆଧ୍ୟାତ୍ମିକତାରେ ନିଜକୁ ସଂପୂର୍ଣ୍ଣ ରୂପେ ନିୟୋଜିତ କରିଲେ। ବର୍ତ୍ତମାନ ସେମାନଙ୍କର ଲେଉଟାଣି ଓଡ଼ିଆ ସିନେ ଦୁନିଆରେ କି ପ୍ରଭାବ ପକାଇବ, ତାହା ଜାଣିବା ପାଇଁ ଚଳଚ୍ଚିତ୍ର ମୁକ୍ତିଲାଭକୁ ଅପେକ୍ଷା କରିବାକୁ ପଡ଼ିବ। ■

# ‘ଜଲ୍‌ସା’ ଗୀତରେ ମନ୍ତ୍ରମୁଗ୍ଧ

ସବୁଠି ‘ଜଲସା’ର ଜଲୱା। ପିଲାଠୁ ବୁଢ଼ା ସମସ୍ତେ ମତୁଆଲା ଏହି ଗୀତରେ। ମେଲୋଡି ମଞ୍ଚରୁ ଆରମ୍ଭ କରି ପୂଜା ମଣ୍ଡପ। ସବୁଠି ଏହି ଗୀତର ଧୁମ୍। ଏହି ଗୀତ ମନ୍ତ୍ରମୁଗ୍ଧ କରିଛି ଶ୍ରୋତା ତଥା ଦର୍ଶକଙ୍କୁ। ବର୍ତ୍ତମାନ ‘ମନ୍ତ୍ରମୁଗ୍ଧ’ ଚଳଚ୍ଚିତ୍ରର ଏହି ଗୀତଟି ଟ୍ରେଣ୍ଡିଂରେ ଅଛି। ମୁକ୍ତିଲାଭ କରିବାର ପ୍ରଥମ ୧୪ ଘଣ୍ଟାରେ ୧,୦୦,୦୦୦ ଦର୍ଶକ ଦେଖିସାରିଥିବା ବେଳେ ଆଜିଯାଏ ୩,୫୦, ୦୦୦ ଦର୍ଶକ ଦେଖିସାରିଛନ୍ତି, ଯାହା ଓଡ଼ିଆ ଚଳଚ୍ଚିତ୍ର କ୍ଷେତ୍ରରେ ଏକ ସର୍ବକାଳୀନ ରେକର୍ଡ। ତେବେ ଉଲ୍ଲେଖନୀୟ କଥାଟି ହେଉଛି, ‘ଜଲସା’ ଗୀତ ଓଡ଼ିଆ ଚଳଚ୍ଚିତ୍ରର ସବୁଠୁ ଦାମୀ ବା ବ୍ୟୟବହୁଳ ଗୀତ। ଏହାର ନିର୍ମାଣ ପାଇଁ ପାଖାପାଖି ୨୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଆଖି ଝଲସା ଆଲୋକ ସାଙ୍ଗକୁ ଅତ୍ୟାଧୁନିକ ଡ୍ୟାନ୍ସ ଫ୍ଲୋର ଓ ଆକର୍ଷଣୀୟ ସେଟ୍ ‘ଜଲସା’ର ଫିଭର୍‌କୁ ଦ୍ୱିଗୁଣିତ କରିଛି। ଯୁବ ବର୍ଗର ଶ୍ରୋତା ଓ ଦର୍ଶକ ଏହାକୁ ନେଇ ସର୍ବାଧିକ ରିଲ୍‌ସ ବନାଇବାରେ ବ୍ୟସ୍ତ। ଫିଲ୍ମ ‘ମନ୍ତ୍ରମୁଗ୍ଧ’ରେ ସ୍ଥାନିତ ଏହି ଗୀତର ପରିକଳ୍ପନା କରିଛନ୍ତି ଯୁବ ପ୍ରଯୋଜିକା ବର୍ଷା ପଟ୍ଟନାୟକ ଓ ଯୁବ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ। ସଙ୍ଗୀତ ଦେଇଛନ୍ତି ଆଶିଷ ପ୍ରଧାନ। ନୃତ୍ୟ ନିର୍ଦ୍ଦେଶନାରେ ଅଛନ୍ତି ଅମିତ। ମନୋଜ କୁମାର ପଣ୍ଡା ରଚନା କରିଥିବା ଏହି ଗୀତରେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର ଓ ଅନ୍ତରା ଚକ୍ରବର୍ତ୍ତୀ। ଗୀତଟି ସନୋଜ, ସୂର୍ଯ୍ୟମୟୀ, ସୌରଭ, ମନ୍ମୟ, ନିଶାନ୍ତ ଓ ପିହୁଙ୍କ ଉପରେ ରୂପାୟିତ ହୋଇଛି। ଆଗକୁ ଆସୁଛି ମେଲୋଡି ସିଜିନ। ତେଣୁ ପୂଜା ବଜାରରେ ଏହି ଗୀତଟି ଧମାଲ ମଚାଇବ ବୋଲି ଆଶା କରାଯାଉଛି। ■





# ଉଦୀୟମାନ କଣ୍ଠଶିଳ୍ପୀ ସତ୍ୟବ୍ରତ

ଓଡ଼ିଆ ସଂଗୀତ ଦୁନିଆର ଉଦୀୟମାନ କଣ୍ଠଶିଳ୍ପୀ ଭାବେ ଶ୍ରୋତାଙ୍କ ମନ ଜିଣିବାରେ ସଫଳ ହୋଇଛନ୍ତି ସତ୍ୟବ୍ରତ ଜେନା। ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ୍ କୁଡ଼ିଆ ଗାଁର କାଞ୍ଚନ ଜେନା ଓ ଗଣେଶ୍ୱର ଜେନାଙ୍କ ପୁଅ ହେଉଛନ୍ତି ସତ୍ୟବ୍ରତ। ପିଲାଟି ଦିନରୁ ତାଙ୍କର ସଂଗୀତ ପ୍ରତି ରୁଚି ରହିଥିଲା। ତେବେ ଦ୍ୱିତୀୟ ଶ୍ରେଣୀରେ ସେ ତାଙ୍କ ସଂଗୀତ ଶିକ୍ଷାର ଯାତ୍ରା ଆରମ୍ଭ କରିଥିଲେ। ସେତେବେଳେ ସେ ନୀଳଗିରିରେ ଥିବା କଳାବିକାଶ କେନ୍ଦ୍ରରେ ଗୁରୁ ଗୌରହରି ଜେନାଙ୍କ ପାଖରେ ସଙ୍ଗୀତ ଶିକ୍ଷା ଆରମ୍ଭ କରିଥିଲେ। ସେହିପରି ସେ ପ୍ରାଚୀନ କଳା କେନ୍ଦ୍ର, ଚଣ୍ଡୀଗଡ଼ର ନୀଳଗିରି ଶାଖାରେ ସଂଗୀତରେ ବିଶାରଦ ଉପାଧି ହାସଲ କରିଛନ୍ତି। ବର୍ତ୍ତମାନ ସେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ତିନି ତୃତୀୟ ବର୍ଷର ଛାତ୍ର ଭାବେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ବିଭାଗରେ ଅଧ୍ୟୟନରତ। ସେହିପରି ତାଙ୍କ ସଂଗୀତ ଜୀବନ ବିଦ୍ୟାଳୟ ମଞ୍ଚରୁ ଆରମ୍ଭ ହୋଇ ଏବେ ବଡ଼ ମଞ୍ଚରେ ପହଞ୍ଚି ପାରିଛି। ଏମିତି କୌଣସି ଗୀତ ନାହିଁ, ଯାହାକି ତାଙ୍କ କଣ୍ଠରେ ଶୁଣିବାକୁ ମିଳି ନାହିଁ। ଭକ୍ତିଗୀତଠାରୁ ଆରମ୍ଭ କରି ରୋମାଣ୍ଟିକ୍ ଗୀତ ଗାଇ ସେ ଲୋକଙ୍କ ହୃଦୟ ଜିଣିଛନ୍ତି। ସତ୍ୟବ୍ରତ ବିଭିନ୍ନ ରିଆଲିଟି ଶୋ’ରେ ସାମିଲ ହୋଇଥିବା ବେଳେ ଲାଇଭ୍ ଶୋ’ ମାନ ବି କରୁଛନ୍ତି। ଏହାବାଦ୍ ସଂଗୀତ କ୍ଷେତ୍ରରେ ଜିଲ୍ଲା ତଥା ରାଜ୍ୟ ସ୍ତରରେ ସତ୍ୟବ୍ରତ ଅନେକ ପୁରସ୍କାର ଓ ସମ୍ମାନର ଅଧିକାରୀ ହୋଇଛନ୍ତି। ତାଙ୍କ ସଫଳତାର ଉପଲବ୍ଧି କେବଳ ତାଙ୍କ ପାଇଁ କି ତାଙ୍କ ପରିବାର ପାଇଁ ଗୌରବ ଆଣି ନାହିଁ, ବରଂ ସେ ନିଜ ପ୍ରତିଭା ମାଧ୍ୟମରେ ଓଡ଼ିଶାକୁ ଗର୍ବିତ କରାଇଛନ୍ତି। ସେ ତାଙ୍କ ସଫଳତାର ସମସ୍ତ ଶ୍ରେୟ ନିଜ ବାପା ମାଆଙ୍କୁ ଦେଇଥିବା କହିଛନ୍ତି। ଅନ୍ୟପଟେ ସତ୍ୟବ୍ରତ ଜାତୀୟ ସ୍ତରରେ କଣ୍ଠଶିଳ୍ପୀ ହେବାର ଲକ୍ଷ୍ୟ ରଖିଛନ୍ତି। ■

# ଚିତ୍ରପ୍ରେମୀ ସଲମାନ

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ସଲମାନ ଖାନ୍‌ଙ୍କୁ ଅଭିନୟ ସହିତ ଚିତ୍ର କରିବା ଖୁବ୍ ପସନ୍ଦ। ବିଭିନ୍ନ ସମୟରେ ସେ ଚିତ୍ର ଆଙ୍କିବାକୁ ଭଲପାଆନ୍ତି। ସେହିପରି ସେ ନିଜର ଚିତ୍ରକଳାର ଫଟୋ ମଧ୍ୟ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଥାନ୍ତି। ଯାହାକି ଖୁବ୍ ଭାଇରାଲ୍ ହୁଏ। ତେବେ ଚିତ୍ରକଳାର ଗୁଣ ସେ ତାଙ୍କ ମା’ ସଲମା ଖାନ୍‌ଙ୍କଠାରୁ ଆଣିଛନ୍ତି। ପୂର୍ବରୁ ସଲମାନଙ୍କ ବାପା ସଲିମ ମଧ୍ୟ ସଲମାନଙ୍କର ଏହି ସଉକ ବାବଦରେ କହିଛନ୍ତି। ଏପରିକି ଅଭିନେତା ନ ହୋଇଥିଲେ ସଲମାନ ଆର୍ଟିଷ୍ଟ ହୋଇଥାନ୍ତେ ବୋଲି ସଲିମ ଏକାଧିକ ସାକ୍ଷାତକାରରେ କହିସାରିଛନ୍ତି। ପିଲାଦିନେ ସଲମାନଙ୍କୁ ତାଙ୍କ ମା’ ଚିତ୍ର ଆଙ୍କିବା ଶିଖାଉ ଥିଲେ। ସେହିପରି ସଲମାନ ତାଙ୍କର ନିଜର ଘନିଷ୍ଠ ଲୋକଙ୍କୁ ନିଜ ହାତ ତିଆରି ପେଣ୍ଟିଂ ଉପହାର ଦେଇଥାନ୍ତି। କେବଳ ସେତିକି ନୁହେଁ, ସେ ତାଙ୍କ ଚିତ୍ରକଳାର ପ୍ରଦର୍ଶନ କରି ପାଣ୍ଠି ସଂଗ୍ରହ କରନ୍ତି। ■



ପରଦା ପଛର କାହାଣୀ

# ବର୍ଷାରେ ଫିଲ୍ମ ଗୀତ ସୁଟିଂ

ଅତୀତରେ ଅନେକ ହିନ୍ଦୀ ଫିଲ୍ମର ଗୀତ କୃତ୍ରିମ ବର୍ଷାରେ ସୁଟିଂ କରାଯାଇଛି। ଏହାର ତାଲିକା ଖୁବ୍ ଲମ୍ବା। ତେବେ ଏଭଳି ଏକ ଗୀତ ସୁଟିଂ ପାଇଁ ଆର୍ଟିଫିସିଆଲ୍ ବର୍ଷା ବା କୃତ୍ରିମ ବର୍ଷା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ତେବେ ସୁଟିଂ ସମୟରେ ଅନାଚକ୍ ଜୋର୍‌ରେ ବର୍ଷା ହୋଇଥିଲା। ଆଉ କୃତ୍ରିମ ବର୍ଷା ବଦଳରେ ପ୍ରାକୃତିକ ବର୍ଷାରେ ଗୀତଟି ସୁଟିଂ ହୋଇଥିଲା। ଏହି ଗୀତଟି ୯୦ ଦଶକରେ ମୁକ୍ତିଲାଭ ରୋମାଣ୍ଟିକ୍ ଡ୍ରାମା ଫିଲ୍ମ ‘ଲମ୍‌ହେ’ ର ଥିଲା। ‘ମେଘାରେ ମେଘାରେ...’ ଏହି ୪ ମିନିଟ୍‌ର ଗୀତ ୧୯୫୭ ମସିହାରେ ଧୁମ୍ ମଚାଇଥିଲା। ଏହି ଗୀତ ମଧ ଲୋକଙ୍କ ହୃଦୟକୁ ଛୁଇଁ ପାରିଥିଲା। ତେବେ ଏହି ଗୀତଟିକୁ ନକଲି ବର୍ଷାରେ ସୁଟିଂ କରିବା ପାଇଁ ସ୍ଥିର ହୋଇଥିଲା। କିନ୍ତୁ କ୍ୟାମେରା ଅନ୍ ହେବା ମାତ୍ରେ ସତସତିକା ବର୍ଷା ହୋଇଥିଲା। ଏହାକୁ ନେଇ ଫିଲ୍ମର ସଦସ୍ୟମାନେ ଓ ଫିଲ୍ମ ନିର୍ମାତା ତଥା ନିର୍ଦ୍ଦେଶକ ଯଶ୍ ଚୋପ୍ରା ଖୁସିରେ ନାଚି ଉଠିଥିଲେ। ଭାରତୀୟ ସିନେମା ଜଗତରେ ଏହା ଏକ ଅବିସ୍ମରଣୀୟ ଓ ବାସ୍ତବ ଅନୁଭୂତି ଦେଇଥିଲା। ଯାହାକୁ ନେଇ ଫିଲ୍ମ ସଦସ୍ୟମାନେ ବେଶ୍ ଖୁସି ହୋଇଥିଲେ। ତେବେ ଏହି ଫିଲ୍ମରେ ଶ୍ରୀଦେବୀଙ୍କ ଚମତ୍କାର ଅଭିନୟ ଓ ଯଶ୍ ଚୋପ୍ରାଙ୍କ ବଳିଷ୍ଠ ନିର୍ଦ୍ଦେଶନା ପ୍ରତିଭା ଓ ସିନେମାର ଯାଦୁ ସଭିଙ୍କ ହୃଦୟ ଜିଣି ନେଇଥିଲା। ଏହି ଗୀତ ସୁଟିଂ ସମୟରେ ଯେଉଁ ସଂଯୋଗ ଘଟିଥିଲା ତାହା ସିନେମା ଜଗତରେ ଖୁବ୍ କମ୍ ଦେଖିବାକୁ ମିଳିଥାଏ। ଏହି ଗୀତ ରାଜସ୍ଥାନର ମାଣ୍ଡବାରେ ସୁଟିଂ ହୋଇଥିଲା। ଏହି ଗୀତର ସୁଟିଂ ସମୟରେ ଅସଲି ବର୍ଷା ଦେଖି ଯଶ୍ ଚୋପ୍ରା କହିଥିଲେ “କ୍ୟାମେରା ଚାଲିବାକୁ ଦିଅ। କାରଣ ଏପରି ମୁହୂର୍ତ୍ତ ତିଆରି କରାଯାଇପାରିବ ନାହିଁ।” ■



# “ଚରିତ୍ର ଭିତରେ ପଶିଲେ ଜୀବନ୍ତ ହୁଏ ଅଭିନୟ”



ଭଦ୍ରକ ଜିଲ୍ଲା ଅନ୍ତର୍ଗତ ସାବରଙ୍ଗର ତନୁଶ୍ରୀ ଦାଶ। ସେ ଜଣେ ମେଧାବୀ ଛାତ୍ରୀ। ଭବିଷ୍ୟତରେ ଶିକ୍ଷୟିତ୍ରୀ ହେବାକୁ ସ୍ୱପ୍ନ ଦେଖିଛନ୍ତି। ହେଲେ ତାଙ୍କ ଭାଗ୍ୟ ତାଙ୍କୁ ଟାଣି ଆଣିଛି ଓଡ଼ିଆ ଫିଲ୍ମ ଜଗତକୁ। ‘ବିଗ୍ ବ୍ରେକ୍-୨’ ରିଆଲିଟି ଶୋ’କୁ ସେ ନିଜର ଜଣେ ସମ୍ପର୍କୀୟଙ୍କ ସହିତ ଆସିଥିଲେ। ହଠାତ୍ ତାଙ୍କୁ ଅଡିସନ୍ ଦେବାକୁ ମିଳିଲା ସୁଯୋଗ। ଏହି ପ୍ଲାଟ୍‌ଫର୍ମରେ ଫାଇନାଲିଷ୍ଟ ଟପ୍ ୯ ରେ ତାଙ୍କୁ ବିଉଟି ଡିଭା ଟ୍ୟାଗ୍ ମିଳିଥିଲା। ପରେ ପରେ ସେ ଓଡ଼ିଆ ଫିଲ୍ମରେ କାମ କରିବାକୁ ଦେଲେ ଅଡିସନ୍। ‘ଅନୁ ଦିଦି ନଟ୍ ଆଉଟ୍’ ତାଙ୍କର ପ୍ରଥମ ସିନେମା। ସେ ଏକାଧିକ ଟେଲିଫିଲ୍ମ ଏବଂ ସିନେମାରେ କାମ କରିଛନ୍ତି। ତେବେ ପାଠପଢ଼ା ଆଉ ଅଭିନୟ ମଧ୍ୟରେ ସେ କେମିତି ସମନ୍ୱୟ ରଖୁଛନ୍ତି ଜାଣିବା ତାଙ୍କ ମୁହଁରୁ।

**ତନୁଶ୍ରୀ ଦାଶ, ଅଭିନେତ୍ରୀ**

**ଶିକ୍ଷୟିତ୍ରୀ ହେବାକୁ ସ୍ୱପ୍ନ ଦେଖି ଅଭିନୟ ଜଗତ ପ୍ରତି କିପରି ଆକୃଷ୍ଟ ହେଲେ ?**

● ପିଲାଦିନୁ ପାଠକୁ ଗୁରୁତ୍ୱ ଦେଉଆସୁଛି। ଶିକ୍ଷୟିତ୍ରୀ ହେବା ମୋର ଲକ୍ଷ୍ୟ। ବର୍ତ୍ତମାନ ମୁଁ ଇଣ୍ଟିଗ୍ରେଟେଡ୍ ବି.ଏସ୍.ସି. ବି.ଇଡିର ଶେଷ ବର୍ଷର ଛାତ୍ରୀ। କେବେ ବି ହିରୋଇନ୍ ହେବି ବୋଲି ଭାବି ନ ଥିଲି। ତେବେ ଦଶମ ପରେ ଜଣେ ସଂପର୍କୀୟଙ୍କ ସହିତ ‘ବିଗ୍ ବ୍ରେକ୍-୨’ ରିଆଲିଟି ଶୋ’କୁ ଯାଇଥାଏ। ହଠାତ୍ ମୋତେ ବି ଅଡିସନ୍ ଦେବାକୁ କୁହାଯାଇଥିଲା। ସେଠି ଯାହା ଶିଖାଗଲା ମୁଁ କଲି। ଅଡିସନ୍ ଦେଇ ଫାଇନାଲିଷ୍ଟ ଟପ୍ ୯ ହୋଇଥିଲି। ବିଉଟି ଡିଭାର୍ ଟ୍ୟାଗ୍ ମିଳିଲା। ଏହି ଯାତ୍ରା ମୋ ଜୀବନକୁ ସମ୍ପୂର୍ଣ୍ଣ ବଦଳାଇ ଦେଲା। ତାପସ ସରଗରିଆ ସାର୍ ‘ଅନୁ ଦିଦି ନଟ୍ ଆଉଟ୍’ରେ କାମ କରିବାକୁ ପ୍ରଥମେ ସୁଯୋଗ ଦେଲେ। ଏହାପରେ ମୁଁ ‘ପ୍ରେମିକାୟ ନମଃ’, ‘ବୋଉ’, ‘ଆମେ ତ ମିଡିଲ୍ କ୍ଲାସ୍’, ‘ସରକାରୀ ଜ୍ୱାଇଁ’ ଆଦି ଟେଲି ଫିଲ୍ମରେ କାମ କରିଛି। ବଡ଼ ପରଦା ମଧ୍ୟରେ ରମେଶ ବାରିକଙ୍କ ‘ମହାବାହୁ’ ଓ ତପନ ଦାଶଙ୍କ ପ୍ରଯୋଜିତ ‘ଆଶ୍ରମ’ରେ ମଧ୍ୟ ଅଭିନୟ କରିବାକୁ ସୁଯୋଗ ମିଳିଛି। ସବୁବେଳେ ବରିଷ୍ଠ କଳାକାରଙ୍କ ସହିତ କାମ କରିବା ଖୁସିକୁ ମୁଁ ଅନୁଭବ କରେ।

**ପ୍ରଥମେ କ୍ୟାମେରାକୁ କେମିତି ସାମ୍ନା କରିଥିଲେ?**

● ମୋ ପ୍ରଥମ ଫିଲ୍ମର ସୁଟିଂ ଥାଏ। ସେବେ ଅଭିନୟ ବିଷୟରେ ଏତେ କିଛି ଜାଣି ନ ଥାଏ। ଏଥିପାଇଁ ପ୍ରସ୍ତୁତ ବି ନଥିଲି। ଯେହେତୁ ସ୍କୁଲସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଉଥିଲି, ସୁଟିଂ କେମିତି ହୁଏ ଜାଣିଥିଲି। ତେଣୁ ଭୟ ଲାଗି ନ ଥିଲା। ବରିଷ୍ଠ କଳାକାରଙ୍କ ସହ କେମିତି ଭଲ କାମ କରିବି କେବଳ ସେତିକି ଚିନ୍ତା ଥାଏ। ସେବେ ମୁଁ ସ୍କ୍ରିପ୍ଟକୁ ପୂରା ଘୋଷି ଦେଇଥିଲି। ଧୀରେ ଧୀରେ କାମ ଶିଖିଥିଲି।

**କେଉଁ ଫିଲ୍ମ ଆପଣଙ୍କୁ ଲୋକପ୍ରିୟ କରାଇଛି ?**

● ‘ଅନୁଦିଦି ନଟ୍ ଆଉଟ୍’ ଫିଲ୍ମରୁ ଲୋକେ ମୋତେ ଚିହ୍ନିଥିଲେ। ଏବେ ବି ସେହି ଫିଲ୍ମର କାହାଣୀ ଆଉ ମୋ ଅଭିନୟକୁ ଭଲ ପାଇବା ମିଳୁଛି।

**ସ୍ମରଣୀୟ ମୁହୂର୍ତ୍ତ ?**

● ବିଳମ୍ବିତ ରାତି ଯାଏଁ ସୁଟିଂ ଥାଏ। ‘ଅନୁ ଦିଦି ନଟ୍ ଆଉଟ୍’ର ତିନି ପୃଷ୍ଠାର ଭାଷଣ ସିନ୍ କରୁ କରୁ ପାଖାପାଖି ଭୋର ତିନିଟା ହୋଇଯାଇଥିଲା। ପୂରା ଥକି ପଡ଼ିଥାଏ। ଭାରି ଅଳଙ୍କାର ସାଙ୍ଗକୁ ଓଜନିଆ ଶାଢ଼ି ମୁଁ ପିନ୍ଧିଥିଲି। ସେତେବେଳେ ମୁଁ ଖାଲି କାନ୍ଦୁଥାଏ। ତାପସ ସାର୍ ମୋତେ ବହୁତ ବୁଝାଇଲା ପରେ ସିନ୍ କରିଥିଲି। ସେହି ମୁହୂର୍ତ୍ତକୁ କେବେ ବି ଭୁଲି ପାରିବିନି। ଅବଶ୍ୟ ଏବେ ବିଳମ୍ବିତ ରାତି ହେଉ କି ୨୪ ଘଣ୍ଟା ଧରି କାମ କରିବାରେ ଅଭ୍ୟସ୍ତ ହୋଇଗଲିଣି।

**ଡ୍ରିମ୍ ରୋଲ୍ ?**

● ଶାନ୍ତ କି ଚୁଲ୍‌ବୁଲ୍ ଚରିତ୍ରରେ କାମ କରିସାରିଲିଣି। ଆଗକୁ ଥ୍ରିଲର କିମ୍ବା ହରର ମୁଭି କରିବାର ଇଚ୍ଛା ଅଛି। କେବଳ ସେତିକି ନୁହେଁ, ପ୍ରତ୍ୟେକଟି ଚରିତ୍ରରେ ମୋତେ କାମ କରିବାର ଇଚ୍ଛା ରହିଛି।

● **ପଢ଼ା ଆଉ ଅଭିନୟ ପାଇଁ କେମିତି ସମୟ ଦିଅନ୍ତି ?**

ମୁଁ ଯଦି ପାଠ ଆଉ ଫିଲ୍ମରେ ଭଲ କରିବି ଭାବିବି ତାହା ତ କେବେ ହେବନି। ସେଥିପାଇଁ ମୁଁ ପାଠକୁ ଗୁରୁତ୍ୱ ଦେଇ ବର୍ଷକୁ ଗୋଟେ ଗୋଟେ ଫିଲ୍ମ କରିଛି। ଅଭିନୟ ପାଇଁ କେବେ ପାଠ ଉପରେ ପ୍ରଭାବ ପଡୁ ତାହା ମୁଁ ଚାହେଁନି। କି ଆଗକୁ ମଧ ଚାହିଁବିନି। ସମୟ ଦେଖି ଭଲ କାହାଣୀ ମିଳିଲେ ମୁଁ ନିଶ୍ଚିତ କାମ କରିବି।

**ଅଭିନୟକୁ ମାର୍ଜିତ କରିବାକୁ କେମିତି ପ୍ରସ୍ତୁତ ହେବା ଦରକାର ?**

● ପ୍ରଥମତଃ କହିବି ଶିକ୍ଷାକୁ ଶେଷ କରି ଏ ଲାଇନ୍‌କୁ ଆସନ୍ତୁ। ଷ୍ଟ୍ରଗଲ୍ ଆକ୍ଟର ହୋଇ ରହି ନ ଯାଇ ନିଜକୁ ଗ୍ରୁମିଂ କରନ୍ତୁ। କଠିନ ପରିଶ୍ରମ କରନ୍ତୁ। ସ୍କ୍ରିପ୍ଟ କ’ଣ ମାଗୁଛି ତାକୁ ଦେଖି ବୁଝନ୍ତୁ। ସ୍କ୍ରିପ୍ଟକୁ ନ ଘୋଷି ପ୍ରଥମେ ଚରିତ୍ରକୁ ବୁଝନ୍ତୁ। ଯେଉଁ ଚରିତ୍ର ତୁମକୁ ମିଳିଛି ତା’ ଭିତରେ ପଶିଲେ ଅଭିନୟ ଜୀବନ୍ତ ହୋଇପାରିବ। ■

● ଅଷ୍ଟ୍ରେଲିଆ-ଏ ବିପକ୍ଷ ସିରିଜ୍

## ଆୟରଙ୍କୁ ମିଳିଲା ଭାରତ-ଏ ଦଳର ନେତୃତ୍ୱ

ମୁମ୍ବଇ, ୬।୯ (ଏଜେନ୍ସି): ନିକଟରେ ଏସିଆ କପ୍ ଦଳରୁ ବାଦ୍ ପଡ଼ିଥିବା ଅଭିଜ୍ଞ ମୁମ୍ବଇ ବ୍ୟାଟର୍ ଶ୍ରେୟାସ ଆୟରଙ୍କୁ ଆଶ୍ୱସ୍ତି ମିଳିଛି। ଆଗାମୀ ଅଷ୍ଟ୍ରେଲିଆ-ଏ ବିପକ୍ଷ ଦୁଇଟି ଦ୍ୱି-ଦିବସୀୟ ମ୍ୟାଚ ଲାଗି ଶନିବାର ଘୋଷିତ ୧୫ ଜଣିଆ ଭାରତ-ଏ ଦଳର ନେତୃତ୍ୱ ଭାର ଆୟରଙ୍କୁ ପ୍ରଦାନ କରାଯାଇଛି। ସେହିଭଳି ୱିକେଟ୍‌କିପର ଧ୍ରୁବ ଜୁରେଲଙ୍କୁ ଏହି ଦଳର ଉପ-ଅଧିନାୟକ ଦାୟିତ୍ୱ ଦିଆଯାଇଛି। ନିକଟରେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଖେଳିଥିବା ସାଇ ସୁଦର୍ଶନ, ପ୍ରସିଦ୍ଧ କ୍ରିଷ୍ଣା, ଅଭିମନ୍ୟୁ ଈଶ୍ୱରନଙ୍କୁ ଭାରତ-ଏ ଦଳରେ ମଧ୍ୟ ସ୍ଥାନ ମିଳିଛି। ସେପ୍ଟେମ୍ବର ୧୬ରୁ ଭାରତ-ଏ ଓ ଅଷ୍ଟ୍ରେଲିଆ-ଏ ମଧ୍ୟରେ ଲକ୍ଷ୍ନୌ ପ୍ରଥମ ଦ୍ୱି-ଦିବସୀୟ ମ୍ୟାଚ୍ ଆରମ୍ଭ ହେବ। ଏହାପରେ ଅନ୍ତିମ ତଥା ୨ୟ ମ୍ୟାଚ୍ ସେପ୍ଟେମ୍ବର ୨୩ରୁ ଖେଳାଯିବ। ପରବର୍ତ୍ତୀ ସମୟରେ ଦୁଇ ଦଳ ମଧ୍ୟରେ ୩ଟି ଦିନିକିଆ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଏହି ୩ଟି ମ୍ୟାଚ୍ ସେପ୍ଟେମ୍ବର ୩୦, ଅକ୍ଟୋବର ୩ ଓ ଅକ୍ଟୋବର ୫ରେ କାନପୁରରେ ଖେଳାଯିବ।



**ଘୋଷିତ ଭାରତ-ଏ ଦଳ** : ଶ୍ରେୟାସ ଆୟର (ଅଧିନାୟକ), ଧ୍ରୁବ ଜୁରେଲ (ଉପ-ଅଧିନାୟକ), ଅଭିମନ୍ୟୁ ଈଶ୍ୱରନ, ଏନ ଜଗଦୀଶନ, ସାଇ ସୁଦର୍ଶନ, ଦେବଦତ୍ତ ପାଡିକଲ, ହର୍ଷ ଦୁବେ, ଆୟୁଷ ବଦୋନୀ, ନୀତୀଶ କୁମାର ରେଡ୍ଡୀ, ତନୁଷ କୋଟିଆନ, ପ୍ରସିଦ୍ଧ କ୍ରିଷ୍ଣା, ଖଲିଲ ଅହମ୍ମଦ, ମାନବ ସୁତାର, ଯଶ ଠାକୁର ଓ ଗୁରନୁର୍ ବ୍ରାର୍।

## ୨୮ରେ ବିସିସିଆଇକୁ ମିଳିବ ନୂଆ ସଭାପତି

ନୂଆଦିଲ୍ଲୀ,୬।୯ (ଏଜେନ୍ସି): ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ୯୪ତମ ବାର୍ଷିକ ସାଧାରଣ ବୈଠକ ତଥା ଏଜିଏମ୍ ଆସନ୍ତା ୨୮ ତାରିଖରେ ବସିବ। ଏହି ବୈଠକରେ ବିସିସିଆଇର ନୂଆ ସଭାପତି ଚୟନ ହେବେ। ସଭାପତିଙ୍କ ସମେତ ଉପ-ସଭାପତି, ସମ୍ପାଦକ, ଯୁଗ୍ମ- ସମ୍ପାଦକ ଓ କୋଷାଧ୍ୟକ୍ଷ ପଦ ପାଇଁ ମଧ୍ୟ ନିର୍ବାଚନ ହେବ। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆଇପିଏଲ୍ ଓ ମହିଳା ପ୍ରିମିୟର ଲିଗ୍‌ର ଗଭର୍ଣ୍ଣିଂ କାଉନସିଲର ମଧ୍ୟ ନିର୍ବାଚନ ହେବ। ପୁଣି ଏହି ଦିନ ଆଗାମୀ ଏସିଆ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ଖେଳାଯିବ। ବିସିସିଆଇ ଏସିଆ କପ୍‌ର ଆୟୋଜକ ହୋଇଥିଲେ ମଧ୍ୟ ଏଜିଏମ୍ କାରଣରୁ କୌଣସି ଅଧିକାରୀ ଫାଇନାଲ ମ୍ୟାଚ୍‌ରେ ଯୋଗଦେଇ ପାରିବେ ନାହିଁ। ନିର୍ବାଚିତ ହେବାକୁ ଥିବା ଅଧିକାରୀମାନେ ୩ ବର୍ଷ ପାଇଁ ଦାୟିତ୍ୱରେ ରହିବେ। ସମ୍ପାଦକ ଭାବେ ଦେବଜିତ ସାଇକିଆ ପଦ ବଜାୟ ରଖିବା ଏକପ୍ରକାର ନିଶ୍ଚିତ। ତେବେ କିଏ ସଭାପତି ପଦ ଅଳଙ୍କୃତ କରିବେ ସେ ନେଇ କିଛି ସ୍ପଷ୍ଟ ହୋଇନାହିଁ। ରୋଜର ବିନ୍ନି ପଦ ଛାଡିବା ପରେ ରାଜୀବ ଶୁକ୍ଳା କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱରେ ରହିଛନ୍ତି।

ଯୁଏସ୍ ଓପନ୍ ଟେନିସ୍ -୨୦୨୫ : ସିନର-ଆଲ୍‌କାରାଜ୍ ଫାଇନାଲ୍

# ଜୋକୋଭିଚ୍‌ଙ୍କ ୨୫ତମ ଗ୍ରାଣ୍ଡସ୍ଲାମ୍ ସ୍ୱପ୍ନ ଅଧୁରା



ନ୍ୟୁୟର୍କ, ୬।୯ (ଏଜେନ୍ସି)

ବିଶ୍ୱର ଅନ୍ୟତମ ମହାନ ଟେନିସ ଖେଳାଳି ସର୍ବିଆର ନୋଭାକ ଜୋକୋଭିଚ୍‌ଙ୍କ ୨୫ତମ ଟାଇଟଲ୍ ଜିତିବା ସ୍ୱପ୍ନ ପୁଣିଥରେ ଅଧୁରା ରହିଯାଇଛି। ଏଠାରେ ଚାଲିଥିବା ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ୍ ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ଜୋକୋଭିଚ୍ ହାରିଯାଇଛନ୍ତି। ଫଳରେ ୨୫ତମ ଗ୍ରାଣ୍ଡସ୍ଲାମ ଜିତିବା ଲାଗି ୩୮ ବର୍ଷୀୟ ଜୋକୋଭିଚ୍‌ଙ୍କୁ ଆସନ୍ତା ବର୍ଷ ଜାନୁଆରୀରେ ଖେଳାଯିବାକୁ ଥିବା ଅଷ୍ଟ୍ରେଲିଆନ ଓପନ୍‌କୁ ଅପେକ୍ଷା କରିବାକୁ ପଡ଼ିବ। ଜୋକୋଭିଚ୍ ତାଙ୍କର ଶେଷ ତଥା ୨୪ତମ ଗ୍ରାଣ୍ଡସ୍ଲାମ ୨ ବର୍ଷ ତଳେ ଏହି ୟୁଏସ୍ ଓପନ୍‌ରେ ଜିତିଥିଲେ।

ଶନିବାର ସକାଳେ ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ୨ୟ ସେମିଫାଇନାଲରେ ଦ୍ୱିତୀୟ ସିଡ୍ ସ୍ପେନର କାର୍ଲୋସ ଆଲ୍‌କାରାଜ ୬-୪, ୭-୬ (୪), ୬-୨ ସେଟ୍‌ରେ ୨୪ଥରର ମେଜର ଟାଇଟଲ୍ ବିଜେତା ଜୋକୋଭିଚ୍‌ଙ୍କୁ ସହଜରେ ପରାସ୍ତ କରିଥିଲେ। ଜୋକୋଭିଚ୍‌ଙ୍କଠାରୁ ୧୬ ବର୍ଷ ସାନ ଆଲ୍‌କାରାଜ ଏହି ସେମିଫାଇନାଲ ମୁକାବିଲାକୁ ସହଜରେ ଜିତିନେଇଥିଲେ। ରବିବାର ରାତିରେ ଖେଳାଯିବାକୁ ଥିବା ଫାଇନାଲ ମୁକାବିଲାରେ ଆଲ୍‌କାରାଜ ଡିଫେଣ୍ଡିଂ ଚାମ୍ପିଅନ ତଥା ଟପ୍ ସିଡ୍ ଇଟାଲୀର ଜାନ୍ନିକ ସିନ୍ନରଙ୍କୁ ଭେଟିବେ। ପୂର୍ବରୁ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ସିନ୍ନର ୬-୧, ୩-୬, ୬-୩, ୬-୪ ସେଟ୍‌ରେ କାନାଡାର ଫେଲିକ୍ସ ଅଗର-ଆଲିଆସିମେଙ୍କୁ ପରାସ୍ତ କରିଥିଲେ। ରବିବାର ଦୁଇ ଟପ୍ ସିଡ୍ ଖେଳାଳି ସିନ୍ନର ଓ ଆଲକାରାଜଙ୍କ ମଧ୍ୟରେ ଟାଇଟଲ୍ ଲଢ଼େଇ ରୋମାଞ୍ଚକ ହେବ ବୋଲି ଆକଳନ କରାଯାଉଛି। ଏଥିସହ ଓପନ୍ ଏରା ଇତିହାସରେ ପ୍ରଥମଥର ଲାଗି ଗୋଟିଏ ସିଜନରେ ଦୁଇ ଖେଳାଳି କ୍ରମାଗତ ୩ଟି ଗ୍ରାଣ୍ଡସ୍ଲାମ ଫାଇନାଲରେ ପରସ୍ପର ବିରୋଧରେ ଖେଳିବେ। ଏଥିପୂର୍ବରୁ ଜୁନରେ ଅନୁଷ୍ଠିତ ଫ୍ରେଞ୍ଚ ଓପନ୍ ଏବଂ ଜୁଲାଇରେ ଖେଳାଯାଇଥିବା ୱିମ୍ବଲଡନ ଫାଇନାଲରେ ଏହି ଦୁଇ ଖେଳାଳି ପରସ୍ପରକୁ ଭେଟିଥିଲେ। ଯେଉଁଥିରେ ଫ୍ରେଞ୍ଚ ଓପନ୍‌ରେ ଆଲ୍‌କାରାଜ ଓ ୱିମ୍ବଲଡନରେ ସିନ୍ନର ଟାଇଟଲ୍ ବିଜୟୀ ହୋଇଥିଲେ।

## ଗ୍ରାବିଏଲା-ଏରିନ ଯୋଡ଼ିଙ୍କୁ ୨ୟ ଟାଇଟଲ୍



ୟୁଏସ୍ ଓପନ୍ ମହିଳା ଡବଲ୍ସରେ କାନାଡାର ଗ୍ରାବିଏଲା ଡାବ୍ରୋସ୍କି ଓ ନ୍ୟୁଜିଲାଣ୍ଡର ଏରିନ ରୌତଲିଫ୍ ଯୋଡ଼ି ଚାମ୍ପିଅନ ହୋଇଛନ୍ତି। ଫାଇନାଲ ମୁକାବିଲାରେ ୩ୟ ସିଡ୍ ଗ୍ରାବିଏଲା-ଏରିନ ଯୋଡ଼ି ୬-୪, ୬-୪ ସିଧାସଳଖ ସେଟରେ ଟପ୍ ସିଡ୍ ଟେଲର ଟାଉନସେଣ୍ଡ ଓ କାଟେରିନା ସିନିଆକୋଭା ଯୋଡ଼ିଙ୍କୁ ହରାଇଥିଲେ। ଫଳରେ ଏହି କାନାଡା-ନ୍ୟୁଜିଲାଣ୍ଡ ଯୋଡ଼ି ଏଠାରେ ୨ୟଥର ଲାଗି ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ୨୦୨୩ ୟୁଏସ୍ ଓପନ୍‌ରେ ଗ୍ରାବିଏଲା-ଏରିନ ଯୋଡ଼ି ମହିଳା ଡବଲ୍ସ ଟାଇଟଲ୍ ହାସଲ କରିଥିଲେ। ଚଳିତ ବର୍ଷ ଚାମ୍ପିଅନ ହେବା ସହ ଏହି ଯୋଡ଼ି ପୁରସ୍କାର ବାବଦରେ ୧୦ ଲକ୍ଷ ଡଲାର (ଭାରତୀୟ ମୁଦ୍ରାରେ ୮.୮୧ କୋଟି) ପାଇଛନ୍ତି।

## ଏସିଆ ରଗ୍‌ବୀ ଚାମ୍ପିଅନସିପ୍‌ରେ ଭାଗନେବେ କିସ୍‌ର ୭ ଖେଳାଳି



ଭୁବନେଶ୍ୱର, ୬।୯ (ସମିସ): ଏସିଆ ରଗ୍‌ବୀ ଏମିରେଟ୍ସ ଚାମ୍ପିଅନସିପ୍ ସେପ୍ଟେମ୍ବର ୧୩ରୁ ଚାଇନାର ହୋହୋତାରେ ଆରମ୍ଭ ହେବ। ୧୮ ବର୍ଷରୁ କମ୍ ଏହି ରଗ୍‌ବୀ ଚାମ୍ପିଅନସିପ୍‌ରେ ଭାରତର ଉଭୟ ପୁରୁଷ ଓ ମହିଳା ଦଳ ଅଂଶଗ୍ରହଣ କରିବ। ଏଥିଲାଗି ଭାରତୀୟ ରଗ୍‌ବୀ ଫୁଟ୍‌ବଲ ୟୁନିୟନ (ଆଇଆର୍‌ଏଫ୍‌ୟୁ) ପକ୍ଷରୁ ଶନିବାର ଦଳ ଘୋଷଣା କରାଯାଇଥିଲା। ଘୋଷିତ ଭାରତୀୟ ଦଳରେ ଓଡ଼ିଶାର କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସ (କିସ୍)ର ୭ଜଣ ଖେଳାଳି ସ୍ଥାନ ପାଇଛନ୍ତି। ମହିଳା ଦଳରେ ଓଡ଼ିଶାର ମାମାଲି ସିଂ, ଅନିତା ମୁର୍ମୁ, ରାଇମଣୀ ମୁର୍ମୁ ରହିଛନ୍ତି। ସେହିଭଳି ବିଦ୍ୟାଧର ମାଝୀ, ଭାରତ କିସାନ, ଚରଣ ହେମ୍ବ୍ରମ ଓ ଆତମା ମୁର୍ମୁ ପୁରୁଷ ଦଳରେ ସ୍ଥାନ ପାଇଛନ୍ତି। କୋଲକାତାର ସାଇ ସେଣ୍ଟରରେ ୯ ଦିନିଆ କ୍ୟାମ୍ପ ପରେ ଏହି ଦଳ ଚୟନ କରାଯାଇଛି। ଏକାଥରକେ କିସ୍‌ର ୭ଜଣ ଖେଳାଳି ଜାତୀୟ ରଗବୀ ଦଳରେ ସ୍ଥାନ ପାଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି। ଭାରତୀୟ ଦଳ ସେପ୍ଟେମ୍ବର ୯ରେ ଚାଇନା ଅଭିମୁଖେ ଗସ୍ତ କରିବ।

■ ଦୁଲୀପ୍ ଟ୍ରଫି ସେମିଫାଇନାଲ

## କେନ୍ଦ୍ରାଞ୍ଚଳର ଗୁରୁତ୍ୱପୂର୍ଣ୍ଣ ପ୍ରଥମ ପାଳି ଅଗ୍ରଣୀ

ବେଙ୍ଗାଲୁରୁ, ୬।୯ (ଏଜେନ୍ସି): ପଶ୍ଚିମାଞ୍ଚଳ ବିପକ୍ଷରେ ଚାଲିଥିବା ଦୁଲୀପ୍ ଟ୍ରଫି ଦ୍ୱିତୀୟ ସେମିଫାଇନାଲରେ ରଜତ ପଟିଦାରଙ୍କ କେନ୍ଦ୍ରାଞ୍ଚଳ ଦଳ ଗୁରୁତ୍ୱପୂର୍ଣ୍ଣ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିଛି। ପଶ୍ଚିମାଞ୍ଚଳର ୪୩୮ ରନ ଜବାବରେ କେନ୍ଦ୍ରାଞ୍ଚଳ ଶନିବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା କେନ୍ଦ୍ରାଞ୍ଚଳ ୧୫୭ ଓଭର ଖେଳି ୮ ୱିକେଟ୍‌ରେ ୫୫୬ ରନର ବିଶାଳ ସ୍କୋର ଠିଆ କରାଇଛି। ଦୁଇଟି ୱିକେଟ୍ ବଳକା ଥାଇ କେନ୍ଦ୍ରାଞ୍ଚଳ ୧୧୮ ରନରେ ଆଗୁଆ ରହିଛି। ଷ୍ଟମ୍ପ ବେଳକୁ ସାରାଂଶ ଜୈନ ୩୭ ଓ ଯଶ ଠାକୁର ୪ ରନରେ ଖେଳୁଛନ୍ତି। ଅନ୍ୟ ବ୍ୟାଟର୍‌ଙ୍କ ମଧ୍ୟରେ ଶୁଭମ ଶର୍ମା ୯୬ ରନ କରି ଦୁର୍ଭାଗ୍ୟଜନକ ଭାବେ ରନଆଉଟ୍ ହୋଇ ଶତକରୁ ବଞ୍ଚିତ ହୋଇଥିଲେ। ସେହିଭଳି ୱିକେଟରକ୍ଷକ ଉପେନ୍ଦ୍ର ଯାଦବ (୮୭), ଅଧିନାୟକ ରଜତ (୭୭), ହର୍ଷ ଦୁବେ (୭୫) ଓ ଦାନିଶ ମାଲେୱାର (୭୬) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ମ୍ୟାଚ୍ ଆହୁରି ଦୁଇଦିନ ବାକି ଥିବାରୁ କେନ୍ଦ୍ରାଞ୍ଚଳର ସ୍ଥିତି ଦୃଢ଼ ରହିଛି।

■ ଉତ୍ତରାଞ୍ଚଳର ଲଢ଼େଇ ଜାରି

ସେହିଭଳି ଅନ୍ୟ ଏକ ସେମିଫାଇନାଲରେ ଦକ୍ଷିଣାଞ୍ଚଳ ବିପକ୍ଷରେ ଉତ୍ତରାଞ୍ଚଳ ଲଢ଼େଇ ଜାରି ରଖିଛି। ଏନ୍ ଜଗଦିଶନ (୧୯୭)ଙ୍କ ମାରାଥନ ଶତକ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣାଞ୍ଚଳ ପ୍ରଥମ ପାଳିରେ ୫୩୬ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଉତ୍ତରାଞ୍ଚଳ ଶନିବାର ଖେଳ ଶେଷ ସୁଦ୍ଧା ୫ ୱିକେଟ୍‌ରେ ୨୭୮ ରନ କରିଛି। ଓପନର୍ ଶୁଭମ ଖଜୁରିଆ ୧୨୮ ରନର ଶତକୀୟ ପାଳି ଖେଳି ଅପରାଜିତ ରହିଛନ୍ତି। ସେହିଭଳି ବୋଲିଂରେ ୫ ୱିକେଟ୍ ନେଇଥିବା ନିଶାନ୍ତ ସିନ୍ଧୁ ବ୍ୟାଟିଂରେ ମଧ୍ୟ ୮୨ ରନ କରିଛନ୍ତି। ୫ ୱିକେଟ୍ ବଳକା ଥାଇ ଉତ୍ତରାଞ୍ଚଳ ପ୍ରଥମ ପାଳିରେ ଆହୁରି ୨୫୮ ରନ ପଛରେ ରହିଛି।

ଦ୍ୱିତୀୟ ଟି-୨୦

## ଶ୍ରୀଲଙ୍କାକୁ ହରାଇଦେଲା ଜିମ୍ବାୱେ



ହରାରେ, ୬।୯ (ଏଜେନ୍ସି): ଜିମ୍ବାୱେ ଗସ୍ତରେ ଯାଇଥିବା ଶ୍ରୀଲଙ୍କା କ୍ରିକେଟ୍ ଦଳକୁ ବଡ଼ ବିପର୍ଯ୍ୟୟର ସାମ୍ନା କରିବାକୁ ପଡ଼ିଛି। ଶନିବାର ଟି-୨୦ ସିରିଜର ଖେଳାଯାଇଥିବା ଦ୍ୱିତୀୟ ମୁକାବିଲାରେ ଘରୋଇ ଜିମ୍ବାୱେ ୫ ୱିକେଟ୍‌ରେ ସହଜରେ ଶ୍ରୀଲଙ୍କାକୁ ହରାଇ ଦେଇଥିଲା। ଧାର୍ଯ୍ୟ ୮୧ ରନର ଛୋଟିଆ ଲକ୍ଷ୍ୟକୁ ଜିମ୍ବାୱେ ୧୪.୨ ଓଭରରେ ୫ ୱିକେଟ୍ ହରାଇ ହାସଲ କରିନେଇଥିଲା। ର୍ୟାନ ବର୍ଲ ୨୦ ଓ ତାସିଙ୍ଗା ମୁସେକିୱା ୨୧ ରନ କରି ଅପରାଜିତ ରହିଥିଲେ। ଓପନର୍ ବ୍ରାଏନ ବେନେଟ୍ଟ ୧୯ ରନ କରିଥିବାବେଳେ ସିକନ୍ଦର ରାଜା (୨) ଓ ସିନ୍ ୱିଲିୟମ୍ସ (୦) ନିରାଶ କରିଥିଲେ। ପୂର୍ବରୁ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ ଶ୍ରୀଲଙ୍କା ପ୍ରତିପକ୍ଷ ବୋଲିଂକୁ ସାମ୍ନା କରି ନ ପାରି ୧୭.୪ ଓଭରରେ ୮୦ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ୩ଜଣ ଖେଳାଳି କାମିଲ ମିଶ୍ରା (୨୦), ଅଧିନାୟକ ଚାରିଥ ଆସଲଙ୍କା (୧୮) ଓ ଦସୁନ ସନକା (୧୮) ଦୁଇଅଙ୍କ ବିଶିଷ୍ଟ ସ୍କୋର କରିପାରିଥିଲେ। ଟି-୨୦ରେ ଶ୍ରୀଲଙ୍କାର ଏହା ଦ୍ୱିତୀୟ ସର୍ବନିମ୍ନ ଦଳଗତ ସ୍କୋର ହେବାର ରେକର୍ଡ ହୋଇଛି। ଜିମ୍ବାୱେ ପକ୍ଷରୁ ରାଜା, ବ୍ରାଡ୍ ଇଭାନ୍ସ ୩ଟି ଲେଖାଏ ଏବଂ ବ୍ଲେସିଂ ମୁଜରବାନୀ ୨ଟି ୱିକେଟ୍ ନେଇଥିଲେ। ପୂର୍ବରୁ ପ୍ରଥମ ମ୍ୟାଚକୁ ଶ୍ରୀଲଙ୍କା ୪ ୱିକେଟ୍‌ରେ ହାରିଥିବା ଜିମ୍ବାୱେ ଏବେ ସିରିଜକୁ ୧-୧'ର ବରାବର୍‌ସ୍ଥିତିକୁ ଆଣିଛି। ନିର୍ଣ୍ଣାୟକ ୩ୟ ଟି-୨୦ ରବିବାର ଖେଳାଯିବ।

## ୧୦ ବର୍ଷ ପରେ ୟୁଏସ୍ ଓପନ୍ ଦେଖିବେ ଟ୍ରମ୍ପ

ନ୍ୟୁୟର୍କ, ୬।୯ (ଏଜେନ୍ସି): ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ୟୁଏସ୍ ଓପନ୍ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରବିବାର ଦୁଇ ଟପ୍ ସିଡ୍ ଖେଳାଳି ଇଟାଲୀର ଜାନିକ ସିନ୍ନର ଓ ସ୍ପେନର କାର୍ଲୋସ ଆଲକାରାଜଙ୍କ ମଧ୍ୟରେ ପୁରୁଷ ସିଙ୍ଗଲ୍ସ ଫାଇନାଲ ଖେଳାଯିବ। ଏହି ହାଇଭୋଲଟେଜ ମ୍ୟାଚ୍ ଦେଖିବା ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଷ୍ଟାଡିୟମକୁ ଯିବେ ବୋଲି ହ୍ୱାଇଟ୍ ହାଉସ ପକ୍ଷରୁ ଜଣାପଡ଼ିଛି। ଫଳରେ ଆମେରିକାର ରାଷ୍ଟ୍ରପତି ଭାବେ ୭୯ ବର୍ଷୀୟ ଟ୍ରମ୍ପ ପ୍ରଥମଥର ଲାଗି ୟୁଏସ୍ ଓପନ୍ ଦେଖିବେ। ଏଥିପୂର୍ବରୁ ଟ୍ରମ୍ପ ୧୦ ବର୍ଷ ତଳେ ଅର୍ଥାତ୍ ୨୦୧୫ରେ ୟୁଏସ୍ ଓପନ୍‌ରେ ଷ୍ଟାଡିୟମରେ ବସି ମ୍ୟାଚ୍ ଉପଭୋଗ କରିଥିଲେ। ସେତେବେଳେ କିନ୍ତୁ ସେ ଆମେରିକାର ସର୍ବୋଚ୍ଚ ପଦ ଗ୍ରହଣ କରି ନ ଥିଲେ। ଟ୍ରମ୍ପ ୨୦୧୬ରେ ପ୍ରଥମଥର ଲାଗି ରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ।

ଏସିଆ କପ୍ ପୁରୁଷ ହକି

# ଭାରତ-ଦକ୍ଷିଣ କୋରିଆ ଫାଇନାଲ ଆଜି



ରାଜଗିର, ୬।୯ (ଏଜେନ୍ସି)

ବିହାରରେ ଚାଲିଥିବା ପୁରୁଷ ଏସିଆ କପ୍ ହକିର ଦ୍ୱାଦଶ ସଂସ୍କରଣରେ ଆୟୋଜକ ଭାରତୀୟ ଦଳ ଫାଇନାଲରେ ପ୍ରବେଶ କରିଛି। ଶନିବାର ଭାରତ ଖେଳିଥିବା ଏହାର ଅନ୍ତିମ ତଥା ତୃତୀୟ ସୁପର୍-୪ ମ୍ୟାଚରେ ଚୀନକୁ ୭-୦ ଗୋଲ୍‌ର ବୃହତ୍ ବ୍ୟବଧାନରେ ପରାସ୍ତ କରିଥିଲା। ଫଳରେ ସୁପର୍-୪ରେ ତିନୋଟି ମ୍ୟାଚରୁ ୨ ବିଜୟ ଓ ଗୋଟିଏ ଡ୍ର ସହ ୭ ପଏଣ୍ଟ ପାଇ ଭାରତ ଶୀର୍ଷ ସ୍ଥାନ ହାସଲ କରିଛି। ଏଥିସହ ଏସିଆ କପ୍ ଇତିହାସରେ ଭାରତ ୯ମଥର ଲାଗି ଫାଇନାଲରେ ପହଞ୍ଚିଛି। ହରମନପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତ ପୂର୍ବରୁ ସୁପର୍-୪ର ପ୍ରଥମ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିଅନ ଦକ୍ଷିଣ କୋରିଆ ବିପକ୍ଷରେ ୨-୨ ଗୋଲ୍‌ରେ ଡ୍ର ରଖିଥିଲା। ଏହାପରେ ଦ୍ୱିତୀୟ ମୁକାବିଲାରେ କିନ୍ତୁ ଦମ୍‌ଦାର ପ୍ରଦର୍ଶନ କରି ମାଲେସିଆକୁ ୪-୧ ଗୋଲରେ ହରାଇଥିଲା। ରବିବାର ଫାଇନାଲ ମୁକାବିଲାରେ ଦକ୍ଷିଣ କୋରିଆକୁ ଭେଟିବ ଭାରତ। ଦକ୍ଷିଣ କୋରିଆ ଦଳ ସୁପର୍-୪ରେ ତିନୋଟି ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ, ପରାଜୟ ଓ ଡ୍ର ସହ ୪ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲା। ଚାମ୍ପିଅନ ଦଳ ୨୦୨୬ ଏଫ୍‌ଆଇଏଚ୍ ବିଶ୍ୱକପ୍‌କୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବ। ତେଣୁ ଭାରତ ନିକଟରେ ବିଶ୍ୱକପ୍ ଟିକଟ୍ ହାସଲ କରିବାର ସୁବର୍ଣ୍ଣ ସୁଯୋଗ ରହିଛି।

■ ଶିଳାନନ୍ଦ ଦେଲେ ପ୍ରଥମ ଗୋଲ୍

ଶନିବାର ଭାରତ ଏହାର ଶେଷ ସୁପର୍-୪ ମ୍ୟାଚରେ ଚୀନ ବିପକ୍ଷରେ ଦମ୍‌ଦାର ପ୍ରଦର୍ଶନ କରିଥିଲା। ଭାରତ ପ୍ରଥମାର୍ଦ୍ଧରେ ହିଁ ୩ଟି ଗୋଲ୍ ଦେଇ ଚୀନକୁ ବ୍ୟାକଫୁଟ୍‌କୁ ଠେଲି ଦେଇଥିଲା। ମ୍ୟାଚର ୪ର୍ଥ ମିନିଟ୍‌ରେ ଓଡ଼ିଆ ଖେଳାଳି ଶିଳାନନ୍ଦ ଲାକ୍ରା ସୁନ୍ଦର ଫିଲ୍ଡ ଗୋଲ୍ ଦେଇ ଘରୋଇ ଦଳ ପାଇଁ ଖାତା ଖୋଲିଥିଲେ। ଏହାପରେ ଗୋଲ୍ ବର୍ଷା ଆରମ୍ଭ ହୋଇଥିଲେ। ୭ମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣର ଜରିଆରେ ଦିଲପ୍ରୀତ୍ ସିଂହ ଦଳ ପାଇଁ ଦ୍ୱିତୀୟ ଗୋଲ୍ ଦେଇଥିଲେ। ଏହାପରେ ଦ୍ୱିତୀୟ କ୍ୱାର୍ଟର ତଥା ୧୮ତମ ମିନିଟ୍‌ରେ ମନଦୀପ୍ ସିଂହ ପେନାଲ୍ଟି କର୍ଣ୍ଣରରୁ ଆଉ ଏକ ଗୋଲ୍ ସ୍କୋର କରି ଦଳର ଅଗ୍ରଣୀକୁ ୩-୦ରେ ପହଞ୍ଚାଇଥିଲେ। ତେବେ ଦ୍ୱିତୀୟାର୍ଦ୍ଧରେ ଭାରତ ଅଧିକ ଆକ୍ରମଣାତ୍ମକ ପ୍ରଦର୍ଶନ କରି ଆଉ ୪ଟି ଗୋଲ୍ ଦେଇଥିଲା। ଏଥିରୁ ତୃତୀୟ କ୍ୱାର୍ଟରରେ ରାଜ କୁମାର ପାଲ୍ ଓ ସୁଖଜିତ୍ ସିଂହ ଗୋଟିଏ ଲେଖାଏ ଏବଂ ଅଭିଷେକ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟରରେ ୨ଟି ଗୋଲ୍ ଦେଇଥିଲେ। ମୋଟ୍ ୭ଟି ଗୋଲ୍ ମଧ୍ୟରୁ ଭାରତ ଫିଲ୍ଡ ଗୋଲ୍ ଜରିଆରେ ୫ଟି ଦେଇଥିଲା। ଶିଳାନନ୍ଦଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ପୂର୍ବରୁ ଦକ୍ଷିଣ କୋରିଆ ଖେଳିଥିବା ଏହାର 'କର ବା ମର' ମୁକାବିଲାରେ ୪-୩ ଗୋଲ୍‌ରେ ମାଲେସିଆକୁ ହରାଇ ଫାଇନାଲରେ ସ୍ଥାନ ପକ୍କା କରିଥିଲା।

ନନ୍ଦିଘୋଷ
'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ସ୍କ୍ରୁଲ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୨) ଇନପୁଟ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରଡ୍ୟୁସର | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୭ ସେପ୍ଟେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।
*କେବଳ ନିର୍ବାଚିତ ଆବେଦନଗୁଡ଼ିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୭୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS